

'ୱାର୍-୨'ରେ ଡ୍ୟାନ୍ସ ଫେସ୍‌ଅଫ୍

▸ପୃଷ୍ଠା 9 ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-198 •BHUBANESWAR •MONDAY •13 JANUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୧୯୮ •ଭୁବନେଶ୍ୱର •ସୋମବାର •୧୩ ଜାନୁଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦


# ଆଜିଠୁ ପ୍ରୟାଗରାଜ ମହାକୁମ୍ଭ

**୧୪୪ ବର୍ଷ ପରେ**

**ତ୍ରିବେଣୀ ସଂଗମରେ ଭବ୍ୟ ଆୟୋଜନ**

**କୋଟିକୋଟି ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ସମାବେଶ**

■ **ପ୍ରୟାଗରାଜ, ୧୨।୧ (ଏଜେନ୍ସି):** ୧୪୪ ବର୍ଷର କାଳଖଣ୍ଡ ପରେ ପୁଣିଥରେ ଉତ୍ତର ପ୍ରଦେଶର ତ୍ରିବେଣୀ ସଂଗମରେ ଅନୁଷ୍ଠିତ ହେବାକୁ ଯାଉଛି ମହାକୁମ୍ଭ। ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ଭବ୍ୟ ଆୟୋଜନ କରାଯାଇଛି। ମହାକୁମ୍ଭରେ ସାମିଲ ହେବା ପାଇଁ ଦେଶବିଦେଶରୁ କୋଟିକୋଟି ଶ୍ରଦ୍ଧାଳୁ ଓ ସାଧୁସନ୍ଥ ସମବେତ ହେବାରେ ଲାଗିଛନ୍ତି।

ପରମ୍ପରା ଅନୁଯାୟୀ, ପ୍ରତି ୧୨ ବର୍ଷରେ କୁମ୍ଭ ଏବଂ ପ୍ରତି ୧୪୪ ବର୍ଷରେ ଥରେ ମହାକୁମ୍ଭ ଅନୁଷ୍ଠିତ ହୋଇଥାଏ। ଭାରତୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନେଇ ଅନୁଷ୍ଠିତ ହେଉଥିବା ଏହି ମହାମେଳା କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ; ବରଂ ଆଧ୍ୟାତ୍ମିକ, ପୌରାଣିକ ଏବଂ ବିଜ୍ଞାନସମ୍ମତ କାରଣ ସହ ଜଡ଼ିତ ଏକ ଆକର୍ଷଣୀୟ ମହାମିଳନ। ଯେଉଁଥିପାଇଁ କେବଳ ଭାରତ ନୁହେଁ; ଜାତି, ଧର୍ମ ନିର୍ବିଶେଷରେ ପ୍ରୟାଗରାଜକୁ ▸ପୃଷ୍ଠା-୭



# ପାରା ତୀରନ୍ଦାଜୀରେ ପାୟଲଙ୍କୁ ଡବଲ ସ୍ୱର୍ଣ୍ଣ

■ **ଭୁବନେଶ୍ୱର, ୧୨।୧ (ସମିସ):** ବଲାଙ୍ଗୀରର ପାରା ଆଥଲେଟ ପାୟଲ ନାଗ ଷଷ୍ଠ ଜାତୀୟ ତୀରନ୍ଦାଜୀ (ଆର୍ଚରୀ) ଚାମ୍ପିଅନସିପ୍‌ରେ ଡବଲ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟର ଗୌରବ ବଢ଼ାଇଛନ୍ତି। ସେ ମହିଳା କମ୍ପାଉଣ୍ଡ ଓପନ ।।ରେ ଓ ପରେ ଚାମ୍ପିଅନସିପ୍ ଟାଇଟଲ ଜିତି ୨ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ବଲାଙ୍ଗିର ପଥରଚେପା ପାର୍ବତୀଗିରି ବାଳନିକେତନର ଅନ୍ତେବାସୀ ପାୟଲ ଯୁକ୍ତ ଦୁଇରେ ଅଧ୍ୟୟନ କରୁଛନ୍ତି। ଆଗାମୀ ଦିନରେ ପାରା ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ଜିତିବେ ବୋଲି ପାୟଲ ଆଶା ପ୍ରକାଶ କରିଛନ୍ତି। ଏହି ସଫଳତା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାୟଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଶୁଭେଚ୍ଛା ଜଣାଇଲେ ନବୀନ**



## ଟ୍ରଲର୍ ମାଫିଆଙ୍କ ଆତଙ୍କରାଜ


# ମଝି ସମୁଦ୍ରରେ ପାଟ୍ରୋଲିଂ ଟିମ୍‌କୁ ଗୁଳି

■ **ରାଜନଗର, ୧୨।୧ (ସମିସ):** ପୁଣି ମଝି ସମୁଦ୍ରରେ ଆତଙ୍କ ଖେଳାଇଛନ୍ତି ଟ୍ରଲର୍ ମାଫିଆ। ବନ ବିଭାଗ ପାଟ୍ରୋଲିଂ ବୋଟ୍‌କୁ ଗୁଳିକରି ଭୟଭୀତ କରାଇବା ସହ ସେମାନଙ୍କଠାରୁ ୮ ମତ୍ସ୍ୟଜୀବୀଙ୍କୁ ଛଡ଼ାଇ ନେଇଛନ୍ତି। ଏହି ମତ୍ସ୍ୟଜୀବୀମାନଙ୍କୁ ବନ ବିଭାଗ କର୍ମଚାରୀମାନେ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ଟ୍ରଲର୍ ଜବତ କରିଥିଲେ।

**ବନ ବିଭାଗ ବୋଟ୍‌କୁ ଘେରାବନ୍ଦୀ**

**୮ ମତ୍ସ୍ୟଜୀବୀଙ୍କୁ ଛଡ଼ାଇନେଲେ**

କ୍ରମାଗତ ଭାବେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଉପରେ ଗଭୀର ସମୁଦ୍ରରେ ଟ୍ରଲର୍ ମାଫିଆଙ୍କ ଆକ୍ରମଣ ବଢ଼ିବଢ଼ି ଚାଲିଛି। ଗତବର୍ଷ ବନବିଭାଗ ପାଟ୍ରୋଲିଂ ବୋଟ୍‌କୁ ଟ୍ରଲର୍ ମାଫିଆମାନେ ଏକାଠି ହୋଇ ମଝି ସମୁଦ୍ରରେ ବୁଡ଼ାଇ ଦେବାକୁ ଉଦ୍ୟମ କରିବା ଘଟଣା ପରେ ଆଜିର ଘଟଣା ସାଧାରଣରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ▸ପୃଷ୍ଠା-୭





**ପରିବହନରେ ପେଞ୍ଚପାଞ୍ଚ**

## ଯୋଗାଣ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର

# ଅଧା ହେଲାଣି ଜାନୁଆରୀ; ମିଳିଲାନି ଗହମ

■ **ଭୁବନେଶ୍ୱର, ୧୨।୧ (ସମିସ):** କ୍ଷମତାକୁ ଆସୁ ଆସୁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ଚାଉଳ ସହ ଗହମ ମିଳିବ ବୋଲି ସରକାର ଘୋଷଣା କଲେ। ହିତାଧିକାରୀଙ୍କ ମାସିକ କୋଟା ଖାଦ୍ୟ ଶସ୍ୟର ୨୦% ଗହମ ଅକ୍ଟୋବର ମାସରୁ ଦିଆଯିବ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିଶ୍ରୁତି ଦେଲେ। ଏପରିକି ଡିଲରମାନେ ବି ହିତାଧିକାରୀଙ୍କୁ ମାସିକ ୫ କିଲୋ ଖାଦ୍ୟଶସ୍ୟରୁ ୪ କିଲୋ ଦେଇ ପରବର୍ତ୍ତୀ ମାସରେ ଦୁଇ ମାସର ଗହମ ଦିଆଯିବ ବୋଲି କହିଲେ। ଅକ୍ଟୋବର ଗଲା, ଗହମ ମିଳିଲା ନାହିଁ। ଲୋକଙ୍କ ରୋଷ ତୀବ୍ର ହେବା ପରେ ଜାନୁଆରୀ ମାସରୁ ଗହମ ଯୋଗାଣ ହେବ ବୋଲି ବିଭାଗୀୟ ମନ୍ତ୍ରୀ ସଂଶୋଧିତ ମନ୍ତବ୍ୟ ଦେଲେ। ଗତ ଡିସେମ୍ବର ୨୨ରୁ ଜାନୁଆରୀ ୭ ମଧ୍ୟରେ ଜାନୁଆରୀ ମାସର କୋଟା ବଣ୍ଟନ ସରିଲାଣି, ମାତ୍ର ଲୋକଙ୍କୁ ଏଯାଏ ଗହମ ମିଳିଲା ନାହିଁ। ଯାହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବଜାରରେ ଅଟା କିଲୋ ୫୦ ଟଙ୍କାରେ ପହଞ୍ଚିଥିବା ବେଳେ ଗହମ ଯୋଗାଣ ନିମନ୍ତେ ସରକାରଙ୍କ ଅବହେଳାକୁ ଖାଉଟି କଟୁ ସମାଲୋଚନା କରିଛନ୍ତି। ବିଡ଼ମ୍ବନା ହେଉଛି, ଗତ ୪ ମାସ ହେଲା ୩୦ ହଜାର କ୍ୱିଣ୍ଟାଲ ଗହମ ପଡ଼ିଥିବା ବେଳେ ଏହା ବଣ୍ଟନ ନ ହୋଇ ଗମରା ହୋଇଯାଇଥିବା ସୂଚନା ମିଳିଛି।

**ଗୋଦାମରେ ପଡ଼ିରହିଛି ୩୦ ହଜାର କ୍ୱିଣ୍ଟାଲ**

ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ ହେବା ପରଠାରୁ ଖାଉଟିଙ୍କୁ ଚାଉଳ ସହ ଗହମ ପ୍ରଦାନ କରାଯାଉଥିଲା। ମାତ୍ର ଗ୍ରାମାଞ୍ଚଳରେ ଖାଉଟିମାନେ ଗହମ ପାଇଁ ଆଗ୍ରହ ପ୍ରକାଶ ନ କରିବା ଯୋଗୁଁ ସିଂହଭାଗ ହିତାଧିକାରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୂର୍ବ ସରକାର ୨୦୨୧ ମସିହାରୁ ଗହମ ଯୋଗାଣ ବନ୍ଦ କରି ସଂପୂର୍ଣ୍ଣ ଚାଉଳ ଯୋଗାଉଥିଲେ। ମାତ୍ର ସହରାଞ୍ଚଳର ହିତାଧିକାରୀଙ୍କ ଦାବି ଯୋଗୁଁ ନୂଆ ସରକାର କ୍ଷମତାକୁ ଆସିବା ପରେ ଚାଉଳ ସହ ଗହମ ଯୋଗାଣ କରାଯିବାକୁ ନିଷ୍ପତ୍ତି ନେଲେ। ଅଟାର ବର୍ଦ୍ଧିତ ଦର ଯୋଗୁଁ ▸ପୃଷ୍ଠା-୭


DSPL-316

national health authority



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆୟୁଷ୍ମାନ ଭାରତ
ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
ଓ
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର
ସମନ୍ୱିତ କାର୍ଯ୍ୟାନ୍ୱୟନ ନିମନ୍ତେ
ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକାରୀଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର

ନୂଆଦିଲ୍ଲୀ । ୧୩ ଜାନୁଆରୀ ୨୦୨୫

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0017/2425

# ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

## ଆଜିର ଇତିହାସ

- ୧୫୫୯-ଏଲିଜାବେଥ୍ ପ୍ରଥମ ଇଂଲଣ୍ଡର ସମ୍ରାଜ୍ଞୀ ହେଲେ ।
- ୧୯୧୦- ନ୍ୟୁୟର୍କରୁ ପ୍ରଥମ ରେଡ଼ିଓ ପ୍ରସାରଣ ଆରମ୍ଭ ହେଲା ।
- ୧୯୩୦-ମିକି ମାଉସ୍‌ର କମିକ୍ ଷ୍ଟ୍ରିପ୍ ପ୍ରକାଶ ପାଇଲା ।
- ୧୯୯୫-ବେଲାରୁସ୍ ନାଟୋର ୨୫ତମ ସଦସ୍ୟ ହେଲା ।
- ୨୦୦୯- ଜାମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ନ୍ୟାସନାଲ୍ କନ୍‌ଫରେନ୍ସର ଅଧ୍ୟକ୍ଷ ହେଲେ ।

## ଏଆଇ ଦ୍ୱାରା ଆର୍ଥ୍ରାଇଟସ୍ ଚିହ୍ନଟ

ସମ୍ପ୍ରତି ଏଆଇ ଏବେ ଏତେ ବେଶି ଉନ୍ନତ ହୋଇଯାଇଛି ଯେ, ଏହାର ବ୍ୟବହାର ରୋଗ ନିଦାନ କ୍ଷେତ୍ରରେ କରାଯାଉଛି । ଏହି ପରିପ୍ରେକ୍ଷୀରେ ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନିକ୍ ରୁମାଟଏଡ୍ ଆର୍ଥ୍ରାଇଟିସ୍, ଲୁପ୍ସ ଭଳି ଅନ୍ୟ ଆଣ୍ଟିବଡି ରୋଗକୁ ଶୀଘ୍ର ଚିହ୍ନଟ କରିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ରୋଗରେ ପୀଡ଼ିତ ଯେଉଁ ରୋଗୀମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ସେମାନେ ଏହାଦ୍ୱାରା ଉପକୃତ ହୋଇପାରିବେ । ଏଭଳି ରୋଗୀମାନଙ୍କର ଇମ୍ୟୁନୋ ସିଷ୍ଟମ ସେମାନଙ୍କର ସୁସ୍ଥ କୋଷ ଏବଂ ଶିରା ଉପରେ ପ୍ରଭାବ ପକାଇଥାଏ । ଏଥିରେ ଟାଇପ୍ ୧ ମଧୁମେହ, ମଲଟିପଲ ସ୍କେଲେରୋସିସ୍, ଲୁପ୍ସ ଏବଂ ରୁମାଟଏଡ୍ ଆର୍ଥ୍ରାଇଟିସ୍ ଆଦି ସାମିଲ ଅଛି । ତେବେ ଆରମ୍ଭରୁ ଏସବୁର ଚିହ୍ନଟ ହୋଇପାରିଲେ, ଏହି ରୋଗର ଚିକିତ୍ସା ଏବଂ ରୋଗ ନିୟନ୍ତ୍ରଣ ଉନ୍ନତମାନର ହୋଇପାରିବ ବୋଲି କୁହାଯାଉଛି । ତେବେ ମେସିନ ଲର୍ଣ୍ଣିଂକୁ ବ୍ୟବହାର କରି ଗବେଷକ ଦଳ ଏକ ନୂଆ ଉପାୟ ବିକଶିତ କରିଛନ୍ତି । ଏହାର ନାଁ 'ଜେନେଟିକ୍ ପୋଗ୍ରେସନ ସ୍କୋର' ବା ଜିପିଏସ୍ ରଖାଯାଇଛି । ଯାହାକି ଅଟୋଇମ୍ୟୁନୋ ରୋଗର ଅଗ୍ରଗତି ସମ୍ପର୍କରେ କହିପାରିବ । ସାଧାରଣତଃ ଏ ପ୍ରକାର ରୋଗରେ ସାଧାରଣ ପରୀକ୍ଷା ପୂର୍ବରୁ ପ୍ରିକ୍ଲିନିକାଲ ପର୍ଯ୍ୟାୟ ସାମିଲ ଥାଏ । ଯେଉଁଥିରେ ହାଲୁକା ଲକ୍ଷଣକୁ ରକ୍ତରେ କିଛି ଆଣ୍ଟିବଡି ଦ୍ୱାରା ଚିହ୍ନଟ କରାଯାଏ । ତେବେ ଜିପିଏସ୍ ଦ୍ୱାରା ପ୍ରିକ୍ଲିନିକାଲ୍ ସ୍ତରରୁ ହିଁ ରୋଗର ଅଗ୍ରଗତି ସମ୍ପର୍କରେ ଜଣାପଡ଼ିଯିବ । ଗବେଷକମାନେ ରୁମାଟଏଡ୍ ଆର୍ଥ୍ରାଇଟିସ୍ ଏବଂ ଲୁପ୍ସର ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ ଜିପିଏସ୍‌ର ବ୍ୟବହାର କରିଥିଲେ । ଏହା ରୋଗର ଅଗ୍ରଗତି ସମ୍ପର୍କରେ ଜଣାଇବାରେ ୨୫ରୁ ୧୦୦୦ ପର୍ଯ୍ୟନ୍ତ ସଠିକତା ପ୍ରଦାନ କରିଥିଲା । ଅନ୍ୟପଟେ ଜିପିଏସ୍‌କୁ ଉପଯୋଗ କରି ରୋଗର ଅଗ୍ରଗତିକୁ ଠିକ୍ ଭାବେ ପୂର୍ବାନୁମାନ କରିବା ଦ୍ୱାରା ଚିକିତ୍ସା ପଦ୍ଧତି ଅଧିକ ସହଜ ହୋଇପାରିବ ବୋଲି ଗବେଷକମାନେ ମତ ଦେଇଛନ୍ତି ।



## 'ୱାର୍-୨'

### ଜୁନିୟର୍ ଏନ୍‌ଟିଆର୍ ଓ ହ୍ରିତିକ୍‌ଙ୍କ ମଧ୍ୟରେ ଡ୍ୟାନ୍ସ ଫେସ୍‌ଅଫ୍

ଯଶରାଜ ଫିଲ୍ମସ୍‌ର ସ୍ପାଏ ୟୁନିଭର୍ସ ସବୁବେଳେ ଦର୍ଶକଙ୍କୁ ଧମାକାଦାର ଓ ରୋମାଞ୍ଚକର ଅନୁଭୂତି ଦେଇଥାଏ । 'ଏକ୍ ଥା ଟାଇଗର୍', 'ପଠାନ୍' ଆଦି ଫିଲ୍ମ ଏହାର ଉଦାହରଣ । ଆଉ ଏବେ ଏହି ଫ୍ରାଞ୍ଚାଇଜ୍‌ର ଷଷ୍ଠ ଫିଲ୍ମ 'ୱାର୍-୨'କୁ ନେଇ ଚର୍ଚ୍ଚା । ଏଥିରେ ହ୍ରିତିକ୍ କବୀର ଭୂମିକାରେ ଓ ଜୁନିୟର୍ ଏନ୍‌ଟିଆର୍ ଖଳନାୟକ ଭାବେ ଦେଖାଯିବେ । ଯଦିଓ ଫିଲ୍ମର କାହାଣୀ ବିଷୟରେ କିଛି ଜଣାପଡ଼ିନାହିଁ, କିନ୍ତୁ ଏସମ୍ପର୍କିତ ଏକ ଖବର ଆସିଛି । ନିକଟରେ ହ୍ରିତିକ୍ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ 'ୱାର୍-୨'ରେ ତାଙ୍କ ଡ୍ୟାନ୍ସ ଫେସ୍‌ଅଫ୍‌କୁ ନେଇ ସେ ବେଶ୍ ଉତ୍ସାହିତ ଥିବା କଥା କହିଛନ୍ତି । ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅୟାନ୍ ମୁଖାର୍ଜୀ ଅଛନ୍ତି । ଫିଲ୍ମର ସୁଟିଂ ବର୍ଷେ ହେଲାଣି ଆରମ୍ଭ ହେଲାଣି । ତେବେ ଫିଲ୍ମର କ୍ଲାଇମାକ୍ସ 'ୱାର୍'ଠାରୁ ମଧ୍ୟ ଆହୁରି ଜବରଦସ୍ତ ହେବ ବୋଲି ଚର୍ଚ୍ଚା ହେଉଛି । ୨୦୨୫ର ଏହା ଏକ ବିଗ୍ ବଜେଟ୍ ଫିଲ୍ମ ବୋଲି କୁହାଯାଉଛି । ଏଥିରେ କିଆରା ଆଡଭାନୀ ଓ ଆଶୁତୋଷ ରାଣା ମଧ୍ୟ ମୁଖ୍ୟ ଭୂମିକାରେ ଦେଖାଯିବେ । ଏହା ୧୪ ଅଗଷ୍ଟ, ୨୦୨୫ରେ ରିଲିଜ୍ ହେବ ।



## ଭୋକ ମେଣ୍ଟାଏ ମାଟି ବିସ୍କୁଟ୍

ଖାଦ୍ୟ ପଦାର୍ଥ ଜୀବର ପୋଷଣ ନିମନ୍ତେ ଗ୍ରହଣ କରାଯାଏ । ସାଧାରଣତଃ ଏହା ଉଦ୍ଭିଦ ବା ପ୍ରାଣୀ ଉତ୍ସରୁ ନିଆଯାଏ, ଯେଉଁଥିରେ ଶ୍ୱେତସାର, ପୁଷ୍ଟିସାର, ଜୀବସାର ଆଦି ଥାଏ । ହେଲେ ସ୍ଥାନ ଅନୁସାରେ, ଲୋକଙ୍କ ଖାଦ୍ୟରେ ବିବିଧତା ଦେଖାଯାଏ । ଆମ ଦେଶର ଲୋକେ ଭାତ, ରୁଟି ଆଦି ଖାଉଥିବାବେଳେ ଇଟାଲୀର ଲୋକେ କେକ୍, ପାଉଁରୁଟି ଆଦି ଖାଉଛନ୍ତି । କିଛି ଲୋକେ ପେଟକୁ ଦାନା ଗଣ୍ଡେ ନ ପାଇ ଅଖାଦ୍ୟ ଖାଉଥିବାର ମଧ୍ୟ ନଜିର ରହିଛି । କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଲୋକମାନେ ମାଟି ବିସ୍କୁଟ୍ ଖାଇଥାନ୍ତି । ପିଲାଠୁ ନେଇ ବୟସ୍କ ସଭିଏଁ ଏହାକୁ ଖାଇଥାନ୍ତି । ଲାଟିନ୍ ଆମେରିକୀୟ ଦେଶ ହାଇତିରେ ଲୋକେ ଖାଦ୍ୟାଭାବରୁ ଏପରି ମାଟି ନିର୍ମିତ ବିସ୍କୁଟ୍ ଖାଆନ୍ତି । ସଂଯୁକ୍ତ ରାଷ୍ଟ୍ର ଫୁଡ୍ ଆଣ୍ଡ ଏଗ୍ରିକଲଚର୍ ଅର୍ଗାନାଇଜେସନ୍ ଅନୁଯାୟୀ, ପ୍ରତିବର୍ଷ ପାଖାପାଖି ୧.୩ ଆରବ ଟନ୍ ଖାଦ୍ୟ ଅଳିଆରେ ଫୋପଡ଼ା ଯାଉଛି । ଯେଉଁଥିରେ କୋଟି କୋଟି ସଂଖ୍ୟାରେ ଲୋକଙ୍କ ଭୋକ ମେଣ୍ଟିପାରିବ । ହାଇତିର ଲୋକେ ଖୁବ୍ ଗରିବ । ଏଠାରେ ଲୋକଙ୍କ ଦୈନିକ ଆୟ ୧୨୦ ଟଙ୍କାରୁ ମଧ୍ୟ କମ୍ । ଏତିକିରେ କ୍ଷୀର, ଫଳ ଭଳି ପୋଷକ ତତ୍ତ୍ୱ ସେମାନଙ୍କ ପାଇଁ ସ୍ୱପ୍ନ । ତେଣୁ ଏଠାକାର ଲୋକେ ନିଜର ଭୋକ ମେଣ୍ଟାଇବା ପାଇଁ ପାହାଡ଼ର ମାଟି, ପାଣି ଏବଂ ବନସ୍ପତି ତେଲ ମିଶାଇ ବିସ୍କୁଟ୍ ତିଆରି କରି ଖାଇଥାନ୍ତି । ଏହାକୁ ଖରାରେ ଶୁଖାଇ ପ୍ରସ୍ତୁତ କରାଯାଇଥାଏ । ଯାହାକୁ ସ୍ଥାନୀୟ ଭାଷାରେ ବୋନ୍ ବୋନ୍ ଟେରାସ କୁହାଯାଏ । ଯାହାର ଅର୍ଥ ମାଟି ବିସ୍କୁଟ୍ । ଯାହାକୁ ଖାଇବା ଛଡ଼ା ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥାଏ । ବିଶେଷଜ୍ଞଙ୍କ କହିବାନୁଯାୟୀ, ଏହାର ଲଗାତାର ସେବନ ଦ୍ୱାରା ବହୁ ସ୍ୱାସ୍ଥ୍ୟ ସମସ୍ୟା ଯଥା – କୁପୋଷଣ, ଜୀବାଣୁ ସଂକ୍ରମଣ ପରିଲକ୍ଷିତ ହେଉଛି । ତେବେ ହାଇତିରେ ୯୦ ପ୍ରତିଶତ ଲୋକଙ୍କର ଆୟ ଖୁବ୍ କମ୍ । ମାତ୍ର ୧୦ ପ୍ରତିଶତ ଲୋକେ ଦେଶର ସମ୍ପୂର୍ଣ୍ଣ ଆୟରୁ ୭୦ ପ୍ରତିଶତ କମାଉଛନ୍ତି । ଏହାଦ୍ୱାରା ଆର୍ଥିକ ଅସମାନତା ଦେଖାଯାଉଛି । ଖାଦ୍ୟାଭାବ ଯୋଗୁଁ ପ୍ରାୟ ୩ ଲକ୍ଷ ଲୋକ ମାଟି ଏବଂ ଅପରିଷ୍କାର ଜିନିଷ ଖାଇ ଜୀବନଧାରଣ କରୁଛନ୍ତି । କାରଣ ସେମାନଙ୍କ ପାଖରେ ଖାଇବା ପାଇଁ ଖାଦ୍ୟ କି ଅର୍ଥ ନାହିଁ । ସେହିପରି ମାଟି ବିସ୍କୁଟ୍ ପ୍ରସ୍ତୁତ କରୁଥିବା ମହିଳାଙ୍କ କହିବାନୁଯାୟୀ, ଏଥିରେ କ୍ୟାଲ୍‌ସିୟମ୍ ଏବଂ ଅଳ୍ପ ଭିଟାମିନ୍ ରହିଥାଏ, ଯେଉଁଥିରୁ ସେମାନଙ୍କୁ ସାମାନ୍ୟ ପୋଷଣ ମିଳିଥାଏ ।



## ବିମାନବନ୍ଦର ନିକଟ ଲୋକଙ୍କୁ ଅଧିକ ହୃଦ୍‌ଘାତ ଆଶଙ୍କା

ବିମାନ ବନ୍ଦର ନିକଟରେ ମଧ୍ୟ ଜନବସତି ଗଢ଼ି ଉଠିଥାଏ । କିନ୍ତୁ ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିମାନବନ୍ଦର ନିକଟରେ ରହୁଥିବା ଲୋକଙ୍କୁ ଅନ୍ୟ ଲୋକଙ୍କ ତୁଳନାରେ ହୃଦ୍‌ଘାତ ତଥା ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ଅଧିକ । ତେବେ ଏହାର ମୁଖ୍ୟ କାରଣ ହେଉଛି, କ୍ରମାଗତ ଭାବେ ହେଉଥିବା ଉଚ୍ଚ ଶବ୍ଦ ଓ ବାୟୁ ପ୍ରଦୂଷଣ । ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଏହା କେବଳ ବୟସ୍କ ଲୋକଙ୍କ ପାଇଁ କ୍ଷତିକାରକ ହେବ ତାହା ନୁହେଁ, ଏଥିଯୋଗୁଁ ଯୁବପିଢ଼ି ମଧ୍ୟ ପ୍ରଭାବିତ ହୋଇପାରନ୍ତି । ଏହି ଅଧ୍ୟୟନ ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ ଦ୍ୱାରା କରାଯାଇଛି । ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ବିମାନବନ୍ଦର ଆଖପାଖ ଅଞ୍ଚଳରେ ରହୁଥିବା ବ୍ୟକ୍ତିଙ୍କ ଉପରେ କ୍ଷତିକାରକ ଶବ୍ଦ ତଥା ପ୍ରଦୂଷଣ ଗଭୀର ପ୍ରଭାବ ପକାଇଥାଏ । ବିମାନ ଉଡ଼ାଣ ଓ ଅବତରଣ ସମୟର ତୀବ୍ର ଶବ୍ଦ, ଏଥିସହିତ ଯାତାୟାତରୁ ଉତ୍ପନ୍ନ ଧ୍ୱନି ପ୍ରଦୂଷଣ ଲୋକଙ୍କ ହୃଦୟ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ତେଣୁ ବିଶେଷଜ୍ଞଙ୍କ କହିବାନୁଯାୟୀ, ୨୪ ଘଣ୍ଟା ଧରି କ୍ରମାଗତ ଭାବେ ଗହଳିପୂର୍ଣ୍ଣ ବାତାବରଣରେ ରହିବା ଦ୍ୱାରା ମଣିଷ ଶରୀର ଚାପଗ୍ରସ୍ତ ହୋଇଯାଏ । ଏହାଦ୍ୱାରା ରକ୍ତଚାପ ବୃଦ୍ଧି ପାଇଥାଏ ଓ ହୃଦୟ ଉପରେ ପ୍ରଭାବ ପଡ଼ିଥାଏ । ଏହି ଅବସ୍ଥା ଦୀର୍ଘ ସମୟ ଧରି ରହିଲେ, ହୃଦ୍‌ଘାତ ସମସ୍ୟା ସୃଷ୍ଟି କରିପାରେ । ତେବେ ବିମାନବନ୍ଦର ନିକଟରେ ରହୁଥିବା ଲୋକଙ୍କୁ କେବଳ ଧ୍ୱନି ପ୍ରଦୂଷଣ ନୁହେଁ, ବାୟୁ ପ୍ରଦୂଷଣର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥାଏ । ବିମାନ ଇଞ୍ଜିନ୍‌ରୁ ନିର୍ଗତ ଧୂଆଁ ଏବଂ ଆଖପାଖର ଟ୍ରାଫିକ୍ ବାୟୁକୁ ଦୂଷିତ କରିଥାଏ । ଏହି ବିଷାକ୍ତ ବାୟୁ ଉଭୟ ଫୁସ୍‌ଫୁସ୍ ଓ ହୃଦୟ ପାଇଁ କ୍ଷତିକାରକ । ଦୀର୍ଘ ସମୟ ଧରି ଏଭଳି ବାତାବରଣରେ ରହିଲେ, ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ହୋଇଯାଏ ଏବଂ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଇଥାଏ । ଏହି ଅଧ୍ୟୟନ ହଜାର ହଜାର ଲୋକଙ୍କୁ ଧ୍ୟାନରେ ରଖି କରାଯାଇଥିଲା । ଉଭୟ ବିମାନବନ୍ଦର ନିକଟବର୍ତ୍ତୀ ଓ ଦୂରରେ ରହୁଥିବା ବ୍ୟକ୍ତିଙ୍କ ମଧ୍ୟରେ ତୁଳନା କରାଯାଇଥିଲା । ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁ ଲୋକମାନେ ବିମାନବନ୍ଦରର ୧୦ କିଲୋମିଟର ପରିଧି ମଧ୍ୟରେ ରହିଥାନ୍ତି, ସେମାନଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ୨୦ ପ୍ରତିଶତରୁ ଅଧିକ ରହିଥାଏ ।



## ମାଟି ତଳେ ୧୫ ମହଲା

### ପରମାଣୁ ଆକ୍ରମଣରୁ ଦେବ ସୁରକ୍ଷା

ଭୂପୃଷ୍ଠ ଉପରେ ନିର୍ମିତ ସବୁଠୁ ଉଚ୍ଚ ଅଟ୍ଟାଳିକା ଭାବେ ବୁର୍ଜ ଖଲିଫା ଜଣାଯାଏ । କିନ୍ତୁ ଭୂପୃଷ୍ଠ ତଳେ ନିର୍ମିତ ସୁଉଚ୍ଚ ଅଟ୍ଟାଳିକା ବାବଦରେ କ୍ୱଚିତ୍ ଲୋକ ଜାଣନ୍ତି । ତେବେ ଭୂପୃଷ୍ଠ ତଳେ ଏପରି ଏକ ଅଟ୍ଟାଳିକା ନିର୍ମାଣ କରାଯାଇଛି, ଯାହା ଉପରେ ପରମାଣୁ ବିସ୍ଫୋରଣର ମଧ୍ୟ ପ୍ରଭାବ ପଡ଼ିବ ନାହିଁ । ତେବେ ଆମେରିକାର କାନ୍‌ସାସ୍‌ରେ ଏହି ଅଟ୍ଟାଳିକା ନିର୍ମାଣ କରାଯାଇଛି । ଏହା ଭୂପୃଷ୍ଠରୁ ୨୦୦ ଫୁଟ ତଳେ ନିର୍ମାଣ କରାଯାଇଛି । ୧୫ ମହଲା ବିଶିଷ୍ଟ ଏହି ଅଟ୍ଟାଳିକାକୁ ବଙ୍କର ବୋଲି କୁହାଯାଉଛି । ସର୍ଭାଇବାଲ୍ କଣ୍ଡୋ ନାମରେ ପରିଚିତ ଏହି ବିଳାସମୟ ବଙ୍କରରେ ସମସ୍ତ ସୁବିଧା ଯଥା- ସ୍ୱିମିଙ୍ଗ୍ ପୁଲ୍, ଜିମ୍, ପେଟ୍ ପାର୍କ ଏବଂ ସୁପରମାର୍କେଟ ଭଳି ନାନା ସୁବିଧା ରହିଛି । ସେହିପରି ଏହି ବଙ୍କରର ଚତୁର୍ଥ ଫ୍ଲୋର୍‌ରେ ସୁପର୍‌ମାର୍କେଟ୍ ରହିଛି । ଯେଉଁଠାରେ ଖାଦ୍ୟ ପାନୀୟ ଜିନିଷ ସୁବିଧାରେ ମିଳିଥାଏ । ଏଥିସହ ଏଠାରେ ମେଡିକାଲ ୟୁନିଟ୍ ମଧ୍ୟ ରହିଛି । କେବଳ ସେତିକି ନୁହେଁ, ଏହା ମଧ୍ୟରେ ସିନେମା ହଲ୍, ପାଠାଗାର ଭଳି ସୁବିଧା ଉପଲବ୍ଧ । ତେବେ ଏଠାରେ ଗୋଟିଏ ଆପାର୍ଟମେଣ୍ଟର ମୂଲ୍ୟ ୨୫ କୋଟି ଟଙ୍କା ରହିଛି । ଏହି ଅଟ୍ଟାଳିକାକୁ ବର୍ତ୍ତମାନ ସମୟରେ ପରମାଣୁ ଆକ୍ରମଣର ଆଶଙ୍କାକୁ ଧ୍ୟାନରେ ରଖି ତିଆରି କରାଯାଇଛି । ତେଣୁ ଏହାକୁ ସ୍ୱତନ୍ତ୍ର ଭାବେ ମାଟି ତଳେ ନିର୍ମାଣ କରାଯାଇଛି ।





## ବାୟୋନିକ ବିଲେଇ

ଏଲିଫ୍ୟାଣ୍ଟ ରୋବଟିକ୍ସର ମାର୍ସକ୍ୟାଟ୍ ହେଉଛି ବିଶ୍ୱର ପ୍ରଥମ ବାୟୋନିକ ପୋଷା ବିଲେଇ । ଏହାକୁ ଘରୋଇ କାର୍ଯ୍ୟ, ଶିକ୍ଷା ତଥା ଅନୁସନ୍ଧାନ ପାଇଁ ରୋବଟିକ୍ ସାଥୀ ଭାବେ ଡିଜାଇନ୍ କରାଯାଇଛି । ଏହା ଜୀବନ୍ତ ବିଲେଇ ଭଳି ବ୍ୟବହାର ପ୍ରଦର୍ଶନ କରିବା ପାଇଁ କୌଣସି ନିର୍ଦ୍ଦେଶ ଆବଶ୍ୟକ କରି ନ ଥାଏ । ଏହା ସ୍ୱତଃପ୍ରବୃତ୍ତ ଭାବେ ଚାଲିବା, ଦୌଡ଼ିବା, ଶୋଇବା ଆଦି କାର୍ଯ୍ୟ କରିଥାଏ । ଏପରିକି ଲୋକଙ୍କୁ ଦେଖି ମୁଣ୍ଡ ମଧ୍ୟ ହଲାଇବାକୁ ସକ୍ଷମ । ଏଥିରେ ଅନେକ ସେନସର୍ ଲାଗିଛି । ଏହାର ନାକରେ କ୍ୟାମେରା ଖଞ୍ଜା ଯାଇଛି । ତେଣୁ ଏହା ପରିବେଶକୁ ଚିହ୍ନିବା ସହ ସାମ୍ନାରେ ଆସିବାକୁ ଥିବା ବାଧାକୁ ମଧ୍ୟ ଅତିକ୍ରମ କରିପାରେ । ବହୁମୁଖୀ କାର୍ଯ୍ୟ ପାଇଁ ଏହି ବିଲେଇକୁ ତିଆରି କରାଯାଇଛି । ଏହାର ମାଲିକ ଏହାକୁ ପୋଷାକ, ଟୋପି, କଲାର ଆଦି ଲଗାଇ ପର୍ସନାଲାଇଜ୍ ମଧ୍ୟ କରିପାରିବେ । ଆଖି ରଙ୍ଗ ଏବଂ ଏହାର ଗତିବିଧିକୁ ମାର୍ସ ଆପ୍‌ର ଉପଯୋଗ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ । ତେବେ ପାରମ୍ପରିକ ପୋଷା ପ୍ରାଣୀଙ୍କ ଯତ୍ନ ନେଇପାରୁ ନ ଥିବା ବ୍ୟକ୍ତିଙ୍କ ପାଇଁ ମାର୍ସକ୍ୟାଟ୍ ଏକ ଉତ୍ତମ ବିକଳ୍ପ । ସେହିପରି ଏଥିରେ ଫର୍ ବା ଲୋମ ନ ଥିବାରୁ ସଂକ୍ରମଣ ଭୟ ବି ନାହିଁ । ଏହା ଏକ ସ୍ୱଚ୍ଛ ପରିବେଶ ପ୍ରଦାନ କରେ । ଏଥିରେ ଭଏସ୍ କମାଣ୍ଡ ଫଙ୍କସନ ଅଛି । ମୋଟ ଉପରେ କହିବାକୁ ଗଲେ, ଏହା କେବଳ ଜୀବନ୍ତ ବିଲେଇ ପରି ଅନୁଭବ ଦିଏ ନାହିଁ, ବରଂ ଏହା ସେମାନଙ୍କ ଭଳି ଆଚରଣ ମଧ୍ୟ କରିଥାଏ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି । କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହଯୋଗ ଲୋଡିବେ । ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି । ଆଶା କରିଥିବା ଦିଗରୁ ଧନ ମିଳିପାରେ ।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ଅଯଥା ଖର୍ଚ୍ଚ ବଢ଼ିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

■ ଘଡ଼ି ଘଡ଼ି ବଦଳୁଛି ଟ୍ରାଏଲ ରନ୍ ତାରିଖ

# ଅନିଶ୍ଚିତତାରେ ଧାଡ଼ି ଦର୍ଶନ

**ପୁରୀ, ୧୨।୧(ସମିସ):** ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ୬ ମାସରୁ ଊର୍ଦ୍ଧ୍ୱ ହେବ କସରତ ଚାଲିଛି। ହେଲେ ଏଯାଏ ଏଥିରେ ସଫଳତା ମିଳିନଥିବା ବେଳେ ନାଟମଣ୍ଡପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବାକୁ ଘୋଷଣା ହୋଇଛି। ତେବେ ଏହି ବ୍ୟବସ୍ଥା କେବେଠାରୁ କାର୍ଯ୍ୟକାରୀ ହେବ, ତାହା ସ୍ପଷ୍ଟ ହୋଇପାରୁନାହିଁ। ଏହାର ଟ୍ରାଏଲ-ରନ୍ ତାରିଖ ମଧ୍ୟ ଘୁଞ୍ଚିଘୁଞ୍ଚି ଯାଉଛି। ସବୁଠୁ ବଡ଼ କଥା ହେଉଛି, ଧାଡ଼ି ଦର୍ଶନର ଟ୍ରାଏଲ ରନ୍‌କୁ ନେଇ ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ କଥାରେ ତାଳମେଳ ରହୁନାହିଁ। ଫଳରେ ଏହାକୁ ନେଇ ଭକ୍ତ ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି।

ଶ୍ରୀମନ୍ଦିରରେ ଦର୍ଶନ ବିଶୃଙ୍ଖଳା ବଢ଼ିବଢ଼ି ଚାଲିଛି। ଗୋଟିଏ ଦ୍ୱାର ସାତପାହାଚ ଦେଇ ନାଟମଣ୍ଡପକୁ ପ୍ରବେଶ କରୁଛନ୍ତି ଭକ୍ତ। ସାଧାରଣ ଦିନରେ ତ ଯାହା ଯେମିତି ଚଳିଯାଉଛି; ହେଲେ ଛୁଟିଦିନ ଏବଂ ବିଶେଷ ପର୍ବପର୍ବାଣି ଦିନମାନଙ୍କରେ ଭିଡ଼ ଅସମ୍ଭାଳ ହୋଇପଡ଼ୁଛି। ବରିଷ୍ଠ ନାଗରିକ, ମହିଳାମାନେ ଅଧିକ ହନ୍ତସନ୍ତ ହେଉଛନ୍ତି। ଦିନେଦିନେ ଭିଡ଼ ଏମିତି ହେଉଛି ଯେ ଅନେକ ଭକ୍ତ ଅଣଃନିଶ୍ୱାସୀ ଏବଂ ଅଚେତ ହୋଇପଡ଼ୁଛନ୍ତି। ତେଣୁ ଏହାର ସମାଧାନ ପାଇଁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗି ଯୋଜନା କରାଯାଇଛି। ଏଥିରେ କାଠର ରାମ୍ପ ପକାଯିବ ବୋଲି ପ୍ରସ୍ତାବ ରହିଛି। ହେଲେ ଏହାକୁ କେବେଠାରୁ ପରୀକ୍ଷାମୂଳକ ଭାବେ ଅର୍ଥାତ୍ ଏହାର ଟ୍ରାଏଲ୍-ରନ୍ କରାଯିବ, ତାହାକୁ ନେଇ ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ କଥାରେ ତାଳମେଳ ରହୁନାହିଁ।

ଗତ ଡିସେମ୍ବର ୨୩ ତାରିଖରେ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ ଯେ ଡିସେମ୍ବର ୨୮ କିମ୍ବା ୨୯ ତାରିଖରେ ପରୀକ୍ଷାମୂଳକ ଭାବେ ଅର୍ଥାତ୍ ଧାଡ଼ି ଦର୍ଶନ ବ୍ୟବସ୍ଥାର ଟ୍ରାଏଲ-ରନ୍ କରାଯିବାକୁ ଲକ୍ଷ୍ୟ ରହିଛି। ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖରେ ମନ୍ଦିରରେ ପ୍ରବଳ ଭିଡ଼ ହେବ। ତେଣୁ ଏହା ବିଧିବଦ୍ଧ ଭାବେ କେବେଠାରୁ କାର୍ଯ୍ୟକାରୀ କରାଯିବ, ତାହା ଶୀଘ୍ର ଚୂଡ଼ାନ୍ତ ହେବ। ଏହା ପରେପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଡିସେମ୍ବର ୨୮ରେ ଧାଡ଼ି ଦର୍ଶନ ପାଇଁ ଟ୍ରାଏଲ-ରନ୍ ହେବ ନାହିଁ। ଗଙ୍ଗା ସ୍ନାନ ପଡ଼ୁଥିବାରୁ ଆସନ୍ତା ୨୦ ତାରିଖ ଯାଏ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ଲାଗି ରହିବ। ଏହି ଅବଧି ମଧ୍ୟରେ ଦର୍ଶନ ବ୍ୟବସ୍ଥାରେ କୌଣସି ପରୀକ୍ଷାନିରୀକ୍ଷା କରାଯିବ ନାହିଁ। ଜାନୁଆରୀ ୨୦ରୁ ୨୨ ତାରିଖ ମଧ୍ୟରେ ଧାଡ଼ି ଦର୍ଶନ ପୂର୍ଣ୍ଣାଙ୍ଗ ଭାବେ ଲାଗୁ ହେବ। ଗତ ୪ ତାରିଖରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ଜାନୁଆରୀ ୨୦ରେ ଧାଡ଼ି ଦର୍ଶନ ବ୍ୟବସ୍ଥାର ଟ୍ରାଏଲ-ରନ୍ କରାଯିବ। ଗତ ୮ ତାରିଖରେ ପୁରୀ ବେଳାଭୂମି ମହୋତ୍ସବକୁ ଆସିଥିବା ବେଳେ ଆଇନ ମନ୍ତ୍ରୀ ୨୦ରୁ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ହେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଶନିବାର ଗଣମାଧ୍ୟମକୁ ଦେଇଥିବା ବିବୃତି ଧାଡ଼ି ଦର୍ଶନର ଟ୍ରାଏଲ-ରନ୍ ପୁଣି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିବା ଏକପ୍ରକାର ସ୍ପଷ୍ଟ କରିଛି।

ମୁଖ୍ୟ ପ୍ରଶାସକ କହିଛନ୍ତି, ନାଟମଣ୍ଡପରୁ ଏପର୍ଯ୍ୟନ୍ତ ହୁଣ୍ଡି ସ୍ଥାନାନ୍ତର ହୋଇନାହିଁ। ଶ୍ରୀମନ୍ଦିର ଆଇନ ଅନୁଯାୟୀ, ହୁଣ୍ଡି ସ୍ଥାନାନ୍ତର କରିବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଦରକାର। ଆମେ ଅନୁମୋଦନକୁ ଅପେକ୍ଷା କରିଛୁ। ଧାଡ଼ି ଦର୍ଶନର ଟ୍ରାଏଲ ରନ୍ ନେଇ ନିର୍ଦ୍ଦିଷ୍ଟ ତାରିଖ ବା ବାର କହିହେବ ନାହିଁ। ହୁଣ୍ଡି ସ୍ଥାନାନ୍ତର ନେଇ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ପରିଚାଳନା କମିଟି ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ପରିଚାଳନା କମିଟି ଗଠନ ହେବା ପରେ କମିଟିର ସୁପାରିଶ ଅନୁସାରେ, ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ସୁବିଧା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଏଠାରେ ପ୍ରଶ୍ନ ଉଠୁଛି, ଶ୍ରୀମନ୍ଦିର ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଯଦି କିଛି ଚୂଡ଼ାନ୍ତ ହୋଇନାହିଁ, ତେବେ ଏଭଳି ବିବୃତି ଦିଆଯାଉଛି କାହିଁକି? ଅନ୍ୟପକ୍ଷରେ ଏହି ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ସେବାୟତ କ୍ଷୋଭ ପ୍ରକାଶ କରିଛନ୍ତି। ନୀତିକାନ୍ତି ସମୟରେ କାଠର ରାମ୍ପ ଉଠାଇବାରେ ସମୟ ଯିବ। ଫଳରେ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ।

■ ମଣପ୍ପୁରମ୍ ଫାଇନାନ୍ସରୁ ସୁନା ଲୁଟ୍ ଘଟଣା

# ବିହାର ଏସ୍‌ଟିଏଫ୍ ପଞ୍ଝାରେ ୩ ଡକାୟତ

**ସମ୍ବଲପୁର,୧୨।୧(ସମିସ):** ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପ୍ପୁରମ୍ ଶାଖାରୁ ୨୭କେଜି ସୁନା ଲୁଟ୍, ଯାଜପୁରରେ ସୁନା ଲୁଟ୍ ବେଳେ ଗୁଳିକାଣ୍ଡ ଏବଂ ଦେଶର ବିଭିନ୍ନ ସ୍ଥାନରୁ ସୁନା ଡକାୟତି ଘଟଣାରେ ଶନିବାର ବିହାର ଏସ୍‌ଟିଏଫ୍ ୩ ଜଣଙ୍କୁ ଗିରଫ କରିଛି। ବିହାର ଏସ୍‌ଟିଏଫ୍, ଓଡ଼ିଶା କ୍ରାଇମବ୍ରାଞ୍ଚ ଏବଂ ସମ୍ବଲପୁର ପୁଲିସ୍ ମିଳିତ ଉଦ୍ୟମରେ ଗୟାରୁ ୩ ଅଭିଯୁକ୍ତ

**ଗହଣା, ଦେଶୀ ବନ୍ଧୁକ ଓ ଗୁଳି ଜବତ**

ମୃତ୍ୟୁଞ୍ଜୟ କୁମାର ସିଂହ (ଓରଫ୍ ସନ୍ନି ସିଂହ), ଅଜୟ ସିଂହ (ଓରଫ୍ ସୋନି) ଏବଂ ପ୍ରକାଶ କୁମାରକୁ ଗିରଫ କରାଯାଇଛି। ଗୟା ଜିଲ୍ଲା ଇମାମଗଞ୍ଜ ଅଞ୍ଚଳରେ ଚଢ଼ଉ କରି ଏମାନଙ୍କୁ ଏସ୍‌ଟିଏଫ୍ ଧରିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨ଟି ଗୁଳି ଏବଂ କିଛି ଗହଣା ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ରାଜ୍ୟରେ ଅନେକ ସୁନା ଡକାୟତିରେ ଲିଙ୍କ୍ ରହିଛି। ୩ ଅଭିଯୁକ୍ତଙ୍କର ମଧ୍ୟ ସମ୍ବଲପୁର ଓ ଯାଜପୁର ଘଟଣାରେ ମଧ୍ୟ ସମ୍ପୃକ୍ତି ରହିଥିବା ଜଣେ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୩ତାରିଖ ସକାଳ ପ୍ରାୟ ସାଢ଼େ ୯ଟାରେ ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପ୍ପୁରମ୍ ଗୋଲ୍ଡ-ଲୋନ୍ ସଂସ୍ଥାରୁ ଡକାୟତମାନେ ବନ୍ଧୁକ ଦେଖାଇ ପାଖାପାଖି ୨୭ କେଜିର ସୁନା ଅଳଙ୍କାର ଲୁଟି ନେଇଥିଲେ। ପରେ ସମ୍ବଲପୁର ପୁଲିସ ପକ୍ଷରୁ ଟିମ୍ ଗଠନ କରି ତଦନ୍ତ ଆରମ୍ଭ ହୋଇଥିଲା। ଆଜି ପର୍ଯ୍ୟନ୍ତ କାହାକୁ ଧରିବାରେ ପୁଲିସ୍ ସକ୍ଷମ ହୋଇପାରିନି। ଜିଲ୍ଲାର ପୁରୁଖା ଅଧିକାରୀମାନେ ବିହାରରେ ଡେରା ପକାଇ ତଦନ୍ତ ଜାରି ରଖିଛନ୍ତି। କିଛି ଦିନ ତଳେ ଆରପିଏଫ୍ ଦ୍ୱାର ହଟିଆରୁ ଜଣଙ୍କୁ ଗିରଫ କରାଯାଇଥିଲା। ହେଲେ ଯାଜପୁର ଓ ସମ୍ବଲପୁର ଲୁଟ୍ ଘଟଣାରେ ଗୋଟାଏ ଗ୍ୟାଙ୍ଗର ଲିଙ୍କ୍ ରହିଥିବା ଉତ୍ତରାଞ୍ଚଳ ଆଇଜି କହିଥିଲେ। ଏହାସହ ଏହି ଗ୍ୟାଙ୍ଗ ବହୁତ ବଡ଼ ଏବଂ ଏହାର ମୁଖ୍ୟ ୨ଜଣ ମାଷ୍ଟରମାଇଣ୍ଡ ଜେଲରେ ରହି ଅପରେଟ୍ କରୁଥିବା ସୂଚନା ଦେଇଥିଲେ।

**ଖୋଲୁଛି 'ନୀଳ-ହଂସ' ଯୋଡ଼ିଙ୍କ ଠକେଇ ଗୁମର**

# ସମ୍ପତ୍ତି ସିଲ୍; ବିକ୍ରି ଉପରେ କଟକଣା

**ଭୁବନେଶ୍ୱର,୧୨।୧(ସମିସ):** ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁର ପରିଚୟ ଦେଇ ଫସିଥିବା 'ନୀଳ-ହଂସ' (ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତି)ଙ୍କ ଠକେଇର ସାମ୍ରାଜ୍ୟର ଆଦିଅନ୍ତ ପାଉ ନାହିଁ ପୁଲିସ। ଏକ ସମୟରେ ପୁଲିସ, ଆୟକର, ଇଡ଼ି ଭିନ୍ନଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି। ବଡ଼ବଡ଼ ଲୋକମାନଙ୍କ ସହ ସମ୍ପର୍କ ସୃଷ୍ଟି କରି ଉଭୟ ବହୁ ସମ୍ପତ୍ତିର ଅଧିକାରୀ ହୋଇଥିବା ମଧ୍ୟ ସୁରାକ ମିଳିଛି।

ଦିନ ଯେତିକି ଗଡ଼ୁଛି ଗୋଟିକ ପରେ ଗୋଟିଏ ମାମଲାରେ ଦୁହେଁ ଛନ୍ଦି ହୋଇ ଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟଙ୍କ ନାମରେ ଥିବା ସବୁ ସମ୍ପତ୍ତି ସିଲ୍ କରିବାକୁ ଚିଠି ଲେଖିଛି ଆୟକର ବିଭାଗ। ହଂସିତା ଓ ଅନୀଲଙ୍କ ନାଁରେ ଥିବା ୪ଟି ଫ୍ଲାଟ ଓ ୫ଟି ଦାମୀ ଗାଡିକୁ ଜବତ କରିବା ସହ ଏହାର ବିକ୍ରି ଉପରେ ପ୍ରତିବନ୍ଧ ଲଗାଇବା ନିମନ୍ତେ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍ (ଆଇଜିଆର)ଙ୍କୁ ଆୟକର ବିଭାଗ ଅନୁରୋଧ କରିଛି। ସେହିପରି ଜବତ ଗାଡିଗୁଡ଼ିକର ମାଲିକାନା ପରିବର୍ତ୍ତନ ନ କରିବାକୁ ମଧ୍ୟ ପରିବହନ ବିଭାଗକୁ ଚିଠି ଲେଖାଯାଇଛି। ଫ୍ଲାଟ ଗୁଡ଼ିକ ହଂସିତା, ଅନୀଲ ଓ ତାଙ୍କ ପ୍ରଥମ ସ୍ୱାମୀ ସରୋଜ ସାହୁଙ୍କ ନାଁରେ ରହିଛି। ସେହିପରି ୫ଦାମୀ ଗାଡିଗୁଡ଼ିକ ଅନୀଲ ଓ ସରୋଜଙ୍କ ନାଁରେ ପଞ୍ଜିକୃତ ହୋଇଛି। ମିଳିଥିବା ସୂଚନା ଅନୁସାରେ ଆସନ୍ତାକାଲି ଅର୍ଥାତ୍ ସୋମବାର ଆୟକର ବିଭାଗ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିବ ଓ ଏହା ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟାକ୍ସକୁ ହସ୍ତାନ୍ତର କରାଯିବ। ଏହି ରିପୋର୍ଟ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ। ଇଡ଼ି ପ୍ରାଥମିକ ତଦନ୍ତ କାଳରେ ହଂସିତା ଓ ଅନୀଲଙ୍କ ୫୦ କୋଟିରୁ



ଅଧିକ ସମ୍ପତ୍ତି ଠାବ କରିଛି ଏବଂ ଆୟକର ଓ ପୁଲିସଠାରୁ ନେଇଥିବା ତଥ୍ୟ ଓ କାଗଜପତ୍ରକୁ ଯାଞ୍ଚ କରୁଛି।

ଅନ୍ୟପକ୍ଷରେ ଆୟକର ବିଭାଗ 'ନୀଳ-ହଂସ'ଙ୍କ ସହ ଘନିଷ୍ଠ କୁହାଯାଉଥିବା ୧୧ଜଣଙ୍କୁ ଜେରା କରିଛି। ଏମାନଙ୍କ ମଧ୍ୟରେ ହଂସିତାଙ୍କ ଦୁଇ ସ୍ୱାମୀଙ୍କ ସମେତ ଠିକାଦାର, ବ୍ୟବସାୟୀ, ବିଲ୍ଡ଼ର, ମଦ ବେପାରୀ ଅଛନ୍ତି। ଖୁବ୍‌ଶୀଘ୍ର ଆହୁରି କିଛି ବ୍ୟକ୍ତିଙ୍କୁ ମଧ୍ୟ ଜେରା ପାଇଁ ଡ଼କା ଯାଇପାରେ ବୋଲି କୁହାଯାଉଛି। ଅନୁରୂପ ଭାବେ ହଂସିତା ଓ ଅନୀଲଙ୍କ ବିଦେଶ ପର୍ଯ୍ୟନ୍ତ ଠକେଇର ଚେର ଲମ୍ବିଥିବା ଏବଂ ଦୁବାଇରେ ମଧ୍ୟ କିଛି ସମ୍ପତ୍ତି ବା ନିବେଶ ଥିବା ପ୍ରାରମ୍ଭିକ ତଦନ୍ତ ବେଳେ ତଦନ୍ତକାରୀ ସଂସ୍ଥାକୁ ସୂଚନା ମିଳିଛି। ନିକଟ ଅତୀତରେ ଦୁହେଁ ୩ଥର ବିଦେଶ ଭ୍ରମଣ କରିଥିବାର ପ୍ରମାଣ ମଧ୍ୟ ଆୟକର ହାତରେ ଲାଗିଛି। ୨୦୨୪ ମାର୍ଚ୍ଚରେ ୧କୋଟି ୯୭ଲକ୍ଷ ୫ହଜାର ନଗଦ ଟଙ୍କା ଦେଇ ଏକ ପୋର୍ସେ କାର ହଂସିତା କିଣିଥିଲେ। ଅନୁରୂପ ଭାବେ ତାଙ୍କ ପ୍ରଥମ ସ୍ୱାମୀ ସରୋଜ ସାହୁଙ୍କ ନାମରେ ଦୁଇଟି ବିଏମଡବ୍ଲ୍ୟୁ କାର୍ ରହିଛି। ୨୦୨୩ ମସିହା ଜୁଲାଇ ୩୧ ତାରିଖରେ ଏହି ଦୁଇଟି କାର୍ ଏକାସାଥିରେ କିଣା ଯାଇଥିଲା। ପ୍ରତି କାରର ଦାମ ଥିଲା ୪୮ ଲକ୍ଷ ୯୦ହଜାର ଟଙ୍କା। ନଗଦ ଆକାରରେ ଏହି କାର କିଣା ହୋଇଥିବା ପରିବହନ ବିଭାଗରୁ ସୂଚନା ମିଳିଛି। ୨୦୧୯ ମସିହା ଜୁନ୍ ୨୦ରେ ଅନୀଲ ଏକ ଲ୍ୟାଣ୍ଡ ରୋଭର କାର କିଣିଥିଲେ। ଯାହାର ଦାମ ଥିଲା ୭୨ଲକ୍ଷ ୪୬ହଜାର ୮୦୨ଟଙ୍କା। ଏଥିସହ ୨୦୧୪ ଜାନୁଆରୀ ୨୭ରେ ୫୪ଲକ୍ଷ ୯୧ହଜାର ୫୧୮ଟଙ୍କା ଦେଇ ଆଉ ଏକ ଜାଗୁଆର ଲ୍ୟାଣ୍ଡ ରୋଭର କାର କିଣାଯାଇଥିବା ଜଣାପଡ଼ିଛି। ଏହା ସହ ହଂସିତାଙ୍କର ପ୍ରଥମ ସ୍ୱାମୀ ଓ ଦ୍ୱିତୀୟ ସ୍ୱାମୀଙ୍କ ସହ ବିପୁଳ ଅର୍ଥ ନେଣଦେଣ ହୋଇଥିବା ସୁରାକ ଆୟକର ବିଭାଗ ହାତରେ ଲାଗିଛି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବାଲେଶ୍ୱର,୧୨।୧(ସମିସ):** ବାଲେଶ୍ୱର ଜିଲ୍ଲା କାରାଗାରର ଜଣେ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ କଏଦୀଜଣଙ୍କ ହେଲେ, ସଦର ଥାନା ଜୟଦେବ କସବା ଅଞ୍ଚଳର ସେକ ଜମାଲ(୬୪)। ଏହାକୁ ନେଇ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ଜେଲ୍ ଭିତରେ ଜମାଲଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାରଲୋକ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି।

ଜମାଲଙ୍କ ପୁଅ ସେକ୍ ଜାଭେଦ ଇକବାଲଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ତାଙ୍କ ବାପାଙ୍କ କିଡନୀ ଜନିତ ରୋଗ ହୋଇଥିଲା। ସେ କଳିଙ୍ଗ ହସପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ଗତ ୪ ତାରିଖରେ ଏକ ଦୋକାନ ପୋଡ଼ି ଅଭିଯୋଗରେ ସଦର ଥାନା ପୁଲିସ୍

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ତାଙ୍କ ବାପାଙ୍କ ସହ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଗିରଫ ସମୟରେ ତାଙ୍କ ବାପାଙ୍କ ଦେହ ସୁସ୍ଥ ଥିଲା। ହେଲେ ଜେଲ୍‌ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। ଜେଲ କର୍ତ୍ତୃପକ୍ଷ ଚିକିତ୍ସା ଲାଗି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ପରେ ପରିବାରଲୋକଙ୍କୁ ନଜଣାଇ ତାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଇ ଜେଲ୍ ନେଇ ଯାଇଥିଲେ। ଗତକାଲି ତାଙ୍କ ଦେହ ଅଧିକ ଖରାପ ହେବାରୁ ତାଙ୍କୁ ପୁଣିଥରେ ମେଡିକାଲରେ ଚିକିତ୍ସା କରାଇ ଜେଲ୍ ନେଇଯାଇଥିଲେ। ତେବେ ଆଜି ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ତାଙ୍କ ନାକରୁ ରକ୍ତ ବାହାରୁଥିବା ବେଳେ ମୁହଁ ବଙ୍କା ହୋଇଥିବାରୁ ଜମାଲଙ୍କୁ ଜେଲ୍ ଭିତରେ ହତ୍ୟା କରାଯାଇଛି ବୋଲି ପୁଅ ଜାଭେଦ୍ ଅଭିଯୋଗ କରିଛନ୍ତି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରିବା ସହ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ତେବେ ଏହି ଘଟଣାରେ ଜେଲ୍ ଅଧୀକ୍ଷକ ସୁଚିତ୍ର ଦାସଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

■ ଉଦୟଗିରିରେ ପ୍ରଥମ ପଦ୍ମସମ୍ଭବ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟିତ

# 'ବିଶ୍ୱରେ ବୌଦ୍ଧ ଧର୍ମ ପ୍ରଚାରର ନେତୃତ୍ୱ ନେବ ଓଡ଼ିଶା'

**ଯାଜପୁର/ବାଲିଚନ୍ଦ୍ରପୁର, ୧୨।୧(ସମିସ):** ଐତିହାସିକ ବୌଦ୍ଧ ପୀଠ ଉଦୟଗିରିରେ ପଦ୍ମସମ୍ଭବ ଆନ୍ତର୍ଜାତିକ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ୧୫ଟି ଦେଶର ୧ ହଜାରରୁ ଊର୍ଦ୍ଧ୍ୱ ବୌଦ୍ଧ ସାଧୁ ଯୋଗ ଦେଇଛନ୍ତି। ଆମେରିକାର କାଲିଫର୍ଣ୍ଣିଆ ଲାଇଟ୍ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଉକ୍ତ ସମ୍ମିଳନୀକୁ ସିକିମର ମନ୍ତ୍ରୀ ଭେନ୍ ସୋନମ୍ ଲାମା ଉଦ୍‌ଘାଟନ କରି ଏହି ପୀଠର ଆଧ୍ୟାତ୍ମିକତା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ଏହି ପୀଠରେ ବୃହତ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଏଠାରୁ ସମଗ୍ର ବିଶ୍ୱକୁ ବୁଦ୍ଧ ଓ ପଦ୍ମସମ୍ଭବଙ୍କ ବାଣୀ ପ୍ରଚାର କରାଯିବ। ବିଶ୍ୱରେ ବୌଦ୍ଧଧର୍ମ ପ୍ରଚାରର ନେତୃତ୍ୱ ଓଡ଼ିଶା ନେବ ବୋଲି ସେ କହିଥିଲେ।



ବିଶ୍ୱରେ ଦେଖାଦେଇଥିବା ଅଶାନ୍ତି ଓ ଅରାଜକତାର ନିରାକରଣ ପାଇଁ ଏଠାରେ ମନ୍ତ୍ରପାଠ, ସମ୍ମିଳନୀ ଆୟୋଜିତ ହୋଇଛି। ସକାଳୁ ଏକ ଶୋଭାଯାତ୍ରା ଉଦୟଗିରି ଛକରୁ ବାହାରି ବୌଦ୍ଧ ବିହାର ନିକଟରେ ପହଞ୍ଚିଥିଲା। ଦେଶ ବିଦେଶରୁ ଆସିଥିବା ହଜାରେରୁ ଊର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ ଓ ସନ୍ଥ ପ୍ରାର୍ଥନାରେ ସାମିଲ ହୋଇଥିଲେ। ଏହି ଅବସରରେ ଗଜପତି ଜିଲ୍ଲା ଜିରାଙ୍ଗରେ ଥିବା ପଦ୍ମସମ୍ଭବ ମନ୍ଦିରର ଗୁରୁଜୀ ଯୋଗଦେଇ ବୁଦ୍ଧଙ୍କ ବାଣୀ ପ୍ରଚାର କରିବା ସହ ସମଗ୍ର ବିଶ୍ୱରେ ଦେଖାଦେଇଥିବା ଅଶାନ୍ତିର ସମାଧାନ ପାଇଁ ପ୍ରାର୍ଥନା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଦେଶ ଓ ବିଦେଶରୁ ଆସିଥିବା ବୌଦ୍ଧ ଗବେଷକ ଆଲୋଚନାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ପ୍ରମୁଖ ଯୋଗଦେଇ ଏହି ପୀଠର ବିକାଶ ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସମ୍ମିଳନୀ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

ସାରା ବିଶ୍ୱରେ ଥିବା ପ୍ରମୁଖ ବୌଦ୍ଧ କ୍ଷେତ୍ର ଭିତରେ ଯାଜପୁର ଜିଲ୍ଲାରେ ରହିଥିବା ହୀରକ ତ୍ରିଭୁଜ (ରତ୍ନଗିରି, ଉଦୟଗିରି ଓ ଲଳିତଗିରି)ର ସ୍ୱତନ୍ତ୍ରତା ରହିଛି। ବୁଦ୍ଧଙ୍କ ପରମ ଶିଷ୍ୟ ପଦ୍ମସମ୍ଭବଙ୍କ ଜନ୍ମ ଓଡ଼ିଶାରେ ହୋଇଥିବା ଓ ଏହି ହୀରକ ତ୍ରିଭୁଜ ଅଞ୍ଚଳରେ ସେ ଦୀର୍ଘ ଦିନ ଧରି ଜୀବନ ଅତିବାହିତ କରିଥିଲେ। ତାହାର ପ୍ରମାଣ ମିଳିବା ପରେ ସେହି ପଦ୍ମସମ୍ଭବଙ୍କ ସମ୍ପର୍କରେ ଅଧିକ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ଉଦୟଗିରିରେ ଆରମ୍ଭ ହୋଇଛି ପ୍ରଥମ ଗୁରୁ ପଦ୍ମସମ୍ଭବ ମନ୍ତ୍ରଗାନ ସମ୍ମିଳନୀ।

**ତାପମାତ୍ରା**
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୬.୧ | ୧୩.୫ |
| ଚାନ୍ଦବାଲି | ୨୫.୪ | ୧୩.୬ |
| କଟକ | ୨୫.୨ | ୧୨.୮ |
| ପାରାଦୀପ | ୨୬.୫ | ୧୪.୬ |
| ଭୁବନେଶ୍ୱର | ୨୭.୦ | ୧୩.୨ |
| ଗୋପାଳପୁର | ୨୪.୯ | ୧୫.୫ |
| ପୁରୀ | ୨୭.୨ | ୧୬.୦ |
| ଅନୁଗୋଳ | ୨୫.୭ | ୧୦.୦ |
| ବାରିପଦା | - | ୧୧.୮ |
| ଝାରସୁଗୁଡ଼ା | ୨୮.୪ | ୧୦.୨ |
| କେନ୍ଦୁଝର | ୨୫.୬ | ୧୦.୫ |
| ସମ୍ବଲପୁର | ୨୮.୪ | ୧୩.୭ |
| ସୁନ୍ଦରଗଡ଼ | ୨୮.୪ | ୧୧.୫ |
| ହୀରାକୁଦ | ୨୭.୧ | ୧୨.୯ |
| ତାଳଚେର | ୨୭.୨ | ୧୧.୬ |
| ଭବାନୀପାଟଣା | ୨୮.୦ | ୧୨.୦ |
| ବଲାଙ୍ଗିର | ୩୦.୦ | ୧୩.୦ |
| କୋରାପୁଟ | ୨୫.୦ | ୧୧.୮ |
| ଫୁଲବାଣୀ | ୨୬.୫ | - |
| ଟିଟିଲାଗଡ଼ | ୨୯.୦ | ୧୫.୨ |
| ମାଲକାନଗିରି | ୨୯.୨ | ୧୬.୩ |
| ସୋନପୁର | ୨୭.୮ | ୧୩.୪ |
| ଦାରିଙ୍ଗବାଡ଼ି | ୨୪.୦ | - |
| ନୟାଗଡ଼ | ୨୪.୦ | ୧୨.୪ |
| ବୌଦ୍ଧ | ୨୪.୦ | ୧୩.୦ |
| ଛତ୍ରପୁର | ୨୬.୩ | ୧୫.୮ |
| ପାରଳାଖେମୁଣ୍ଡି | ୩୦.୦ | ୧୫.୦ |
| ରାୟଗଡ଼ା | ୨୭.୬ | ୧୩.୪ |
| ଭଦ୍ରକ | ୨୬.୫ | ୧୦.୫ |
| ଯାଜପୁର | ୨୫.୮ | ୧୦.୮ |
| ଢେଙ୍କାନାଳ | ୨୭.୨ | ୧୧.୯ |
| ବରଗଡ଼ | ୨୮.୦ | ୧୪.୪ |
| ଦେଓଗଡ଼ | ୨୮.୦ | ୧୩.୦ |
| ନୂଆପଡ଼ା | ୩୦.୦ | ୧୩.୦ |
| ନବରଙ୍ଗପୁର | ୨୯.୫ | ୧୨.୦ |
| ଖୋର୍ଦ୍ଧା | ୨୭.୦ | ୧୫.୦ |
| ଜଗତସିଂହପୁର | - | ୧୨.୬ |
| କେନ୍ଦ୍ରାପଡ଼ା | ୨୭.୨ | ୧୨.୪ |
| ରାଉରକେଲା | ୨୫.୭ | ୧୦.୦ |

# ଛାତରୁ ପଡ଼ି ଦେଢ଼ବର୍ଷର ଶିଶୁ ମୃତ

**କାମାକ୍ଷାନଗର, ୧୨।୧(ସମିସ):** କାମାକ୍ଷାନଗର ଥାନା ଖୋକସା ଗାଁରେ ଛାତରୁ ଖସି ଜଣେ ଦେଢ଼ବର୍ଷର ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲା, ଗ୍ରାମର ଶୁଭେନ୍ଦୁ ସ୍ୱାଇଁଙ୍କ ପୁଅ ରୁଦ୍ରାଂଶୁ ସ୍ୱାଇଁ। ସେ ଘର ଛାତ ଉପରେ ଖେଳୁଥିବା ବେଳେ ପରିବାରର ଅନ୍ୟ କେତେଜଣ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ତେବେ ଅସାବଧାନାବଶତଃ ସେ ଛାତରୁ ତଳକୁ ଖସି ପଡ଼ିଥିଲା। ପରିବାରଲୋକେ ତାକୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

# ୧୪ ପର୍ଯ୍ୟନ୍ତ କଲବଲ କରିବ କୁହୁଡ଼ି

**ଭୁବନେଶ୍ୱର, ୧୨।୧(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଜାରି ରହିଛି। ଶୀତ ସାଙ୍ଗକୁ କୁହୁଡ଼ି ଯୋଗୁଁ ଲୋକେ କଲବଲ ହେଉଛନ୍ତି। ଯଦିଓ ଆସନ୍ତା ୨-୩ ଦିନ ମଧ୍ୟରେ କିଛି ମାତ୍ରାରେ ତାପମାତ୍ରା ହ୍ରାସ ପାଇବ, ହେଲେ ଘନ କୁହୁଡ଼ି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଆଜିଠାରୁ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଘନ କୁହୁଡ଼ି ଆଶଙ୍କା କରି ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି। ଏହି ସ୍ଥିତି ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡ଼ିଛି। ବିଶେଷକରି ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ ଓ କୋରାପୁଟ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ୫୦ମିଟରର ତଳକୁ ଖସିଆସିବ ବୋଲି ଅନୁମାନ କରପାଯାଉଛି। କିଛି ସ୍ଥାନରେ ଜିରୋ ଭିଜିବିଲିଟି ଅବସ୍ଥା ସୃଷ୍ଟି ହୋଇପାରେ ବୋଲି ମଧ୍ୟ ପାଣିପାଗ କେନ୍ଦ୍ର କହିଛି। ଏହାସହ ଝାରସୁଗୁଡା, ପୁରୀ, ସମ୍ବଲପୁର, କଳାହାଣ୍ଡି, ଯାଜପୁର, ଭଦ୍ରକ, ଗଞ୍ଜାମ, ଗଜପତି, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ାରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଅନୁଭୂତ ହେବା ନେଇ ପୂର୍ବାନୁମାନ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଘନ କୁହୁଡ଼ି ଯୋଗୁଁ ପରିବହନ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଥିପାଇଁ ରାତି ୨ଟାରୁ ସକାଳ ୧୦ଟା ମଧ୍ୟରେ ଘାଟି ରାସ୍ତା ଓ ଦୁର୍ଘଟଣାପ୍ରବଣ ଜୋନ୍ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଛି।

ଅନ୍ୟପଟେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାପମାତ୍ରା ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସମୟରେ ଅଧିକାଂଶ ଜିଲ୍ଲାରେ ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ। ଫଳରେ ତାପମାତ୍ରା ଉପରମୁହାଁ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

# ଓଡ଼ିଶାରେ ନିଆଁ ଲଗାଇ ପୁଣି ବିଜେପିରେ ରଘୁବର

**ଭୁବନେଶ୍ୱର, ୧୨।୧ (ସମିସ):** ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କୁ ନେଇ ରାଜ୍ୟର ରାଜନୈତିକ ପାରା ପୁଣି ଉପରକୁ ଉଠିଛି। ୨୦୨୩ ଅକ୍ଟୋବର ୩୧ ତାରିଖରେ ଓଡ଼ିଶାର ରାଜ୍ୟପାଳ ଆସନରେ ବସିଥିବା ରଘୁବରଙ୍କୁ ୨୦୨୫ ଜାନୁଆରୀ ୨ ତାରିଖରେ ରାଷ୍ଟ୍ରପତି ଅପସାରିତ କରିଥିଲେ। ନିଜ କାର୍ଯ୍ୟକାଳରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇ ପଡ଼ିଥିବା ରଘୁବର ନିଜଆଡ଼ୁ ଇସ୍ତଫା ଦେଇଥିଲେ କି ତାଙ୍କୁ ଇସ୍ତଫା ଦେବାପାଇଁ ଦଳ ପକ୍ଷରୁ କୁହାଯାଇଥିଲା, ତାହା ଏବେ ବି ଅସମାହିତ ପ୍ରଶ୍ନ ହୋଇ ରହିଯାଇଛି। ଏପରି ସ୍ଥଳେ ଗତ ୧୦ ତାରିଖରେ ସେ ପୁଣି ବିଜେପିର ସଦସ୍ୟତା ଗ୍ରହଣ କରିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ବିଜେପିରେ ରଘୁବରଙ୍କ ପୁନଃ ଯୋଗଦାନ ଝାଡ଼ଖଣ୍ଡ ବିଜେପିରେ ଯେତିକି ଅସ୍ୱସ୍ତି ସୃଷ୍ଟି କରିଛି; ଓଡ଼ିଶା ବିଜେପିକୁ ସେତିକି ହରଡ଼ଘଣାରେ ପକାଇଛି। ନିଜ କାର୍ଯ୍ୟକାଳ ମଧ୍ୟରେ ଅତ୍ୟନ୍ତ ବିବାଦୀୟ ହୋଇ ପଡ଼ିଥିବା ତତ୍କାଳୀନ ରାଜ୍ୟପାଳ ରଘୁବରଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ରାଜ୍ୟ ସରକାରଙ୍କ ପାଇଁ ମଧ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

ତତ୍କାଳୀନ ବିଜେପି ଉପସଭାପତି ରଘୁବର ଦାସ ଓଡ଼ିଶାର ରାଜ୍ୟପାଳ ରୂପେ ନିଯୁକ୍ତି ପାଇବା ପରେ ଦଳରୁ ଇସ୍ତଫା ଦେଇଥିଲେ। ଏବେ ରାଜ୍ୟପାଳ ପଦରୁ ହଟିବା ପରେ ପୁନର୍ବାର ସେ ବିଜେପିରେ ଯୋଗ ଦେଇଛନ୍ତି। ତେଣୁ ଓଡ଼ିଶାରେ ତାଙ୍କର ନିଯୁକ୍ତିକୁ ସନ୍ଦେହ ଚକ୍ଷୁରେ ଦେଖିବାରେ କୌଣସି ଅସ୍ୱାଭାବିକତା ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଓଡ଼ିଶାରେ ନିଯୁକ୍ତି ଦିଆଯାଇଥିଲା ଏବଂ ସାଧାରଣ ନିର୍ବାଚନ ପରେ ପୁଣି ସେ ତାଙ୍କ ପୂର୍ବ ରାଜନୈତିକ ଦଳର ସଦସ୍ୟତା ଗ୍ରହଣ କରି ନିଜ ଦଳୀୟ ଆନୁଗତ୍ୟକୁ ପ୍ରମାଣିତ କରିଛନ୍ତି ବୋଲି ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ପ୍ରତିକ୍ରିୟା ରଖିଛନ୍ତି। କ୍ଷମତା ପାଇଁ ବିଜେପି ଗଣତନ୍ତ୍ରକୁ ହତ୍ୟା କରିବାକୁ ସାମାନ୍ୟତମ କୁଣ୍ଠାବୋଧ କରେ ନାହିଁ ଓ ରାଜ୍ୟପାଳ ରୂପେ ନିଯୁକ୍ତି ପାଇଥିବା ରଘୁବର ଦଳୀୟ ଆନୁଗତ୍ୟ ବଜାୟ ରଖିବାକୁ ନିଜ ପଦର ଗରିମାକୁ ଭୁଲିଗଲେ ବୋଲି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।



**ହରଡ଼ଘଣାରେ ବିଜେପି, ଅଡୁଆରେ ରାଜ୍ୟ ସରକାର**

**ଲୋକପ୍ରିୟ ନୁହନ୍ତି, ବିବାଦୀୟ ରାଜ୍ୟପାଳ: ଅରୁଣ**

**ରାଜ୍ୟପାଳ ପଦର ଗରିମା କ୍ଷୁଣ୍ଣ କରିଥିଲେ: ପଞ୍ଚାନନ**

**ଏଭଳି ରାଜ୍ୟପାଳ ଗଣତନ୍ତ୍ର ପାଇଁ ବିପଦ: ରେଡ୍ଡି**

ବିଜେଡିର ବରିଷ୍ଠ ନେତା ଡଃ ଅରୁଣ ସାହୁ କହିଛନ୍ତି ଯେ ପଦବୀରେ ଥିବାବେଳେ ରଘୁବର ଦାସ ରାଜ୍ୟପାଳ ପଦର ମର୍ଯ୍ୟାଦା ରଖିଲେ ନାହିଁ। ବିଜେପିର ଏଜେଣ୍ଟ ରୂପେ କାମ କଲେ, ରାଜଭବନକୁ ନିର୍ବାଚନୀ ନିୟନ୍ତ୍ରଣ କକ୍ଷରେ ପରିଣତ କଲେ। ଜଣେ କର୍ତ୍ତବ୍ୟରତ ସରକାରୀ ଅଧିକାରୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ନିଜ ପୁଅକୁ ସୁରକ୍ଷା ଦେଲେ। ଆଉ ଏବେ ପଦରୁ ଗାଦିଚ୍ୟୁତ ହେବା ପରେ ଗଣମାଧ୍ୟମ ଆଗରେ ଲୋକସେବା କଥା କହି ପ୍ରବଚନ ଦେଉଛନ୍ତି। ବିଦାୟୀ ରାଜ୍ୟପାଳଙ୍କୁ ରାଜ୍ୟ ବିଜେପି ଲୋକପ୍ରିୟ ରାଜ୍ୟପାଳ ବୋଲି ଚିତ୍ରଣ କରୁଛି। ଯଦି ସେ ପ୍ରକୃତରେ ଲୋକପ୍ରିୟ ରାଜ୍ୟପାଳ ଥିଲେ ତା ହେଲେ ତାଙ୍କୁ ହଠାତ୍ କାହିଁକି ବିଦା କରାଗଲା ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଯେ ଜଣେ ଲୋକ କୌଣସି ଅପରାଧ କଲେ ଆଇନ ଅନୁସାରେ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଏ। ରାଜ୍ୟପାଳଙ୍କ ପୁଅ ତାଙ୍କ ଅଫିସରେ କାର୍ଯ୍ୟ କରୁଥିବା ଜଣେ ସରକାରୀ ଅଧିକାରୀ (ଏଏସଓ)ଙ୍କୁ ମାଡ଼ ମାରି ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ୍ୟ କଲେ। ସେ ଅଧିକାରୀ ନ୍ୟାୟ ପାଇଁ ପୁଲିସର ଦ୍ୱାରସ୍ଥ ହେଲେ; ମାତ୍ର ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ନିଜେ ଓଡ଼ିଆ ଅସ୍ମିତାକୁ ଭୂଲୁଣ୍ଠିତ କଲେ। ଅଭିଯୋଗର ସମାଧାନ ପାଇଁ ରାଜ୍ୟପାଳଙ୍କ କ୍ଷମତା ନ ଥିବାବେଳେ ସେ ରାଜ୍ୟଯାକ ବୁଲି କି ଅଭିଯୋଗ ଶୁଣୁଥିଲେ? ସତ କଥା ହେଲା, ସେ ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ ଚିନ୍ତିତ ନଥିଲେ ବରଂ ତତ୍କାଳୀନ ସରକାର ବିରୋଧରେ ପ୍ରଚାର କରୁଥିଲେ। ରାଜ୍ୟର ଲୋକପ୍ରିୟ ସରକାରଙ୍କୁ ବଦନାମ କରିବାକୁ ତତ୍କାଳୀନ ରାଜ୍ୟପାଳ ରଘୁବରଙ୍କ କାର୍ଯ୍ୟ ସାରା ଦେଶରେ ସମ୍ଭବତଃ ବିରଳ ଘଟଣା। ରାଜ୍ୟପାଳ ଭାବରେ ରଘୁବର ଯେଉଁସବୁ ଲୋକଙ୍କ ପାଖରୁ ଆଣିଥିଲେ, ସେଥିରୁ କେତେଗୁଡିଏ ସେ ବିଜେପି ସରକାରଙ୍କ ସମୟରେ ସମାଧାନ କରିଛନ୍ତି, ତାହା ସରକାର ଓ ବିଜେପି ହିସାବ ଦେବା କଥା ବୋଲି ଅରୁଣ କହିଛନ୍ତି।


ଓଡ଼ିଶା ରାଜ୍ୟପାଳ ପଦରୁ ଇସ୍ତଫା ଦେଇ ପୁଣି ବିଜେପିରେ ମିଶିଥିବା ରଘୁବର ଦାସଙ୍କୁ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ରଘୁବର ଦାସ ବିଜେପିରେ ଥିଲେ, ବିଜେପିକୁ ଗଲେ। ନିଜ ବୋହୂଙ୍କୁ ବିଜେପିରୁ ନିର୍ବାଚନ ଲଢେଇ ପ୍ରଚାର ବି କଲେ। ଓଡ଼ିଶା ଆସିଥିଲେ ବିଜେପି କାମ ପାଇଁ କରିବାକୁ। ବିଜେପିକୁ ଯିବା କିଛି ଆଶ୍ଚର୍ଯ୍ୟଜନକ କଥା ନୁହେଁ। ଏହା ସମ୍ବିଧାନ ପାଇଁ ଶୁଭଙ୍କର ନୁହେଁ। ରାଜ୍ୟପାଳ ବିଜେପି ସରକାରଙ୍କ ଏଜେଣ୍ଟ ଭାବେ କାମ କରୁଥିବା ଅଭିଯୋଗରେ ସତ୍ୟତା ରହିଛି।

ସେହିପରି ସିପିଆଇ ନେତା ନାରାୟଣ ରେଡ୍ଡି ମଧ୍ୟ ରଘୁବର ଦାସଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଦୁର୍ନୀତିରେ ଛନ୍ଦି ହୋଇଥିଲେ ରଘୁବର ଦାସ। ପରାଜୟ ପରେ ତାଙ୍କୁ ଓଡ଼ିଶା ରାଜ୍ୟପାଳ କରାଗଲା। ତାଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିଲେ, ହେଲେ କିଛି କାର୍ଯ୍ୟାନୁଷ୍ଠାନ ହେଲାନି। ନିଜ ବୋହୂ ପାଇଁ ନିର୍ବାଚନ ପ୍ରଚାର ବି କଲେ। ଏବେ ପୁଣି ବିଜେପିରେ ମିଶିଲେ। ଏମାନେ ନିଜ ପଦର ସାଧୁତା ରଖି ନାହାନ୍ତି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି ଯେ ରାଜ୍ୟପାଳଙ୍କ ପଦବୀ ରାଜନୀତି ଠାରୁ ଢ଼େର ଉର୍ଦ୍ଧ୍ୱରେ। ହେଲେ ସେ ରାଜନୀତି ପାଇଁ ପଦ ମର୍ଯ୍ୟାଦା ଭୁଲି ଯାଇଥିଲେ। ପୂର୍ବତନ ରାଜ୍ୟପାଳ ବିଜେପିର ଜଣେ ରାଜନୈତିକ ଏଜେଣ୍ଟ ଭାବେ କାମ କରୁଥିଲେ। ନିର୍ବାଚନ ସମୟରେ ରାଜଭବନକୁ ଦଳୀୟ ନିୟନ୍ତ୍ରଣ କକ୍ଷରେ ପରିଣତ କରିଥିଲେ। ରାଜ୍ୟପାଳ ପଦ ଯିବା ପରେ ଲୋକଙ୍କ ସେବା ପାଇଁ ଜିଲ୍ଲା ବୁଲୁଥିଲେ ବୋଲି ଗଣମାଧ୍ୟମରେ ଟିପ୍ପଣୀ ଗ୍ରହଣୀୟ ନୁହେଁ ବୋଲି ସାରଦା କହିଛନ୍ତି।

■ ସହଦେବ ହତ୍ୟାକାଣ୍ଡ....

# ଅଭିଯୁକ୍ତ ସୁଶାନ୍ତ ରାଜ୍ୟ ବାହାରକୁ ଚମ୍ପଟ୍!

**ଭୁବନେଶ୍ୱର,୧୨ ।୧(ସମିସ):** ପୁଲିସ ମିତ୍ର ସହଦେବ ନାୟକ ହତ୍ୟା ଘଟଣା ୪ଦିନ ବିତିଛି । ମାତ୍ର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତକୁ ଧରିବାରେ ସଫଳ ହୋଇପାରି ନାହିଁ ପୁଲିସ । ସେ ରାଜ୍ୟ ବାହାରକୁ ଚାଲି ଯାଇଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି । ତାକୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି ବୋଲି ପୁଲିସ ସୂଚନା ଦେଇଛି । ଅନ୍ୟପକ୍ଷରେ ଫେରାର ଥିବା ହତ୍ୟାକାଣ୍ଡର ଅନ୍ୟତମ ମୁଖ୍ୟ ନାୟିକା ଲେଡି ଡ଼ନ୍ ଓ ତାଙ୍କ ପୁଅକୁ ସୁରକ୍ଷା ଦେବାକୁ ଏକ ରାଜଧାନୀର ନିର୍ଦ୍ଦିଷ୍ଟ



ରାଜନୈତିକ ଦଳର ନେତା ଭରପୁର ପ୍ରୟାସ କରୁଥିବା ଓ ମା'-ପୁଅଙ୍କୁ ବଞ୍ଚାଇବା ପାଇଁ ପୁଲିସ ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ରାଜନେତାଙ୍କ ଛତ୍ରଛାୟାରେ ମା' ଓ ପୁଅ ରହି ବସ୍ତିରେ ରାଜୁତି ଚଳାଇଥିଲେ । ବିଶେଷକରି ସହଦେବ ସଫେଇ କର୍ମଚାରୀଙ୍କ ନେତୃତ୍ୱ ନେଉଥିବା ବେଳେ ଏହାକୁ ମା' ପୁଅ ଏବଂ ସମ୍ପୃକ୍ତ ରାଜନେତା ସହ୍ୟ କରିପାରୁନଥିଲେ । ସଫେଇ କର୍ମଚାରୀଙ୍କ ନେତୃତ୍ୱକୁ ନେଇ ଛକାପଞ୍ଝା ଭିତରେ ସୁକଳ୍ପିତ ଷଡଯନ୍ତ୍ରକାରୀ ରଚାଯାଇଥିଲା । ସହଦେବଙ୍କୁ ରାସ୍ତାରୁ ହଟାଇ ନିଜେ ନେତୃତ୍ୱ ନେବା ଲାଗି ରଚା ଯାଇଥିବା ଷଡଯନ୍ତ୍ରରେ ଅଭିଯୁକ୍ତମାନେ ସଫଳ ହୋଇଥିବା କୁହାଯାଉଛି ।

କମିସନରେଟ ପୁଲିସର ମନ୍ଥର ତଦନ୍ତ ଏବଂ ମୁଖ୍ୟ ଷଡଯନ୍ତ୍ରକାରୀ ମା' ଓ ପୁଅଙ୍କୁ ଗିରଫ କରିବାରେ ପୁଲିସର ଅବହେଳାକୁ

## ପ୍ରଭାବଶାଳୀଙ୍କ ଛତ୍ରଛାୟାରେ ପୁଅ ସହ ଲେଡି ଡନ୍

ନେଇ ମୃତ ସହଦେବଙ୍କ ପତ୍ନୀ ସୁନୀତା ନାୟକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ବ୍ରାଉନସୁଗର ମାଫିଆ ରମା ନାୟକ ହତ୍ୟାକାଣ୍ଡର ମୁଖ୍ୟ ଖଳନାୟିକା । ନିଜ ପୁଅ ନିଲୁ ସହ ମିଶି ସ୍ୱାମୀକୁ ହତ୍ୟା କରିବାକୁ ଯୋଜନା କରିଥିଲେ । ତାଙ୍କୁ ଏଥିରେ ସୁଶାନ୍ତ ସହଯୋଗ କରିଥିଲେ । ଏହି ୩ଜଣ ଏବେ ଫେରାର ଅଛନ୍ତି । ପୁଲିସ ଯେଉଁ ୫ ଜଣଙ୍କୁ ଗିରଫ କରିଛି, ସେମାନେ ରମା ପାଇଁ କାମ କରନ୍ତି । ରମା ଓ ନିଲୁ ବସ୍ତିରେ ବ୍ରାଉନସୁଗର କାରବାର କରୁଥିବା ବେଳେ ଏହାକୁ ତାଙ୍କ ସ୍ୱାମୀ ସହଦେବ ବିରୋଧ କରୁଥିଲେ । ପୂର୍ବରୁ ହତ୍ୟା କରିବାକୁ ଅଭିଯୁକ୍ତମାନେ ଧମକ ଦେଇଥିଲେ । ମୋ ସ୍ୱାମୀ ପୁଲିସ ମିତ୍ର ସାଜି ପୁଲିସ ପାଇଁ କାମ କରୁଥିଲା, କିନ୍ତୁ ପୁଲିସ ମୋ ସ୍ୱାମୀକୁ ସୁରକ୍ଷା ଦେଇ ପାରିଲା ନାହିଁ । ରମା ନାୟକ ନିଜକୁ ବସ୍ତିର ଲେଡ଼ି ଡ଼ନ୍ ଭାବରେ ପରିଚୟ ଦେବାସହ ବସ୍ତିରେ ବ୍ରାଉନସୁଗର ଓ ସୁଧ କାରବାର କରେ । ୨୦% ସୁଧରେ ଟଙ୍କା ଦିଏ, ସେ ହିଁ ଉକ୍ତ ବସ୍ତିରେ ପ୍ରଥମେ ବ୍ରାଉନସୁଗର କାରବାର ଆରମ୍ଭ କରିଥିଲା । ରମାଙ୍କ ପୁଅ ଉକ୍ତ ବସ୍ତିରେ ଭାଇଗିରି ଦେଖାଇବା ସହ ପତିଆରା ଦେଖାଉଥିଲା । ପୂର୍ବରୁ ସେ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା, ସେଠାରୁ ମୁକୁଳି ବସ୍ତିରେ ଭାଇଗିରି ଦେଖାଉଥିଲା ବୋଲି ଅଭିଯୋଗ ହୋଇଛି ।

ଅନ୍ୟପକ୍ଷରେ ଗତ ନଭେମ୍ବର ମାସ ସହଦେବଙ୍କ ଘରେ ଘଟିଥିବା ଘଟଣାରେ ସମ୍ପୃକ୍ତ ସ୍କ୍ୱାଡ଼ କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି । ଏହି ବ୍ୟକ୍ତିମାନେ ସହଦେବଙ୍କ ଘରେ ପଶି ଡ୍ରଗ୍ ଖୋଜିବା ଆଳରେ ଘରେ ବ୍ରାଉନସୁଗର ରଖି ତାଙ୍କୁ ଫସାଇବାକୁ ଚେଷ୍ଟା କରିଥିଲେ । ତେବେ ସିସିଟିଭିରେ ଏହି ଦୃଶ୍ୟ କଏଦ ହେବା ଭୟରେ ସେମାନେ ଫେରି ଯାଇଥିଲେ । ସହଦେବଙ୍କ ହତ୍ୟା ଘଟଣାରେ ସେମାନଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପୃକ୍ତି ଥିବା ତାଙ୍କ ପରିବାର ଅଭିଯୋଗ କରିଛନ୍ତି । କାହା ପ୍ରରୋଚନାରେ ସମ୍ପୃକ୍ତ ସ୍କ୍ୱାଡ଼ କର୍ମଚାରୀ ଏହି କାର୍ଯ୍ୟ କରିଥିଲେ ତାହାର ତଦନ୍ତ ପାଇଁ ମଧ୍ୟ ପରିବାର ଦାବି କରିଛନ୍ତି । ସହଦେବଙ୍କ ହତ୍ୟା ପରେ ଏବେ ବି ବସ୍ତିରେ ଚାପା ଉତ୍ତେଜନା ଲାଗି ରହିଛି । କୌଣସି ଅପ୍ରୀତିକର ପରିସ୍ଥିତି ଏଡେଇବା ଲାଗି ବସ୍ତିରେ ପୁଲିସ ଅସ୍ଥାୟୀ ଶିବିର କରି ଜଗି ରହିଛି ।



ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବର ୧୦ମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଅତିଥି ଭାବେ ଯୋଗ ଦେଇଛନ୍ତି

## ପିକ୍‌ଅପ୍ ଭ୍ୟାନ୍-ବାଇକ ଧକ୍କା; ୨ ମୃତ

**କାମାକ୍ଷାନଗର, ୧୨ ।୧(ସମିସ):** କାମାକ୍ଷାନଗର-କଙ୍କଡ଼ାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର କଙ୍କଡ଼ାହାଡ଼ ଥାନା ତିଲେଇବେରେଣୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, କଣ୍ଟାପଳର ମଣ୍ଟୁ ନାଏକ ଓ ଡାଙ୍ଗପାଳର ଗୋପନ ନାଏକ । ଏମାନେ ସମ୍ପର୍କରେ ଶଳା-ଭିଣୋଇ ବୋଲି ଜଣାପଡ଼ିଛି । ସୂଚନାନୁସାରେ, ମଣ୍ଟୁ ଓ ଗୋପନ ବାଇକ୍‌ରେ ଟାଟା ମାଇନ୍ସରୁ ଫେରୁଥିଲେ । ତିଲେଇବେରେଣୀ ନିକଟ ବୁଲାଣିରେ ବାଇକ୍ ଚାଳକ ଭାରସାମ୍ୟ ହରାଇବାରୁ ସାମ୍ନାରୁ ଆସୁଥିବା ପିକଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲେ । ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ଅପରପକ୍ଷେ, ବାଇକ୍ ସହ ଧକ୍କା ହୋଇ ପିକ-ଅପ୍ ଭ୍ୟାନ୍ ମଧ୍ୟ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଥିଲା । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ପିକଅପ ଭ୍ୟାନ ଓ ବାଇକ ଜବତ କରିଛି । ଏ ନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ଦୁଇ ଭାରତୀୟ ଭାଷାକୁ ଅନୁବାଦ ସଂଯୋଗ କରୁ: ଜେରି ପିଣ୍ଟୋ




**ଭୁବନେଶ୍ୱର,୧୨।୧(ସମିସ):** କେନ୍ଦ୍ର ସାହିତ୍ୟ ଅକାଦେମିର ଯୁବ ପୁରସ୍କାର ସମାରୋହ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି । ସାହିତ୍ୟ ଅକାଦେମିର ସଭାପତି ତଥା ବିଶିଷ୍ଟ କବି ଡକ୍ଟର ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ୨୨ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯାଇଛି ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୁପରିଚିତ ଇଂରାଜୀ କବି ଜେରି ପିଣ୍ଟୋ ଯୋଗ ଦେଇ କହିଛନ୍ତି ଯେ ଅନୁବାଦ ହେଉଛି ଏକ ସେତୁ । ଏହି ସେତୁ ଇଂରାଜୀ ଭାଷା ପଥ ଦେଇ ଯିବା ପରିବର୍ତ୍ତେ ସିଧାସଳଖ ଦୁଇଟି ଭାଷାକୁ ଯୋଡ଼ିବା ଉଚିତ । ଲେଖାଲେଖି ଆରମ୍ଭ କରିବାର କୌଣସି ବୟସ ନାହିଁ । ଲେଖିବା ସହିତ ପଢ଼ିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଏଥିସହିତ ସାହିତ୍ୟ ଏକ ବରଦାନ ତଥା ବିଶେଷାଧିକାର ବୋଲି ସେ କହିଛନ୍ତି ।

ଡ଼. କୌଶିକ କହିଛନ୍ତି ଯେ ଯୁବ ଲେଖକ ହେଉଛନ୍ତି ଗୋଟିଏ ଭାଷାର ସେନାପତି । ଭବିଷ୍ୟତ କଥା ଚିନ୍ତା କରି ସେମାନଙ୍କୁ ଲେଖାର ସ୍ୱରୂପ ଗଢ଼ିବାକୁ ପଡ଼େ । ଯେ ପର୍ଯ୍ୟନ୍ତ ମାନବ ସଭ୍ୟତା ତିଷ୍ଠି ରହିଛି, ଅଗ୍ରଗତି କରୁଛି, ସେ ପର୍ଯ୍ୟନ୍ତ ଲେଖକ ଅଟକିବ ନାହିଁ ।

## ୨୨ ଯୁବ ଲେଖକଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର

ବିବିଧତା ଭାରତର ଏମିତି ଏକ ବୈଭବ, ଯାହା ପୃଥିବୀର ଅନ୍ୟ କେଉଁଠି ଦେଖାଯାଏ ନାହିଁ । ସମଗ୍ର ୟୁରୋପ ମହାଦେଶ ମାତ୍ର ୫-୬ଟି ଭାଷାକୁ ନେଇ ଚାଲୁଥିବା ବେଳେ ଭାରତ ୨୪ଟି ଭାଷାର ଶକ୍ତି ସହ ଅଗ୍ରଗତି କରୁଛି ବୋଲି ଶ୍ରୀ କୌଶିକ କହିଛନ୍ତି ।

ସାହିତ୍ୟ ଅକାଦେମିର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରି କହିଛନ୍ତି ଯେ ପୃଥିବୀର ଯେକୌଣସି ଦେଶର ଭାଷା ଓ ସାହିତ୍ୟର ଧ୍ୱଜାଧାରୀ ହେଉଛନ୍ତି ସେ ଦେଶର ଯୁବ ଲେଖକ । ଭାରତର ଅଗ୍ରଣୀ ସାହିତ୍ୟିକ ଅନୁଷ୍ଠାନ ସାହିତ୍ୟ ଅକାଦେମି ଯୁବ ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କରିଆସୁଛି; ଯାହା ମଧ୍ୟରେ ଯୁବ ପୁରସ୍କାର ଅନ୍ୟତମ ବୋଲି ଡଃ ରାଓ କହିଛନ୍ତି ।

ଅକାଦେମିର ଉପସଭାପତି ପ୍ରଫେସର କୁମୁଦ ଶର୍ମା ସମାପନୀ ବକ୍ତବ୍ୟ ରଖି କହିଥିଲେ ଯେ ଯୁବ ଲେଖକଙ୍କୁ ଉପଦେଶ ଦେବା ଉଚିତ କି ନାହିଁ, ତାହା ଦ୍ୱନ୍ଦ୍ୱର ବିଷୟ । ଜଣେ କଳାକାର ଭବିଷ୍ୟତ ଦେଖିପାରେ, ଆଗାମୀ ଦିନର ଯାତନାକୁ ସେ ପୂର୍ବାନୁମାନ କରିପାରେ । ଯୁବ ଲେଖକଙ୍କୁ ନୁହେଁ; ସେମାନଙ୍କ କଠିନ ପରିଶ୍ରମକୁ ଏହି ପୁରସ୍କାର ମିଳିଛି ବୋଲି ପ୍ରଫେସର ଶର୍ମା କହିଥିଲେ । ଉତ୍ସବରେ ଓଡ଼ିଆ ଯୁବ ଲେଖକ ସଞ୍ଜୟ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ଭାଷାର ଯୁବ ଲେଖକଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥ ରାଶି ଓ ତାମ୍ର ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

# ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

**ପୁରୀ,୧୨।୧(ସମିସ):** ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ । ଗୌରବ କୁମାର ସାହୁ ନାମକ ଜଣେ ଯୁବକ ମନ୍ଦିର ଭିତରେ ଫଟୋ ଉଠାଇ ଏହାକୁ ଭାଇରାଲ କରିଛନ୍ତି । ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି । ଶ୍ରୀମନ୍ଦିର ଭିତରେ ଫଟୋ, ଭିଡ଼ିଓ ଉଠାଇବା ଉପରେ କଟକଣା ରହିଛି । ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି । ବାହାରେ ବୁଲୁଛି ଶ୍ରୀମନ୍ଦିର ଭିତର ଫଟୋ । ଗୌରବ କୁମାର ସାହୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଏହି ଫଟୋ ଶ୍ରୀମନ୍ଦିର ଭିତର ବେଢାରୁ ଉଠାଇଛନ୍ତି । ଏହି ଫଟୋରେ କୀର୍ତ୍ତନ ଚକଡ଼ା, ଘଣ୍ଟି ଦ୍ୱାର ଆଦି ସ୍ପଷ୍ଟ ଭାବେ ରହିଛି । ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ଥିବା ବେଳେ କିପରି ଏହି ଫଟୋ ଉଠିଲା ତାହାର ତଦନ୍ତ ପାଇଁ ଦାବି ହୋଇଛି । ନିକଟରେ ରାଜା ଶେଖର ନାମକ ଜଣେ ଯୁବକ ମନ୍ଦିର ଭିତରେ ନିଜର ସେଲ୍‌ଫି ଉଠାଇ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ କରିଥିଲେ । ତାଙ୍କ ପୂର୍ବରୁ ନିଖିଲ ଗିରି ନାମକ ଜଣେ ଯୁବକ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ନିଜ ସୋସିଆଲ ମିଡ଼ିଆ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ । ଆନନ୍ଦ ବଜାରର ପ୍ରବେଶ ପଥରେ ଏହା ଉଠାଯାଇଥିବା ବେଳେ ସେଥିରେ ଶ୍ରୀମନ୍ଦିରର ସମ୍ପୂର୍ଣ୍ଣ ଫଟୋ ରହିଥିଲା ।

## ଦରଦାମ୍ ବିରୋଧରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରନ୍ତୁ: ବ୍ୟବସାୟୀ ମହାସଂଘ

**ଭୁବନେଶ୍ୱର, ୧୨।୧(ସମିସ):** ଦରଦାମ୍ ନିୟନ୍ତ୍ରଣ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ରାଜ୍ୟ ବ୍ୟବସାୟୀ ମହାସଂଘ ଆହ୍ୱାନ ଦେଇଛି । ସଂଘ କହିଛି, ସରକାର ଯଦି ଦାୟିତ୍ୱ ଠିକ୍ ଭାବେ ତୁଲାଇବେ ନାହିଁ, ତା'ର ଉତ୍ତର ଜନସାଧାରଣ ଦେବେ । ଖୁଚୁରା ଦୋକାନରେ ଆଳୁ ଦର ମନଇଚ୍ଛା ବିକ୍ରି ହେବା ପାଇଁ ସରକାର ଦାୟୀ । ସରକାର କାହିଁକି ଏହା ନିୟନ୍ତ୍ରଣ କରିପାରୁନାହାନ୍ତି ବୋଲି ମହାସଂଘ ମହାସଚିବ ସୁଧାକର ପଣ୍ଡା ପ୍ରଶ୍ନ କରିଛନ୍ତି । ସରକାର ଏ ନେଇ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରନ୍ତୁ ଓ କେଉଁ ସାମଗ୍ରୀ, କେତେ ଦରରେ ବିକ୍ରି ହେବ, ଲୋକଙ୍କୁ ଜଣାନ୍ତୁ । ଯେଉଁମାନେ ଅଧିକ ଦରରେ ବିକୁଛନ୍ତି, ସେମାନଙ୍କ ଉପରେ ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମହାସଂଘ ଦାବି କରିଛି । ଶ୍ରୀ ପଣ୍ଡା ଆହୁରି କହିଛନ୍ତି, ଆସନ୍ତା ୧୯ ତାରିଖରେ ଦକ୍ଷିଣ ଓଡ଼ିଶାରେ ବ୍ୟବସାୟୀ ସଂଘ ବିଶାଳ ସମାବେଶ ଓ ଭବାନୀପାଟଣାରେ ବୈଠକ କରାଯିବ । ବହୁ ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକେ ଏଥିରେ ସାମିଲ ହେବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ମହାକୁମ୍ଭକୁ ଓଡ଼ିଶାର ୪ ସହରରୁ ବସ୍ ସେବା ଆରମ୍ଭ

**ଭୁବନେଶ୍ୱର,୧୨ ।୧(ସମିସ):** ଆସନ୍ତାକାଲି ତାରିଖ (ସୋମବାର)ଠାରୁ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆରମ୍ଭ ହେଉଥିବା ମହାକୁମ୍ଭ ମେଳା ପାଇଁ ଆଜି ଓଡ଼ିଶାର ୪ ସହରରୁ ବସ୍ ସେବା ଆରମ୍ଭ ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ଏହି ବସ୍ ସେବାର ଶୁଭାରମ୍ଭ କରିଛନ୍ତି । ଏହି ବସ୍ ପୁରୀ, ଭବାନୀପାଟଣା, ବ୍ରହ୍ମପୁର ଓ ସମ୍ବଲପୁରରୁ ଯାତ୍ରା କରିଛି । ଏଥିରେ ମହିଳାମାନଙ୍କ ପାଇଁ ୫୦% ରିହାତି ସୁବିଧା ଦିଆଯାଉଛି ।

### ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଚାଲିବ ୭ ସ୍ୱତନ୍ତ୍ର ଟ୍ରେନ୍

ସେହିପରି ଓଡ଼ିଶାରୁ ଏବଂ ଓଡ଼ିଶା ମଧ୍ୟ ଦେଇ ୭ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ପୂର୍ବତଟ ରେଳପଥ ସୂତ୍ରରୁ ହସ୍ତଗତ ସୂଚନା ଅନୁସାରେ, ଭୁବନେଶ୍ୱର-ଟୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭାୟା କଟକ, ଯଖପୁରା, କେନ୍ଦୁଝରଗଡ଼, ନୟାଗଡ଼-ବୋକାରୋ-ଗୟା-ପ୍ରୟାଗରାଜକୁ ଯିବ । ଏହି ଟ୍ରେନ୍ ଜାନୁଆରୀ ୧, ୮, ୨୨ ତାରିଖ ଓ ଫେବ୍ରୁଆରୀ ୫, ୧୯, ୨୬ ତାରିଖରେ ଭୁବନେଶ୍ୱରଠାରୁ ମଧ୍ୟାହ୍ନ ୧୨ଟା ୩୦ରେ ଛାଡ଼ି କେନ୍ଦୁଝରଗଡ଼-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ଟୁଣ୍ଡଲା ଯାତ୍ରା କରିବ । ଟୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ୍‌ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ସେହିପରି ପୁରୀ-ଟୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଖୋର୍ଦ୍ଧା ରୋଡ୍-ଭୁବନେଶ୍ୱର-କଟକ-ଯାଜପୁର କେନ୍ଦୁଝର ରୋଡ୍ -ଭଦ୍ରକ-ବାଲେଶ୍ୱର -ଗୟା-ପ୍ରୟାଗରାଜ ମଧ୍ୟରେ ଜାନୁଆରୀ ୬ ଓ ୨୦ ତାରିଖ ଓ ଫେବ୍ରୁଆରୀ ମାସ ୧୭ ତାରିଖରେ ପୁରୀରୁ ଅପରାହ୍ଣ ୧୨ଟା ୩୦ରେ ଯାତ୍ରା ଆରମ୍ଭ କରିବ । ଟିଟିଲାଗଡ଼-ଟୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ୍ ଭାୟା ବଲାଙ୍ଗିର, ବରଗଡ଼, ସମ୍ବଲପୁର, ଝାରସୁଗୁଡା, ରାଉରକେଲା, ଦେଇ ଡିଡିୟୁ-ପ୍ରୟାଗରାଜକୁ ଯାତ୍ରା କରିବ । ଏହି ଟ୍ରେନ୍ ଜାନୁଆରୀ ୯, ୧୬, ୨୩ ତାରିଖ ଓ ଫେବ୍ରୁଆରୀ ୬, ୨୦, ୨୭ ତାରିଖରେ ଟିଟିଲାଗଡ଼ରୁ ଯାତ୍ରା କରିବ ।

■ ଏମିତି ବି ଆସେ ମୃତ୍ୟୁ...

## ଦୋକାନକୁ ମାଡ଼ିଗଲା କାର୍; ଜଣେ ମୃତ, ୪ ଗୁରୁତର

**ମାହାଙ୍ଗା, ୧୨।୧(ସମିସ):** ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଉମର ପଞ୍ଚାୟତ ଓସ୍ତପୁର ଗ୍ରାମର ନାଳିପଡ଼ିଆ ବଜାରଠାରେ ଆଜି ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣାଗ୍ରସ୍ତ କାର୍‌ଟି ଏକ ଚା' ଦୋକାନ ଉପରକୁ ମାଡ଼ିଯିବା



ସହ ଚା' ଦୋକାନ ସମେତ ଅନ୍ୟ ଦୁଇଟି ଦୋକାନ ବ୍ୟାପକ କ୍ଷତି ଘଟିଥିବା ଜଣାପଡ଼ିଛି ।

ଆଜି ସକାଳ ପ୍ରାୟ ୮ଟାରେ ଏକ ହୁଣ୍ଡାଇ କ୍ରେଟା ଦ୍ରୁତ ଗତିରେ ଆସି ନାଳିପଡ଼ିଆ ବଜାରରେ ଥିବା ମହେନ୍ଦ୍ର ପାତ୍ରଙ୍କ ଚା' ଦୋକାନ ଉପରକୁ ମାଡ଼ି ଯାଇଥିଲା । ଫଳରେ ଦୋକାନରେ ଚା' ପିଉଥିବା ସ୍ଥାନୀୟ ଓସ୍ତପୁର ଗ୍ରାମର ପରମାନନ୍ଦ ସାହୁ(୬୫), ଗୋତରା ଗ୍ରାମର ସେକ୍ ସବୀର ଖାଁ, ରାମକୃଷ୍ଣପୁର ଗ୍ରାମର ଶୁକଦେବ ଦାସ, କାର୍ତ୍ତିକ ଚନ୍ଦ୍ର ସାମଲ ଓ ଚିତ୍ତ ରଞ୍ଜନ ଲେଙ୍କା ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଯାଇଥିଲା । ସେଠାରେ ପରମାନନ୍ଦ ସାହୁ ଓ ସେକ୍ ସବୀର ଖାଁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । କଟକର ଏକ ଘରୋଇ ହସ୍ପିଟାଲରେ ପରମାନନ୍ଦ

### ଚକ୍ଷୁଦାନ କଲେ ମୃତକଙ୍କ ପରିବାର

ସାହୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପରେ ମୃତକ ପରମାନନ୍ଦଙ୍କ କଟକ ବଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହେବା ସହ ତାଙ୍କ ପରିବାରଲୋକଙ୍କ ପକ୍ଷରୁ ତାଙ୍କର ଚକ୍ଷୁ ଦାନ କରାଯାଇଥିବା ଜଣାପଡ଼ିଛି । ଅନ୍ୟତମ ଗୁରୁତର ସବୀର ଖାଁ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି ।

ଅପରପକ୍ଷେ, ଭଦ୍ରେଶ୍ୱର ଥାନା ଆଇଆଇସି ସଂଧ୍ୟାରାଣୀ ସିଂ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ଜବତ କରିବା ସହ ଘଟଣାର ତଦନ୍ତ କରିଛନ୍ତି । ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଭଦ୍ରେଶ୍ୱର ଥାନାରେ ମାମଲା ରୁଜୁ ହୋଇ ନଥିଲା । ମୃତକ ପରମାନନ୍ଦ ସାହୁଙ୍କ ମରଶରୀରକୁ ଏକ ଶୋକାକୁଳ ପରିବେଶରେ ସ୍ଥାନୀୟ ଗାଁ ମଶାଣିରେ ସଂସ୍କାର କରାଯାଇଥିଲା । ଏକମାତ୍ର ପୁତ୍ର ସନ୍ତୋଷ ସାହୁ ମୁଖାଗ୍ନି ଦେଇଥିଲେ ।

# ଇତିହାସ ହୋଇଗଲାଣି 'ମାଟି ତେଲ'

## ନ ହେଲେ କାମ ଚଳୁ ନ ଥିଲା; ଏବେ ଯାଚିଲେ ବି ନେଉନାହାଁନ୍ତି

**ଭୁବନେଶ୍ୱର, ୧୨।୧ (ସମିସ):** ଦିନ ଥିଲା, କିରାସିନି (ମାଟିତେଲ) ନହେଲେ କାମ ଚଳୁନଥିଲା । ଡିବିରି, ଲଣ୍ଠନ ଜାଳିବାଠାରୁ ଆରମ୍ଭ କରି ଷ୍ଟୋଭ୍‌ରେ ରୋଷେଇ ପାଇଁ କିରାସିନି ବ୍ୟବହାର ହେଉଥିଲା । ଏପରିକି, ଗାଁଗାଉଁଲିରେ ବଡ଼ବଡ଼ ଭୋଜିଭାତରେ ବି ଆଲୁଅ ପାଇଁ ବ୍ୟବହାର ହେଉଥିବା



ପେଟ୍ରୋମାକ୍ସ ଲାଇଟ୍ ବିନା କିରାସିନିରେ ଚାଲୁନଥିଲା । ତେଣୁ ଘର ଛାତ କି ଆଟୁ ହେଉ; ସମସ୍ତଙ୍କ ଘରେ ବଡ଼ ବଡ଼ ଜାରକିନ୍‌ରେ କିରାସିନି ଅନ୍ତତଃପକ୍ଷେ ୨-୩ ମାସ ପାଇଁ ଗଚ୍ଛିତ ରହୁଥିଲା । କିନ୍ତୁ ଗତ ୧୦ ବର୍ଷ ଭିତରେ ନିତ୍ୟବ୍ୟବହାର୍ଯ୍ୟ ହେଉଥିବା ଏହି ସାମଗ୍ରୀଟି ଯେମିତି ଦୁନିଆରୁ ନିଖୋଜ ହୋଇଯାଇଛି । ବର୍ତ୍ତମାନ ସମୟରେ ବି ସରକାର ପୂର୍ବଭଳି ହିତାଧିକାରୀଙ୍କ ପାଇଁ କିରାସିନି ଯୋଗାଇ ଦେଉଥିଲେ ହେଁ ଉଭୟ ଯୋଗାଣ ବିଭାଗ ଏବଂ ପିଡିଏସ୍ କେନ୍ଦ୍ରରେ ତାହା ବିକ୍ରି ନହୋଇ ପଡ଼ି ରହୁଛି । ଆଉ, ଯେତିକି କିରାସିନି ଉଠାଣ ହେଉଛି, ସେସବୁ କଳାବଜାର ହେଉଥିବା ଅଭିଯୋଗ ହେଉଛି ।

ସମଗ୍ର ରାଜ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୩ ଲକ୍ଷ ୩ ହଜାର ୪୧୦ ପରିବାରଙ୍କୁ ରାସନ୍ କାର୍ଡ ଦିଆଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା ଯୋଜନାରେ ୩ ଲକ୍ଷ ୨୪ ହଜାର ୩୮୮ ପରିବାରଙ୍କୁ ରାସନ କାର୍ଡ

### ■ ଖୁଚୁରା ଦୋକାନରେ ୮୫, ବଜାରରେ ଶହେ
### ■ ସବ୍‌ସିଡି ହଟିବା ପରଠାରୁ କିଣିବାକୁ କୁଣ୍ଠ କୁଣ୍ଠ

ଯୋଗାଇ ଦିଆଯାଇଛି । ଏହି କାର୍ଡ ପାଇଁ ୧ଲକ୍ଷ ୧୨ ହଜାର ୨୬୪ କିଲୋଲିଟର କିରାସିନି ଆସୁଛି । ଏଥିରୁ ମାତ୍ର ୧୨ରୁ ୧୫ହଜାର ଲିଟର କିରାସିନି ପିଡିଏସ୍ କେନ୍ଦ୍ରରେ ବିକ୍ରି ହେଉଛି । ବାକି କିରାସିନି ବିକ୍ରି ହେଉନଥିବା ବେଳେ ବଡ଼ଧରଣର କଳାବଜାର ହେଉଥିବା ଅଭିଯୋଗ ହେଉଛି । ଏହାକୁ କେହି ଅନୁଧ୍ୟାନ କରୁନଥିବାରୁ ସମସ୍ତଙ୍କ ଅଲକ୍ଷ୍ୟରେ ସରକାରୀ ଦୋକାନରୁ କିରାସିନି ରଙ୍ଗ କାରଖାନା ଓ ବଡ଼ବଡ଼ ଗ୍ୟାରେଜ୍‌କୁ ବେଆଇନ ଚାଲାଣ ହେଉଛି । ଏହା ଉପରେ ସରକାରୀ ଭାବେ ଅନୁସନ୍ଧାନ କରାଗଲେ, ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି । ଲୋକମାନେ ନେଉ ନ ଥିବାରୁ ଆଲଟ୍‌ମେଣ୍ଟଠାରୁ କମ୍ ପରିମାଣରେ ଡିଲରମାନେ ଉଠାଉଛନ୍ତି । ଫଳରେ କଳାବଜାର କରିବାକୁ ଏହା ପରୋକ୍ଷରେ ବଳ ଯୋଗାଉଛି ବୋଲି କୁହାଯାଉଛି ।

ବଜାର ବିଶେଷଜ୍ଞଙ୍କ କହିବା କଥା, ଲୋକଙ୍କ ପାଇଁ କିରାସିନି ହଠାତ୍ ଅଲୋଡ଼ା ହେବାର ଏକାଧିକ କାରଣ ରହିଛି । ଗୋଟିଏ କାରଣ ହେଲା, ଯେଉଁ ସବୁ କାମ ପାଇଁ କିରାସିନି ଦରକାର ପଡୁଥିଲା, ତାହା ଏବେ ଅନ୍ୟ ଇନ୍ଧନ ବ୍ୟବହାର କରି ହୋଇପାରୁଛି । ସ୍ୱଚ୍ଛ ଇନ୍ଧନର ପ୍ରସାର କରାଯାଉଥିବାରୁ କିରାସିନି ଅଲୋଡ଼ା ହେବାରେ ଲାଗିଛି । ଅନ୍ୟତମ କାରଣ ହେଲା, ୨୦୧୯ରେ କିରାସିନି ଉପରୁ ସବ୍‌ସିଡି ପ୍ରତ୍ୟାହାର କରାଯିବା ପରେ ତାହାର ବିକ୍ରି ଗୁରୁତର ଭାବେ ପ୍ରଭାବିତ ହୋଇଛି । ନାମକୁ ମାତ୍ର ଦାମ୍‌ରେ ମିଳୁଥିବା କିରାସିନି ଦାମ୍ ଏତେ ମହଙ୍ଗା ହୋଇଗଲା ଯେ ତାହାକୁ କିଣିବା ଲାଗି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । ସାଧାରଣ ଲୋକମାନେ କିରାସିନି ବ୍ୟବହାର ପ୍ରାୟ ବନ୍ଦ କରିଦେଇଛନ୍ତି ।

ପିଡିଏସ୍ ଡିଲର୍ ଅଧିରାଜ ସ୍ୱାଇଁ କହିଛନ୍ତି, ମୋ ବାପାଙ୍କ ସମୟରୁ ଆମର ପିଡିଏସ୍ କେନ୍ଦ୍ର ରହିଛି । ବାପା ଚାଲିଗଲେଣି, ମୁଁ ବୁଢ଼ା ହୋଇଗଲିଣି । ବର୍ତ୍ତମାନ ସମୟରେ କିରାସିନିର ଯେଉଁଭଳି ଚାହିଦା ହ୍ରାସ ପାଇଛି, ତାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା । ଲୋକମାନଙ୍କୁ ଯାଚିଲେ ମଧ୍ୟ କିରାସିନି ନେବାକୁ ଅମଙ୍ଗ ହେଉଛନ୍ତି । ଆଗରୁ ୮ ବ୍ୟାରେଲ କିରାସିନି ଆଣି ମଧ୍ୟ ବିକ୍ରି ହୋଇ ଯାଉଥିଲା । ଏବେ ୩ ମାସକୁ ୩ ବ୍ୟାରେଲ ଆଣିବା ପରେ ବି ୧ ବ୍ୟାରେଲ ବଳକା ପଡ଼ିଛି । ପ୍ରତି ଘରେ ବିଜୁଳି ଚାଳିତ ଇଣ୍ଡକ୍ସନ ଏବଂ ଗ୍ୟାସ୍‌ର ବ୍ୟବହାର ଏବଂ ଖୋଲା ବଜାରରେ ପାଖାପାଖି ସମାନ ଦରରେ ଏହାର ବିକ୍ରି ହେଉଥିବାରୁ ପିଡିଏସ୍ କେନ୍ଦ୍ରରୁ ଗ୍ରାହକ ନେବାକୁ ଚାହୁନାହାନ୍ତି ।

ସୂଚନାନୁସାରେ, ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ କାର୍ଡଧାରୀଙ୍କୁ ୨୯ ହଜାର କିଲୋଲିଟର କିରାସିନି ପ୍ରତି ୩ମାସରେ ଯୋଗାଣ କରନ୍ତି କେନ୍ଦ୍ର ସରକାର । ଝାରସୁଗୁଡ଼ାସ୍ଥିତ ତୈଳ ନିଗମରୁ ଏହା ରାଜ୍ୟ ସରକାର ଆଣିଥାଆନ୍ତି । ଏହା ହୋଲସେଲ୍ ଏବଂ ପିଡିଏସ୍ କେନ୍ଦ୍ର ଜରିଆରେ ବିକ୍ରି ହୁଏ । ଏବେ ପିଡିଏସ୍ କେନ୍ଦ୍ରରେ କିରାସିନି ୮୫ ଟଙ୍କାରେ ବିକ୍ରି ହେଉଥିବାବେଳେ ବାହାରେ ଶହେ ଟଙ୍କାରେ ବିକ୍ରି ହେଉଛି । ବିଶେଷକରି ରୁଷିଆ-ୟୁକ୍ରେନ ଯୁଦ୍ଧ ପରଠାରୁ ଦର ଆକାଶଛୁଆଁ ହୋଇଥିବା ଜଣାପଡ଼ିଛି ।





## ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୭ ଲକ୍ଷ ଠକେଇ



ଭୁବନେଶ୍ୱର,୧୨।୧(ସମିସ): ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୭ ଲକ୍ଷ ସାଇବର ଠକେଇ ହୋଇଛି। ଏନେଇ ପୂର୍ଣ୍ଣଚନ୍ଦ୍ର ରାଉତ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଟଙ୍କା ଯାଇଥିବା ଆକାଉଣ୍ଟକୁ ପୁଲିସ ଫ୍ରିଜ୍ କରିଥିଲେ ମଧ୍ୟ ଉକ୍ତ ଆକାଉଣ୍ଟରେ ହଜାରେ ଟଙ୍କାରୁ ଅଧିକ ନାହିଁ। ଠକେଇ ଟଙ୍କା ଯିବାକ୍ଷଣି ଠକ ଏହାକୁ ତୁରନ୍ତ ଏକାଧିକ ବେନାମୀ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଉଛି।

ଅଭିଯୋଗ ଅନୁସାରେ, ପୂର୍ଣ୍ଣଚନ୍ଦ୍ରଙ୍କ ଫୋନ୍ ନମ୍ବରରୁ ଏକ ଅଜଣା ଫୋନ୍ ନମ୍ବରରୁ ମେସେଜ୍ ଆସିଥିଲା। ଯେଉଁଥିରେ ସାଇବର ଠକ ଅନ୍‌ଲାଇନ୍ ଟ୍ରେଡିଂ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇଥିଲେ। ଏହି ମେସେଜ୍ ଦେଖି ପୂର୍ଣ୍ଣଚନ୍ଦ୍ର ଲୋଭରେ ପଡ଼ି ଉକ୍ତ ସାଇବର ଠକଙ୍କୁ ଫୋନ୍ କରିଥିଲେ। ଠକ ତାଙ୍କୁ ଜାଲରେ ଫଶାଇବା ସହ ପ୍ରଥମେ ଏକ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ିଥିଲେ। ସେଠାରେ ଅନ୍ୟଜଣେ ତାଙ୍କୁ କିଭଳି ଟଙ୍କା ଲଗାଇବ ତାହା ବତାଇଥିଲେ। ପ୍ରଥମେ ସେ ୫ ହଜାର ଟଙ୍କା ଲଗାଇବା ପରେ ତାଙ୍କୁ ୭ହଜାର ଟଙ୍କା ମିଳିଥିଲା। ଏହାପରେ ସେ ୧୦ ହଜାର ଟଙ୍କା ଲଗାଇବା ପରେ ୧୫ ହଜାର ଟଙ୍କା ମିଳିଥିଲା। ଲୋଭରେ ପଡ଼ିବା ପରେ ସେ ୧୭ ଲକ୍ଷ ଟଙ୍କା ଲଗାଇ ଦେଇଥିଲେ। ହେଲେ ଠକ ତାଙ୍କୁ ଟଙ୍କା ନ ଦେଇ ବରଂ ଅଧିକ ଟଙ୍କା ମାଗିଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ପୂର୍ଣ୍ଣଚନ୍ଦ୍ର ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଏନ୍‌ସିପିସିଆର୍ ଗାଇଡ୍‌ଲାଇନ୍‌କୁ ମାନୁନାହାନ୍ତି ୟୁଟ୍ୟୁବର

# ଅଶ୍ଳୀଳ ୱେବ୍‌ସିରିଜ୍‌ରେ ଶିଶୁ

ଭୁବନେଶ୍ୱର,୧୨।୧(ସମିସ):

ହିନ୍ଦୀ ଫିଲ୍ମ ହେଉ ଅବା ଓଡ଼ିଆ ଧାରାବାହିକ। ଇନ୍‌ଷ୍ଟାଗ୍ରାମ୍ ହେଉ ଅବା ୟୁଟ୍ୟୁବ୍ ଭିଡିଓ। ସବୁ ମନୋରଞ୍ଜନ କ୍ଷେତ୍ରରେ ଛୋଟ ଛୋଟ ଶିଶୁଙ୍କୁ ନିୟୋଜିତ୍ କରାଯାଉଛି। ସେମାନଙ୍କୁ ମନଇଚ୍ଛା ବ୍ୟବହାର କରାଯାଉଛି। ଶିଶୁଙ୍କୁ ଓଟିଟି ପ୍ଲାଟ୍‌ଫର୍ମର ଅଶ୍ଳୀଳ ୱେବ୍‌ସିରିଜ୍‌ରେ ବ୍ୟବହାର କରାଯାଉଛି। ଏପରିକି ଜନ୍ମ ହେବା ଶିଶୁଠାରୁ ଆରମ୍ଭ କରି ୧୨ ବର୍ଷ ପିଲା ପର୍ଯ୍ୟନ୍ତ। ସବୁ ଅଭିନୟ କ୍ଷେତ୍ରରେ ସେମାନେ ବିପଦପୂର୍ଣ୍ଣଭାବେ ଶିଶୁମାନଙ୍କୁ ନିୟୋଜିତ କରୁଛନ୍ତି। ଫିଲ୍ମ ନିର୍ମାତା ଏନ୍‌ସିପିସିଆର(ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ)ଙ୍କ ଗାଇଡ୍‌ଲାଇନ୍‌କୁ ମଧ୍ୟ ପାଳନ କରୁନାହାନ୍ତି। ଏସବୁ ବହୁଳ ମାତ୍ରାରେ ହେଉଥିଲେ ମଧ୍ୟ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆଖିବୁଜି ଦେଇଛି। ସବୁ ଦେଖି ନ ଦେଖିଲା ପରି ହେଉଛି। ବଡ଼ କଥା ହେଲା ଓଟିଟି ପ୍ଲାଟ୍‌ଫର୍ମରେ ନିର୍ମାଣ ହେଉଥିବା ଅଶ୍ଳୀଳ ଫିଲ୍ମରେ ମଧ୍ୟ ଏହି ଛୋଟ ଛୋଟ ଶିଶୁଙ୍କୁ ବ୍ୟବହାର କରାଯାଉଥିବାରୁ ସେମାନଙ୍କ ମନରେ ଖରାପ ପ୍ରଭାବ ପକାଉଛି। ଓଟିଟି ପ୍ଲାଟ୍‌ଫର୍ମ ମାଲିମା ଏବେ କେତେ ୟୁଟ୍ୟୁବ୍‌ର ଏନ୍‌ସିପିସିଆର ଗାଇଡ୍‌ଲାଇନ୍‌କୁ ଫୁ' କରି ଦେଉଛନ୍ତି।

**ଶିଶୁଙ୍କୁ ବିପଦପୂର୍ଣ୍ଣ ଭାବେ ବ୍ୟବହାର କରାଯାଉଛି**

**ଗାଇଡ୍ ଲାଇନ୍ ଉଲ୍ଲଂଘନକାରୀଙ୍କୁ ମିଳୁନି ଦଣ୍ଡ**

**ସବୁ ଦେଖି ଶୋଇପଡ଼ିଛି ଓସିପିସିଆର୍**

ବିଭିନ୍ନ ଫିଲ୍ମ ସୁଟିଂରେ ଶିଶୁ କଳାକାରଙ୍କୁ ସେଟ୍‌ରେ ଏକ ପ୍ରକାର ନିର୍ଯାତନା ଦିଆଯାଉଛି। ସେମାନଙ୍କୁ ସେଟ୍‌ରେ ଗାଳିଗୁଲଜ କରିବା ସହ ସେମାନଙ୍କ ଦ୍ୱାରା ବିଭିନ୍ନ କାମ କରାଯାଉଛି। କିନ୍ତୁ ଏଥର ତାହା ହେବ ନାହିଁ। ୬ ଘଣ୍ଟାରୁ ଅଧିକ ସମୟ ଖଟାଇଲେ ୬ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଏପରିକି ସୁଟିଂରେ ପ୍ରତି ୩ ଘଣ୍ଟାରେ ଥରେ ବିରତି ଦେବାକୁ ପଡ଼ିବ। ସକାଳ ୭ରୁ ରାତି ୮ଟା ପର୍ଯ୍ୟନ୍ତ ସୁଟିଂ ପାଇଁ ଅନୁମତି ରହିଛି। ସରକାରୀ ହେଉ ଅବା ବେସରକାରୀ ସଚେତନତାଧର୍ମୀ ବିଜ୍ଞାପନରେ ଛୋଟ ଶିଶୁଙ୍କୁ ବ୍ୟବହାର କରାଯାଇପାରିବ। ଯେପରିକି ପୋଲିଓ, ଟିକା ଏବଂ ଅନ୍ୟାନ୍ୟ ସଚେତକ ବିଜ୍ଞାପନରେ କରାଯିବ। କିନ୍ତୁ ୬ମାସ ପୂର୍ବର ସୁଟିଂରେ ବ୍ୟବହାର କରିବାକୁ ବାରଣ କରାଯାଇଛି।




**୬ ଘଣ୍ଟାରୁ ଅଧିକ ଖଟାଇଲେ ଜେଲ୍**



### ଜନ୍ମବେଳର ସିନ୍‌ରେ ନବଜାତକଙ୍କୁ ବିପଦପୂର୍ଣ୍ଣ ଭାବେ ଧରୁଛନ୍ତି ମା'

ଫିଲ୍ମ ହେଉ ଅବା ଓଟିଟି ପ୍ଲାଟ୍‌ଫର୍ମରେ ମା' ଜନ୍ମ କଲା ସମୟର ସିନ୍‌ରେ ନିର୍ମାତା ଛୋଟ ଛୁଆଙ୍କୁ ବ୍ୟବହାର କରୁଛନ୍ତି। ବାରମ୍ବାର ସଟ୍ ନେବା ସମୟରେ ତାଙ୍କୁ ସୁଟିଂ ସେଟ୍‌ରେ ଏକାଧିକ ଷ୍ଟାଫ୍ ଅତି ବିପଦପୂର୍ଣ୍ଣଭାବେ ଧରୁଛନ୍ତି। ଏକାଧିକ ଜଣ ଛୋଟ ଛୁଆଙ୍କୁ ଧରୁଥିବାରୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି। ଆହୁରି ମଧ୍ୟ ଶିଶୁଟି ଖସିଯିବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ଶିଶୁଙ୍କୁ ବ୍ୟବହାର କରିବା ପୂର୍ବରୁ ଅନୁମତି ଆଣିବାକୁ ପଡ଼ିବ।

### ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ଆବଶ୍ୟକ

ଏନ୍‌ସିପିସିଆର୍ ଗାଇଡ୍‌ଲାଇନ୍ ଅନୁସାରେ ମନୋରଞ୍ଜନ ଶିଳ୍ପରେ ପିଲାମାନଙ୍କୁ ବ୍ୟବହାର କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ନେବା ଜରୁରି। ସୁଟିଂ ସେଟ୍‌ରେ ଯେପରି ଶିଶୁମାନେ ସୁରକ୍ଷିତ ରହିବେ, ସେଥିପାଇଁ ନିରାପଦ ପରିବେଶ ସୁନିଶ୍ଚିତ କରିବା ସହ ସେଟ୍‌ରେ ବେସରକାରୀ ଶିକ୍ଷକ ଯୋଗାଇବା ଆବଶ୍ୟକ। ଶିଶୁ କଳାକାରଙ୍କ ସୁଟ୍ ପାଇଁ ବିଦ୍ୟାଳୟରେ ଛାଡ଼ିବା ଜରୁରି।



### ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ପାଇଁ ମଧ୍ୟ ଅନୁମତି

କେବଳ ଫିଲ୍ମ ନୁହେଁ, ସୋସିଆଲ ମିଡିଆ ତଥା ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍‌ରେ ଛୋଟ ପିଲାଙ୍କୁ ନେଇ ମନଇଚ୍ଛା ସିନ୍ କରୁଛନ୍ତି। କିନ୍ତୁ ଏଥର ତାହା ଚଳିବ ନାହିଁ। ସେମାନେ ସୁଟିଂ ପୂର୍ବରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଅନୁମତି ଆଣିବା ଆବଶ୍ୟକ। ଏଥିସହ ନେଟ୍‌ଫ୍ଲିକ୍ସ ଏବଂ ଆମାଜନ ପରି ଓଭର-ଟପ୍ ପ୍ଲାଟ୍‌ଫର୍ମରେ ମଧ୍ୟ ଅନୁମତି ନେବା ବାଧ୍ୟତାମୂଳକ। କେଉଁ ପ୍ରକାର ଫିଲ୍ମରେ ପିଲାମାନଙ୍କୁ ବ୍ୟବହାର କରାଯିବ ତାହା ଜଣାଇବେ। ଏଥିସହ କେଉଁ ସ୍ଥାନରେ ସୁଟିଂ ହେବ, ସେ ଜାଗା ମଧ୍ୟ ଦର୍ଶାଇବା ପରେ ମାଜିଷ୍ଟ୍ରେଟ୍ ଉକ୍ତ ସ୍ଥାନକୁ ଯାଇ ଯାଞ୍ଚ କରିବା ପରେ ଅନୁମତି ଦେବେ। ଏହି ଅନୁମତି କେବଳ ୬ମାସ ପାଇଁ ବୈଧ ରହିବ। ଅନୁମତି ନ ଆଣି ସୁଟିଂ କଲେ ହେବ କାର୍ଯ୍ୟାନୁଷ୍ଠାନ।

### ଫିଲ୍ମରେ ନଗ୍ନତା ବ୍ୟବହାର କଲେ କଠୋର କାର୍ଯ୍ୟାନୁଷ୍ଠାନ

ନିକଟରେ ଏକାଧିକ ଓଟିଟି ପ୍ଲାଟ୍‌ଫର୍ମରେ ସୁଟିଂ ହେଉଥିବା ନଗ୍ନତା ଫିଲ୍ମରେ ପିଲାମାନଙ୍କୁ ବ୍ୟବହାର କରୁଛନ୍ତି। ଏକାଧିକ ଲୋକ ଓଟିଟିରେ ଫିଲ୍ମ ଦେଖୁଛନ୍ତି। କିନ୍ତୁ ନୂତନ ଗାଇଡ୍‌ଲାଇନ୍ ପରେ ସବୁ ଫିଲ୍ମ ନିର୍ମାତା ସାବାଡ଼ ହେବେ। ଫିଲ୍ମରେ ନଗ୍ନତା, ମଦ୍ୟପାନ, ଧୂମ୍ରପାନ ଆଦିରେ ତାଙ୍କୁ ବ୍ୟବହାର କରାଯାଇପାରିବ ନାହିଁ। ଲାଇସେନ୍ସ ନେବା ପୂର୍ବରୁ ଶିଶୁଙ୍କୁ କେଉଁ ଚରିତ୍ରରେ ଅଭିନୟ କରିବାକୁ ପଡ଼ିବ ତାହା ନିର୍ମାତା ଦର୍ଶାଇବେ। ଯେଉଁ ଭୂମିକାରେ ସେମାନଙ୍କୁ ଉପହାସ, ଅପମାନ କିମ୍ବା କଠୋର ମନ୍ତବ୍ୟର ସମ୍ମୁଖୀନ ହେଉଥିବେ, ସେଠାରେ ବ୍ୟବହାର କରାଯିବ ନାହିଁ।




## ଡାକ୍ତରଙ୍କଠୁ ଲୁଟିନେଲେ ୧୦ଲକ୍ଷରୁ ଊର୍ଦ୍ଧ୍ୱ

ଭୁବନେଶ୍ୱର,୧୨।୧(ସମିସ): ବିଟ୍ କଏନ୍‌ରେ ଟଙ୍କା ଲଗାଇ କୋଟିପତି ହେବାର ସ୍ୱପ୍ନ ଜଣେ ଡାକ୍ତରଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କଠାରୁ ସାଇବର ଠକ ବିଭିନ୍ନ ଆଳରେ ୧୦ ଲକ୍ଷ ୨୨ହଜାର ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା ଡାକ୍ତର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ସାଇବର ଥାନା ତଦନ୍ତ କରୁଛି। ଏହି ଠକେଇର ଚେର ଦେଶ ବାହାରକୁ ଲମ୍ବିଥିବା ଜଣାପଡ଼ିଛି। ତେଣୁ ଅଭିଯୁକ୍ତ ଟଙ୍କା ନେଇଥିବା ଆକାଉଣ୍ଟକୁ ଫ୍ରିଜ୍ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଡାକ୍ତର ଜଣକ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଆକାଉଣ୍ଟ ରହିଛି। ହେଲେ ୨୦୨୧ ମେ' ୧ ତାରିଖରେ କଟି ନାମକ ଜଣେ ଯୁବତୀ ତାଙ୍କ ସହ ପରିଚିତ ହୋଇଥିଲେ। ଯୁବତୀ ଜଣକ ନିଜକୁ ବିଟ୍ କଏନ୍ ଅଫିସ୍‌ରେ ଏମ୍‌ଡି ଥିବା କହି ଟଙ୍କା ଲଗାଇ ୭ ଦିନରେ ଦୁଇଗୁଣା ପାଆନ୍ତୁ ବୋଲି ପ୍ରବର୍ତ୍ତାଇଥିଲେ। ଏହି ଲୋଭନୀୟ କଥାରେ ଡାକ୍ତର ଏଥିରେ ଟଙ୍କା ଲଗାଇଥିଲେ। ପ୍ରଥମେ ଡାକ୍ତର ୧୨୦ ଡଲାର ତଥା ୧୫ ହଜାର ଟଙ୍କା ଲଗାଇଥିଲେ। ପରେ ପୁଣି ସାଇବର ଠକ ତାଙ୍କୁ ୭୫ ହଜାର ଟଙ୍କା ଲଗାଇବାକୁ କହିଥିଲେ। ଗତ ବର୍ଷ ମେ' ମାସରେ ଡାକ୍ତର ୧୦୨୩.୨୫ ଡଲାର ଲଗାଇଥିଲେ। ସେହିପରି ମେ' ୧୧ରେ ୫୩୨.୩୪, ୧୭ରେ ୮୦୮.୭୬ ଡଲାର, ୨୧ରେ ୧୪୧୫.୬୦ ଡଲାର ଏବଂ ୯୯୫.୨୧ ଡଲାର ଲଗାଇଥିଲେ। ଏହିଭଳି ଡାକ୍ତର ୧୦ ଲକ୍ଷ ୨୨ହଜାର ଟଙ୍କା ଲଗାଇଥିଲେ। ପ୍ରଥମେ ସାଇବର ଠକ ଦେଇଥିବା ଏକ ଆକାଉଣ୍ଟ ନମ୍ବରରେ ଟଙ୍କା ପଠାଇବାକୁ କହିଥିଲେ। ସେମାନେ ସେଠାରୁ ବିଟ୍ କଏନ କିଣି ୱେବ୍‌ସାଇଟ୍ ୱାଜିରକ୍ସ ଆପ୍ ଏବଂ ପାକ୍ସଫୁଲ ୱେବ୍‌ସାଇଟ୍‌ରେ ଲଗାଇଥିଲେ। ଏପରିକି ପ୍ରତିଦିନ ମାଇନିଂ ହେବା ଦ୍ୱାରା ୭ ଦିନରେ ଟଙ୍କା ଦୁଇଗୁଣା ହୋଇଯିବ ବୋଲି କହି ଠକି ନେଇଥିଲେ। ଏନେଇ ସେ କ୍ରାଇମ୍‌ବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ କରିଛନ୍ତି।



# ପ୍ରବାସୀ ଆସିଲେ ବୋଲି...

ଭୁବନେଶ୍ୱର,୧୨।୧(ସମିସ):

ରାଜଧାନୀବାସୀଙ୍କ ଏଭଳି ଅନେକ ସମସ୍ୟା ଥିଲା ଯାହା ଦୀର୍ଘଦିନ ଧରି ସମାଧାନ ହୋଇପାରୁ ନ ଥିଲା। ଅଭିଯୋଗ କରି କରି ଲୋକେ ଥକି ଯାଇଥିଲେ ବି କେହି ଶୁଣୁ ନ ଥିଲେ। ସମସ୍ୟାର ସମାଧାନ ପାଇଁ ସରକାରୀ କାର୍ଯ୍ୟାଳୟଗୁଡ଼ିକ କେତେବେଳେ କୁହୁଥିଲେ କର୍ମଚାରୀ ନାହାନ୍ତି ତ ପୁଣି କେତେବେଳେ ଅର୍ଥ ନ ଥିବାର ବାହାନା ବନାଉଥିଲେ। ହେଲେ ପ୍ରବାସୀ ଆସିଲେ ବୋଲି ଚିତ୍ର ବଦଳିଛି। ବର୍ଷ ବର୍ଷର ସମସ୍ୟା ମାତ୍ର ୩ ଦିନିଆ ଆୟୋଜନରେ ସମାଧାନ ହୋଇଗଲା। ଏହାସହିତ ରାଜ୍ୟବାସୀଙ୍କୁ ଅନେକ କିଛି ନୂଆ ଦେଖିବାକୁ ମିଳିଛି।

### ଭାଙ୍ଗିଲା ବାଣୀବିହାର ବସ୍ତି

ବାଣୀବିହାର ସମ୍ମୁଖ ଜବରଦଖଲ ଉଚ୍ଛେଦ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଥିଲା। ଯେତେ ଚେଷ୍ଟା କଲେ ମଧ୍ୟ ପ୍ରଶାସନ ଏହାକୁ ଭାଙ୍ଗିବାକୁ ସାହସ ଜୁଟାଇପାରୁ ନ ଥିଲେ। ହେଲେ ପ୍ରବାସୀ ଭାରତୀୟ ଦିବସ ପାଇଁ ବିଏମ୍‌ସି ଭୋରୁ ଭୋରୁ ଆସି ବାଣୀବିହାର ସମ୍ମୁଖ ଜବରଦଖଲକୁ ମାଟିରେ ମିଶାଇ ଦିଆଗଲା। କେବଳ ବାଣୀବିହାର ନୁହେଁ, ବହୁ ସ୍ଥାନରେ ଜବରଦଖଲ ଉଚ୍ଛେଦ ହୋଇଗଲା।



### ସୁଧୁରିଲା ବରମୁଣ୍ଡା ଗନ୍ଧ ସ୍ଥିତି

ପ୍ରବାସୀ ଭାରତୀୟ ଦିବସ ପରେ ସୁଧୁରିଛି ବରମୁଣ୍ଡା ପ୍ରାକୃତିକ ନାଳ କଡ଼ର ଗନ୍ଧ ସ୍ଥିତି। ଏଠାରୁ ପଶୁମଢ଼ ଏବଂ ଅଳିଆ ଉଠାଇବା ପରେ ବିଏମ୍‌ସି ପକ୍ଷରୁ ବ୍ୟାରିକେଟିଂ କରାଯାଇଛି। ବହୁଦିନର ପୁରୁଣା ବସ୍‌କୁ ଘଟଣାସ୍ଥଳରୁ ହଟାଯିବା ପରେ ବସ୍ ଧୋଇବାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏଠାରେ ଅଳିଆ ପଡ଼ିବା ବନ୍ଦ ହେବା ସହ ଏକ ନୂଆ ରୂପ ଦିଆଯାଉଛି। ବରମୁଣ୍ଡା ସ୍ଥିତ ବସ୍ ଟର୍ମିନାଲର ମାତ୍ର କିଛି ମିଟର ଦୂରରେ ଏଭଳି ସମସ୍ୟା ୧୦ ବର୍ଷ ଧରି ଲାଗି ରହିଥିଲା। ଅଳିଆଗଦା ସମ୍ପର୍କରେ ସ୍ଥାନୀୟ ଲୋକେ ଅଭିଯୋଗ କରି କରି ଥକି ଯାଇଥିଲେ। ଶେଷରେ ପରିସ୍ଥିତି ଏଭଳି ହେଲା ଯେ କେବଳ ଅଳିଆ ନୁହେଁ ପଶୁମଢ଼ ଫୋପଡ଼ାଗଲା। ସ୍ଥାନୀୟ ଲୋକେ ଏହି ରାସ୍ତାରେ ଯାତାୟାତ ବନ୍ଦ କରିଦେଲେ। ଯାତ୍ରୀମାନେ ନାକରେ ରୁମାଲ ଗୁଡ଼ାଇ ଯାତାୟାତ କଲେ। ହେଲେ ପ୍ରବାସୀଙ୍କ ଆଗମନ ଏହି ସ୍ଥାନକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।



### ସଜେଇ ହେଲା ରାଜଧାନୀ

ଦ୍ୱିତୀୟ ହକି ବିଶ୍ୱ କପ୍ ପରେ ରାଜଧାନୀରେ ଏଭଳି କୌଣସି ବଡ଼ କାର୍ଯ୍ୟକ୍ରମର ଆୟୋଜନ ହୋଇ ନ ଥିଲା। ତେଣୁ କାନ୍ଥବାଡ଼ ପାର୍କର ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ହେଲେ ପ୍ରବାସୀଙ୍କ ଆଗମନରେ ରାଜଧାନୀ ପୁଣି ଚମକିବାକୁ ଲାଗିଥିଲା।

### ଜଳିଲା ଜାତୀୟ ରାଜପଥର ଷ୍ଟ୍ରିଟ୍ ଲାଇଟ୍

ଦୀର୍ଘଦିନ ଧରି ଜଳୁ ନ ଥିଲା ରସୁଲଗଡ଼ରୁ ତମାଣ୍ଡୋ ପର୍ଯ୍ୟନ୍ତ ଜାତୀୟ ରାଜପଥର ଷ୍ଟ୍ରିଟ୍ ଲାଇଟ୍। ସବୁବେଳେ ଧପ୍ ଧପ୍ ହେଇ ଆଖିମିଟିକା ମାରୁଥିଲା। କେତେବେଳେ ରସୁଲଗଡ଼ରେ ଜଳିଲେ ବରମୁଣ୍ଡା ଅନ୍ଧାର ହୋଇଯାଉଥିଲା। ପୁଣି କେତେବେଳେ ଖଣ୍ଡଗିରି ଜଳିଲେ ଜୟଦେବ ବିହାର ନିକଟସ୍ଥ ଜାତୀୟ ରାଜପଥ ଅନ୍ଧାର ହୋଇଯାଉଥିଲା। ଏଭଳି ଭାବେ ରାତି ହେଲେ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଅନ୍ଧାର ଆଲୁଅର ଲୁଚକାଳି ଖେଳ ଖେଳୁଥିଲା। ଏନ୍‌ଏଚ୍‌ଆଇ କହୁଥିଲା, ଏହି ସମସ୍ୟାର ସମାଧାନ ବହୁତ୍ ମୁସ୍କିଲ। ଷ୍ଟ୍ରିଟ୍ ଲାଇଟ୍‌କୁ ସଂଯୋଗ କରୁଥିବା କେବୁଲ୍‌ର କନେକ୍ସନ୍ ଆଉ ମିଳୁନି। ଏଣୁ ବର୍ଷ ବର୍ଷ ଧରି ରାଜଧାନୀରେ ଲୋକେ ଏଥିପାଇଁ ହଇରାଣ ହେଉଥିଲେ। ହେଲେ ପ୍ରାବସୀ ଆସିବେ ବୋଲି ଏହାକୁ ଠିକ୍ କରାଗଲା। ଏବେ ଜାତୀୟ ରାଜପଥର ଷ୍ଟ୍ରିଟ୍ ଲାଇଟ୍ ସମ୍ପୂର୍ଣ୍ଣ ଭାବେ କାମ କରୁଛି।




### ଗଡ଼ିଲା ଡବଲ ଡେକର୍ ବସ୍

ରାଜଧାନୀବାସୀ ପ୍ରଥମ ଥର ପାଇଁ ରାଜ୍ୟରେ ଡବଲ ଡେକର୍ ବସ୍ ଦେଖିଲେ। ଏଥିରେ ବସି ମଜା ନେଲେ। ଏଭଳି ଏକ ନୂତନ ଅନୁଭୂତି କେବଳ ପ୍ରବାସୀଙ୍କ ପାଇଁ ସମ୍ଭବ ହୋଇପାରିଛି। ପ୍ରତ୍ୟେକ ଦିନ ରାଜଧାନୀରେ ରହୁଥିବା ଲୋକଙ୍କ ସମସ୍ୟା ପ୍ରଶାସନ ଦୀର୍ଘବର୍ଷ ଧରି ଶୁଣୁ ନ ଥିଲା। ହେଲେ ପ୍ରବାସୀ ଆସିଲେ ବୋଲି ଗୋଟିଏ ଝଟ୍‌କାରେ ସବୁକିଛି ଠିକ୍ ହୋଇଗଲା। ଏଣୁ ସହରକୁ ପ୍ରବାସୀ ବାରମ୍ବାର ଆସନ୍ତୁ। ଯାହାଫଳରେ ସହରର ଅବସ୍ଥା ସମ୍ପୂର୍ଣ୍ଣ ସୁଧୁରିଯିବ ବୋଲି ଲୋକେ ମତ ରଖିଛନ୍ତି।

### ତିଆରି ହେଲା ଖଣ୍ଡଗିରି ଫ୍ଲାଏଓଭର ରାସ୍ତା

ଖଣ୍ଡଗିରି ଫ୍ଲାଏଓଭର ରାସ୍ତା ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଥିଲା। କାରଣ ଫ୍ଲାଏଓଭର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ଯାନବାହନ ରାସ୍ତାରେ କମ୍ ଚାଲୁଥିଲା କିନ୍ତୁ ଖାଲରେ ଅଧିକ ଗଲୁଥିଲା। ହେଲେ ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ଏହାକୁ ମରାମତି କରାଗଲା

# ଲସ୍ ଏଞ୍ଜେଲସ୍ ଏବେ ଭୂତ ସହର



ଲସ୍ ଏଞ୍ଜେଲସ୍,୧୨।୧(ଏଜେନ୍ସି):

ଗତ ମଙ୍ଗଳବାର ଠାରୁ କାଲିଫର୍ଣ୍ଣିଆ ଜଙ୍ଗଲରେ ଲାଗିଥିବା ନିଆଁ ଆମେରିକାର ପ୍ରମୁଖ ଏବଂ ବିଳାସପୂର୍ଣ୍ଣ ସହର ଲସ୍ ଏଞ୍ଜେଲସ୍କୁ ଭୂତ ସହରରେ ପରିଣତ କରିଛି। ଜଙ୍ଗଲ ନିଆଁ ଲସ୍ ଏଞ୍ଜେଲସ୍ ସହର ବ୍ୟତୀତ କାଲିଫର୍ଣ୍ଣିଆ ରାଜ୍ୟର ଅନ୍ୟ ସହରକୁ ମଧ୍ୟ ଭାରୀମାତ୍ରାରେ କ୍ଷତି ପହଞ୍ଚାଇଛି। ବର୍ତ୍ତମାନ ସୁଦ୍ଧା ନିଆଁ ଯୋଗୁଁ ୧୬ ଜଣଙ୍କ ମୃତ୍ୟୁ ହୋଇସାରିଥିଲା ବେଳେ ଦେଢ ଲକ୍ଷରୁ ଅଧିକ ଲୋକ ବାସହରା ହୋଇପଡ଼ିଛନ୍ତି। ହଲିଉଡ୍ ଷ୍ଟାରଙ୍କ ଠାରୁ ଆରମ୍ଭ କରି ସେଲିବ୍ରିଟି , ରାଜନେତା ଏବଂ ସାଧାରଣ ଲୋକଙ୍କୁ ମଧ୍ୟ ସେମାନଙ୍କ ଘର ଛାଡିବାକୁ ପଡ଼ିଛି। ଏହାମଧ୍ୟରେ ୧୩ ହଜାରରୁ ଅଧିକ କୋଠା ଏବଂ ବହୁ ପ୍ରତିଷ୍ଠାନ ଜଳିପୋଡି ଧ୍ୱଂସ ହୋଇଯାଇଥିଲା ବେଳେ ଲସ୍ ଏଞ୍ଜେଲସ୍ ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟାବସାୟିକ କେନ୍ଦ୍ର ମଧ୍ୟ ନଷ୍ଟ ହୋଇଛି। ଯାହାକୁ ନେଇ ବର୍ତ୍ତମାନ ସୁଦ୍ଧା କ୍ଷତି ପରିମାଣ ୧୫୦ ବିଲିୟନ ଡଲାରରୁ ଅଧିକରେ ପହଞ୍ଚିଥିବା କୁହାଯାଉଛି। ଗତକାଲି ଲସ୍ ଏଞ୍ଜେଲସ୍ର ବିଳାସପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଇଲାକା ‘ ପାସିଫିକ୍ ପାଲିସେଡସ୍’ ମଧ୍ୟ ଜଳିପୋଡି ଧ୍ୱଂସ ହୋଇଯାଇଥିଲା। ଏହାଦ୍ୱାରା ପ୍ରାୟ ୧୦ ହଜାର ୭୦୦ କୋଟି ଟଙ୍କାର ସମ୍ପତ୍ତି ଜଳିପୋଡି ପାଉଁଶ ହୋଇଯାଇଥିବା କୁହାଯାଉଛି।

> ଏବେ ବି ଥମିନି ନିଆଁ ; କାଳ ସାଜିଛି ଶୀତକାଳୀନ ପବନ
>
> ଅଗ୍ନିକାଣ୍ଡଜନିତ ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧି
>
> ପୋଡିଗଲାଣି ୧୩ ହଜାରରୁ ଅଧିକ କୋଠା,ପ୍ରତିଷ୍ଠାନ
>
> ୧୫୦ ବିଲିୟନ ଡଲାର ଟପିଛି କ୍ଷତି ପରିମାଣ

ପ୍ରାୟ ୬ ଦିନ ତଳେ ଜଙ୍ଗଲରେ ନିଆଁ ଲାଗିବା ପରେ ଏହା କାଲିଫର୍ଣ୍ଣିଆ ପ୍ରଦେଶର ବିଭିନ୍ନ ସହରକୁ ବ୍ୟାପି ଚାଲିଥିଲେ ହେଁ ନିଆଁକୁ ଆୟତ୍ତ କରିବା ଏବେ ମଧ୍ୟ ସମ୍ଭବ ହୋଇ ନାହିଁ। ସବୁ ଉଦ୍ୟମ ସତ୍ତ୍ୱେ ନିଆଁ ବିଭିନ୍ନ ସହରକୁ ମାଡି ଚାଲିଛି। ତୀବ୍ର ବେଗରେ ଶୀତକାଳୀନ ପବନ ବୋହିବା କାଳ ହୋଇଛି। ଏହାବ୍ୟତୀତ ଗତ ଅକ୍ଟୋବର ମାସ ଠାରୁ ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ ସର୍ବନିମ୍ନ ବର୍ଷା ରେକର୍ଡ କରାଯାଇଥିଲା ବେଳେ ଏହା ମଧ୍ୟ ଜଙ୍ଗଲ ନିଆଁ ସୃଷ୍ଟି ପାଇଁ ଅନ୍ୟତମ କାରଣ ବୋଲି ନାସା ପକ୍ଷରୁ କୁହାଯାଇଛି। କମ୍ ବର୍ଷା ଜଳବାୟୁ ପରିବର୍ତ୍ତନର କାରଣ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଶୀତକାଳରେ ଭୂମି ସୁଖା ରହିବା ଏବଂ ପବନ ଉଚ୍ଚ ବେଗରେ ବୋହିବା ମଧ୍ୟ ନିଆଁ ବ୍ୟାପିବାର ପ୍ରମୁଖ କାରଣ ହୋଇଥିବା କୁହାଯାଇଛି।

## ମଣିପୁରରେ ପୁଣି ଉତ୍ତେଜନା; ୨ ଗାଁରେ କର୍ଫ୍ୟୁ

**ଆସାମ ରାଇଫଲ୍ସ କ୍ୟାମ୍ପ ଉପରେ ଆକ୍ରମଣ**

ଇମ୍ଫାଲ, ୧୨।୧ (ଏଜେନ୍ସି): ମଣିପୁର ହିଂସା ଥମିବାର ନା ଧରୁନି। ଏବେ କାଙ୍ଗପୋକପୀ ଜିଲ୍ଲାର ଦୁଇ ପଡୋଶୀ ଗାଁ କଂସାଖୁଲ ଏବଂ ଲେଇଲନ୍ ଭାଇଫେଇ ଗ୍ରାମରେ ହିଂସା ହୋଇଛି। ସ୍ଥିତିକୁ ଦେଖି ଉଭୟ ଗାଁରେ ଶନିବାର କର୍ଫ୍ୟୁ ଲଗାଇ ଦିଆଯାଇଛି। ଦୁଇ ଗାଁର ଆଖପାଖ ଅଞ୍ଚଳରେ ଲୋକଙ୍କ ଚଳପ୍ରଚଳ ଉପରେ ଆଗାମୀ ଆଦେଶ ପର୍ଯ୍ୟନ୍ତ କଟକଣା ଲଗାଇ ଦିଆଯାଇଛି। ସୂଚନା ଅନୁଯାୟୀ ଗୋଟିଏ ଗାଁର କୁକି ଯୁବକ ଅନ୍ୟ ଗାଁର ନାଗା ମହିଳାଙ୍କ ଉପରେ ଆକ୍ରମଣ କରିଥିଲା। ଏହା ପରଠୁ ସ୍ଥିତି ବିଗିଡ଼ି ଯାଇଥିଲା। ଉଭୟେ ଗାଁର ଲୋକେ ପରସ୍ପର ଉପରେ ଆକ୍ରମଣ କରି ଚାଲିଥିଲେ। ସେହିପରି କାମଜୋଙ୍ଗ ଜିଲ୍ଲାର ହୋଙ୍ଗବାଇ ଅଞ୍ଚଳରେ ଶନିବାର ସୁରକ୍ଷାବାହିନୀ ଉପରେ ଆକ୍ରମଣ ହୋଇଛି। ଏକ କୁକି ଗୋଷ୍ଠୀ ଆସାମ ରାଇଫଲ୍ସର ଅସ୍ଥାୟୀ କ୍ୟାମ୍ପ ଉପରେ ଆକ୍ରମଣ କରି ତାହାକୁ ନଷ୍ଟ କରିଦେଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ ଘର ନିର୍ମାଣ ପାଇଁ କାଠ ନେବାକୁ ଯବାନମାନେ ଅଟକାଇ ଦେଇଥିଲେ। ଏହା ଦ୍ୱାରା ଲୋକେ କ୍ଷୁବ୍ଧ ହୋଇ ଯାଇଥିଲେ। ଏହି ଗୋଷ୍ଠୀକୁ ହଟାଇବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ର ଗୋଳା ମାଡ଼ ସହିତ ଫାଙ୍କା ଗୁଳିଚାଳନା କରିଥିଲା। ସୂଚନାଯୋଗ୍ୟ ଯେ କାଙ୍ଗପୋକପି ଜିଲ୍ଲାରେ ସପ୍ତାହରୁ ଅଧିକ ସମୟ ହେଲା ହିଂସା ଜାରି ରହିଛି।

**■ ୟେମେନ ଗ୍ୟାସ୍ ଷ୍ଟେସନରେ ବିସ୍ଫୋରଣ**

## ୧୫ ମୃତ , ୭୦ରୁ ଅଧିକ ଗୁରୁତର

ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ୟେମେନରେ ଗତକାଲି ବିଳମ୍ବିତ ରାତିରେ ଏକ ଗ୍ୟାସ୍ ଷ୍ଟେସନରେ ଭୟଙ୍କର ବିସ୍ଫୋରଣ ଘଟି ୧୫ ଜଣଙ୍କ ମୃତ୍ୟୁ ହେବା ସହିତ ୭୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ପ୍ରାୟ ୪୦ ଜଣ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିବାର ଆଶଙ୍କା ରହିଛି। ଏହାବ୍ୟତୀତ ଏହି ଘଟଣାରେ ଆଉ କେତେକ ଲୋକଙ୍କ ଖୋଜଖବର ନ ମିଳିବାରୁ ସେମାନଙ୍କୁ ଉଦ୍ଧାର କରିବାକୁ ମଧ୍ୟ ପ୍ରୟାସ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ ଏଠାକାର ବାଇଦା ପ୍ରଦେଶର ଜାହେର ଜିଲ୍ଲାରେ ରହିଥିବା ଏକ ଗ୍ୟାସ୍ ଷ୍ଟେସନରେ ଗତକାଲି କାର୍ଯ୍ୟ ଚାଲିଥିଲା ବେଳେ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପ୍ରାୟ ଦୁଇ କିମି ପରିବ୍ୟାପ୍ତ ଅଞ୍ଚଳରେ ଏହାର ଶବ୍ଦ ଶୁଣାଯାଇଥିଲା। ବିସ୍ଫୋରଣ ପରେ ଏହି ପ୍ରକଳ୍ପରେ ନିଆଁ ଲାଗି ଯିବାରୁ ଶତାଧିକ ଯାନବାହନ ମଧ୍ୟ ଜଳିପୋଡି ଛାରଖାର ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ବିସ୍ଫୋରଣର କାରଣ ଜଣାପଡ଼ି ନଥିଲା ବେଳେ ୟେମେନର ହୁତି ବିଦ୍ରୋହୀ ପରିଚାଳିତ ସରକାର ଘଟଣାର ଯାଞ୍ଚ ନି ।।ର୍ଦ୍ଦେଶ ଦେଇଛନ୍ତି।

## ଆସାମ ଖଣିରେ ଫସି ରହିଛନ୍ତି ୫ ଶ୍ରମିକ

ଦିଶପୁର, ୧୨।୧ (ଏଜେନ୍ସି): ଆସାମର ଦୀମା ହସାଓ ଜିଲ୍ଲା ୩୦୦ ଫୁଟ ଗଭୀର କୋଇଲା ଖଣିରେ ଚାଲିଥିବା ଉଦ୍ଧାରକାର୍ଯ୍ୟ ରବିବାର ସପ୍ତମ ଦିନରେ ପହଞ୍ଚିଛି। ଆଜି ସୁଦ୍ଧା ୪ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଗଲାଣି। ଏବେ ବି ଶ୍ରମିକ ଖଣି ଭିତରେ ଥିବା ‘ର୍ୟାଟ୍ ହୋଲ୍ସ’ରେ ଫସି ରହିଛନ୍ତି। ଗତ ୮ ତାରିଖରେ ନେପାଳର ଗଙ୍ଗା ବାହାଦୂର ଶ୍ରେଷ୍ଠ, ଶନିବାର ଇମରାଙ୍ଗସୋର ଲିଜେନ ମଗର, କୋକରାଝାରର ଖୁସି ମୋହନ ରାୟ ଏବଂ ସୋନିତପୁରର ସରତ ଗୋୟାରି ସାମିଲ ଅଛନ୍ତି। ଭାରତୀୟ ସେନା ଏବଂ ଏନ୍‌ଡିଆରଏଫ୍ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହା ମଧ୍ୟରେ ଆସାମର ସ୍ୱତନ୍ତ୍ର ଡିଜିପି କହିଛନ୍ତି ଯେ ଦୁର୍ଘଟଣା ଦିନ ଖଣିରେ ଜଳସ୍ତର ୩୦ ମିଟର ପର୍ଯ୍ୟନ୍ତ ଥିଲା। ଏବେ ଏହା ୧୫ ମିଟରରୁ କମ୍ ହୋଇଯାଇଛି। ଆଗାମୀ ୩୬ ଘଣ୍ଟା ମଧ୍ୟରେ ପାଣି ବାହାର କରିବା କାମ ଶେଷ ହୋଇପାରେ ବୋଲି ଖଣିଜମନ୍ତ୍ରୀ କୌଶିକ ରାୟ କହିଛନ୍ତି।

## ତେଜୁଛି ତାମିଲନାଡୁ ରାଜ୍ୟପାଳ-ମୁଖ୍ୟମନ୍ତ୍ରୀ ବିବାଦ




ଚେନ୍ନଇ, ୧୨।୧ (ଏଜେନ୍ସି): ତାମିଲନାଡୁ ବିଧାନସଭା ଅଧିବେଶନରେ ଜାତୀୟସଙ୍ଗୀତ ଗାନକୁ ନେଇ ରାଜ୍ୟପାଳ ଆରଏନ ରବି ଏବଂ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକ ଥର ବିଭିନ୍ନ ପ୍ରସଙ୍ଗରେ ଉଭୟେ ମୁହାଁମୁହିଁ ହୋଇଥିଲେ ହେଁ ଏହି ନୂଆ ବିବାଦ ସ୍ଥିତିକୁ ଜଟିଳ କରିଦେଇଛି। ଗତ ୬ ତାରିଖରେ ରାଜ୍ୟପାଳ ବିଧାନସଭାରେ ଅଭିଭାଷଣ ନ ଦେଇ ଚାଲି ଯାଇଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ପିଲାଳିଆମୀ କହି ତାଚ୍ଛଲ୍ୟ କରିଥିଲେ। ଏବେ ରାଜ୍ୟପାଳ ଏହାର ଜବାବ ଦେଇଛନ୍ତି। ସେ ଷ୍ଟାଲିନଙ୍କୁ ଅତ୍ୟନ୍ତ ଗର୍ବୀ କହିଛନ୍ତି। ଭାରତକୁ ସମ୍ମାନ ଦିଅନ୍ତି ନାହିଁ ବୋଲି ମତ ଦେଇଛନ୍ତି। ରାଜ୍ୟପାଳ ରବି ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଜାତୀୟ ସଙ୍ଗୀତକୁ ଉଚିତ୍ ସମ୍ମାନ ଏଙ୍ଗ ସମ୍ବିଧାନରେ ନିହିତ ମୌଳିକ କର୍ତ୍ତବ୍ୟ ପାଳନକୁ ଷ୍ଟାଲିନ ବୃଥା ଏବଂ ପିଲାଳିଆମୀ ବୋଲି ଦାବି କରୁଛନ୍ତି। ସେ ଭାରତକୁ ଏକ ରାଷ୍ଟ୍ର ମାନୁ ନାହାନ୍ତି। ସମ୍ବିଧାନକୁ ମଧ୍ୟ ସମ୍ମାନ ଦେଉ ନାହାନ୍ତି। ଏଭଳି ଅହଙ୍କାର ଅନୁଚିତ। ଲୋକେ ଦେଶ ଏବଂ ସମ୍ବିଧାନର ଅପମାନକୁ ବରଦାସ୍ତ କରିବେ ନାହିଁ।

ଏହା ପୂର୍ବରୁ ଶନିବାର ଡିଏମ୍‌କେ ମୁଖ୍ୟ ଷ୍ଟାଲିନ ନିଜ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଥିଲେ। ରାଜ୍ୟପାଳ ବିଧାନସଭାକୁ ଆସି ସମ୍ବୋଧନ ନ କରି ପଳାଉଛନ୍ତି। ଏଥିପାଇଁ ସେ ରବିଙ୍କ କାର୍ଯ୍ୟକୁ ପିଲାଳିଆମୀ କହିଥିଲେ। ସୂଚନାଯୋଗ୍ୟ ଯେ କ୍ଷମତାରେ ରହିବା ପରଠାରୁ ୨୦୨୧ରୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବିବାଦ ଜାରି ରହିଛି। ଶ୍ରୀ ରବି ବିଜେପି ପ୍ରବକ୍ତା ଭଳି କାମ କରୁଥିବା ଏବଂ ନିଯୁକ୍ତି ଓ ବିଲ୍‌ଗୁଡିକୁ ଅଟକାଇ ରଖୁଥିବା ଡିଏମକେ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ସମ୍ବିଧାନ ଦେଇଥିବା ଅଧିକାର ଅନୁଯାୟୀ ସେ କାମ କରୁଛନ୍ତି ବୋଲି ରାଜ୍ୟପାଳ କହି ଆସୁଛନ୍ତି। ରାଜଭବନ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଚାଲିଥିବା ଏହି ବିବାଦ ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚି ଯାଇଥିଲା।

ଏହା ମଧ୍ୟରେ ତାମିଲନାଡୁ ରାଜ୍ୟପାଳଙ୍କୁ ହଟାଇବା ଲାଗି ସୁପ୍ରିମକୋର୍ଟରେ ଓକିଲ ସିଆର ଜୟା ସୁକିନ ଆବେଦନ ଦାଏର କରିଛନ୍ତି। ଏଥିରେ ରବିଙ୍କୁ ହଟାଇବା ପାଇଁ ରାଷ୍ଟ୍ରପତିଙ୍କ ସଚିବ ଏବଂ ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ଆବେଦନକାରୀ କହିଛନ୍ତି ଯେ ରାଜ୍ୟପାଳ ନିଜ ଦାୟିତ୍ୱ ପାଳନ କରୁନାହାନ୍ତି। କ୍ରମାଗତ ଭାବେ ସମ୍ବିଧାନର ଉଲ୍ଲଙ୍ଘନ କରିଚାଲିଛନ୍ତି।

**ଟ୍ରମ୍ପଙ୍କ ଶପଥ ଗ୍ରହଣରେ ସାମିଲ ହେବେ ଜୟଶଙ୍କର**

## ୧୪୦୦ କୋଟି ଚାନ୍ଦା ସଂଗ୍ରହ କଲାଣି କମିଟି



ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ୨୦ ତାରିଖରେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଶପଥ ଗ୍ରହଣ କମିଟି ଭାରତକୁ ଆମନ୍ତ୍ରଣ କରିଛି। ଏହାକୁ ରକ୍ଷା କରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆମେରିକା ଗସ୍ତରେ ଯିବେ। ସେ ଟ୍ରମ୍ପଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ସାମିଲ ହେବେ। ଏହି ଅବସରରେ ସେ ଟ୍ରମ୍ପ ପ୍ରଶାସନରେ ସାମିଲ ଅନ୍ୟ ମନ୍ତ୍ରୀ ଏବଂ ଅନ୍ୟ ଦେଶର ନେତାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମକୁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଆର୍ଜେଣ୍ଟିନା ରାଷ୍ଟ୍ରପତି ଜେଭୟର ମିଲେଇ ଏବଂ ଅଲ୍ ସାଲ୍‌ଭାଡୋର ରାଷ୍ଟ୍ରପତି ନାଏବ ବୁକେଲେଙ୍କୁ ମଧ୍ୟ ନିମନ୍ତ୍ରଣ ପଠା ଯାଇଛି। ଟ୍ରମ୍ପଙ୍କ ପ୍ରବକ୍ତା କହିଛନ୍ତି ଯେ ନବ ନିର୍ବାଚିତ ରାଷ୍ଟ୍ରପତି ସବୁ ନେତା (ବିରୋଧୀ ହୁଅନ୍ତୁ ଅବା ସହଯୋଗୀ) ଙ୍କ ସହ ଖୋଲାଖୋଲି ଭାବେ ଆଲୋଚନା କରିବାକୁ ଚାହାନ୍ତି।

**■ ସୀମା ବିବାଦ**

## ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଜବାବ ତଲବ କଲା ବାଂଲାଦେଶ

ଢ଼ାକା, ୧୨।୧ (ଏଜେନ୍ସି): ଶେଖ ହସିନା ସରକାର ବିତାଡ଼ିତ ହେବା ପରଠାରୁ ବାଂଲାଦେଶ ଏବଂ ଭାରତ ମଧ୍ୟ ବିବାଦ ଉଗ୍ର ହେବାରେ ଲାଗିଛି। ଏହି କ୍ରମରେ ସୀମାରେ ଉତ୍ତେଜନାକୁ ନେଇ ବାଂଲାଦେଶ ବିଦେଶ ମନ୍ତ୍ରାଳୟ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ ଜାରି କରିଛି। ଦ୍ୱିପାକ୍ଷିକ ଚୁକ୍ତି ଉଲ୍ଲଙ୍ଘନ କରି ବାଂଲାଦେଶ ସୀମାର ୫ଟି ସ୍ଥାନରେ ଭାରତ ବାଡ଼ ଲଗାଇବାକୁ ପ୍ରୟାସ କରୁଥିବା ଢାକା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାକୁ ନେଇ ଗଭୀର ଚିନ୍ତା ବ୍ୟକ୍ତି କରାଯାଇଛି। ବାଂଲାଦେଶ ସରକାରୀ ନ୍ୟୁଜ୍ ଏଜେନ୍ସି ବିଏସଏସ ଅନୁଯାୟୀ ଏ ପ୍ରସଙ୍ଗରେ ଭାରତୀୟ ଉଚ୍ଚାୟୁକ୍ତ ବାଂଲାଦେଶର ବିଦେଶ ସଚିବ ଜଶିମ ଉଦ୍ଦିନଙ୍କ ସହିତ ୪୫ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ବୈଠକ ପରେ ଭାରତୀୟ ଉଚ୍ଚାୟୁକ୍ତ କହିଥିଲେ ଯେ ଦୁଇ ଦେଶ ସୁରକ୍ଷା ଦୃଷ୍ଟିରୁ ବାଡ଼ ଲଗାଇବାକୁ ସହମତ ହୋଇଛନ୍ତି। ଅପରାଧ ମୁକ୍ତ ସୀମା, ଚୋରା କାରବାରର ମୁକାବିଲା, ଆପରାଧିକ କାର୍ଯ୍ୟକଳାପର ନିୟନ୍ତ୍ରଣ ଆଦିର ମୁକାବିଲା ପାଇଁ ଆଲୋଚନା କରାଯାଇଥିଲା। ଏହି ପ୍ରସଙ୍ଗରେ ଉଭୟ ରାଷ୍ଟ୍ରର ସୁରକ୍ଷାବାହିନୀ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି) ଏବଂ ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ) ମଧ୍ୟରେ ଆଲୋଚନା ହୋଇଛି।

## ବିଜେପି ସମସ୍ତଙ୍କୁ ଆବାସ ନିଶ୍ଚିତକଲେ ନିର୍ବାଚନ ଲଢ଼ିବିନି: କେଜ୍ରିୱାଲ



ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ଦିଲ୍ଲୀ ନିର୍ବାଚନ ପାଖେଇ ଆସୁଥିଲା ବେଳେ ଭୋଟରଙ୍କୁ ନିଜ ପଟକୁ ଆକୃଷ୍ଟ କରିବା ପାଇଁ ସବୁ ରାଜନୈତିକ ଦଳ ଦିନରାତି ଏକାକାର କରି ଦେଇଛନ୍ତି। ଶାସକ ଦଳ ଆପ୍ ଏବଂ ବିଜେପି ମଧ୍ୟରେ ଜୋରଦାର ଲଢେଇ ହେବାକୁ ଯାଉଥିବାରୁ ଉଭୟ ଦଳ ଭୋଟରଙ୍କୁ ମନାଇବାରେ ଲାଗିଛନ୍ତି। ଏହିକ୍ରମରେ ଭୋଟରଙ୍କୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳିଚାଲିଛି। ତେବେ ଏହାମଧ୍ୟରେ ଦିଲ୍ଲୀର ବସ୍ତିବାସିନ୍ଦାଙ୍କୁ ନେଇ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପିକୁ ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି। ସେ ସିଧାସଳଖ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚ୍ୟାଲେଞ୍ଜ କରି ଯଦି ବିଜେପି ଦିଲ୍ଲୀର ସବୁ ବସ୍ତି ବାସିନ୍ଦାଙ୍କ ପାଇଁ ଆବାସ ନିଶ୍ଚିତ କରିବ ତେବେ ସେ ନିର୍ବାଚନରୁ ଓହରିଯିବେ ବୋଲି କେଜ୍ରିୱାଲ କହିଛନ୍ତି। ଏହାବ୍ୟତୀତ ସେ କହିଛନ୍ତି ଯେ, ଦିଲ୍ଲୀ ବସ୍ତି ଭଙ୍ଗା ଘଟଣାରେ ଯେଉଁ ବସ୍ତିବାସୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ତାହାକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିବା ଦରକାର। ଏଥିସହିତ ପ୍ରତି ବସ୍ତିବାସୀଙ୍କ ପାଇଁ ଆବାସ ନିଶ୍ଚିତ ହେବା ମଧ୍ୟ ଦରକାର। ଯେଉଁ ବସ୍ତିବାସୀଙ୍କୁ ସେମାନଙ୍କ ସ୍ଥାନରୁ ଉଚ୍ଛେଦ କରାଯାଇଛି ସେମାନଙ୍କୁ ସେହି ସ୍ଥାନରେ ଆବାସ ମିଳିବା ଉଚିତ। ଯଦି କୋର୍ଟରେ ସତ୍ୟପାଠ କରି ବିଜେପି ଏହାକୁ ନିଶ୍ଚିତ କରିବ ତେବେ ସେ ନିର୍ବାଚନ ଲଢେଇରୁ ଓହରିଯିବେ ବୋଲି କେଜ୍ରିୱାଲ କହିଛନ୍ତି।

## କପିଲ ମିଶ୍ରାଙ୍କୁ ନେଇ ଅଡୁଆରେ ବିଜେପି

ନୂଆଦିଲ୍ଲୀ,୧୨।୧(ଏଜେନ୍ସି) : ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଗତକାଲି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯିବା ପରେ ବିଜେପି ଶିବିରରେ ବିଦ୍ରୋହ ଦେଖାଯାଇଥିବା ଜଣାପଡ଼ିଛି। ଦିଲ୍ଲୀ କରାଓ୍ୱଲ ନଗର ଆସନରୁ ପାଞ୍ଚ ଥର ବିଧାୟକ ରହିଥିବା ମୋହନ ସିଂହ ବିଷ୍ଟ ଟିକଟ ନ ପାଇବାରୁ ସେ ଦଳ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକଟ କରିଛନ୍ତି। ମୋହନଙ୍କ ଅସନରେ ଦଳ କପିଲ ମିଶ୍ରାଙ୍କୁ ଟିକଟ ଦେଇଛି। କପିଲ ଏବେ ବିଜେପିରେ ରହିଥିଲେ ମଧ୍ୟ ପୂର୍ବରୁ ଆପ୍ରେ ରହି ମନ୍ତ୍ରୀ ରହିସାରିଛନ୍ତି। ସେହିପରି ମୋହନ ବିଷ୍ଟ କରାୱଲ ନଗରରୁ ୧୯୯୮, ୨୦୦୩, ୨୦୧୩ ଏବଂ ୨୦୨୦ରେ ବିଜୟୀ ହୋଇଥିଲେ। ଆପ୍ ଲହରରେ ସେ ୨୦୧୫ରେ କପିଲଙ୍କ ମିଶ୍ରାଙ୍କ ଠାରୁ ହାରିଥିଲେ।

## ବେକାର ଯୁବକଙ୍କୁ ୮୫୦୦ ଟଙ୍କାର ସହାୟତା ଦେବ କଂଗ୍ରେସ

ନୂଆଦିଲ୍ଲୀ,୧୨।୧(ଏଜେନ୍ସି) : ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀ ରାଜନୀତିରେ ଉଷ୍ମତା ଲାଗି ରହିଛି। ଭୋଟରଙ୍କୁ ଆକୃଷ୍ଟ କରିବାକୁ ସବୁ ରାଜନୈତିକ ଦଳଙ୍କ ପକ୍ଷରୁ କସରତ୍ ଚାଲିଥିଲା ବେଳେ ଭୋଟରଙ୍କୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳିଚାଲିଛି। ଏହିକ୍ରମରେ ଦିଲ୍ଲୀ ବେକାର ଯୁବକଙ୍କ ପାଇଁ କଂଗ୍ରେସ ସହାୟତାର ପ୍ରତିଶ୍ରୁତି ଦେଇଛି। ଦଳୀୟ ନେତା ସଚିନ ପାଇଲଟ ଘୋଷଣା କରିଛନ୍ତି ଯେ ଯଦି ଦିଲ୍ଲୀରେ କଂଗ୍ରେସ ସରକାର ପ୍ରତିଷ୍ଠା ହୁଏ ତେବେ ଶିକ୍ଷିତ ବେକାରୀଙ୍କୁ ପ୍ରୋତ୍ସାହନ ଦିଆଯିବା ସହିତ ବର୍ଷେ ପର୍ଯ୍ୟନ୍ତ ମାସିକ ୮୫୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯିବ। ‘ଯୁବା ଉଡ଼ାଣ ଯୋଜନା’ରେ ବେକାର ଯୁବକଙ୍କୁ ଏହି ସହାୟତା ରାଶି ମିଳିବ। ସେ କହିଛନ୍ତି ଫେବୃଆରୀ ୮ରେ ଦିଲ୍ଲୀରେ ନୂଆ ସରକାର ନିର୍ବାଚିତ ହେବ। ଏଥିପାଇଁ କଂଗ୍ରେସ ପୂରା ଦମ୍‌ରେ ନିର୍ବାଚନ ଲଢୁଛି।

# ମହାକୁମ୍ଭ ପାଇଁ ହାଇଟେକ୍ ବ୍ୟବସ୍ଥା: ଅଣ୍ଡରେ ୱାଟର ଡ୍ରୋନ୍ , ଏଆଇ କ୍ୟାମେରା



ପ୍ରୟାଗରାଜ,୧୨।୧(ଏଜେନ୍ସି):

୨୦୨୫ ମହାକୁମ୍ଭ ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ରାତି ପାହିଲେ ଆରମ୍ଭ ହେବ ବିଶ୍ୱର ସବୁଠୁ ବୃହତ ଏବଂ ଧାର୍ମିକ ମେଳା ଏହି ମହାକୁମ୍ଭ। ଜାନୁଆରୀ ୧୩ରୁ ଆରମ୍ଭ ହୋଇ ଫେବୃଆରୀ ୨୬ରେ ଶେଷ ହେଉଥିବା ଏହି ମେଳା ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ହାଇଟେକ୍ ବ୍ୟବସ୍ଥା କରାଯାଇଛି। ଏହି ଅବଧିରେ ଦେଶ ବିଦେଶରୁ ଏବଂ ଧର୍ମ, ଜାତି ନିର୍ବିଶେଷରେ ପ୍ରାୟ ୪୫ କୋଟି ଶ୍ରଦ୍ଧାଳୁ ଯୋଗ ଦେବା ଆକଳନ କରାଯାଇଥିଲା ବେଳେ ସବୁ ଦିଗକୁ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ଗ୍ରହଣ କରାଯାଇଛି। ସୁରକ୍ଷା ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ୭୦ ଜିଲ୍ଲାରୁ ୩୦ ହଜାର ପୁଲିସ କର୍ମୀଙ୍କୁ ନିୟୋଜିତ କରାଯାଇଛି। ପୁଲିସ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ ଅତ୍ୟାଧୁନିକ ବ୍ୟବସ୍ଥାରେ କାର୍ଯ୍ୟ କରିବାକୁ ପଦକ୍ଷେପ ନେଇଛି। ବିଭିନ୍ନ ସ୍ଥାନରେ ୨୭୦୦ ଏଆଇ କ୍ୟାମେରା ଲଗାଯାଇଥିବା ବେଳେ ସଙ୍ଗମ ସ୍ଥଳ ଏବଂ ବୁଡ଼ ପକାଇବା ଘାଟରେ ପାଣି ଭିତରେ ୱାଟର ଡ୍ରୋନ ମଧ୍ୟ ମୁତୟନ କରାଯାଇଛି। କେବଳ ସଙ୍ଗମ ସ୍ଥଳ କିମ୍ବା ବୁଡ଼ ପକାଇବା ଘାଟ କିମ୍ବା ମନ୍ଦିର ନୁହେଁ, ପ୍ରୟାଗରାଜକୁ ଯୋଡୁଥିବା ସମସ୍ତ ସଡ଼କ ପଥରେ ବିଭିନ୍ନ ପଏଣ୍ଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉତ୍ତରପ୍ରଦେଶ ପୁଲିସ ପକ୍ଷରୁ ୭ ସ୍ତରୀୟ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା ବେଳେ ବିଭିନ୍ନ ସ୍ଥାନରେ ୧୦୨ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଛି। ଏଗୁଡିକରେ ପ୍ରାୟ ୧୧୦୦ ପୁଲିସ କର୍ମୀ ଓ ଅଧିକାରୀ ମୁତୟନ ରହିଛନ୍ତି। ରାଜ୍ୟ ପୁଲିସ ବ୍ୟତୀତ ଏନଡିଆରଏଫ ଟିମ୍ ଏବଂ କେନ୍ଦ୍ରୀୟ ସଶସ୍ତ୍ର ବଳ ମଧ୍ୟ ମୁତୟନ କରାଯାଇଛି। ସଡ଼କ ପଥରେ ୧୨୫ ଆମ୍ବୁଲାନ୍ସ ସହ ଜଳପଥରେ ମଧ୍ୟ ୭ ‘ ରିଭର ଆମ୍ବୁଲାନ୍ସ’ ନିୟୋଜିତ ହୋଇଛି।

**ପର୍ଯ୍ୟଟକଙ୍କ ପାଇଁ ବିଳାସପୂର୍ଣ୍ଣ ଶିବିର, ସ୍ୱତନ୍ତ୍ର ପାଭିଲିୟନ**

ମହାକୁମ୍ଭ ଭାରତର ମହାନ ସନାତନ ସଂସ୍କୃତି ଓ ପରାମ୍ପରାର ଏକ ପ୍ରତୀକ ଭାବେ ଜାତି, ଧର୍ମ ଏବଂ ଦେଶ ନିର୍ବିଶେଷରେ ସବୁ ବର୍ଗର ଶ୍ରଦ୍ଧାଳୁଙ୍କ ପାଇଁ ମହତ୍ତ୍ୱ ରଖିଥାଏ। ଏଥିପାଇଁ ଦେଶ ବିଦେଶରୁ ଏହି ମେଳାକୁ ପ୍ରତି ଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁମାନଙ୍କ ପାଇଁ ପୂର୍ଣ୍ଣ ଆତିଥେୟତା ପାଇଁ କେନ୍ଦ୍ର ପର୍ଯ୍ୟଟନ, ରାଜ୍ୟ ପର୍ଯ୍ୟଟନ ବିଭାଗ ସମେତ ରେଳବାଇର ଆଇଆରସିଟିସି ପକ୍ଷରୁ ରହଣି ବ୍ୟବସ୍ଥା କରାଯାଇଛି। ଅତ୍ୟାଧୁନିକ ଏବଂ ବିଳାସପୂର୍ଣ୍ଣ ଟେଣ୍ଟ ବା ଶିବିର ସହିତ ଏହି ମେଳାର ବିଭିନ୍ନ କାର୍ଯ୍ୟକ୍ରମ ପରଖିବାକୁ ‘ଇନକ୍ରେଡିବଲ ଇଣ୍ଡିଆ ପାଭିଲିୟନ୍’ ପ୍ରତିଷ୍ଠା କରାଇୟଯାଇଛି। ୫୦୦୦ ବର୍ଗ ଫୁଟ୍ ପରିମିତ ଏହି ପାଭିଲିୟନରେ ଶ୍ରଦ୍ଧାଳୁ , ପର୍ଯ୍ୟଟକ, ଗବେଷକ, ଗଣମାଧ୍ୟମ ପ୍ରତିନିଧି ଏବଂ ପ୍ରବାସୀ ଭାରତୀୟଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ମହାକୁମ୍ଭ ପାଇଁ ରେଳବାଇ ପକ୍ଷରୁ ୧୩୦୦୦ ଟ୍ରେନ ଚଳାଚଳ କରିବା ସହିତ ୩୦୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ସେହିପରି ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ଦେଶର ପ୍ରାୟ ସମସ୍ତ ସହର ସମେତ ବହୁ ବିଦେଶୀ ସହର ସହିତ ପ୍ରୟାଗରାଜକୁ ବିମାନ ସେବା ଲାଗି ଯୋଡାଯାଇଛି।

■ ଚର୍ଚ୍ଚାରେ ହପ୍-ଅପ୍ ହପ୍-ଅନ୍ ବସ୍ ସେବା

# ୨୦୦ ଟଙ୍କାରେ ଦ୍ୱୈତନଗରୀର ସବୁ ପର୍ଯ୍ୟଟନସ୍ଥଳୀ

**ଭୁବନେଶ୍ୱର,୧୨।୧(ସମିସ):** ମାତ୍ର ୨ଶହ ଟଙ୍କାରେ ଦ୍ୱୈତନଗରୀ (ଭୁବନେଶ୍ୱର-କଟକ)ର ସବୁତକ ପର୍ଯ୍ୟଟନସ୍ଥଳୀ ଦିନକରେ ବୁଲିପାରିବେ। ଏଥିପାଇଁ ଘରୋଇ ଗାଡ଼ି ଭଡ଼ା କରିବା ଆବଶ୍ୟକ ନାହିଁ କିମ୍ବା ଏକାଧିକ ଅଟୋ-ବସ୍‌ରେ ବସି ଟଙ୍କା ଗଣିବାର ଆବଶ୍ୟକତା ନାହିଁ। ଖାଲି ୨ଶହ ଟଙ୍କିଆ ପାସ୍‌ଟିଏ କରିଦେଲେ ଯଥେଷ୍ଟ। ପ୍ରବାସୀ ଭାରତୀୟ ଦିବସ ଅବସରରେ ଉଦ୍‌ଘାଟନ ହୋଇଥିବା ହପ୍-ଅପ୍ ହପ-ଅନ୍ ବସ୍ ଏବେ ପର୍ଯ୍ୟଟକଙ୍କୁ ଏମିତି ସେବା ଯୋଗାଇ ଚର୍ଚ୍ଚାକୁ ଆସିଛି। ଏହାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନ ଓ ରାଜ୍ୟ ବାହାରୁ ଭୁବନେଶ୍ୱର, କଟକ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଉଛି।

ଦ୍ୱାଦଶ ଶତାବ୍ଦୀର ମୁକ୍ତେଶ୍ୱର ମନ୍ଦିରଠାରୁ ଆରମ୍ଭ କରି ଶ୍ରୀଲିଙ୍ଗରାଜ, ରାଜାରାଣୀ, ମେଘେଶ୍ୱର ଓ ବ୍ରହ୍ମେଶ୍ୱର ମନ୍ଦିର ସମେତ ଧଉଳି ସ୍ତୂପ, ଖଣ୍ଡଗିରି-ଉଦୟଗିରି ପାହାଡ଼, ରାଜ୍ୟ ସଂଗ୍ରହାଳୟ, ନନ୍ଦନକାନନ, ସିଲଭର୍ ସିଟି ବୋଟ୍ କ୍ଲବ୍, ଓଡ଼ିଶା ସାମୁଦ୍ରିକ ସଂଗ୍ରହାଳୟ, ବାରବାଟୀ ଦୁର୍ଗ, ଚଣ୍ଡୀ ମନ୍ଦିର ଭଳି ପାଖାପାଖି ୨୦ଟି ଐତିହ୍ୟ ଓ ଦର୍ଶନୀୟ ସ୍ଥାନ ଦ୍ୱୈତନଗରୀରେ ରହିଛି। କିନ୍ତୁ ବାହାରୁ ଆସୁଥିବା ଜଣେ ପର୍ଯ୍ୟଟକ ପକ୍ଷେ ଏସବୁ ସ୍ଥାନ ବୁଲିବା ବ୍ୟୟବହୁଳ। ସ୍ୱତନ୍ତ୍ର ଭାବେ ଗୋଟିଏ ଟ୍ୟାକ୍ସି ଭଡ଼ା ନକଲେ ବୁଲିବା ପ୍ରାୟତଃ ଅସମ୍ଭବ। କାରଣ ଏସବୁ ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ନିତିଦିନିଆ ସ୍ଥାୟୀ ଗମନାଗମନର କୌଣସି ବ୍ୟବସ୍ଥା ନାହିଁ। ଏପରିସ୍ଥଳେ ଏହି ନୂଆ ବସ୍ ସେବା ସେଥିପାଇଁ ଉପଯୋଗୀ ସାବ୍ୟସ୍ତ ହେବା ସହ ଦ୍ୱୈତନଗରୀର ପର୍ଯ୍ୟଟନକୁ ସୁଦୃଢ଼ କରିବ ବୋଲି କୁହାଯାଉଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ ଟୁଇନ୍ ସିଟିର ୩ଟି ରୁଟ୍‌ରେ ଏହି ବସ୍ ସେବା ଉପଲବ୍ଧ ରହିଛି। ଏହି ରୁଟ୍‌ଗୁଡ଼ିକୁ ୧ଏଚ୍, ୨ଏଚ୍ ଏବଂ ୩ଏଚ୍ ନାମରେ ନାମିତ କରାଯାଇଛି। ୧ଏଚ୍ ରୁଟ୍‌ରେ ଏହି ବସ୍ ଭୁବନେଶ୍ୱର ରେଳ ଷ୍ଟେସନରୁ ବାହାରି ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଲିଙ୍ଗରାଜ ମନ୍ଦିର, ଧଉଳି ସ୍ତୂପ, ଚଉଷଠି ଯୋଗିନୀ, ମେଘେଶ୍ୱର, ବ୍ରହ୍ମେଶ୍ୱର, ରାଜାରାଣୀ ମନ୍ଦିର ଦେଇ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ପହଞ୍ଚୁଛି। ୨ଏଚ୍ ରୁଟ୍‌ରେ ଭୁବନେଶ୍ୱର ରେଳ ଷ୍ଟେସନରୁ ବାହାରି ରାମ ମନ୍ଦିର, ରବୀନ୍ଦ୍ର ମଣ୍ଡପ, ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟ, ଖଣ୍ଡଗିରି-ଉଦୟଗିରି, ବିଏସ୍‌ଏବିଟି, ଇସ୍କନ୍, ରିଜୋନାଲ ମ୍ୟୁଜିୟମ୍ ଅଫ୍ ନ୍ୟାଚୁରାଲ୍ ହିଷ୍ଟ୍ରିରୁ ରାମ ମନ୍ଦିର ଦେଇ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାଉଛି। ସେହିପରି ତୃତୀୟ ରୁଟ୍‌ରେ ଯାତ୍ରୀ ଭୁବନେଶ୍ୱର ରେଳ ଷ୍ଟେସନରୁ ବାହାରି ରିଜିଓନାଲ ମ୍ୟୁଜିୟମ୍ ଅଫ୍ ନ୍ୟାଚୁରାଲ୍ ହିଷ୍ଟ୍ରି, ନନ୍ଦନକାନନ, ସିଲଭର ସିଟି ବୋଟ୍ କ୍ଲବ୍, ଓଡ଼ିଶା ସାମୁଦ୍ରିକ ସଂଗ୍ରହାଳୟ, ବାରବାଟୀ ଦୁର୍ଗ, ଚଣ୍ଡୀ ମନ୍ଦିରରୁ ପୁଣି ନନ୍ଦନକାନନ ଏବଂ ରିଜିଓନାଲ ମ୍ୟୁଜିୟମ୍ ଅଫ୍ ନ୍ୟାଚୁରାଲ ହିଷ୍ଟ୍ରି ଦେଇ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ପହଞ୍ଚୁଛି।

ଏ ସଂପର୍କରେ କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ ଏହି ରୁଟ୍‌ରେ ସବୁ ସମୟରେ ବସ୍ ଚାଲୁଥିବାରୁ ଯାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ବସ୍ ପାଇଁ ଅପେକ୍ଷା କରି ଛିଡ଼ା ହେବାକୁ ପଡୁନାହିଁ। ପର୍ଯ୍ୟଟକଙ୍କ ସମୟ ବଞ୍ଚୁଛି। ସେହିପରି ୨୦୦ ଟଙ୍କିଆ ପାସ୍ କରିଥିବା ପର୍ଯ୍ୟଟକଜଣଙ୍କ ବାରମ୍ବାର ବସ୍ ବଦଳାଇଲେ ମଧ୍ୟ ତାକୁ ଅତିରିକ୍ତ ଟଙ୍କା ଗଣିବାକୁ ପଡ଼ିବ ନାହିଁ। ସେହି ଗୋଟିଏ ପାସ୍‌ରେ କାମ ଚଳିଯିବ।

ଦେଶର ଦିଲ୍ଲୀ, ମୁମ୍ବାଇ ଭଳି ବିଭିନ୍ନ ମେଟ୍ରୋସିଟିରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଏଭଳି ସେବା ଉପଲବ୍ଧ ରହିଥିବା ବେଳେ ବର୍ତ୍ତମାନ ରାଜ୍ୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର-କଟକର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଏହି ବସ୍ ସେବା ସଂଯୋଗ କରୁଛି। ଆଗାମୀ ଦିନରେ ଏହାର କଳେବର ବୃଦ୍ଧି କରାଯାଇପାରେ ବୋଲି କୁହାଯାଉଛି।

## ଇଥାନଲ୍ କାରଖାନାରେ ଖଣ୍ଡଖଣ୍ଡ ହୋଇଗଲେ ଶ୍ରମିକ

**ତରଭା, ୧୨।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଣିମୁରାରେ ଥିବା ଇଥାନଲ କାରଖାନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଅରଖପଦର ନିବାସୀ ଘନ ମହାକୁଡ଼ଙ୍କ ପୁଅ ଅଜୁ ମହାକୁଡ଼(୨୬)। ଇଥାନଲ୍ କାରଖାନାରେ ଜଣେ ଠିକାଦାରଙ୍କ ଅଧୀନରେ ସେ କାମ କରୁଥିଲେ। ଆଜି ସଂଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ସେ ମେସିନ୍ ଭିତରେ ଗଳି ପଡ଼ିବାରୁ ତାଙ୍କ ଶରୀର ଖଣ୍ଡଖଣ୍ଡ ହୋଇଯାଇଥିଲା। ରାତି ୧୦ଟା ସୁଦ୍ଧା

■ କାରଖାନା ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ
■ ଘଟଣାସ୍ଥଳରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ

ମେସିନ ଭିତରୁ ତାହା କଢ଼ା ଯାଇନଥିଲା। ବୈଷୟିକ ଟିମ୍ ଆସିବା ପରେ କଢ଼ା ହେବ ବୋଲି ପୁଲିସ୍ କହିଛି। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଜୁଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀମାନେ କାରଖାନା ଗେଟ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ତରଭା ଥାନା ଆଇଆଇସି ଅନିତା କିଡୋ, ଥାନାର ଷ୍ଟାଫ୍ ଓ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଛନ୍ତି।

‘ମିସା ବନ୍ଦୀ’ ପେନ୍‌ସନ୍‌କୁ ପ୍ରଫୁଲ୍ଲଙ୍କ ପ୍ରତ୍ୟାଖ୍ୟାନ

# ଅସହାୟ ଓ ଅଭାବୀ ବନ୍ଦୀଙ୍କୁ ଭତ୍ତା ମିଳୁ

**ଭୁବନେଶ୍ୱର,୧୨।୧(ସମିସ):** ଜରୁରୀ ପରିସ୍ଥିତି ସମୟରେ ଜେଲ ଯାଇଥିବା ବ୍ୟକ୍ତିମାନଙ୍କୁ ରାଜ୍ୟ ସରକାର ମାସିକ ୨୦ ହଜାର ଟଙ୍କା ପେନସନ ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ମାତ୍ର ଏହି ପେନସନକୁ ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ

■ ଅନେକ ନେତା ଦୁଇ ଦୁଇଟା ପେନ୍‌ସନ୍ ପାଉଛନ୍ତି
■ ସରକାରୀ ଭତ୍ତାରୁ ସ୍ୱଚ୍ଛଳମାନେ ଓହରିଯାଆନ୍ତୁ

ସାମନ୍ତରାୟ ଗ୍ରହଣ କରିବାକୁ ମନା କରିଛନ୍ତି। ଶ୍ରୀ ସାମନ୍ତରା ଲୋହିଆ ଏକାଡେମୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରିବା ସହ ଅସହାୟ ଓ ଅଭାବୀଙ୍କୁ ‘ମିସା’ ପେନସନ ପ୍ରଦାନ କରିବାକୁ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି ଯେ ଦୀର୍ଘ ୪୭ ବର୍ଷ ପରେ ତତ୍କାଳୀନ ବନ୍ଦୀମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ବିଧାୟକ, ସାଂସଦ ପେନସନ ପାଉଛନ୍ତି। ସେହିପରି କିଛି ସମ୍ପତ୍ତିବାନ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଅର୍ଥର ଅଭାବ ନାହିଁ। କିଛି ବ୍ୟକ୍ତି ନିଜେ ବ୍ୟବସାୟରେ ପ୍ରତିଷ୍ଠିତ ହୋଇ ସାରିଛନ୍ତି । ସେତେବେଳେ ବନ୍ଦୀ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ଜରୁରୀ ପରିସ୍ଥିତିଠାରୁ ବର୍ତ୍ତମାନର ଭୟାନକ ଅଘୋଷିତ ଜରୁରୀ ପରିସ୍ଥିତିର ସମର୍ଥକ ଓ ସହଯୋଗୀ ଭାବରେ ରାଜନୀତି କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ଭତ୍ତା ଦେବାର ଯଥାର୍ଥତା ଉପରେ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ନିଜେ ଜରୁରୀ ପରିସ୍ଥିତିରେ ଭଞ୍ଜନଗର ଜେଲରେ ଏକ ବର୍ଷ ‘ମିସା’ ବନ୍ଦୀ ରୂପେ ରହିଥିଲେ ହେଁ ପେନସନ୍ ନେବେ ନାହିଁ ବୋଲି ପ୍ରଫୁଲ୍ଲ କହିଛନ୍ତି। ତେବେ ବନ୍ଦୀମାନେ ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଛନ୍ତି ଓ ଅଭାବରେ ରହିଛନ୍ତି, ସେମାନଙ୍କୁ ଭତ୍ତା ପ୍ରଦାନ ଯଥାର୍ଥ ହୋଇପାରେ। ମାତ୍ର ସେ ନିଜେ ଭତ୍ତା ଗ୍ରହଣ କରିବେ ନାହିଁ ବା ଏଥିପାଇଁ ଆବେଦନ ମଧ୍ୟ ସେ କରିବେ ନାହିଁ ବୋଲି ପ୍ରଫୁଲ୍ଲ କହିଛନ୍ତି। ଦେଶ ଓ ରାଜ୍ୟରେ ଜଣେ ଜଣେ ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକ ରୂପେ ଦୁଇ ଦୁଇଟା ପେନସନ ପାଉଛନ୍ତି; ଯାହାକି ଅନୈତିକ ଓ ଅବାଞ୍ଛନୀୟ। କେବଳ ଗୋଟିଏ ପେନସନ ପାଇବା ପାଇଁ ନିୟମ କିମ୍ବା ଆଇନ ହେବା ଏକାନ୍ତ ଜରୁରୀ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଆର୍ଥିକ ଅସ୍ୱଚ୍ଛଳତା ଭିତରେ ରହୁଛନ୍ତି ସେମାନଙ୍କ ପାଇଁ ହିଁ ପେନସନ ଲାଗୁ ହେବା ଉଚିତ୍ ବୋଲି ଶ୍ରୀ ସାମନ୍ତରା କହିଛନ୍ତି।

### ସୀମାନ୍ତରେ ମହିଳା ମାଓବାଦୀଙ୍କ ସହ ୨ ଗିରଫ

**ମାଲକାନଗିରି, ୧୨।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲ୍ଲା ପୁଲିସ୍ କୁଖ୍ୟାତ ମାଓବାଦୀ ପ୍ରଭାକରଙ୍କ ସ୍ତ୍ରୀ ରାଜେ କାଙ୍ଗେଙ୍କୁ ଗିରଫ କରିଛି। ସେ ଡିବିସିଏମ୍‌ର ମାଓ ନେତ୍ରୀ ଥିଲେ। ତାଙ୍କ ମୁଣ୍ଡରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। କୋଡୋସାଲେଭାଟ ଗ୍ରାମର ସ୍ୟାମନାଥ ଉସେଂଡିଙ୍କ ଘରେ ସେ ଲୁଚିଥିବା ଆଜି ପୁଲିସକୁ ଖବର ମିଳିଥିଲା। ପରେ ସେହି ଗ୍ରାମକୁ ପୁଲିସ୍ ଘେରାବନ୍ଦୀ କରି ତାଙ୍କୁ ଗିରଫ କରିଥିଲା। ତାଙ୍କ ସହ ଶ୍ୟାମନାଥ ଉସେଣ୍ଡିଙ୍କୁ ମଧ୍ୟ ପୁଲିସ୍ ଗିରଫ କରିଛି।

■ ବିଶ୍ୱାସରେ ବିଷ ଦେଲା ପ୍ରେମିକ


# ଯୁବତୀଙ୍କୁ ଅପହରଣ ପରେ ହତ୍ୟା

**ରାଉରକେଲା, ୧୨।୧(ସମିସ):** ଇନ୍‌ଷ୍ଟାଗ୍ରାମରୁ ପ୍ରେମ, ପରେ ଅପହରଣ ଏବଂ ଲିଭ୍‌ଇନ୍ ରିଲେସନ୍‌ସିପ୍ ପରେ ଯୁବତୀକୁ ହତ୍ୟା। ଏପରି ସଙ୍ଗୀନ ଅଭିଯୋଗ ଆସିଛି ବିସ୍ରା ଥାନା ଅଞ୍ଚଳରୁ। ରାଉରକେଲା ମହତାବ ରୋଡ୍ ଅଞ୍ଚଳର ଜଣେ ବିବାହିତା ଯୁବତୀଙ୍କୁ ଇନ୍‌ଷ୍ଟାଗ୍ରାମରେ ପ୍ରେମ ନିବେଦନ କରି ଜାଲରେ ଫସାଇ ବିସ୍ରା ଅଞ୍ଚଳର ଜଣେ ଯୁବକ ଅପହରଣ କରିବା ଏବଂ ୨୦ ଦିନ ଧରି ଲିଭ-ଇନ୍-ରିଲେସନସିପ୍‌ରେ ରଖି ହତ୍ୟା କରିବା ଭଳି ଅଭିଯୋଗ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରେମିକ ଅଟକ

ସୂଚନାଯୋଗ୍ୟ ଯେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବ ରୋଡସ୍ଥିତ ଧୋବିଘାଟ ନିବାସୀ ସଞ୍ଜୟ ରାମଙ୍କ ଝିଅ ମଧୁଙ୍କ ସହ ବିସ୍ରା ଥାନା ଅଞ୍ଚଳର ମହମ୍ମଦ ଅୟାନ୍ ଓରଫ୍ ସାହିଲ ଇନ୍‌ଷ୍ଟାଗ୍ରାମରେ ବନ୍ଧୁତା ସ୍ଥାପନ କରି ପ୍ରେମ ଜାଲରେ ଫସାଇଥିଲା। ପରେ ତାକୁ ଗତ ୨୦ ଦିନ ପୂର୍ବେ ଡାକି ସାଙ୍ଗରେ ବିସ୍ରା ନେଇ ଯାଇଥିଲା। ୨୦ ଦିନ ଧରି ସେମାନେ ସାଙ୍ଗରେ ରହିଥିଲେ। ପରେ ମଧୁର ମୃତଦେହ ସନ୍ଦେହଜନକ ଅବସ୍ଥାରେ ବିସ୍ରାସ୍ଥିତ ଆୟାନର ଘରେ ମିଳିଥିଲା। ମଧୁକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ମଧୁର ପରିବାର ଅଭିଯୋଗ କରିଛନ୍ତି। ମଧୁର ପିତା ସଞ୍ଜୟ ରାମ ବିସ୍ରା ଥାନାରେ ଏତଲା ଦେବା ପରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ୍ ଅଭିଯୁକ୍ତ ମହମ୍ମଦ ଆୟାନକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମଧୁ ବିବାହିତା ଓ ତାଙ୍କର ୫ ବର୍ଷର ଏକ ଶିଶୁକନ୍ୟା ବି ଅଛି। ମଧୁର ସ୍ୱାମୀ ମୁମ୍ବାଇ କାମ କରିବାକୁ ଯାଇଛନ୍ତି। ମଧୁକୁ ଅପହରଣ ପରେ ତା’ର ପିତାମାତା ବିସ୍ରାସ୍ଥିତ ଆୟାନ ଘରକୁ ଯାଇଥିଲେ ମଧ୍ୟ ସେମାନେ ମଧୁ ସହ ଭେଟ କରିବାକୁ ଦେଇ ନଥିଲେ। ତାକୁ ହତ୍ୟା କରିବା ପରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା ରୂପ ଦିଆଯାଇଥିବା ମଧୁର ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଜାତୀୟ ଯୁବ ଦିବସ ପାଳିତ
# ସ୍ୱାମୀ ବିବେକାନନ୍ଦ ଏକ ଚିରଞ୍ଜୀବୀ ଚେତନା



**ଭୁବନେଶ୍ୱର,୧୨।୧(ସମିସ):** ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତି ସତ୍ତା ନୁହେଁ, ବରଂ ଏକ ଚିରଞ୍ଜୀବୀ ଚେତନା। ଏହି ନାମ ଏକ ଅତୁଳନୀୟ ଆଦର୍ଶ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନବୋଧକୁ ଉପଲବ୍ଧି କରିବାର ପବିତ୍ର ଓଁକାର। ଜାତୀୟ ଯୁବ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ଭୁବନେଶ୍ୱର ରାମକୃଷ୍ଣ ମିଶନ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ବିବେକାନନ୍ଦଙ୍କ ଛବି ଆଜି ପର୍ଯ୍ୟନ୍ତ ଜଣେ ତେଜସ୍ୱୀ, ବାଗ୍ମୀ ଓ ମହାନ୍ ସଂଗ୍ରାମୀ ସନ୍ନ୍ୟାସୀ ଭାବେ ଅମଳିନ ରହିଛି। ସେ ଥିଲେ ଜଣେ ଯୁବ ସନ୍ନ୍ୟାସୀ, ଯିଏ ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ। ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ରାମକୃଷ୍ଣ ମିଶନର ସମ୍ପାଦକ ତଥା ଅଧ୍ୟକ୍ଷ ସ୍ୱାମୀ ଆତ୍ମ ପ୍ରଭାନନ୍ଦଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରଜକିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମାଓ ଡମ୍ପ୍ ଠାବ; ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି,୧୨।୧(ସମିସ):** ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଜିଲେନଗୁଡ଼ା ଗ୍ରାମ ନିକଟ ଜଙ୍ଗଲରୁ ଏକ ମାଓ ଡମ୍ପ ଠାବ ହୋଇଛି। ସେଠାରୁ ଯବାନମାନେ ଗୋଟିଏ



ଏସ୍‌ଏଲ୍‌ଆର୍ ବନ୍ଧୁକ, ଦୁଇଟି ଗୁଳି, ୪ଟି ଏମୁନେସନ୍ ଚାର୍ଜର କ୍ଲିପ୍, ୫୦ ଗୋଟି ୭.୬୨ ଏମ୍‌ଏମ୍‌ଏସ୍‌ଏଲ୍‌ଆର୍ ବାଲ୍ ଏମୁନେସନ୍, ଦୁଇଟି ୩୦୩ ବାଲ୍ ଏମୁନେସନ୍, ଗୋଟିଏ ମାଗାଜିନ୍ ପାଉଚ୍ ଏବଂ ବ୍ରସ୍, ସାବୁନ୍ ଭଳି ଦୈନନ୍ଦିନ ବ୍ୟବହୃତ କିଛି ସାମଗ୍ରୀ ଜବତ ହୋଇଛି। ଏହି ସମସ୍ତ ମାଓ ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟି ତରଫରୁ ପୋତା ଯାଇଥିବା ଜଣାପଡ଼ିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସ୍‌ପି ବିବେକାନନ୍ଦ ଶର୍ମା ଏହି ସୂଚନା ଦେଇଛନ୍ତି।

# ସହକାରୀ କୃଷି ଅଧିକାରୀଙ୍କଠାରୁ ୮୦ ଲକ୍ଷ ଲୁଟିନେଲେ

ଭୁବନେଶ୍ୱର, ୧୨।୧(ସମିସ): ଦିନକୁ ଦିନ ସାଇବର ଠକଙ୍କ ଆତଙ୍କ ବଢୁଥିବା ବେଳେ ପ୍ରତିଦିନ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ଅନଲାଇନ୍ ସପିଂ, ରିଚାର୍ଜ ଠାରୁ ଆରମ୍ଭ କରି ଟ୍ରେଡିଂ ଆଳରେ ଚୂନ ଲଗାଉଛନ୍ତି ଏହି ଅଦୃଶ୍ୟ ଠକ। ଏବେ ଜଣେ ସହକାରୀ କୃଷି ଅଧିକାରୀ ସେମାନଙ୍କ ଜାଲରେ ପଡ଼ି ୮୦ ଲକ୍ଷ ଟଙ୍କା ହରାଇଛନ୍ତି। ଏନେଇ ସେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ଅନୁଯାୟୀ, ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସହକାରୀ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ ସେୟାର ମାର୍କେଟରେ ଟ୍ରେଡିଂ କରୁଥିଲେ। ଆରମ୍ଭରୁ ଅଳ୍ପ କିଛି ଟଙ୍କା ନିବେଶ କରିବା ପରେ ଲାଭ ମଧ୍ୟ ପାଇଥିଲେ। ହେଲେ ଧୀରେଧୀରେ ଅଧିକ ଟଙ୍କା ନିବେଶ କରିବାକୁ ଲାଗିଲେ। ଏମିତିକି ଉଭୟ ପତିପତ୍ନୀ ମିଶି ସେୟାର ମାର୍କେଟରେ ଲକ୍ଷାଧିକ ଟଙ୍କା ନିବେଶ କରିଥିଲେ। ଲକ୍ଷାଧିକ ଟଙ୍କା ଲାଭ ହେଉଥିବା ୱାଲେଟରେ ଦେଖାଇଥିଲେ। ଟଙ୍କା ବଢୁଥିବାରୁ ଘନଶ୍ୟାମଙ୍କୁ ଆହୁରି ବିନିଯୋଗ କରିବା ପାଇଁ କୁହାଯାଇଥିଲା। ଘନଶ୍ୟାମ ମଧ୍ୟ ସେମାନଙ୍କ କଥାରେ ବିଶ୍ୱାସ କରି ଆହୁରି ଟଙ୍କା ବିନିଯୋଗ କରିଥିଲେ। ତେବେ ୱାଲେଟ୍‌ରୁ ଟଙ୍କା ଉଠାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ଟଙ୍କା ଉଠାଇବା ପୂର୍ବରୁ ଟଙ୍କା ଜମା କରିବା ପାଇଁ ସାଇବର ଠକ ତାଙ୍କୁ କହିଥିଲେ। ଜମା କରିବା ପରେ ମଧ୍ୟ ଘନଶ୍ୟାମ ୱାଲେଟ୍‌ରୁ ଟଙ୍କାଟିଏ ଉଠାଇ ପାରିନଥିଲେ। ଏହିପରି ସାଇବର ଠକମାନେ ଘନଶ୍ୟାମଙ୍କଠାରୁ ୭୯ ଲକ୍ଷ ୧୦ ହଜାର ୪୧୭ ଟଙ୍କା ଠକି ନେଇଛନ୍ତି। ପତିପତ୍ନୀ ମିଶି ୬୦ରୁ ଅଧିକ ପର୍ଯ୍ୟାୟରେ ଉପୋରକ୍ତ ଟଙ୍କା ଦେଇଛନ୍ତି।

# ଆଜି ସରିବ ପହିଲି ଭୋଗ ନୀତି

**ପୁରୀ,୧୨।୧(ସମିସ):** ପବିତ୍ର ଧନୁ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ପହିଲି ଭୋଗ ନୀତି। ଏହା ମକର ସଂକ୍ରାନ୍ତି ପୂର୍ବ ମାସାନ୍ତ ପର୍ଯ୍ୟନ୍ତ ଚାଲିବାର ବିଧି ରହିଛି। ତେଣୁ ସୋମବାର ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଶେଷ ହେବ। ଏହିଦିନ ମହାପ୍ରଭୁଙ୍କ ନବାଙ୍କ ବେଢ଼ା ଓ ନବାଙ୍କ ବେଶ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ପହିଲି ଭୋଗରେ ଠାକୁରଙ୍କ ପାଖରେ ବଡ଼ଝିଲ୍ଲୀ, ଦରସୁଆ, ବଡ଼ବଡ଼ା, ସାନ ଅମାଲୁ, ନଳୀ, ଆରିସା, ଏଣ୍ଡୁରୀ, ମୁଗେଇ, ଝଡେଇନଦା, ଚୁଡ଼ାପୁଆ, ଛତୁ, ନଡ଼ୁ, ଖଜା, ଖଇରଚୁଳ, ଗଇଣ୍ଠା, ମଣ୍ଡା, ଛତୁପୁଆ, କଣ୍ଟେଇ ଆଦି ଲାଗି କରାଯାଇଥାଏ। ମାସେ ଧରି ଗୋପାଳ ବଲ୍ଲଭ ଭୋଗ ସହ ପହିଲି ଭୋଗ ହୋଇଥାଏ। କାଉ ରାବିବା ପୂର୍ବରୁ ଏହି ଭୋଗ ଠାକୁରଙ୍କ ପାଖରେ ଅର୍ପଣ କରାଯିବାର ବିଧି ରହିଛି। ଶ୍ରୀମନ୍ଦିରରେ ପହିଲି ଭୋଗ ମା’ ଯଶୋଦାଙ୍କ ସେବା। ମା’ ଯଶୋମତୀ ପୁଷମାସ ଶୀତ ଦିନରେ ଶୀତକାଳୀନ ସୁସ୍ୱାଦୁ ପିଠା ତିଆରି କରିଥା’ନ୍ତି। ଥଣ୍ଡା ଲାଗିଯିବ ବୋଲି କୁଆ କାଁ’ ନ କରିବା ପୂର୍ବରୁ କଳାକାହ୍ନୁଙ୍କୁ ଖୁଆଇ ଶୀତବସ୍ତ୍ର ଘୋଡ଼ାଇ ଦେଇ ଜଗତବାସୀଙ୍କ ଗୁହାରି ଶୁଣିବା ନିମନ୍ତେ ପ୍ରସ୍ତୁତ କରାଇଥା’ନ୍ତି।

## ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଅନୁପସ୍ଥିତ ଏମ୍‌ଆଇ ନିଲମ୍ବିତ

**ଜଗତସିଂହପୁର, ୧୨।୧ (ସମିସ):** ଜଗତସିଂହପୁର ଜିଲ୍ଲାର ପାରାଦୀପ ପୌରାଞ୍ଚଳରେ ନିଯୁକ୍ତି ପାଇଥିବା ମାର୍କେଟିଂ ଇନ୍‌ସପେକ୍ଟର୍ ଅଲିଭା ଦାଶଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ବିଭାଗୀୟ ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଅନୁପସ୍ଥିତ ରହିବା କାରଣରୁ ଜିଲ୍ଲାପାଳ ଜେ.ସୋନାଲ ତାଙ୍କୁ ନିଲମ୍ବିତ କରିଛନ୍ତି। ସୂଚନାନୁସାରେ, ଗତ ଶନିବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ସଦ୍‌ଭାବନା ସଭାଗୃହରେ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ପାରାଦୀପ ପୌରାଞ୍ଚଳର ଏମ୍‌ଆଇ ଅଲିଭା ଦାଶ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନକୁ ନଜଣାଇ ଅନୁପସ୍ଥିତ ରହିଥିଲେ। ଫଳରେ ପାରାଦୀପ ପୌରାଞ୍ଚଳରେ ପିଡିଏସ୍ ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ସୂଚନା ମିଳି ନଥିଲା। ଏଥିରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ଏବଂ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିରକ୍ତି ପ୍ରକାଶ କରିଥିଲେ। ପରେ ସମ୍ପୃକ୍ତ ଏମ୍‌ଆଇଙ୍କୁ ନିଲମ୍ବିତ କରିବା ପାଇଁ ମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏମ୍‌ଆଇ ଅଲିଭା ଦାଶଙ୍କୁ ନିଲମ୍ବନ କରାଯିବା ସହିତ କୁଜଙ୍ଗ ବ୍ଲକ୍ ଏମ୍‌ଆଇ ଦୀପକ କୁମାର ପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଶ୍ରୀମତୀ ଦାଶଙ୍କ ମୁଖ୍ୟାଳୟ ଜଗତ୍‌ସିଂହପୁର ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ରହିବ ଏବଂ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।


WE ARE HIRING
Join India's most Trusted fitness equipment Brand.
WELCARE
Positions Available
1) Marketing Executive (Any Graduate/MBA)
2) Technician (ITI / Diploma - Any Trade)
3) Delivery Boy (10th / + 2)
Please send your CV at
Email: fitnesscarebbsr@gmail.com
Call : 7788014444
Visit: Welcare Fitness Equipment, Pandara Square, BBSR-Puribypass, Bhubaneswar



AFFIDAVIT
I, Susant Senapati, S/o- Late Markanda Senapati, resident of House No. HIG-169, K-6, Kalinga Vihar, PO-Patrapada, PS-Tamando, Bhubaneswar, Dist- Khordha, PIN-751019, Odisha declared by this affidavit No. 10, dtd- 09/01/2025 that now onwards I shall be known as **SUSANTA SENAPATI** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠୁ ପ୍ରୟାଗରାଜ...

ବିଶ୍ୱର କୋଣଅନୁକୋଣରୁ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ଗବେଷକଙ୍କ ସୁଅ ଛୁଟିଛି। ବିଶେଷକରି ସୂର୍ଯ୍ୟ, ଚନ୍ଦ୍ର, ଶନି ଏବଂ ବୃହସ୍ପତି ଗ୍ରହନକ୍ଷତ୍ରାଦିର ଏକ ଅସାଧାରଣ ସ୍ଥିତିକୁ ନେଇ ନିର୍ଦ୍ଦିଷ୍ଟ ତିଥିରେ ଏହି ମହାକୁମ୍ଭ ଅନୁଷ୍ଠିତ ହେଉଥିବା ବେଳେ ଏହି ସମୟରେ ପବିତ୍ର ଗଙ୍ଗା ନଦୀରେ ସ୍ନାନ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ମିଳିବା ନେଇ ବିଶ୍ୱାସ ରହିଛି।
ଏହି ମହାକୁମ୍ଭ ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲୁ ରହିବ। ଜାନୁଆରୀ ୧୪ ମକର ସଂକ୍ରାନ୍ତିରେ ସାହି ସ୍ନାନ, ୨୯ରେ ମୌନୀ ଅମାବାସ୍ୟା ଏବଂ ବସନ୍ତ ପଞ୍ଚମୀ ତିଥିରେ ସ୍ନାନର ମହତ୍ତ୍ୱ ଆଧ୍ୟାତ୍ମିକ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯଥେଷ୍ଟ ରହିଛି। ଏହି ମହାମିଳନରେ ପ୍ରାୟ ୩୫ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର, ଉତ୍ତରପ୍ରଦେଶ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସବୁ ଦିଗରୁ ବ୍ୟବସ୍ଥା କରାଯାଇଛି। ବିଶେଷକରି ସୁରକ୍ଷା ବ୍ୟବସ୍ଥା, ରହଣି ଏବଂ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପ୍ରସ୍ତୁତି କରାଯାଇଛି। ଏହି ଅବସରରେ ଭାରତୀୟ ରେଳବାଇ ପକ୍ଷରୁ ଦେଶର ବିଭିନ୍ନ ସହରରୁ ପ୍ରୟାଗରାଜକୁ ୧୩ ହଜାରରୁ ଅଧିକ ଟ୍ରେନ ଗଡ଼ିବା ସହିତ ବହୁ ସଂଖ୍ୟାରେ ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଚଳାଚଳ କରିବ ବୋଲି କୁହାଯାଇଛି। ସେହିପରି ବିଶ୍ୱର ବିଭିନ୍ନ ଭାଗରୁ ପ୍ରୟାଗରାଜକୁ ସିଧାସଳଖ ବିମାନ ଉଡ଼ାଣ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି।

### ମଝି ସମୁଦ୍ରରେ...

ଆଜି ସକାଳେ ଗହୀରମଥା ରେଞ୍ଜର ବାବୁବାଲି ଫରେଷ୍ଟର ସୁରେଶ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ଅଲଭିୟା ଟ୍ରଲରରେ ଗଭୀର ସମୁଦ୍ରରେ ପାଟ୍ରୋଲିଂ କରୁଥିଲେ। ବାବୁବାଲି ନିକଟରେ ଚଣ୍ଡୀ ତାରିଣୀ-୩ ନାମକ ଏକ ଟ୍ରଲର ବେଆଇନ ଭାବେ ମାଛ ମାରୁଥିବା ଦେଖିଥିଲେ। ଦିନ ପ୍ରାୟ ୨ଟାରେ ବନ ବିଭାଗ ପାଟ୍ରୋଲିଂ ଟିମ୍‌ଏ ହି ଟ୍ରଲରକୁ ଗୋଡ଼ାଇ ଧରିବା ସହ ଟ୍ରଲରରେ ଥିବା ଚାଳକ ଓ ଅନ୍ୟ ୮ ମତ୍ସ୍ୟଜୀବୀଙ୍କୁ ଧରିଥିଲେ। ବନ ବିଭାଗ ଟିମ୍ ସେହି ଟ୍ରଲରକୁ ଧରିବା କ୍ଷଣି ସେଠାରେ ବେଆଇନ ଭାବେ ମାଛ ମାରୁଥିବା ଅନ୍ୟ ଟ୍ରଲର୍‌ଗୁଡ଼ିକ ବନବିଭାଗ ପାଟ୍ରୋଲିଂ ଟିମ୍‌କୁ ଆକ୍ରମଣ ଉଦ୍ୟମ କରିଥିଲେ। ବନବିଭାଗ ପାଟ୍ରୋଲିଂ ଟିମ୍ ଜୀବନ ବଞ୍ଚାଇବା ପାଇଁ ବ୍ଲାଙ୍କ ଫାୟାରିଂ କରିଥିବା ବେଳେ ସେମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଏଥିସହ ବନବିଭାଗ ଧରିଥିବା ଚଣ୍ଡୀ ତାରିଣୀ-୩ ଟ୍ରଲରରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ସେମାନେ ବନବିଭାଗ ହାତରୁ ଛଡ଼ାଇ ନେଇଥିଲେ। ଧରାପଡ଼ିଥିବା ଚଣ୍ଡୀ ତାରିଣୀ-୩ ଟ୍ରଲର ସମେତ ଅନ୍ୟ ୫ଟି ଟ୍ରଲର ମିଳିତ ଭାବେ ବନବିଭାଗ ଟିମକୁ ଆକ୍ରମଣ ଉଦ୍ୟମ କରିଥିଲେ।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବର୍ଷତମାମ ପ୍ରବେଶ ଓ ମାଛଧରା ଉପରେ କଟକଣା ଥିବା ବେଳେ ଅଲିଭରିଡଲେଙ୍କ ପ୍ରଜନନ ଋତୁ ପାଇଁ ନଭେମ୍ବର ୧ରୁ ମେ’ ୩୧ ତାରିଖ ଯାଏଁ ୭ମାସ ଯାଏଁ ଦେବୀ ମୁହାଣଠାରୁ ଧାମରା ମୁହାଁଣ ଯାଏଁ କୂଳଠାରୁ ୨୦ କିମି ପର୍ଯ୍ୟନ୍ତ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି। ଏହାସତ୍ତ୍ୱେ ଟ୍ରଲର୍ ମାଫିଆମାନେ ବେଧଡ଼କ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ପଶି ମାଛ ମାରୁଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବଙ୍କୁ ପଚାରିବାରୁ ସେ କହିଛନ୍ତି, ବନ ବିଭାଗ ପାଟ୍ରୋଲିଂ ଟିମ୍ ଅଲଭିଆରେ ପାଟ୍ରୋଲିଂ କରୁଥିଲେ। ୬ଟି ଟ୍ରଲର୍ ଏକାଠି ହୋଇ ମାଛ ମାରୁଥିଲେ। ତା’ ଭିତରୁ ଗୋଟିଏ ଟ୍ରଲରକୁ ପାଟ୍ରୋଲିଂ ଟିମ୍ ସିଜ୍ କରିଥିଲା। ଅନ୍ୟ ଟ୍ରଲରର ପ୍ରାୟ ୬୦/୭୦ ଲୋକ ବନବିଭାଗ ଟିମ୍‌କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ସେମାନେ ଜବତ ଟ୍ରଲରରେ ଥିବା ୮ ମତ୍ସ୍ୟଜୀବୀଙ୍କୁ ଛଡ଼ାଇ ନେଇଛନ୍ତି ବୋଲି ସେ କହିଛନ୍ତି।

### ଅଧା ହେଲାଣି...

ଲୋକମାନେ ଗହମକୁ ଅପେକ୍ଷା କଲେ। ମାତ୍ର ତାରିଖ ପରେ ତାରିଖ ଗଡ଼ି ଚାଲିଛି, ହିତାଧିକାରୀଙ୍କୁ ଗହମ ମିଳୁନାହିଁ। ଏବେ କେବେ ଗହମ ମିଳିବ ସେନେଇ ମଧ୍ୟ ମନ୍ତ୍ରୀ କି ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ନିରବ । ପରିବହନ ନିମନ୍ତେ ଠିକାଦାର ନିଯୁକ୍ତିରେ କେଁ ଯୋଗୁଁ ଗହମ ବଣ୍ଟନ ହୋଇ ପାରୁ ନ ଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। କାହିଁକି ପରିବହନ ଠିକାଦାର ନିଯୁକ୍ତ ହୋଇ ପାରୁନାହାନ୍ତି, ତାହା ପଛରେ ଅନେକ ରହସ୍ୟ ଥିବା କୁହାଯାଉଛି ।

ଅନ୍ୟପକ୍ଷରେ ରାଜ୍ୟ ଯୋଗାଣ ନିଗମ ଗୋଦାମରେ ଏବେ ୩୦ ହଜାର କ୍ୱିଣ୍ଟାଲ୍ ଗହମ ପଡ଼ି ପୋକ ଖାଉଛି। କିଛି ଗମରା ହୋଇ ଗନ୍ଧେଇଲାଣି। ଏହି ଗହମ କାହିଁକି ବଣ୍ଟନ ହେଲାନାହିଁ, ସେ ନେଇ କେହି କିଛି ଜାଣିନଥିବା କହୁଛନ୍ତି। ଏପରିକି ଏହି ଗହମକୁ ଫେରାଇ ନେବାକୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଥିବା ମଧ୍ୟ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଉତ୍ତରପ୍ରଦେଶ ଏବଂ ପଞ୍ଜାବରେ ଗହମର ମାତ୍ରାଧିକ ଉତ୍ପାଦନକୁ ଦୃଷ୍ଟିରେ ରଖି ସେଠାକାର ବଳକା ଗହମର ଚାପ ହ୍ରାସ ପାଇଁ କେନ୍ଦ୍ର ପକ୍ଷରୁ ଓଡ଼ିଶାକୁ ଏହାକୁ ଯୋଗାଇ ଦିଆଯାଇଥିଲା। ରାଜ୍ୟରେ ଗହମ ବାଣ୍ଟିବାକୁ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଓଡ଼ିଶାରେ ଏବେ ୭୦ ପ୍ରତିଶତ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଯାଇଛି। ରବିରେ କଷ୍ଟମ୍ ମିଲିଂର ଚାଉଳ ରାଜ୍ୟ ଯୋଗାଣ ନିଗମ ଏବଂ ଏଫ୍‌ସିଆଇକୁ ପହଞ୍ଚୁଛି। ଏହି କ୍ରମରେ ସଂଗୃହୀତ ଧାନ ଏବଂ ଚାଉଳ ସଂରକ୍ଷଣ ପାଇଁ ଗୋଦାମର ଅଭାବ ରହୁଛି। ଯେଉଁଠି ବଳକା ଚାଉଳକୁ ସଂଗୃହୀତ କରି ରଖାଯାଇ ପାରିଥା’ନ୍ତା, ସେଠି ଗହମ ଜାଗା ମାଡ଼ିବସିଛି। ହେଲେ ଗହମ କେବେ ହଟିବ ନେଇ ସେନେଇ ସମସ୍ତେ ଅନିଶ୍ଚିତତା ଭିତରେ ଅଛନ୍ତି।

## ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିରି,୧୨।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ପୁଣି ଥରେ ନକ୍ସଲ ଏବଂ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଘଟି ୩ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ର ବିଜାପୁର ଜିଲ୍ଲାର ମଦେଡ ଥାନା ଅଞ୍ଚଳ ଅନ୍ତର୍ଗତ ବାନ୍ଦେପାରା ଏବଂ କୋରାନଜାଡେ ଜଙ୍ଗଲରେ ଯବାନମାନେ ମାଓ ଦମନ ତଲାସି ଅଭିଯାନ ବେଳେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚି ଯାଇଥିବା ବେଳେ ଯବାନମାନେ ଅଞ୍ଚଳରେ ପୁନଃ ତଲାସି ଅଭିଯାନ ଜାରି ରଖିଥିବା ନେଇ ସୂଚନା ମିଳିଛି। ତେବେ ଏହି ଗୁଳି ବିନିମୟରେ ନିହତ ମାଓବାଦୀଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି।



NAVODITYA PUBLIC SCHOOL, NUAPADA
NAVODITYA HIGHER SECONDARY SCHOOL, KHARIAR ROAD

REQUIRES:- TGTs in English, SST, COMPSC, SCIENCE, MATHEMATICS
PGTs in ENGLISH, PHY, CHEM, MATH, BIO, I.T, HISTORY, GEOGRAPHY, ACC, BSM, ECONOMICS
QUALIFICATION:- M.A/ M.Sc/ M.Tech/ B.Tech/ B.A/ B.Sc with B. Ed
EXPERIENCE:- 3 - 5 YEARS, PROFICIENCY IN ENGLISH
PLACE OF POSTING:- KHARIAR ROAD, NUAPADA
SALARY: - TGT:- 25,000/- PGT: - 35,000/-
Interested candidate may attend a walk-in interview with their application CV and certificates on the date and time mentioned below

| DATE | PLACE | TIME |
| --- | --- | --- |
| 16/01/205 | Khariar Road- NAVODITYA COLLEGE CAMPUS | 10.00 AM - 4 PM |
| 18/01/2025 | Sambalpur- Twisha Educational Pvt. Ltd. IBS road, Fatak | 10.00 AM - 4 PM |
| 28/01/2025 | Bhubaneswar - SSR GREEN TECH ENERGY PRIVATE LIMITED. Conference Room: Unit 312, 3rd floor, Nexus Esplanade, Rashulgarh, Bhubaneswar. | 10.00 AM - 4 PM |

They may send their updated resume to WhatsApp @ 7327977582 in advance.
No TA/DA will be given for attending the interview
Contact:- Mr. Abhisek Singh - 9556309956, Mr. N.P.S Gandhi - 8763102388

# ସମ୍ପାଦକୀୟ



ଜଣେ ବ୍ୟକ୍ତିର ଚରିତ୍ର ସେ କଥାବର୍ତ୍ତାରେ ବ୍ୟବହାର କରୁଥିବା ବିଶେଷଣରୁ ଜଣାପଡ଼ିଥାଏ।
-ମାର୍କ ଟ୍ୱେନ୍

ସକାଳ
THE SAKALA

## ଲିଙ୍କନ୍‌ଙ୍କ କୁରାଢ଼ି

ଶିଳ୍ପ ଜଗତରେ ଏକ ଆପ୍ତ ବାକ୍ୟ ହେଉଛି-ପେସାରେ ଭାବପ୍ରବଣତାର ସ୍ଥାନ ନାହିଁ(ଇମୋସନ୍ ଫାଇଣ୍ଡସ୍ ନୋ ପ୍ଲେସ୍ ଇନ୍ ପ୍ରଫେସନ୍)। ସାମ୍ପ୍ରତିକ ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ପ୍ରମୁଖ ଶିଳ୍ପ ଜଗତର ଉଦ୍ୟୋକ୍ତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକମାନଙ୍କ କ୍ରମପରିବର୍ତ୍ତନଶୀଳ ମାନସିକତା ଓ କର୍ମସଂସ୍କୃତି ତତ୍ତ୍ୱ କିନ୍ତୁ ପେସାର ସେହି ଚରିତ୍ରବତ୍ତାକୁ ଖୁବ୍‌ଶୀଘ୍ର ଯେଉଁ ଏକ ନୂଆ ଆପ୍ତ ବାକ୍ୟ ସହିତ ଯୋଡ଼ିଦେବାକୁ ଯାଉଛି, ତାହା ହେବ - ପେସାରେ ବିଶ୍ରାମର ସ୍ଥାନ ନାହିଁ(ରିଲାକ୍ସେସନ୍ ଫାଇଣ୍ଡସ୍ ନୋ ପ୍ଲେସ୍ ଇନ୍ ପ୍ରଫେସନ୍)। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜାପାନ୍ ଓ ସ୍ୱାଧୀନୋତ୍ତର ଚୀନ୍‌ର କଠିନ ଶ୍ରମସଂସ୍କୃତିକୁ ଉଦାହରଣ ରୂପେ ନେଇ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍ ଆର ନାରାୟଣ ମୂର୍ତ୍ତି ଯୁବବର୍ଗଙ୍କୁ ରାଷ୍ଟ୍ରଗଠନରେ ବ୍ରତୀ ହେବା ପାଇଁ ଦୈନିକ ବାରଘଣ୍ଟା ବା ସାପ୍ତାହିକ ୭୦ ଘଣ୍ଟିଆ କର୍ମସଂସ୍କୃତି ସପକ୍ଷରେ କିଛିମାସ ତଳେ ଆହ୍ୱାନ ଦେବା ପରେ ଏବେ ଆଉ ଦୁଇପାଦ ଆଗକୁ ଯାଇ ଏଲ୍‌ଆଣ୍ଡଟିର ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟନ୍ ସପ୍ତାହକୁ ଛୁଟିରହିତ ୯୦ ଘଣ୍ଟା କାମ ପାଇଁ ପରାମର୍ଶ ଦେଇଛନ୍ତି। ଯଦି ସୁବ୍ରମଣ୍ୟନ୍‌ଙ୍କ ଚିନ୍ତାଧାରା ସଂକ୍ରମଣର ରୂପ ନିଏ ତେବେ ଏଲ୍‌ଆଣ୍ଡଟି ଅନୁକରଣରେ ଦେଶର ଅନ୍ୟ ଶିଳ୍ପ ସଂସ୍ଥାର କର୍ମଚାରୀମାନେ ଦୈନିକ ପ୍ରାୟ ୧୩ ଘଣ୍ଟା କାମ ସହିତ ସପ୍ତାହାନ୍ତ ଛୁଟିଦିନଟିକୁ ହରାଇବା ପ୍ରାୟ ନିଶ୍ଚିତ। ନାରାୟଣ ମୂର୍ତ୍ତିଙ୍କ ଅନୁରୂପ ସୁବ୍ରମଣ୍ୟନ୍‌ଙ୍କ ୯୦ ଘଣ୍ଟିଆ କର୍ମସଂସ୍କୃତି ତର୍କ ମଧ୍ୟ ଏବେ ପ୍ରବଳ ବିତର୍କର ଝଡ଼ ସୃଷ୍ଟି କରିଛି।

୯୦ ଘଣ୍ଟିଆ କର୍ମସଂସ୍କୃତି ସପକ୍ଷରେ ସୁବ୍ରମଣ୍ୟନ୍ ଉପସ୍ଥାପନ କରିଥିବା ଯୁକ୍ତି ଅନୁଯାୟୀ - ସପ୍ତାହାନ୍ତରେ ଘରେ ସ୍ୱାମୀ-ସ୍ତ୍ରୀ ମୁହଁ ଚହାଁଚହିଁରେ ଅପଚୟ ହେଉଥିବା ମୂଲ୍ୟବାନ୍ ସମୟ ଉତ୍ପାଦକତାରେ ବିନିଯୋଗ ହୋଇପାରିଲେ ପାରିବାରିକ ଅଭାବ ଅସୁବିଧା ଦୂର ହୋଇ ସୁଖୀ ଜୀବନର ସ୍ୱପ୍ନ ସାକାର ହେବ। ଆମ ସମାଜ-ଅର୍ଥନୀତିର ମଧୁର ବିଡ଼ମ୍ବନା ହେଉଛି ସୁବ୍ରମଣ୍ୟନ୍‌ଙ୍କ ଭଳି ଯେଉଁ ଉଚ୍ଚପଦସ୍ଥ ଅଧିକାରୀ ବା ସ୍ୱଚ୍ଛଳବର୍ଗର ଲୋକମାନେ ଦୈନନ୍ଦିନ ଜୀବନଚର୍ଯ୍ୟା କହିଲେ କେବଳ ବ୍ୟବସାୟିକ ବା ଆର୍ଥିକ ଲାଭକ୍ଷତି ଓ ଉପାର୍ଜନକୁ ବୁଝନ୍ତି, ସେମାନେ ତଳିଆ କର୍ମଚାରୀଙ୍କ ପାରିବାରିକ ଦାୟିତ୍ୱବୋଧ ଓ ସାମାଜିକ ଅଙ୍ଗୀକାରବଦ୍ଧତାକୁ ସହଜରେ ହୃଦୟଙ୍ଗମ କରିପାରନ୍ତି ନାହିଁ। ସୁବ୍ରମଣ୍ୟନ୍ ଓ ସତୀର୍ଥଙ୍କ ଅର୍ଦ୍ଦଳି(ଚାକର) ସଂସ୍କୃତି ଆଶ୍ରିତ ଜୀବନଚର୍ଯ୍ୟା ଓ ପ୍ରାଚୁର୍ଯ୍ୟର ଦୁନିଆରୁ ଅପହଞ୍ଚ ଦୂରତାରେ ଥିବା ନିମ୍ନ-ମଧ୍ୟବିତ୍ତ ଓ ନିମ୍ନବିତ୍ତ ବର୍ଗର ସମାଜରେ ସପ୍ତାହାନ୍ତରେ ସ୍ୱାମୀ-ସ୍ତ୍ରୀ କେବଳ ମୁହଁ ଚହାଁଚହିଁ ହୋଇ ବସନ୍ତି ନାହିଁ। ସକାଳୁ ଉଠି ଦାଣ୍ଡ ଅଗଣା ଝାଡୁ ମାରିବାଠାରୁ ଆରମ୍ଭ କରି ପରିବା, କ୍ଷୀର, ଜଳଖିଆ ଆଣିବା ପର୍ଯ୍ୟନ୍ତ ଦୈନନ୍ଦିନ ଯାବତୀୟ ଅପରିହାର୍ଯ୍ୟ ଆବଶ୍ୟକତା ପୂରଣ କରିବା ଭିତରେ ନିଜ ପାଇଁ ଓ ପରିବାରର ଅତିରିକ୍ତ ଆବଶ୍ୟକତା ପାଇଁ ନିଅଣ୍ଟ ପଡୁଥିବା ସମୟକୁ ସେମାନେ ଛୁଟିଦିନରେ ଭରଣା କରିବାକୁ ଯଥାସାଧ୍ୟ ଉଦ୍ୟମ କରନ୍ତି। ସଉଦା କିଣା, ପିଲାମାନଙ୍କ ଅଳିଅର୍ଦ୍ଦଳି, ସ୍ୱାସ୍ଥ୍ୟ ସମସ୍ୟା, ଘରର ସୁବିଧା/ଅସୁବିଧା ଏବଂ ପିତାମାତା ଓ ଗୁରୁଜନଙ୍କ କଥା ବୁଝିବା ଆଦି ପାରିବାରିକ ଜଞ୍ଜାଳ ଭିତରେ ଛୁଟିଦିନଟି କେତେବେଳେ ସରିଯାଏ ଜାଣି ହୁଏ ନାହିଁ। ଏହିଭଳି ବ୍ୟସ୍ତବହୁଳ ପାରିବାରିକ ଜୀବନଚର୍ଯ୍ୟାରେ ଯଦି ସାପ୍ତାହିକ ଛୁଟିଟିଏ ମିଳିବ ନାହିଁ, ଅଧିକନ୍ତୁ ଦୈନିକ ୧୩ ଘଣ୍ଟା କାମ କରିବାକୁ ପଡ଼ିବ, ଜୀବନର ମୂଲ୍ୟ ଓ ମହତ୍ ଲକ୍ଷ୍ୟ ପରାହତ ହେବା ସୁନିଶ୍ଚିତ। ଯେଉଁଠି ପାରିବାରିକ ଓ ସାମାଜିକ ସମ୍ପର୍କ ହିଁ ମୂଲ୍ୟହୀନ, ସେଠାରେ ଅଧିକ ରୋଜଗାର କେଉଁ କାମରେ ଲାଗିବ? ନାରାୟଣ ମୂର୍ତ୍ତି, ସୁବ୍ରମଣ୍ୟନ୍, ଶାନ୍ତନୁ ଦେଶପାଣ୍ଡେ, ଭବିଶ ଅଗ୍ରୱାଲ୍‌ଙ୍କ ଭଳି ଶିଳ୍ପ ଜଗତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପେସା-ସଫଳ ବ୍ୟକ୍ତିତ୍ୱମାନେ ମାନେ ବୋଧହୁଏ ଭୁଲିଯାଉଛନ୍ତି ଯେ ମଣିଷ ଯଦି ଏକ ଯନ୍ତ୍ର ହୁଏ ତାହାର ମଧ୍ୟ ରକ୍ଷଣାବେକ୍ଷଣ ଓ ମରାମତି ଜରୁରୀ ଏବଂ ସେଥିପାଇଁ ବିଶ୍ରାମ ଆବଶ୍ୟକ। ଯେତେବେଳେ କାମ ଚାପରେ ରୋବୋଟ୍ ଆତ୍ମହତ୍ୟା କରୁଛି ମଣିଷର ମାନସିକ ଓ ଶାରୀରିକ ଅବସ୍ଥା ଅନୁମେୟ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ ସପ୍ତାହକୁ ୫୫ ଘଣ୍ଟାରୁ ଅଧିକ କାମ କଲେ ହୃଦ୍‌ଘାତ/ମସ୍ତିଷ୍କାଘାତ ଆଶଙ୍କା ୩୫ % ଓ ମୃତ୍ୟୁ ଆଶଙ୍କା ୧୭ % ପର୍ଯ୍ୟନ୍ତ ବୃଦ୍ଧି ପାଏ। ଲଗାତାର କାମର ଚାପ ରହିଲେ କୋର୍ଟିସୋଲ୍ ଓ ଆଡ୍ରେନାଲାଇନ୍ ପରି ଅବସାଦ ସୃଷ୍ଟିକାରୀ ହରମୋନ୍ କ୍ଷରଣ ହୁଏ ଏବଂ ଉଚ୍ଚ ରକ୍ତଚାପ, ରକ୍ତସର୍କରା, ମେଦବହୁଳତା ବୃଦ୍ଧି ପାଏ। ଅଧିକ କାମଚାପ ଦକ୍ଷତା ଓ ଉତ୍ପାଦକତାକୁ ଦୀର୍ଘକାଳୀନ ଭିତ୍ତିରେ ହ୍ରାସ କରେ। ଉତ୍ତର ଆମେରିକାରେ ଅଧିକାରୀ/କର୍ମଚାରୀମାନେ ସପ୍ତାହକୁ ହାରାହାରି ୩୮ ଘଣ୍ଟା ଓ ୟୁରୋପରେ ୩୭ ଘଣ୍ଟା ତୁଳନାରେ ଭାରତୀୟ କର୍ମଚାରୀମାନେ ସପ୍ତାହକୁ ହାରାହାରି ୪୯ ଘଣ୍ଟା କାମ କରୁଛନ୍ତି। ଶିଳ୍ପ ଜଗତର ବାଦ୍‌ଶାହାମାନେ ଯେଉଁ ଜାପାନ୍ କର୍ମସଂସ୍କୃତିର ଉଦାହରଣ ଦେଉଛନ୍ତି ସେଠାରେ ସରକାରୀ କର୍ମଚାରୀମାନଙ୍କ ପାଇଁ ସପ୍ତାହାନ୍ତ ଛୁଟି ତିନିଦିନକୁ ବୃଦ୍ଧି ପାଇଛି। ବିକଶିତ ଦେଶ ଓ ପାଶ୍ଚାତ୍ୟ ଜଗତରେ ସପ୍ତାହକୁ ଚାରିଦିନ କାମ କରିବାର ବ୍ୟବସ୍ଥା ଆରମ୍ଭ ହୋଇଛି। ଧନାଢ଼୍ୟ ତାଲିକାରେ ଏକଦା ବିଶ୍ୱର ସର୍ବୋଚ୍ଚ ସ୍ଥାନ ଆରୋହଣ କରିଥିବା ଚୀନ୍‌ର ଖ୍ୟାତନାମା ଶିଳ୍ପପତି ଜାକ୍ ମା ୨୦୧୯ରେ ଦୈନିକ ୧୨ ଘଣ୍ଟାର କାର୍ଯ୍ୟନିର୍ଘଣ୍ଟ ଓ ସାପ୍ତାହିକ ଗୋଟିଏ ଦିନ ଛୁଟି ସପକ୍ଷରେ ମତ ଦେଇ ବିବାଦୀୟ ହୋଇପଡ଼ିବା ପରେ ସପ୍ତାହକୁ ତିନିଦିନ ଚାରି ଘଣ୍ଟା ଲେଖାଏଁ କାର୍ଯ୍ୟ ସପକ୍ଷରେ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନର ଅର୍ଥନୀତି ଶ୍ରମଭିତ୍ତିକ ତୁଳନାରେ ଅଧିକ ଜ୍ଞାନଭିତ୍ତିକ ହେବାରେ ଲାଗିଛି, ଯେଉଁଥିରେ ଶାରୀରିକ ପରିଶ୍ରମ ସହିତ ମାନସିକ ଶାନ୍ତି ଅପରିହାର୍ଯ୍ୟ। ଯଦି ଅଧିକ ସମୟ କାମ କରିବା ପାଇଁ ବାଧ କରାଯାଏ ତେବେ ଉତ୍ପାଦର ଗୁଣାତ୍ମକ ମାନ ତ ପ୍ରଭାବିତ ହେବ ଏହା ସହିତ ମେଧାବୀ ମାନବ ସମ୍ବଳ ହରାଇବାର ଆଶଙ୍କା ରହିଛି। ଟ୍ୱିଟ୍‌ରକୁ ଏଲୋନ୍ ମସ୍କ ଅଧିଗ୍ରହଣ କରିବା ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା।

ଏହି ପୃଷ୍ଠଭୂମିରେ ଭାରତୀୟ ସିଇଓମାନେ ଆବ୍ରାହାମ୍ ଲିଙ୍କନ୍‌ଙ୍କ ସେହି ପ୍ରସିଦ୍ଧ ଉକ୍ତିକୁ ସ୍ମରଣ କରିବା ସହିତ ମାର୍ଗଦର୍ଶିକା ଭାବେ ସେମାନଙ୍କ କୋଠରିରେ ସବୁବେଳେ ଦୃଷ୍ଟିନିବଦ୍ଧ ହେବା ଭଳି ସ୍ଥାନରେ ରଖିବା ଉଚିତ ହେବ, ଯେଉଁଥିରେ ଲେଖାଥିବ - 'ମୋତେ ଯଦି ୬ ଘଣ୍ଟାରେ ଗଛଟିଏ ହାଣିବା ପାଇଁ ନିର୍ଦ୍ଦେଶ ମିଳେ ତେବେ ମୁଁ ପ୍ରଥମ ୪ ଘଣ୍ଟା କୁରାଢ଼ିର ଧାର ପଜାଇବାରେ ବିନିଯୋଗ କରିବି।' କର୍ମଚାରୀମାନଙ୍କୁ ଯନ୍ତ୍ରମାନବ ନ ଭାବି ଲିଙ୍କନ୍‌ଙ୍କ 'କୁରାଢ଼ି-ତତ୍ତ୍ୱ' ଆଧାରରେ ବିବେଚନା କଲେ ଉତ୍ପାଦକତାରେ ଗୁଣବତ୍ତା ଆହୁରି ବୃଦ୍ଧି ପାଇବ। କିନ୍ତୁ ଲିଙ୍କନ୍‌ଙ୍କ ସେହି କୁରାଢ଼ିଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏକ କୋହଳ, ଆରାମଦାୟକ ଓ ଉପଭୋଗ୍ୟ ଶ୍ରମସଂସ୍କୃତି ଓ କାର୍ଯ୍ୟ ପରିବେଶ ଅପରିହାର୍ଯ୍ୟ।

## ଲୌହପରଦାର ଆଢୁଆଳ

**ଅଲେଖ ଚନ୍ଦ୍ର ମିଶ୍ର**

ସାମ୍ପ୍ରତିକ ଜୀବନଚର୍ଯ୍ୟାରେ ମହିଳାମାନଙ୍କର ସ୍ଥିତିକୁ ଦେଖିଲେ ଖୁସି ଲାଗେ ଯେ ଚିରାଚରିତ ସାମାଜିକ ପୃଷ୍ଠଭୂମିର ଲୌହପରଦାର ଆଢୁଆଳରୁ ବାହାରି ସେମାନେ ସଫଳତାର ସହିତ ସମୟର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ପାଣିରେ ବୁଡ଼ିବାଠାରୁ ଆକାଶରେ ଉଡ଼ିବା ଯାଏଁ, ଗାଡ଼ିରୁ ବ୍ୟୋମଯାନ ଚଳେଇବା ଯାଏଁ, ଦିନ ମଜୁରିଆରୁ ଶାସକ ଯାଏଁ, ଗୃହରକ୍ଷା ବାହିନୀରୁ ସେନାବାହିନୀ ଯାଏଁ - କେଉଁ କ୍ଷେତ୍ରରେ ସେମାନେ ଆଉ ପଛୁଆ ହୋଇ ରହିନାହାନ୍ତି। ବରଂ ପାଠପଢ଼ା, ଖେଳକୁଦ, ଚାକିରି, ଓକିଲାତି, ବ୍ୟବସାୟ, ରାଜନୀତି ଭଳି ଅନେକ ବୃତ୍ତିଗତ କ୍ଷେତ୍ରରେ ସେମାନେ ପୁରୁଷମାନଙ୍କଠାରୁ ଅଧିକ ଦକ୍ଷ ପ୍ରମାଣିତ ହେଉଛନ୍ତି। ଏବେ ସେମାନେ ନାନା ପାରିବାରିକ ସମସ୍ୟାର ସମାଧାନ କରି ପାରୁଛନ୍ତି, ଆର୍ଥିକ ପରିଚାଳନାରେ ସହାୟତା କରୁଛନ୍ତି, ନିଷ୍ପତ୍ତି ଗ୍ରହଣ କରିବାରେ ସହଭାଗୀ ହେଉଛନ୍ତି। ସ୍ଥଳବିଶେଷରେ ନିଜର ଉପସ୍ଥିତି ଜାହିର କରି ପାରୁଛନ୍ତି।

ସେମାନଙ୍କର ଏପରି ପ୍ରଗତିର ଧାରା ସାମଗ୍ରିକ ଦୃଷ୍ଟିକୋଣରୁ ଉତ୍ସାହପ୍ରଦ ହେଲେ ବି ପାରିବାରିକ ଦୃଷ୍ଟିରୁ ସେତେଟା ସହଜ ମନେ ହୁଏନା। ବିଭିନ୍ନ ଅନୁଷ୍ଠାନ/ସଂସ୍ଥା ପକ୍ଷରୁ ବିଭିନ୍ନ ସମୟରେ କରାଯାଇଥିବା ଜାତୀୟସ୍ତରୀୟ ସର୍ବେକ୍ଷଣରୁ ଏହା ପ୍ରମାଣିତ ହୁଏ। ଏ ବିଷୟରେ ଆଇଆଇଏମ୍ - ଅହମ୍ମଦାବାଦ ଏବଂ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଦ୍ୱାରା ୨୦୨୪ ରେ ପ୍ରଦତ୍ତ ତଥ୍ୟ ପ୍ରଣିଧାନଯୋଗ୍ୟ। ଦେଶର ୭୦୫ ଜିଲ୍ଲାର ୧୫ ବର୍ଷରୁ ୪୯ ବର୍ଷ ବୟସ୍କା ମହିଳାମାନଙ୍କ ଉପରେ ଅନୁଧାନ କରି ସେମାନେ ଜାଣିବାକୁ ପାଇଛନ୍ତି ଯେ ପ୍ରାୟ ୬୭.୫% ମହିଳା ଉପରୋକ୍ତ ଭାଗିଦାରିତାରେ ସମ୍ପୃକ୍ତ ରହୁଛନ୍ତି। ସେହିପରି ଅକ୍ଟୋବର ୨୦୨୩ରେ ପ୍ରକାଶିତ 'ପିରିଅଡିକ୍ ଲେବର୍ ଫୋର୍ସ ସର୍ଭେ ରିପୋର୍ଟ' ଅନୁଯାୟୀ ଦେଶର ମୋଟ୍ ରୋଜଗାରକ୍ଷମ ବ୍ୟକ୍ତିଙ୍କର ହାର ୫୫.୨% ଥିବା ସ୍ଥଳେ ରୋଜଗାରକ୍ଷମ ମହିଳାଙ୍କର ହାର ୩୭%। ଆଜିକାଲି ତ ଯୌଥ ପରିବାର ପ୍ରାୟ ନାହିଁ। ପତି, ପତ୍ନୀ ଉଭୟ ଚାକିରି କରିବା ଏବଂ ଗୋଟିଏ ମାତ୍ର ସନ୍ତାନକୁ ନେଇ ଅଣୁ ପରିବାର ଗଠନ କରିବା ଆଜିର ଆଦର୍ଶ।

ସରକାରୀ, ଅର୍ଦ୍ଧ-ସରକାରୀ, ବେସରକାରୀ, ଶିଳ୍ପ ସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇତ୍ୟାଦି ଯେଉଁଠି ଯେପରି ସମ୍ଭବ କୌଣସି ପ୍ରକାରେ ନିଯୁକ୍ତିଟିଏ ମିଳିଗଲେ ରୋଜଗାର ଯାହା ହେଉ ନା କାହିଁକି ସମୟ କଟିବା ପାଇଁ ଏକ ସାହାରା ମିଳିଯାଏ। କାରଣ ବିରକ୍ତିକର ଗୃହକର୍ମରେ ବାନ୍ଧି ହେବା ପାଇଁ ଆଜିକାଲିର ଅନେକ ମହିଳା ଆଉ ପସନ୍ଦ କରୁ ନାହାନ୍ତି। କିନ୍ତୁ ଏହାଦ୍ୱାରା ଘରସଂସାର ଚଳେଇବା ତଥା ପରିବାରର ସଦସ୍ୟମାନଙ୍କର ପରସ୍ପର ପ୍ରତି ଆକର୍ଷଣର ମୋହ ଓ କର୍ତ୍ତବ୍ୟନିଷ୍ଠା ଯେ କ୍ରମେ ଶିଥିଳ ହୋଇପଡୁଛି ସେଥିପ୍ରତି ଖୁବ୍ କମ୍ ଲୋକ ସଚେତନ ହେଉଛନ୍ତି। ଶିଳ୍ପ କ୍ଷେତ୍ର



କିମ୍ବା ଘରୋଇ କମ୍ପାନୀ, ବିଶେଷକରି ସଫ୍ଟୱେର୍ ସଂସ୍ଥାମାନଙ୍କରେ କର୍ମରତ ଦମ୍ପତି ତ ନିଜ ନିଜର ବୃତ୍ତିରେ ଏତେ ବ୍ୟସ୍ତ ରହନ୍ତି ଯେ ପରସ୍ପର ସହିତ ଟିକେ ମନଖୋଲା କଥାବାର୍ତ୍ତା କରିବାକୁ ସେମାନଙ୍କ ପାଖରେ ସମୟର ଅଭାବ ଥାଏ। ଫଳରେ ଜୀବନଚର୍ଯ୍ୟା କେମିତି ଏକ ବାଧ୍ୟବାଧକତା ଗତାନୁଗତିକତାରେ ଛନ୍ଦି ହୋଇପଡ଼ି ଯନ୍ତ୍ରଚାଳିତ ପରି ଆବେଗହୀନ ହୋଇଯାଏ।

ତେବେ ବାସ୍ତବ ସମସ୍ୟା ସୃଷ୍ଟି ହୁଏ ଯେତେବେଳେ ପତ୍ନୀ ଚାକିରିଆ ଏବଂ ପତି ବେକାର ହୋଇଥାଏ। ଘଟଣାଚକ୍ରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ବି ଏଭଳି କେତେକ ପରିବାରରେ ପତ୍ନୀମାନେ ଯେତେ ବୁଝାମଣାପ୍ରିୟ ଓ ସହନଶୀଳ ହୁଅନ୍ତୁ ନା କାହିଁକି ସେମାନଙ୍କର ପ୍ରାଧାନ୍ୟକୁ ପ୍ରକାରାନ୍ତରେ ମାନି ନିଆଯାଏ ଏବଂ ପତିମାନେ ସାଧାରଣତଃ ଗୌଣ ଓ ଔପଚାରିକ ହୋଇ ରହିଯାଆନ୍ତି। ଫଳରେ ସେମାନଙ୍କ ହୃଦୟରେ କେମିତି ଏକ ଅହେତୁକ ହୀନମନ୍ୟତାର ଭାବ ଦାନା ବାନ୍ଧେ, ଯାହା ତାଙ୍କର ସୁପ୍ତ ଆତ୍ମାଭିମାନକୁ ମଝିରେ ମଝିରେ ଜାଗ୍ରତ କରେ। ଚାକିରି ପାଇଁ ପତ୍ନୀ ସାରାଦିନ (ବେଳେ ବେଳେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ) ବାହାରେ ରହିବା କିମ୍ବା ଗସ୍ତକ୍ରମରେ ଦିନଦିନ ଧରି ଘରେ ଅନୁପସ୍ଥିତ ରହିବା ଏବଂ ପତି, ସନ୍ତାନ, ପରିବାରକୁ ସମ୍ଭାଳିବା ପାଇଁ ଘରେ ରହିବା ଭଳି ବୁଝାମଣା କେବେ କେବେ ମାନସିକ ଆଲୋଡ଼ନ ସୃଷ୍ଟି କରେ, ଯାହା କୁହୁଳି କୁହୁଳି ଶେଷରେ ବିସ୍ଫୋରଣରେ ପରିଣତ ହୁଏ।

ଏଭଳି ପରିବେଷ୍ଟନୀ ବେଳେ ବେଳେ ମତାନ୍ତର, ମନାନ୍ତର, ଅବୁଝାମଣା, ମାନ-ଅଭିମାନ, ଦାମ୍ପତ୍ୟ କଳହ ଏବଂ ଶେଷରେ ବିବାହ ବିଚ୍ଛେଦ ପରି ଅଘଟଣର ସୂତ୍ରପାତ କରେ, ଯାହା ଘରର ଚାରିକାନ୍ଥ ଡେଇଁ ଦାଣ୍ଡରେ ପଡ଼ି ହାଟରେ ଗଡ଼େ। ପରିଣାମ ସ୍ୱରୂପ ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇନ୍‌ଗତ ସେବା ସଂସ୍ଥା, ପରାମର୍ଶ ଦାତା ସଂସ୍ଥା, ଆୟୋଗ, ପୁଲିସ, କଚେରି, ବୈବାହିକ ବିବାଦ ସମାଧାନ ସଂସ୍ଥା(ଏମ୍‌ଡିଆର୍‌ଏ) କିମ୍ବା 'ମାଧ୍ୟମ' ଭଳି ସଂସ୍ଥାମାନେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଘରୋଇ ଜୀବନର ପରିସର ଭିତରକୁ ଟାଣି ହୋଇଆସନ୍ତି।

ଅନ୍ତର୍ଜାତୀୟ ସଂସ୍ଥା ଫୋର୍ବସ ୨୦୨୪ ମସିହା ରିପୋର୍ଟ ଅନୁଯାୟୀ ଅଧିକ ଚାକିରିଆ ଥିବା ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, କୋଲକାତା ଭଳି ସହରରେ ପ୍ରାୟ ୩୦ ପ୍ରତିଶତ ବିବାହ ବିଚ୍ଛେଦ ସଂଘଟିତ ହେଉଛି, ଯାହା କ୍ରମେ ବଢ଼ିଚାଲିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ୨୦୨୧ ରେ ପ୍ରକାଶିତ ରିପୋର୍ଟ ଅନୁସାରେ କେବଳ ଦିଲ୍ଲୀରେ ପ୍ରତିବର୍ଷ ପଞ୍ଜୀକୃତ ପ୍ରାୟ ୧ଲକ୍ଷ ବିବାହ ମଧ୍ୟରୁ ଅନ୍ୟୂନ ୧୦ହଜାର ଦମ୍ପତି ବିବାହୋତ୍ତର ସମ୍ପର୍କ ନେଇ ଅସନ୍ତୋଷ ପ୍ରକାଶ କରନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ପ୍ରଦତ୍ତ ୨୦୨୦-୨୧ ରିପୋର୍ଟ ଅନୁସାରେ ବାର୍ଷିକ ହାରାହାରି ୩୩.୨% ଲୋକ ପାରିବାରିକ ଅବୁଝାମଣା ଯୋଗୁଁ ଏବଂ ୪.୮% ବିବାହ ଜନିତ ସମସ୍ୟା ଯୋଗୁଁ ଆତ୍ମହତ୍ୟା କରନ୍ତି। ୨୦୨୧ ରେ ଘଟିଥିବା ମୋଟ୍ ୧, ୬୪, ୦୩୩ ଆତ୍ମହତ୍ୟା ଘଟଣା ମଧ୍ୟରୁ ୮୧, ୦୬୩ ବିବାହିତ ପୁରୁଷ ଏବଂ ୨୮, ୬୮୦ ବିବାହିତା ମହିଳା। ସେହିପରି ୨୦୨୦ରେ ପ୍ରକାଶିତ ଏନ୍‌ସିଆରବି ରିପୋର୍ଟରେ ଦର୍ଶାଯାଇଛି ଯେ ସେହିବର୍ଷ ଘଟିଥିବା ସମୁଦାୟ ଆତ୍ମହତ୍ୟାର ୭୧% ଥିଲେ ଦାମ୍ପତ୍ୟ କଳହ ଯୋଗୁଁ ଆତ୍ମହତ୍ୟା କରିଥିବା ପୁରୁଷ।

ଏହାଛଡ଼ା ଏଭଳି ଅନେକ ଘଟଣା ଲୋକଲୋଚନକୁ ଆସି ନ ପାରି ଅଜ୍ଞାତ ରହିଯାଏ ଏବଂ କେତେକ କ୍ଷେତ୍ରରେ ଘୋର ପାରିବାରିକ ଅଶାନ୍ତିରେ କାଳ କାଟୁଥିଲେ ବି କିଛିଲୋକ ଘରର ଗୁମର ପ୍ରକାଶ କରନ୍ତି ନାହିଁ। ପ୍ରାୟ ସବୁ ରିପୋର୍ଟରେ ଦର୍ଶାଯାଇଛି ଯେ ଏସବୁ ଅଘଟଣର ମୁଖ୍ୟ କାରଣ ଜୀବନଯାପନ ଶୈଳୀରେ ପରିବର୍ତ୍ତନ, ଅତ୍ୟଧିକ ମାନସିକ ଓ ଶାରୀରିକ ଚାପ ଏବଂ ବୈବାହିକ ସମ୍ପର୍କରେ ଅଶାନ୍ତି। ଏଭଳି ସ୍ଥିତିକୁ ଅନୁଧ୍ୟାନ କଲେ ହୃଦବୋଧ ହୁଏ ଯେ ଆମେ ଆମର ପୁରାତନ ସଂସ୍କୃତିରୁ ନୂତନ ସଂସ୍କୃତିକୁ ଯିବାର ସନ୍ଧିକ୍ଷଣରେ ଉପନୀତ ହୋଇଥିବାରୁ ପରିବର୍ତ୍ତନ ସହିତ ଖାପ ଖାଇବାକୁ ପୁରୁଷ ଓ ନାରୀ ଉଭୟଙ୍କ ପାଇଁ କିଛି ମାତ୍ରାରେ ଗ୍ରହଣସାପେକ୍ଷ(ରିସେପ୍ଟିଭ୍) ମାନସିକତା ଆବଶ୍ୟକ। ସମଗ୍ର ନାରୀ ସମାଜର ପ୍ରଗତି ସହିତ ତାଳ ଦେଇ ତା'କୁ ଏକ ପାରିବାରିକ ଆବଶ୍ୟକତା ଭାବରେ ଗ୍ରହଣ କରିନେଲେ ହୁଏତ ସାମ୍ପ୍ରତିକ ସମସ୍ୟା କେତେକାଂଶରେ ଲାଘବ ହୋଇପାରିବ। ସାମାଜିକ ବ୍ୟବସ୍ଥା ଓ ମାନସିକତାର ଏହି ଲୌହପରଦା ସମ୍ପୂର୍ଣ୍ଣ ନ ହଟିବା ପର୍ଯ୍ୟନ୍ତ ତା' ଆଢୁଆଳରେ ଏପରି ଅଲୋଡ଼ା ପରିସଂଖ୍ୟାନ ବଢ଼ିଚାଲିଥିବ।

ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

## ଉପାଧି ପ୍ରବଞ୍ଚନା

**ଡ.ଇଂ.ସଞ୍ଜୟ କୁମାର ପଣ୍ଡା**

ସାମ୍ପ୍ରତିକ ସ୍ଥିତିରେ ନିଜର ଶିକ୍ଷା ସାମର୍ଥ୍ୟକୁ ପରିବର୍ଦ୍ଧିତ କରି ସମାଜରେ ଉଦାହରଣ ସୃଷ୍ଟି କରିବା ବଦଳରେ ନିଜକୁ ମହିମାମଣ୍ଡିତ କରିବା ପାଇଁ ମାନପତ୍ର/ପ୍ରମାଣପତ୍ର ଯୋଗାଡ଼ କରି ଚାରିକାନ୍ଥରେ ସାଜସଜ୍ଜାରେ ବ୍ୟସ୍ତବହୁଳ ମଣିଷମାନଙ୍କର ପ୍ରତିଯୋଗିତା ଦେଖିବାକୁ ମିଳୁଛି। ଶିକ୍ଷାଦୀକ୍ଷା ଯାହା ହେଉ ନା କାହିଁକି ଅର୍ଥ ପ୍ରତିବଦଳରେ ଜାତୀୟ, ଅନ୍ତର୍ଜାତୀୟ ସମ୍ମାନ, ଉପାଧି, ଏପରିକି 'ଡକ୍ଟରେଟ୍' ଉପାଧି ମଧ୍ୟ ମିଳିଯାଉଛି। ଏହି ପ୍ରତିଯୋଗିତାରେ ସାରସ୍ୱତ କୃତି ପଛରେ ପଡ଼ିଯାଉଛି। ପୁରସ୍କାର ନିଶ୍ଚିତ ରୂପେ ସଫଳ ସ୍ରଷ୍ଟାଙ୍କୁ ପ୍ରେରଣା ଓ ସମ୍ମାନ ପ୍ରଦାନ କରେ ଏବଂ ଏହାଦ୍ୱାରା ପୂଜ୍ୟପୂଜା ପରମ୍ପରା ବଳିଷ୍ଠ ହୁଏ। ତରୁଣ ଓ ନବୀନ ସ୍ରଷ୍ଟାଙ୍କୁ ଅଧିକ ସୃଷ୍ଟି ପାଇଁ ପ୍ରୋତ୍ସାହିତ କରେ ଏବଂ ସାମାଜିକ ବିପ୍ଳବରେ ସହାୟକ ହୁଏ। ଅପରପକ୍ଷରେ ତଞ୍ଚକତାରେ ହାସଲ କରାଯାଇଥିବା ପୁରସ୍କାର, ଉପାଧି ବୌଦ୍ଧିକ ଅକ୍ଷମଣୀୟ ଅପରାଧ କହିଲେ ଅତ୍ୟୁକ୍ତି ହେବ ନାହିଁ।

'ଡକ୍ଟରେଟ୍' ବା 'କଳାବିଭୂଷଣ' ଉପାଧି ଇତିହାସକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପ୍ରାଚୀନ ଲାଟିନ୍ ଶବ୍ଦ 'ଡୋସିୟର'ରୁ 'ଡକ୍ଟରେଟ୍' ଶବ୍ଦ ଆନୀତ। ମଧ୍ୟଯୁଗୀୟ ଭାଷାରେ 'ଡକ୍ଟର' ଅର୍ଥ 'ଶିକ୍ଷକ'କୁ ସୂଚୀତ କରେ। ଅତଏବ ପ୍ରାଚୀନ କାଳରେ 'ଡକ୍ଟର' ଏକ ସମ୍ମାନଜନକ ଉପାଧି ଭାବେ ସମାଜ ସୁଧାରକ ଶିକ୍ଷକମାନଙ୍କ ପ୍ରତି ଅଭିପ୍ରେତ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ବିଭିନ୍ନ ବିଭାଗରେ ଉତ୍କର୍ଷ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମ ପରେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଚୟନ ପ୍ରକ୍ରିୟାରେ ସଫଳ ଉତ୍ତୀର୍ଣ୍ଣ ପରେ ପ୍ରଦାନ କରାଗଲା। ପୂର୍ବରୁ ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ନାତକୋତ୍ତର ପରେ ଏମ୍.ଫିଲ କିମ୍ବା କିମ୍ବା 'ଡକ୍ଟରେଟ୍' କରିବାର ବ୍ୟବସ୍ଥା ଥିଲା। କାଳକ୍ରମେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର ପରୀକ୍ଷା କରି ଛାତ୍ର ଚୟନ କରି 'ଡକ୍ଟରେଟ' ପାଠ୍ୟକ୍ରମରେ ପ୍ରବେଶ କରାଇଲେ। ଏହି ସମୟରେ ମୌଖିକ ପରୀକ୍ଷା, ଏକ ବର୍ଷରୁ ଦୁଇବର୍ଷ ପର୍ଯ୍ୟନ୍ତ ବିଷୟାନୁଭିତ୍ତିକ କାର୍ଯ୍ୟକ୍ରମ ପରେ ପ୍ରାକ୍ ଗବେଷଣା ନିବନ୍ଧ ପ୍ରସ୍ତୁତ କରି ଚୟନ ନିମନ୍ତେ ପ୍ରେରଣ କରାଯାଉଥିଲା। ଏହାପରେ ଚୟନଯୋଗ୍ୟ ହେଲେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷଙ୍କ ଦ୍ୱାରା ଗୃହୀତ ହୋଇ ପଞ୍ଜୀକରଣ କରାଗଲେ ଶିକ୍ଷାର୍ଥୀ ପଞ୍ଜୀକୃତ ନମ୍ବର ପ୍ରାପ୍ତ କରି କୌଣସି ଜଣେ 'ଗାଇଡ୍' ବା ମାର୍ଗଦର୍ଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟୂନ ଦୁଇବର୍ଷ ଗବେଷଣା କରୁଥିଲା। ଛଅବର୍ଷ ମଧ୍ୟରେ ଗବେଷଣା ସନ୍ଦର୍ଭ ଦାଖଲ କରିବାର ବିଧି ଥିଲା। ଏହାପରେ ତିନିଜଣ ବିଶାରଦଙ୍କ ସୁପାରିସକ୍ରମେ ସଫଳ ସନ୍ଦର୍ଭ ପାଇଁ ମୌଖିକ ପରୀକ୍ଷା କରାଯାଇ ସର୍ବଶେଷରେ ସଫଳ ଗବେଷକଙ୍କୁ କୁଳପତିଙ୍କ ଦ୍ୱାରା ଯୋଗ୍ୟ ଘୋଷିତ କରାଯାଉଥିଲା ବା ଡିଗ୍ରୀ ପ୍ରଦାନ କରାଯାଉଥିଲା।

ନୂତନ ଶିକ୍ଷା ନୀତି -୨୦୨୦ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ନିୟମ ମୁତାବକ ଏନ୍‌ଇଟି(ଜାତୀୟ ଯୋଗ୍ୟତା ପରୀକ୍ଷା) ମାଧ୍ୟମରେ ହିଁ 'ଡକ୍ଟରେଟ୍' ପାଠ୍ୟକ୍ରମରେ ପ୍ରବେଶ ମିଳିପାରିବ। ଏହି ପରୀକ୍ଷାରେ ତିନୋଟି ସ୍ତର ରହିଛି। ସର୍ବାଧିକ ନମ୍ବର ରଖିଥିବା ସ୍ତର ଛାତ୍ର ଗବେଷଣା ବୃତ୍ତି, ସହଯୋଗୀ ପ୍ରଫେସର ହେବାର ଯୋଗ୍ୟତା ରହିବ। ମଧ୍ୟମ ନମ୍ବର ରଖିଥିବା ଛାତ୍ର ଗବେଷଣା ସହ ସହଯୋଗୀ ପ୍ରଫେସର ପାଇଁ ଯୋଗ୍ୟ ହେବ। ତୃତୀୟ ପର୍ଯ୍ୟାୟ କୃତୀଛାତ୍ର କେବଳ ଗବେଷଣା ପାଠ୍ୟକ୍ରମରେ ଯୋଗ ଦେଇପାରିବେ।

ଉପରୋକ୍ତ ପରୀକ୍ଷା ଦ୍ୱାରା 'ଡକ୍ଟରେଟ୍' ପ୍ରାପ୍ତ ଛାତ୍ରଛାତ୍ରୀ ବିଦେଶରେ ମାନ୍ୟତା ପାଇବେ। ସେହିପରି ବିଦେଶରୁ 'ଡକ୍ଟରେଟ୍' ଉପାଧିଧାରୀ ଭାରତୀୟ ବିଶ୍ୱବିଦ୍ୟାଳୟ ସଙ୍ଗଠନ(ଏଆଇୟୁ) ଦ୍ୱାରା ଯୋଗ୍ୟ ବିବେଚିତ ବିଶ୍ୱବିଦ୍ୟାଳୟ ଦ୍ୱାରା ଡିଗ୍ରୀ ପ୍ରାପ୍ତ ହେଲେ ଭାରତରେ ଅଧ୍ୟାପନା କିମ୍ବା ଗବେଷଣା କରିପାରିବାର ବ୍ୟବସ୍ଥା ରହିଛି। ଭାରତୀୟ ବିଦ୍ୟାର୍ଥୀ ବିଦେଶରେ ଡକ୍ଟରେଟ୍ କରିବାକୁ ହେଲେ ଜିଆରଇ, ଟଫେଲ୍ ପରୀକ୍ଷା ସହ ବିଷୟରେ ଭଲ ନମ୍ବର ରଖିବା ନିତାନ୍ତ ଜରୁରୀ।

ଆଶ୍ଚର୍ଯ୍ୟର କଥା, ଏତେ କଠୋର ନିୟମରେ ମିଳୁଥିବା 'ଡକ୍ଟରେଟ୍' ଉପାଧିକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଅନ୍‌ଲାଇନ୍ ବିଶ୍ୱବିଦ୍ୟାଳୟ, ଧନ୍ଦାମୂଳକ ବିଶ୍ୱବିଦ୍ୟାଳୟ, ବେସରକାରୀ ସାମାଜିକ ଅନୁଷ୍ଠାନ ଆଦି ନାମରେ ବିପଣୀ ଖୋଲି କେତେବେଳେ ବିଭିନ୍ନ ନ୍ତର୍ଜାତୀୟ ସେବା ଅନୁଷ୍ଠାନ ସହ ଅନୁବନ୍ଧିତ ହୋଇ ତ କେବେ ମଧ୍ୟମ, ସୂକ୍ଷ୍ମ, ଅତିକ୍ଷୁଦ୍ର ଉଦ୍ୟୋଗୀ ପ୍ରମାଣପତ୍ର ସରକାରଙ୍କଠାରୁ ହାସଲ କରି ପ୍ରଚୁର ଅର୍ଥ ମାଧ୍ୟମରେ ରଙ୍ଗୀନ ମହୋତ୍ସବ କରି କିଛି ଶିକ୍ଷକ, ସମାଜସେବୀ, ସାହିତ୍ୟିକ ଆଦିଙ୍କୁ ପ୍ରଦାନ କରି କଳୁଷିତ ପରମ୍ପରା ସୃଷ୍ଟି କରୁଛନ୍ତି। କଳା ଗାଉନ ଓ ମୁଣ୍ଡରେ ଟୋପି ପିନ୍ଧି ଉନ୍ମାଦନାରେ ମସଗୁଲ ହୁଅନ୍ତି ଛଦ୍ମବେଶୀ ଡକ୍ଟରେଟ୍ ଉପାଧିଧାରୀମାନେ। ଅନ୍ୟ ରାଜ୍ୟରେ ଏମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇଛି। ଦାତବ୍ୟ ସେବା ସଂସ୍ଥା ନାମରେ 'ଡକ୍ଟରେଟ୍' ବ୍ୟାପାର ମାଳମାଳ ଅଯୋଗ୍ୟ ଡକ୍ଟରେଟ୍ ସୃଷ୍ଟି କଲାଣି। ସ୍ଥିତି ଏପରି ବିଷମ ଯେ ଗଳଦ୍‌ଘର୍ମୀ ପ୍ରକୃତ ଉପାଧିପ୍ରାପ୍ତ। ସାମାଜିକ ପ୍ରତିଷ୍ଠା ଲାଭ ପାଇଁ ଅଜସ୍ର ଧନନଷ୍ଟ କରି ମିଥ୍ୟାକାଗଜ ଗୋଟାଇବାର ପ୍ରତିଯୋଗିତା ଏ ଦେଶର, ଜାତିର ଅସ୍ମିତାକୁ ନିମ୍ନଗାମୀ କରୁଛି।

ବୌଦ୍ଧ, ମୋ: ୯୪୩୭୦୭୯୦୯୯

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପାତାଳ ଗରୁଡ଼

**ସୌଭାଗ୍ୟସୁନ୍ଦର**

ବହୁ ପ୍ରାଚୀନ ପାଣ୍ଡୁଲିପିରେ ପାତାଳଗରୁଡ଼ ବିଷୟରେ ଉଲ୍ଲେଖ କରାଯାଇଛି ଏବଂ ବୈଦିକ କାଳରୁ ଏହା ଔଷଧୀୟ ଉଦ୍ଭିଦ ଭାବରେ ବ୍ୟବହାର ହୋଇଆସୁଛି। ଚରକ ସଂହିତାରେ (୧୦୦୦-୮୦୦ ଖ୍ରୀଷ୍ଟପୂର୍ବ) ଏହାକୁ ସଂସ୍କୃତ ଭାଷାରେ 'ସର୍ପଗନ୍ଧା' ନାମରେ ସାପକାମୁଡ଼ା ଏବଂ କୀଟଦଂଶନ ଚିକିତ୍ସା ପାଇଁ ଏକ ଉପଯୋଗୀ ମହୌଷଧି ଭାବରେ ବର୍ଣ୍ଣନା କରାଯାଇଛି। ପାତାଳ ଗରୁଡ଼ ବିଷୟରେ ଅନେକ ଲୋକକଥା ଅଛି। ଗୋଟିଏ ଉଦାହରଣ ହେଉଛି - ସର୍ପ ସହିତ ମୁକାବିଲା ହେବା ପୂର୍ବରୁ ଶକ୍ତି ହାସଲ କରିବା ପାଇଁ ନେଉଳ ପ୍ରଥମେ ଏହି ଗଛର ପତ୍ରକୁ ଚୋବାଇ ଖାଇଥାଏ।

ପ୍ରାୟ ୭୫ ସେମିରୁ ୧୦୦ ସେମି ଉଚ୍ଚତା ବିଶିଷ୍ଟ ଏହି ଚିରହରିତ୍ ସିଧା କାଣ୍ଡ ବିଶିଷ୍ଟ ଗୁଳ୍ମ ଭାରତୀୟ ଉପମହାଦେଶ ଏବଂ ପୂର୍ବ-ଏସିଆର ଉଷ୍ଣ ମଣ୍ଡଳୀୟ ହିମାଳୟ, ଆସାମ ଏବଂ ଦକ୍ଷିଣ ଭାରତୀୟ ଉପଦ୍ୱୀପରେ ପଶ୍ଚିମ ଘାଟ ଅଧୀନ ଟ୍ରାଭାନକୋର ଓ କେରଳରେ ଦେଖିବାକୁ ମିଳେ। ପାହାଡ଼ିଆ ଅଞ୍ଚଳରେ ଏହି ଉଦ୍ଭିଦ ଅଧିକ ଦେଖାଯାଏ। ପ୍ରତି ଗଣ୍ଠିରେ ବୃତ୍ତାକାର ଭାବରେ ପତ୍ର ଧରିଥାଏ। ଫୁଲଗୁଡ଼ିକ ଧଳା କିମ୍ବା ଗୋଲାପୀ ଧଳା ରଙ୍ଗର। ଫଳଗୁଡ଼ିକ ଆକାରରେ ଛୋଟ, ଗୋଲାକୃତି, ସବୁଜରୁ ଗୋଲାପୀ ଲାଲ୍, ବାଇଗଣୀ ଏବଂ ପାଚିଲା ବେଳକୁ ଗାଢ଼ କଳା ରଙ୍ଗର ହୋଇଥାଏ। ମୂଳ ଛୋଟ ହଳଦୀ ଗଣ୍ଠି ଭଳି ଆକାରର ଏବଂ ଧଳା ବର୍ଣ୍ଣର।

ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ବ୍ୟବହୃତ ପାତାଳ ଗରୁଡ଼ର ପାଉଁଶିଆ ପାତାଳ ଗରୁଡ଼ ନାମକ ଏକ ଉପଜାତି ଉଦ୍ଭିଦ ଅଛି, ଯାହାକି ବ୍ୟାପକ ଭାବରେ ଦେଖିବାକୁ ମିଳିଥାଏ, କିନ୍ତୁ ଏହା କମ୍ ଔଷଧୀୟ ଗୁଣବିଶିଷ୍ଟ। ପାତାଳ ଗରୁଡ଼ ଗର୍ଭାଶୟ ଉତ୍ତେଜକ, ନିଦ୍ରାହୀନତା, ମାନସିକ ବିକୃତି, ସ୍କିଜୋଫ୍ରେନିଆ, ଅପସ୍ମାର, ସାଇକୋସିସ୍ ଭଳି ଅନେକ ରୋଗର ଉପଶମ ପାଇଁ ବ୍ୟବହୃତ ହୁଏ। ଆଣ୍ଟି-ପ୍ରୋଲିଫରେଟିଭ୍, ଆଣ୍ଟି-ଡାଇୟୁରେଟିକ୍, ଆଣ୍ଟିଫଙ୍ଗାଲ୍, ଆଣ୍ଟିମାଇକ୍ରୋବାୟଲ୍, ଆନ୍ଥେଲ୍ମିଣ୍ଟିକ୍ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଯୋଗୁଁ ଏହି ଗୁଳ୍ମ ହୋମିଓପାଥି ଔଷଧ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର ହୁଏ। ଏଥିରେ ଆଲକାଲଏଡ, କାର୍ବୋହାଇଡ୍ରେଟ୍, ଫ୍ଲାଭୋନାଏଡ୍, ଗ୍ଲାଇକୋସାଇଡ୍, ଫ୍ଲୋବାଟାନିନ, ଫେନୋଲ୍, ରେସିନ୍, ସାପୋନିନ୍, ଷ୍ଟେରୋଲ୍, ଟେନିନ୍ ଓ ଟେରପେନସ୍ ରହିଥାଏ, ଯାହା ଏହାର ଔଷଧୀୟ ପ୍ରଭାବୀଗୁଣକୁ ତ୍ୱରାନ୍ୱିତ କରିଥାଏ। ଏହି ଉଦ୍ଭିଦର ସକ୍ରିୟ ଉପାଦାନଗୁଡ଼ିକ ଆଲକାଲଏଡ୍ ଏବଂ ଏଥିରୁ ପ୍ରାୟ ୫୦ ଟି ଉପାଦାନ ବିଭିନ୍ନ ଅଧ୍ୟୟନ ମାଧ୍ୟମରେ ଚିହ୍ନଟ କରାଯାଇଛି। ପ୍ରାଥମିକ ଉପାଦାନଗୁଡ଼ିକ ହେଉଛି ରିଜର୍ପାଇନ୍, ରେସିନ୍ନାମାଇନ୍, ଡେସର୍ପିଡାଇନ୍, ଆଜମାଲିନ୍, ଆଜମାଲିସିନ୍, ସର୍ପଟାଇନ୍, ୟୋହିମ୍ବାଇନ୍। ପତ୍ର ଓ କାଣ୍ଡ ବ୍ୟତୀତ ଉଦ୍ଭିଦର ମୂଳରେ ଔଷଧୀୟ ମୂଲ୍ୟ ଅଧିକ ରହିଛି। ଉଦ୍ଭିଦ ଅଂଶଗୁଡ଼ିକ ମୁଖ୍ୟତଃ ଉତ୍ତରପ୍ରଦେଶ, ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରୁ ବିଦେଶକୁ ରପ୍ତାନୀ ହୋଇଥାଏ।

ବାର୍ଷିକ ୧, ୦୦୦ ରୁ ୨, ୫୦୦ ମିଲିମିଟର ବୃଷ୍ଟିପାତ ଏବଂ ଉତ୍ତମ ଜଳସେଚନ ସୁବିଧା ପାତାଳ ଗରୁଡ଼ ଚାଷ ପାଇଁ ଉତ୍ତମ। ଏହା ଚିକିଟା, ବାଲିଆ ପଙ୍କ କାଦୁଅ, ପଟୁ ମିଶା ମାଟିରେ ଭଲ ଭାବରେ ବଢ଼ିଥାଏ ଏବଂ ହ୍ୟୁମସ୍ ବା ଜୈବ ଖତ ମିଶ୍ରିତ ହେଲେ ଆହୁରି ଭଲ। ମାଟିର ପିଏଚ ବା ଅମ୍ଳତା ୪.୫ ରୁ ୬.୫ ମଧ୍ୟରେ ରହିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଜୈବ ସାର ସମୃଦ୍ଧ ଏବଂ ମଧ୍ୟମରୁ ଉତ୍ତମ ନିଷ୍କାସିତ ଉର୍ବର ମୃତ୍ତିକା ଭଲ ଫସଲରେ ସହାୟକ ହୁଏ। ବିହନ ବୁଣି ବା ମଞ୍ଜି ପୋତି କିମ୍ବା ମୂଳ, କାଣ୍ଡକୁ କାଟି ନୂତନ ଚାରା ସୃଷ୍ଟି କରାଯାଇ ପାରିବ। ପ୍ରାରମ୍ଭିକ ଅବଧିରେ ଯେଉଁ ଫୁଲ ଆରମ୍ଭ ହୁଏ ତା'କୁ ଛିଣ୍ଡାଇ ଦିଆଗଲେ ଗଛ ଭଲ ବଢ଼ିବା ସମ୍ଭାବନା ଥାଏ। ଅମଳ ପୂର୍ବରୁ ନିୟମିତ ଜଳସେଚନ ଜରୁରୀ। କାରଣ ମାଟି ହାଲୁକା ରହିଲେ ମୂଳକୁ ଅକ୍ଷତ ଖୋଳି ବାହାର କରିବା ସହଜ ହୁଏ। ମୂଳକୁ ଖୋଳିବା ପରେ ଧୋଇଦେଇ ଖଣ୍ଡ ଖଣ୍ଡ କରି କାଟି ଶୁଖାଯାଏ ଏବଂ ସୁରକ୍ଷିତ ସ୍ଥାନରେ ଶୁଖିଲା ଥଣ୍ଡା ସ୍ଥାନରେ ସାଇତି ରଖାଯାଏ। ବହୁଳ ବ୍ୟବହାର ଯୋଗୁଁ ଏହି ଉଦ୍ଭିଦ ଏବେ ଅବକ୍ଷୟମୁଖୀ। ତେଣୁ ବର୍ତ୍ତମାନ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘର ଲାଲ୍ କିତାବରେ 'ବିପଦପୂର୍ଣ୍ଣ' ବର୍ଗରେ ଏହି ଗୁଳ୍ମ ତାଲିକାଭୁକ୍ତ ହୋଇଛି।

ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୮
- ପାଉଣ୍ଡ ୧୦୫.୯୬
- ୟୁରୋ ୮୮.୫୪
- ୟେନ୍ ୦.୫୩

### ସୁନା, ରୁପା ଦର




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୩,୧୫୦ (ନୂଆଦିଲ୍ଲୀ)
- ରୁପା : ୯୩,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୩୭୮.୦୦
- ନିଫ୍ଟି ୨୩,୪୪୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ବିଶେଷଜ୍ଞଙ୍କ ଆକଳନ

# ଟ୍ରମ୍ପ୍ ଏବଂ ଏଆଇ ଯୋଗୁଁ ପ୍ରଭାବିତ ହେବ ବିଶ୍ୱ ବାଣିଜ୍ୟ

ନୂଆଦିଲ୍ଲୀ,୧୨।୧(ଏଜେନ୍ସି)



ଦେଖାଦେବ ଘୋର ଅସ୍ଥିରତା

ଚଳିତବର୍ଷ ସାରା ବିଶ୍ୱ ପାଇଁ ସେତେ ଭଲରେ କଟିବ ନାହିଁ। କାରଣ ଟ୍ରମ୍ପ୍ ୨.୦ ଏବଂ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଯୋଗୁ ୨୦୨୫ରେ ବିଶ୍ୱ ବାଣିଜ୍ୟ ପ୍ରଭାବିତ ହେବ। ଭୂ-ରାଜନୈତିକ ଚାପ, ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ଦ୍ୱାରା ଏକ ନୂତନ ବାଣିଜ୍ୟ ଯୁଦ୍ଧର ସମ୍ଭାବନା, ସ୍ଥିରତା ଆଧାରିତ ପ୍ରତିବନ୍ଧକରେ ବୃଦ୍ଧି, ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଚୀନର ଅତ୍ୟଧିକ ଦବ୍‌ଦବା ଏବଂ ଏଆଇର ଅଭିବୃଦ୍ଧି ଆସିବାକୁ ଥିବା ଏହି ଆର୍ଥିକ ସଙ୍କଟର ମୁଖ୍ୟ କାରଣ ସାଜିବ। ବିଶେଷଜ୍ଞମାନେ ଏହା କହିଛନ୍ତି ଯେ ଭାରତୀୟ ରପ୍ତାନିକାରୀ ଏବଂ ଆମଦାନୀକାରୀମାନେ ଏହି ଆହ୍ୱାନଗୁଡ଼ିକୁ ଦୂର କରିବା ପାଇଁ ସରକାରଙ୍କ ସହିତ ମିଶି କାମ କରିବା ଉଚିତ।


ବିଶେଷଜ୍ଞମାନେ କହିଛନ୍ତି ଯେ ଭାରତ ଏହାର ଏଆଇ ରଣନୀତିକୁ ପ୍ରାଥମିକତା ଦେବା ଆବଶ୍ୟକ। କାରଣ ଏଥିରେ ବ୍ୟବସାୟ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନାକୁ ପରିବର୍ତ୍ତନ କରିବାର ଏବଂ ବ୍ୟବସାୟ କରିବାର ପାରମ୍ପରିକ ଉପାୟକୁ ପୁନଃଆକୃତି ଦେବାର ସମ୍ଭାବନା ରହିଛି। ବ୍ୟବସାୟ ବିଶେଷଜ୍ଞ ଏବଂ ହାଇ-ଟେକ୍ ଗିୟର୍ସର ଅଧ୍ୟକ୍ଷ ଦୀପ୍ କାପୁରିଆ କହିଛନ୍ତି, ଏଆଇ ଦ୍ରୁତ ଗତିରେ ଏକ ଭବିଷ୍ୟତର ବ୍ୟବସାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଏଆଇ-ଆଧାରିତ ଡିଜିଟାଲ୍ ପରିବର୍ତ୍ତନ କେବଳ ସେବା ବାଣିଜ୍ୟକୁ ବୃଦ୍ଧି କରିବ ନାହିଁ, ଏହା ଯାନବାହାନରୁ ରୋବୋଟିକ୍ସ ଏବଂ ତା'ଠାରୁ ଅଧିକ ବାଣିଜ୍ୟଯୋଗ୍ୟ ଏଆଇ-ଆଧାରିତ ସାମଗ୍ରୀର ସମ୍ପୂର୍ଣ୍ଣ ନୂତନ ବର୍ଗ ସୃଷ୍ଟି କରିପାରିବ। ସେ କହିଛନ୍ତି, ଭୂ-ରାଜନୈତିକ ଚାପକୁ ଏଡାଇବା ଘରୋଇ କ୍ଷେତ୍ରର କ୍ଷମତା ବାହାରେ, କିନ୍ତୁ ବିକାଶଶୀଳ ଦେଶଗୁଡ଼ିକର ବ୍ୟବସାୟଗୁଡ଼ିକୁ ପରିବେଶଗତ ଏବଂ ସାମାଜିକ ଉଭୟ ପ୍ରକାରର ବର୍ଦ୍ଧିତ ଆବଶ୍ୟକତା ଏବଂ ସ୍ଥାୟୀତ୍ୱ ମାନଦଣ୍ଡଗୁଡ଼ିକୁ ପୂରଣ କରିବା ପାଇଁ ସମ୍ବଳଗୁଡ଼ିକୁ ବ୍ୟବହାର କରିବାକୁ ପଡିବ। କମ୍ପାନୀଗୁଡ଼ିକ ପାଇଁ, ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କାପୁରିଆ କହିଛନ୍ତି।

ଏ ସମ୍ପର୍କରେ ଟେକ୍ନୋକ୍ରାଫ୍ଟ ଇଣ୍ଡଷ୍ଟ୍ରିଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଏସ କେ ସରାଫ କହିଛନ୍ତି ଯେ ଘରୋଇ ଶିଳ୍ପକୁ ପ୍ରତିଯୋଗିତାମୂଳକ ହେବା ଏବଂ ସୁଯୋଗର ଫଇଦା ହାସଲ କରିବା ପାଇଁ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟାରେ ବହୁଳ ପରିମାଣରେ ନିବେଶ କରିବାକୁ ପଡିବ। ରପ୍ତାନିକାରୀମାନଙ୍କୁ ଆମେରିକାକୁ ରପ୍ତାନି ବୃଦ୍ଧି କରିବାର ଉପାୟ ଖୋଜିବାକୁ ପଡିବ। କାରଣ ଚୀନ୍ ସାମଗ୍ରୀ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ ସେମାନଙ୍କ ପାଇଁ ବଡ଼ ସୁଯୋଗ ଖୋଲିବ। ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଟ୍ରମ୍ପ ଚୀନ୍ ଭଳି ଦେଶ ଉପରେ ଉଚ୍ଚ ଶୁଳ୍କ ଲଗାଇବା ବିଷୟରେ ଚେତାବନୀ ଦେଇଛନ୍ତି। କାପୁରିଆ କହିଛନ୍ତି ଯେ ଆମେରିକାର ଆଭିମୁଖ୍ୟ ପ୍ରତିଶୋଧକୁ ଆମନ୍ତ୍ରଣ କରୁଛି, ଯାହା ମିଳିତ ଭାବରେ ଚୀନ୍ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହା ବିଶ୍ୱ ଯୋଗାଣ ଶୃଙ୍ଖଳା ଏବଂ ବାଣିଜ୍ୟ ଏବଂ ଏଫ୍‌ଡିଆଇ (ପ୍ରତ୍ୟକ୍ଷ ବିଦେଶୀ ନିବେଶ) ପ୍ରବାହରେ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି କରିପାରେ।

କୋଭିଡ୍-୧୯ ମହାମାରୀ ଓ ଏହା ପରେ ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ପଶ୍ଚିମ ଏସିଆର ସଙ୍କଟରେ ସୃଷ୍ଟ ଅନେକ ବର୍ଷର ସଂଘର୍ଷ ପରେ ମହାଦେଶର ଦେଶଗୁଡ଼ିକ ସେମାନଙ୍କର ଅନ୍ତର୍ଜାତୀୟ ବାଣିଜ୍ୟ ସମ୍ପର୍କର ପୁନଃମୂଲ୍ୟାୟନ କରୁଛନ୍ତି। ସେମାନେ ସେମାନଙ୍କର ଆର୍ଥିକ ଏବଂ ଜାତୀୟ ସୁରକ୍ଷା ଚିନ୍ତା ସହିତ ନୂତନ ସହଯୋଗୀମାନଙ୍କ ସହିତ ଜଡିତ ହେବାର ସମ୍ଭାବନା ଅନୁସନ୍ଧାନ କରୁଛନ୍ତି। ଭାରତୀୟ ରପ୍ତାନି ସଂଗଠନ ମହାସଂଘ (ଫିଓ) ସଭାପତି ଅଶ୍ୱିନୀ କୁମାର କହିଛନ୍ତି ଯେ ଏକ ପ୍ରମାଣିକ ସଂସ୍ଥାର ଆବଶ୍ୟକତା ରହିଛି ଯାହା ଘରୋଇ କ୍ଷେତ୍ରରେ ଅଙ୍ଗାରକ ନିର୍ଗମନ ଉପରେ ନଜର ଏବଂ ନିୟନ୍ତ୍ରଣ କରିପାରି ବୋଲି ସେ କହିଛନ୍ତି।

■ 'ୱାର୍କ ଲାଇଫ୍ ବାଲାନ୍ସ' ପ୍ରସଙ୍ଗରେ ପୁନାୱାଲାଙ୍କ କଟାକ୍ଷ

## ମତେ ବି ଭଲ ଲାଗେ ପତ୍ନୀଙ୍କୁ ଦେଖିବା



ନୂଆଦିଲ୍ଲୀ,୧୨।୧(ଏଜେନ୍ସି): 'ୱାର୍କ ଲାଇଫ୍ ବାଲାନ୍ସ' ପ୍ରସଙ୍ଗରେ ନିକଟରେ ଲାର୍ସେନ ଆଣ୍ଡ ଟୁବ୍ରୋ (ଏଲ୍‌ଆଣ୍ଡଟି) ର ଅଧ୍ୟକ୍ଷ ଏସ.ଏନ ସୁବ୍ରମଣ୍ୟନ ଦେଇଥିବା ବୟାନକୁ ନେଇ ଭାରତୀୟ କର୍ପୋରେଟ୍ ଜଗତରେ ବିତର୍କ ବଢ଼ିବାରେ ଲାଗିଛି। ସୁବ୍ରମଣ୍ୟନ କହିଥିଲେ 'କେତେ ସମୟ ଘରେ ନିଜ ପତ୍ନୀଙ୍କୁ ଦେଖୁଥିବ, ଅଫିସ୍ ଯାଇ କାମ କରିବା ଦରକାର'। ସମସ୍ତଙ୍କୁ ସପ୍ତାହରେ ୯୦ ଘଣ୍ଟା କାମ କରିବା ଜରୁରୀ। ତାଙ୍କର ଏହି ବିବୃତ୍ତି ପରଠାରୁ ଆରମ୍ଭ ହୋଇଯାଇଛି ବିବାଦ। ଗତକାଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ସୁବ୍ରମଣ୍ୟନଙ୍କ ବିବୃତ୍ତିର ପାଲଟା ଉତ୍ତର ରଖିଥିଲେ। ଆଉ ଏବେ କୋଭିସିଲ୍ଡ ଟିକା ନିର୍ମାତା ସେରମ୍ ଇନଷ୍ଟିଚ୍ୟୁଟ୍‌ର ମାଲିକ ଅଦାର ପୁନାୱାଲା ମଧ୍ୟ ସୁବ୍ରମଣ୍ୟନଙ୍କୁ ଟାର୍ଗେଟ କରିଛନ୍ତି। ସେ ଆନନ୍ଦ ମହିନ୍ଦ୍ରାଙ୍କ ସମର୍ଥନ କରିଛନ୍ତି। ପୁନାଓ୍ୱାଲା କହିଛନ୍ତି, ତାଙ୍କୁ କ୍ୱାଣ୍ଟିଟି ନୁହେଁ, ବରଂ କାମର କ୍ୱାଲିଟି ପସନ୍ଦ। ସେ ଆହୁରି କହିଛନ୍ତି ମୋତେ ବି ନିଜ ପତ୍ନୀଙ୍କୁ ଦେଖିବା ପସନ୍ଦ। କାମର ଗୁଣବତ୍ତା ସବୁବେଳେ ମାତ୍ରାଠାରୁ ଅଧିକ ଜରୁରୀ। ତାଙ୍କର ଏହି ପୋଷ୍ଟରେ ଅନେକ ଲୋକ ନିଜର ପ୍ରତିକ୍ରିୟା ରଖିଛନ୍ତି। ବୀଣା ଜୈନ ନାମକ ଜଣେ ୟୁଜର ଲେଖିଛନ୍ତି "ଖୁସି ଲାଗିଲା, ଅନ୍ତତଃ କିଛି ଲୋକ କ୍ଷମତାଶାଳୀ ପଦରେ ରହି ମଧ୍ୟ ଓ୍ୱାର୍କ ଲାଇଫ୍ ବାଲାନ୍ସ ବିଷୟରେ ଆଲୋଚନା ହେଉଛନ୍ତି। ଆଶା ଯେ, ଅଧିକ ଲୋକ ଏହା ଉପରେ ଧ୍ୟାନ ଦେବେ। ସେହିଭଳି ଆଉ ଜଣେ ୟୁଜର ମଧ କହିଛନ୍ତି ମୁଁ ଆପଣଙ୍କ ସହ ସହମତ, ଓ୍ୱାର୍କ ଲାଇଫ୍ ବାଲାନ୍ସ ବହୁତ ଜରୁରୀ।

## ହୀରା ଅଳଙ୍କାର ରପ୍ତାନୀରେ ବଡ଼ ହ୍ରାସ

ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଦେଶରୁ ସୁନା ଅଳଙ୍କାର ରପ୍ତାନୀରେ ବୃଦ୍ଧି ଘଟିଥିବାବେଳେ ହୀରା ଅଳଙ୍କାର ରପ୍ତାନୀରେ ବଡ଼ ଧରଣର ହ୍ରାସଘଟିଛି। ସୁନା ଅଳଙ୍କାର ରପ୍ତାନିରେ ୧୨ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ହୀରା ଅଳଙ୍କାର ରପ୍ତାନୀରେ ୧୦ ପ୍ରତିଶତ ହ୍ରାସ ଘଟିଛି। ରତ୍ନ ଏବଂ ଅଳଙ୍କାର ରପ୍ତାନୀ ପ୍ରୋତ୍ସାହନ ପରିଷଦ (ଜିଜେଇପିସି) ଶନିବାର ଏହି ସୂଚନା ଦେଇଛି। ଜିଜେଇପିସି ଆଗାମୀ ଦିନରେ ଖାସକରି ଆମେରିକାକୁ ହୀରା ରପ୍ତାନୀରେ ସୁଧାର ଆସିବ ବୋଲି ଆଶା ବ୍ୟକ୍ତ କରିଛି। ଭାରତରୁ ମୋଟ ହୀରା ରପ୍ତାନୀର ପ୍ରାୟ ଅଧା ଆମେରିକାକୁ ହୋଇଥାଏ। ୨୦୨୪-୨୫ ଆର୍ଥିକବର୍ଷରେ ଏପ୍ରିଲରୁ ନଭେମ୍ବର ମଧ୍ୟରେ ପଲିସ୍ ହୀରା ରପ୍ତାନୀ ଗୋଟିଏ ବର୍ଷ ପୂର୍ବେ ସମାନ ଅବଧି ତୁଳନାରେ ୧୮.୮ ପ୍ରତିଶତ ହ୍ରାସ ପାଇ ୮୯୮.୦୨ କୋଟି ଡଲାର ରହିଛି। ଚୀନର ଚାହିଦା କମିବା ହୀରା ରପ୍ତାନୀ ହ୍ରାସ ପଛର ଏକ କାରଣ। ଜିଜେଇପିସି ଅନୁସାରେ ଆମେରିକାରେ ଥ୍ୟାଙ୍କ୍ସ ଗିଭିଂ ଫେଷ୍ଟିଭାଲ୍ ସମୟରେ ହୀରା ଚାହିଦା ୫ ପ୍ରତିଶତ ଯାଏ ବଢ଼ିପାରେ।

● ରିଜର୍ଭ ବ୍ୟାଙ୍କର ସ୍ପଷ୍ଟୋକ୍ତି

## ଗ୍ରାହକ ଚାହିଁଲେ ଗୃହ-କାର୍ ଋଣକୁ ଫିକ୍ସଡରୁ ଫ୍ଲୋଟିଂ ହାରକୁ ସ୍ୱିଚ୍ କରିପାରିବେ

ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ନୂଆଦିଲ୍ଲୀ। ପ୍ରାୟତଃ ଲୋକଙ୍କ ମନରେ ଋଣ ପରିବର୍ତ୍ତନ ସମ୍ପର୍କରେ ବିଭିନ୍ନ ପ୍ରକାରର ପ୍ରଶ୍ନ ଆସିଥାଏ। ଆପଣଙ୍କର ଋଣ ଅବଧି ଯାହା ହେଉନା କାହିଁକି, ଆପଣ ଏବେ ଯେତେବେଳେ ଚାହିଁବେ ଏହାକୁ ଫ୍ଲୋଟିଂ କିମ୍ବା ଫିକ୍ସଡ ବା ସ୍ଥିର ସୁଧ ହାରକୁ ସ୍ୱିଚ୍ ବା ପରିବର୍ତ୍ତନ କରିପାରିବେ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏ ନେଇ ସ୍ପଷ୍ଟ କରିଛି। ଏବେ ରିଜର୍ଭ ବ୍ୟାଙ୍କ ଏକ ୬ ବର୍ଷ ପୁରୁଣା ସର୍କୁଲାର ଉପରେ ଜାରି ହୋଇଥିବା ପ୍ରଶ୍ନର ଉତ୍ତରରେ ଏହି ସମସ୍ୟାର ସମାଧାନ କରିଛି। ସର୍କୁଲାର ଅନୁଯାୟୀ, ଏହି ନିୟମଗୁଡ଼ିକ ଅସୁରକ୍ଷିତ ସ୍ୱଳ୍ପକାଳୀନ ଋଣ ସହିତ କାର, ଶିକ୍ଷା ଏବଂ ଗୃହ ଋଣ ଭଳି ଦୀର୍ଘକାଳୀନ ଋଣ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ହେବ। ଏହା ସହିତ, ବ୍ୟାଙ୍କଗୁଡ଼ିକୁ ନିଶ୍ଚିତ କରିବାକୁ ପଡିବ ଯେ ସେମାନଙ୍କ ପାଖରେ ଫିକ୍ସଡ ଋଣର ବିକଳ୍ପ ଅଛି, ଏପରି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ କୁହନ୍ତି ଯେ ଏହା ଋଣ ମୂଲ୍ୟରେ ମଧ ଏକ ବଡ଼ ଲାଭ ଦେବ। ସୁଧ ହାର ହ୍ରାସ ଯୋଗୁଁ ଗ୍ରାହକଙ୍କୁ କେତେ ଅଧିକ ରାଶି ଦେବାକୁ ପଡିବ ତାହା ବ୍ୟାଙ୍କ, ଏନବିଏଫସି ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଜଣାଇବା ଆବଶ୍ୟକ ହେବ।



ସର୍କୁଲାର ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ଋଣ ମଞ୍ଜୁର ସମୟରେ ଏବଂ ଋଣ ଅବଧି ସମୟରେ ଫ୍ଲୋଟିଂ-ହାର ଉପରେ ସୁଧ ହାର ପୁନଃସେଟ୍‌ର ପ୍ରଭାବ ବିଷୟରେ ଋଣଗ୍ରହୀତାଙ୍କୁ ଜଣାଇବା ଉଚିତ। ଋଣ ପ୍ରଦାନ କରିବା ସମୟରେ, ବ୍ୟାଙ୍କଗୁଡ଼ିକୁ ସୁଧ ହାର ପରିବର୍ତ୍ତନର ସମ୍ଭାବ୍ୟ ପ୍ରଭାବକୁ ରୂପରେଖିତ କରି ମୁଖ୍ୟ ତଥ୍ୟ ବିବରଣୀ (କେଏଫ୍‌ଏସ୍) ରେ ବାର୍ଷିକ ସୁଧ ହାର ପ୍ରକାଶ କରିବାକୁ ପଡିବ। ଏହାଛଡା ଅବଧି ମଧ୍ୟରେ ଇଏମ୍‌ଆଇରେ ପରିବର୍ତ୍ତନ ଏବଂ ଋଣ ବିବରଣୀ ଉପରେ ନିୟମିତ ଅପଡେଟ୍ ପ୍ରଦାନ କରିବା ଉଚିତ।

## ଆର୍କିଟେକ୍ଟର ଡିଜାଇନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ଜିନ୍ଦଲ ଷ୍ଟେନ୍‌ଲେସ୍

ଭୁବନେଶ୍ୱର,୧୨।୧(ସମିସ): ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ଏହି ବିଶ୍ୱସ୍ତରୀୟ ପ୍ରସିଦ୍ଧ ଇଭେଣ୍ଟରେ ଏସୀୟ ପ୍ରିମିୟରକୁ ଚିହ୍ନିତ କରି ଆର୍କିଟେକଚର ଓ ଡିଜାଇନ ଫିଲ୍ମ ଫେଷ୍ଟିଭାଲ ସହିତ ସହଭାଗୀ ହୋଇଛି।

ଜାନୁଆରି ୧୦-୧୨ମଧ୍ୟରେ ମୁମ୍ବାଇ ନ୍ୟାସନାଲ ସେଣ୍ଟର ଫର ଦି ପରଫର୍ମିଂ ଆର୍ଟସରେ ଆୟୋଜିତ ଏହି ଫେଷ୍ଟିଭାଲ ବିଶ୍ୱର ବିଭିନ୍ନ ସ୍ଥାନରୁ ସ୍ଥାପତ୍ୟ, ଡିଜାଇନ ଓ ସିନେମାଟିକ କାହାଣୀକୁ ନେଇ ଗତିଶୀଳ ଚିତ୍ରକୁ ପ୍ରତିଫଳିତ କରିଥିଲା। ଏହି ଅବସରରେ ଜିନ୍ଦଲ ଲାଇଫ ଷ୍ଟାଇଲର ସୃଜନଶୀଳ ମୁଖ୍ୟ ଓ ପରିଚାଳନା ନିର୍ଦ୍ଦେଶକ ଦୀପିକା ଜିନ୍ଦଲ କହିଛନ୍ତି ଯେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ମୋ ହୃଦୟରେ ନିକଟତର-ଏହା ଏଭଳି ଏକ ସାମଗ୍ରୀ ଯାହା ଶକ୍ତି ସୌନ୍ଦର୍ଯ୍ୟ ଓ ଅନନ୍ତ ସମ୍ଭାବନାର ପ୍ରତୀକ। ଏହି ପରଂପରାକୁ ସମ୍ମାନ ଦେବାରେ ଆମର ବିଶ୍ୱାସ ପ୍ରତିଧ୍ୱନିତ ହୁଏ। ଏଥିରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ପ୍ରତିଫଳିତ ସୌନ୍ଦର୍ଯ୍ୟ ଐତିହ୍ୟ ଓ ନବସୃଜନର ଧାରାକୁ ପ୍ରଦର୍ଶିତ କରିଥାଏ। ଏହି ପାଭିଲିୟନ ଜରିଆରେ ଆମେ କେବଳ ଡିଜାଇନ ପ୍ରଦର୍ଶନ କରୁନାହୁଁ, ଆମେ ଏକ କାହାଣୀ କହୁଛୁ ଯାହା କାରିଗରୀ, ସୃଜନଶୀଳତା ଓ ଷ୍ଟେନଲେସ ଷ୍ଟିଲର କାଳଜୟୀ ଆକର୍ଷଣର କାହାଣୀକୁ ବ୍ୟାଖ୍ୟା କରିଥାଏ।

ବଜେଟ ୨୦୨୫-୨୬

### ଆୟକର ନିୟମରେ ହୋଇପାରେ ୫ ବଡ଼ ପରିବର୍ତ୍ତନ

## ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ୭୫ ହଜାରକୁ ବଢ଼ିପାରେ

ନୂଆଦିଲ୍ଲୀ,୧୨।୧(ଏଜେନ୍ସି)




ଆଉ ଦିନ କେଇଟା ପରେ ଆସିବ ସାଧାରଣ ବଜେଟ। ୨୦୨୫-୨୬ ଆର୍ଥିକବର୍ଷର ବଜେଟ ପ୍ରସ୍ତୁତି ସମ୍ପ୍ରତି ଚୂଡାନ୍ତ ପର୍ଯ୍ୟାୟରେ। ଚଳିତଥର ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କରଦାତାଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ପଦକ୍ଷେପ ଆଣିବା ଆଶା କରାଯାଉଛି। ୨୦୨୫ ସାଧାରଣ ବଜେଟରେ ଆୟକର ସମ୍ପର୍କରେ ଅନେକ ବଡ଼ ଘୋଷଣା ହୋଇପାରେ। ଏଥିରେ ବିଶେଷକରି ଆୟକର ରିଟର୍ଣ୍ଣର ସ୍ଲାବରେ ପରିବର୍ତ୍ତନ ହୋଇପାରେ।

● ଆୟକର ସ୍ଲାବରେ ପରିବର୍ତ୍ତନ

ନୂତନ ଟିକସ ବ୍ୟବସ୍ଥାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚଳିତଥର ବଜେଟରେ ଅର୍ଥମନ୍ତ୍ରୀ ଆୟକର ସ୍ଲାବ୍ ହାରରେ ସଂଶୋଧନ କରିପାରନ୍ତି। ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ ଅନୁଯାୟୀ, ୨୦ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦% ଟିକସ ହାର ଲାଗୁ କରାଯିବା ଉଚିତ, ଯାହା ଦ୍ୱାରା ଏହା ମୁଦ୍ରାସ୍ଫୀତି ଏବଂ ବର୍ତ୍ତମାନର ଆର୍ଥିକ ପରିସ୍ଥିତି ସହ ସମନ୍ୱିତ ରହିବ। ଏହି ପଦକ୍ଷେପ ନୂତନ ଟିକସ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରୟାସ ହୋଇପାରେ।

● ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ରିହାତି

ନୂତନ ଟିକସ ବ୍ୟବସ୍ଥା ସମସ୍ତ କରଦାତାଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ। ବିଶେଷଜ୍ଞମାନେ ସୁପାରିଶ କରିଛନ୍ତି ଯେ ୭୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସ୍କ ବରିଷ୍ଠ ନାଗରିକଙ୍କ ପାଇଁ ପୃଥକ ସ୍ଲାବ୍ ସୃଷ୍ଟି କରାଯିବା ଉଚିତ। ଏଥିରେ ଅଧିକ ଛାଡ଼ ସୀମା କିମ୍ବା କମ୍ ଟିକସ ହାର ଅନ୍ତର୍ଭୁକ୍ତ ହୋଇପାରେ, ଯାହା ସେମାନଙ୍କର ଆର୍ଥିକ ସ୍ଥିତିକୁ ଉନ୍ନତ କରିପାରିବ।

● ଷ୍ଟାଣ୍ଡାର୍ଡ ଡିଡକ୍ସନ ବୃଦ୍ଧି କରିବାକୁ ଦାବି

ପୁରୁଣା ଆୟକର ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦,୦୦୦ ଟଙ୍କା ଏବଂ ନୂତନ ବ୍ୟବସ୍ଥାରେ ଏହା ୭୫,୦୦୦ ଟଙ୍କା। ବିଶେଷଜ୍ଞମାନେ ଏହାକୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଏହି ପରିବର୍ତ୍ତନ ଦରମା ଭିତ୍ତିକ କର୍ମଚାରୀମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ।

● ସୁନା ଉପରେ ଆମଦାନୀ ଶୁଳ୍କରେ ପରିବର୍ତ୍ତନ

ନିଅଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ସୁନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିପାରନ୍ତି। ସମ୍ପ୍ରତି ଆମଦାନୀ ଶୁଳ୍କ ୧୫% ରୁ ୬%କୁ ହ୍ରାସ କରାଯାଇଛି। ତଥାପି, ଏଥର ଶୁଳ୍କ ବୃଦ୍ଧି ହେବାର ସମ୍ଭାବନା ଅଛି, ଯାହା ବାଣିଜ୍ୟ ନିଅଣ୍ଟ ହ୍ରାସ କରିବାରେ ସାହାଯ୍ୟ କରିବ।

● ଧାରା ୮୦ସିରେ ଆୟକର ରିଆତି ସୀମାରେ ବୃଦ୍ଧି

ଧାରା ୮୦ସି ଅନୁଯାୟୀ ଆୟକର ରିଆତି ସୀମା ୧.୫ ଲକ୍ଷରୁ ୩.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ, ଗୃହ ଋଣ ସୁଧ କାଟ୍‌କୁ ଏହି ଧାରାରୁ ପୃଥକ କରି ଏଥିରେ ଅଧିକ ସୀମା ପ୍ରଦାନ କରିବାକୁ ଦାବି ହୋଇଛି।

ବିଜ୍‌ନେସ୍ ଟିପ୍ସ

# କ୍ରେଡିଟ୍ କାର୍ଡରୁ ଅଧିକ ଖର୍ଚ୍ଚ ବିଗାଡ଼ିବ କ୍ରେଡିଟ୍ ସ୍କୋର




■ ଲିମିଟ୍‌ର ୩୦%ରୁ ଅଧିକ ବ୍ୟୟଠାରୁ ଦୂରେଇ ରହିବା ଉଚିତ୍

ଦେଶରେ କ୍ରେଡିଟ୍ କାର୍ଡର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅନେକ ସମୟରେ ଲୋକମାନେ କ୍ରେଡିଟ୍ କାର୍ଡ ମାଧ୍ୟମରେ ବିଲ୍ ପୈଠ କରନ୍ତି ଏହି ଆଶାରେ ଯେ ଏହା ସେମାନଙ୍କର କ୍ରେଡିଟ୍ ସ୍କୋର ବୃଦ୍ଧି କରିବ। ତଥାପି, କିଛି ଲୋକ ଏହା ଦେଖି ହତାଶ ହୁଅନ୍ତି ଯେ ସେମାନଙ୍କର କ୍ରେଡିଟ୍ ସ୍କୋର ସ୍ଥିର ରହିଛି କିମ୍ବା ସେମାନଙ୍କର ଖର୍ଚ୍ଚ ଜାରି ରଖିବା ସତ୍ତ୍ୱେ ହ୍ରାସ ପାଉଛି। ହେଲେ ସମୟ ସମୟରେ ବିଲ୍ ପେମେଣ୍ଟ କରିବା ସତ୍ତ୍ୱେ ଗ୍ରାହକଙ୍କ କ୍ରେଡିଟ୍ ସ୍କୋରରେ ଉନ୍ନତି ନ ହୋଇ ନ ଥାଏ। ଏହାର କିଛି ପ୍ରମୁଖ କାରଣ ଏଠାରେ ଦିଆଯାଇଛି। କ୍ରେଡିଟ୍ ସ୍କୋର ୩୦୦ରୁ ୯୦୦ମଧ୍ୟରେ ରହିଥାଏ। ଅପରପକ୍ଷେ ୬୫୦ରୁ କମ୍ ସ୍କୋରକୁ ଖରାପ ବୋଲି ବିବେଚନା କରାଯାଏ।

■ ସୀମାଠାରୁ ୩୦%ରୁ ଅଧିକ ଖର୍ଚ୍ଚ କରିବାରୁ ଦୂରେଇ ରୁହନ୍ତୁ

କ୍ରେଡିଟ୍ କାର୍ଡର ଅତ୍ୟଧିକ ବ୍ୟବହାର ଆପଣଙ୍କ ସ୍ଥିର କିମ୍ବା ହ୍ରାସ ପାଉଥିବା କ୍ରେଡିଟ୍ ସ୍କୋରର କାରଣ ହୋଇପାରେ। ଆପଣଙ୍କ ଲାଗି ଏହା ଭଲ ହୋଇପାରେ ଯେ, କାର୍ଡ ସୀମାର ୧୦-୧୫% ବ୍ୟବହାର କରିବା ଉଚିତ। ୩୦%ରୁ ଅଧିକ ଖର୍ଚ୍ଚ କରିବା ଦ୍ୱାରା ସ୍କୋର ସ୍ଥିର କିମ୍ବା ଖରାପ ହୋଇପାରେ। ଅର୍ଥାତ୍, ଯଦି ଆପଣଙ୍କର କ୍ରେଡିଟ୍ କାର୍ଡ ସୀମା ୧.୫ ଲକ୍ଷ ଟଙ୍କା, ତେବେ ଆପଣ ପ୍ରତି ମାସରେ ଏଥିରୁ ୪୫ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରିବା ଉଚିତ୍ ନୁହେଁ।

■ ନିୟମିତ କ୍ରେଡିଟ୍ ରିପୋର୍ଟ ଯାଞ୍ଚ କରନ୍ତୁ

କ୍ରେଡିଟ୍ ରିପୋର୍ଟଗୁଡ଼ିକ ୧୦୦% ସଠିକ୍ ନୁହେଁ। ଏହି ଭୁଲଗୁଡ଼ିକ ଆପଣଙ୍କ ଆର୍ଥିକ କାରବାରକୁ ଭୁଲ ଭାବରେ ଉପସ୍ଥାପନ କରିପାରେ। ଏପରି ପରିସ୍ଥିତିରେ, ନିୟମିତ ଭାବରେ ଆପଣଙ୍କର କ୍ରେଡିଟ୍ କାର୍ଡ ରିପୋର୍ଟ ଯାଞ୍ଚ କରନ୍ତୁ ଏବଂ ଯେ କୌଣସି ଭୁଲ ଥିଲେ ସଂଶୋଧନ କରନ୍ତୁ।

■ ଉଭୟ ସୁରକ୍ଷିତ ଏବଂ ଅସୁରକ୍ଷିତ ଋଣ ରଖନ୍ତୁ

ଏକ ସନ୍ତୁଳିତ କ୍ରେଡିଟ୍ ପ୍ରୋଫାଇଲରେ ସୁରକ୍ଷିତ ଏବଂ ଅସୁରକ୍ଷିତ ଉଭୟ ଋଣ ରହିବା ଉଚିତ। ପର୍ସନାଲ୍ ବା ବ୍ୟକ୍ତିଗତ ଋଣ କିମ୍ବା କ୍ରେଡିଟ୍ କାର୍ଡ ଭଳି ଗୋଟିଏ ପ୍ରକାରର ଋଣ ଉପରେ ନିର୍ଭରଶୀଳତା କ୍ରେଡିଟ୍ ସ୍କୋରକୁ ବାଧା ପହଞ୍ଚାଇଥାଏ। ଏପରି ପରିସ୍ଥିତିରେ, ସୁନା ଋଣ ଭଳି ସୁରକ୍ଷିତ ଋଣକୁ ଋଣରେ ଅନ୍ତର୍ଭୁକ୍ତ କରାଯିବା ଉଚିତ।

■ ଗୋଟିଏ ସମୟରେ ଏକାଧିକ ଋଣ ଆବେଦନ କରନ୍ତୁ ନାହିଁ

ଅଳ୍ପ ସମୟ ମଧ୍ୟରେ ବହୁତ କ୍ରେଡିଟ୍ କାର୍ଡ କିମ୍ବା ଋଣ ପାଇଁ ଆବେଦନ କରନ୍ତୁ ନାହିଁ। ଏଥିଯୋଗୁ କ୍ରେଡିଟ୍ ରିପୋର୍ଟରେ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡିଥାଏ। ଏହା କ୍ରେଡିଟ୍ ହ୍ରାସର କାରଣ ହୋଇଥାଏ।

■ ନକାରାତ୍ମକ କ୍ରେଡିଟ୍ ରେକର୍ଡର ପ୍ରଭାବ ୭ ବର୍ଷ ପର୍ଯ୍ୟନ୍ତ ରହିପାରେ

ଯଦିଓ ଆପଣ ବର୍ତ୍ତମାନ ଆପଣଙ୍କର ସମସ୍ତ ପେମେଣ୍ଟ ସମୟ ମଧ୍ୟରେ କରୁଛନ୍ତି, କିନ୍ତୁ ଯଦି ପୁରୁଣା ରେକର୍ଡ ଭଲ ନାହିଁ ତେବେ ଏହାର ପ୍ରଭାବ ଆପଣଙ୍କ କ୍ରେଡିଟ୍ ସ୍କୋର ଉପରେ ୭ ବର୍ଷ ପର୍ଯ୍ୟନ୍ତ ଦେଖାଯାଇପାରେ।

■ ପୁରୁଣା କ୍ରେଡିଟ୍ ଆକାଉଣ୍ଟ ବନ୍ଦ କରନ୍ତୁ ନାହିଁ

ଲୋକମାନେ ପ୍ରାୟତଃ ପୁରୁଣା କ୍ରେଡିଟ୍ କାର୍ଡ ବନ୍ଦ କରିଦିଅନ୍ତି, କିନ୍ତୁ ଏହା ଆପଣଙ୍କ ସ୍କୋରକୁ ଖରାପ କରିପାରେ। ପୁରୁଣା କ୍ରେଡିଟ୍ କାର୍ଡର ଅର୍ଥ ହେଉଛି ଯେ ଆପଣ ବହୁତ ଦିନ ଧରି କ୍ରେଡିଟ୍ ପରିଚାଳନା କରୁଛନ୍ତି।



# ଭୁବନେଶ୍ୱର ସିଟି

## ଦେବଯୁଗ ପରିବାରର ଉଦ୍‌ଘାଟନୀ ସମାରୋହ



ଭୁବନେଶ୍ୱର,୧୨।୧(ସମିସ): ଭୁବନେଶ୍ୱରସ୍ଥିତ ହୋଟେଲ୍ ଆଇଟିସି ଫର୍ଚ୍ଚୁନ୍‌ରେ ଦେବଯୁଗ ପରିବାରର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ଦେବଯୁଗ ପରିବାର ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ନାୟକ ଏବଂ ତାଙ୍କ ସହଯୋଗୀ ପରାମର୍ଶଦାତା ଡ. ପୃଥ୍ୱୀରାଜ ଆଚାର୍ଯ୍ୟ ଉପସ୍ଥିତ ଥିବା ଦର୍ଶକଙ୍କୁ ସମ୍ବୋଧିତ କରିଛନ୍ତି। ଏହି ବୈଠକ ମାଧ୍ୟମରେ ସେମାନେ ବେରୋଜଗାରୀ ଯୁବଗୋଷ୍ଠୀ ଏବଂ ବ୍ୟବସାୟ ଆଶା ରଖିଥିବା ବ୍ୟକ୍ତିମାନଙ୍କୁ ଜଣେ ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ପରାମର୍ଶ ଦେବା ସହିତ ମାର୍ଗଦର୍ଶନ ଦେଇଛନ୍ତି। ଆମ ସମାଜରେ ଅନେକ ବେରୋଜଗାରୀ ଏବଂ ବ୍ୟାବସାୟିକ ଉଚ୍ଚାଭିଳାଷୀ ଯୁବ ବ୍ୟକ୍ତି ଅଛନ୍ତି। ଯେଉଁମାନେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ସଠିକ୍ ପରିସର କିମ୍ବା ଉପଯୁକ୍ତ ମଞ୍ଚ(ପ୍ଲାଟ୍‌ଫର୍ମ) ପାଇପାରୁ ନାହାନ୍ତି। ଯୁବ ଗୋଷ୍ଠୀଙ୍କ ପାଇଁ ନିଯୁକ୍ତି, ରୋଜଗାର ଏବଂ ସ୍ୱାବଲମ୍ବୀ ସୃଷ୍ଟି କରିବାରେ ଏହା ସହାୟକ ହେବ। ଯେଉଁମାନେ ସଂଗଠନ ସହିତ ଜଡ଼ିତ ହେବେ ସେମାନେ ନିଜସ୍ୱ ମୂଳ ସମିତି(କୋର୍ କମିଟି) ଗଠନ କରିପାରିବେ। ଏହାସହ କାର୍ଯ୍ୟକଳାପ ପରିଚାଳନା କରିପାରିବେ। ଯାହା ସେମାନଙ୍କ ପାଇଁ ରୋଜଗାର ଏବଂ କର୍ମ ନିଯୁକ୍ତିର ପରିସର ଗଠନ କରିବ। ଦେବଯୁଗ ପରିବାର ସହିତ ଜଡ଼ିତ ହେବାକୁ ହେଲେ ସଦସ୍ୟମାନଙ୍କର ସମ୍ପୂର୍ଣ୍ଣ ପଞ୍ଜୀକରଣ ଏବଂ ଯୋଗାଯୋଗ ପ୍ରକ୍ରିୟା ଦେବଯୁଗ ପରିବାର ସଫ୍ଟୱେର୍ ଆପ୍ ଦ୍ୱାରା ପରିଚାଳିତ ହେବ। ଯୁବକଙ୍କ ପାଇଁ ପ୍ରେରଣାର ମୂର୍ତ୍ତି ସ୍ୱାମୀ ବିବେକାନନ୍ଦଙ୍କୁ ସମ୍ମାନ ଜଣାଇ ତାଙ୍କର ଏହି ଜନ୍ମ ଦିବସରେ ସମଗ୍ର ଯୁବ ସମାଜକୁ ଉତ୍ସର୍ଗୀକୃତ କରିବା ସହିତ ଦେବଯୁଗ ପରିବାର ତା'ର ପ୍ରତିଷ୍ଠା ଦିବସ ଭାବେ ଏହି ଦିନକୁ ପାଳନ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ପଥ ଉତ୍ସବରେ ଦୁଲୁକିଲା ରାଜଧାନୀ / ଝୁମେଇଲେ ଅସୀମା ଓ ସତ୍ୟଜିତ୍

ଭୁବନେଶ୍ୱର,୧୨।୧(ସମିସ):





ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ବିଏମ୍‌ସିର ଦ୍ୱିତୀୟ ପଥ ଉତ୍ସବ। ସକାଳ ସାଢ଼େ ୬ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲିଥିଲା। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲା ବେଳେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ୍, ଷ୍ଟାଣ୍ଡିଂ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା, ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ସାଉଥ୍-ୱେଷ୍ଟ ଜୋନ୍‌ର ଜାଗମରାଠାରେ ଅନୁଷ୍ଠିତ ଚଳିତ ବର୍ଷର ଦ୍ୱିତୀୟ ପଥ ଉତ୍ସବରେ ଜନଗହଳି ବଢ଼ିଥିଲା। ଜାଗମରା ନୂଆ ରାସ୍ତାର ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ପବିତ୍ର ଗେଷ୍ଟ ହାଉସ୍ ପର୍ଯ୍ୟନ୍ତ ପାଖାପାଖି ୧ କିଲୋମିଟର ବ୍ୟାପୀ ରାସ୍ତାରେ ପ୍ରାୟ ୩୦ ହଜାର ଲୋକଙ୍କ ସମାଗମ ହୋଇଥିଲା ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ମୁଖ୍ୟ ମଞ୍ଚରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ସତ୍ୟଜିତ୍‌ଙ୍କ ସଂଗୀତରେ ଝୁମିଥିଲେ ଦର୍ଶକ। ସେହିପରି ଜୟଦେବ ଡ୍ୟାନ୍ସ ଗ୍ରୁପ୍‌ର ଧମାକାଦାର ନୃତ୍ୟର ତାଳେ ତାଳେ ମତୁଆଲା ହୋଇଥିଲେ ଉପସ୍ଥିତ ଦର୍ଶକ। ଏହା ସହିତ ରଙ୍ଗୋଲି, ଝୋଟି, ଫୋକ୍ ଡ୍ୟାନ୍ସ, ଯୋଗ, ସ୍କେଟିଂ, ପେଣ୍ଟିଂ, ଜୁମ୍ବା, ଫ୍ଲାସ୍ ମବ୍ ଇତ୍ୟାଦି କାର୍ଯ୍ୟକ୍ରମ ସହ ଛୋଟ ଛୋଟ ପିଲାମାନେ ଖେଳକୁଦରେ ନିଜକୁ ହଜାଇ ଦେଇଥିଲେ। ସେହିପରି ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ବିଏମ୍‌ସି ପକ୍ଷରୁ କରାଯାଇଥିବା ଏହି ବ୍ୟବସ୍ଥା ଲୋକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଏଥିରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ରାପର ବିଗ୍ ଡିଲ୍ ମୁଖ୍ୟ ଆକର୍ଷଣ

ଦ୍ୱିତୀୟ ପଥୋତ୍ସବର ମୁଖ୍ୟ ଆକର୍ଷଣ ଥିଲେ ରାପର ବିଗ୍ ଡିଲ। ତାଙ୍କ ପପ୍ ସଙ୍ଗ୍ ଉପସ୍ଥିତ ଦର୍ଶକଙ୍କୁ ଦେଇଥିଲା ଭରପୂର ମନୋରଞ୍ଜନ। ଖାଲି ସେତିକି ନୁହେଁ, ରାସ୍ତାରେ ଚାଲିଥିବା ବାଦ୍ୟଯନ୍ତ୍ରରେ ପଥଚାରୀ ତଥା ଏହି ଉତ୍ସବ ଦେଖିବାକୁ ଯାଇଥିବା ଦର୍ଶକ, ଯିଏ ଗଲା ସିଏ ନାଚିଲା।

### ପଥୋତ୍ସବରେ ଫୁଡ୍ ଫେଷ୍ଟିଭାଲ୍

ପଥୋତ୍ସବରେ ଅନ୍ୟତମ ଅନୁଭୂତି ଥିଲା ଫୁଡ୍ ଫେଷ୍ଟିଭାଲ୍। ସକାଳୁ ସକାଳୁ ଗରମ ଗରମ ବିଭିନ୍ନ ରକମର ଖାଦ୍ୟ ଖାଇବା ପାଇଁ ଭିଡ଼ ଜମାଇଥିଲେ ଲୋକେ। ପଥପ୍ରାନ୍ତ ନାଟକ, ପାରମ୍ପରିକ ଖେଳ ଯଥା-ପୁଚି, ଗିଲି ଦଣ୍ଡ, ବାଘ ଚାଲି, ୩୬୦ ଡିଗ୍ରୀ ଫଟୋ, ମ୍ୟାଜିକ୍ ସୋ', ଫଟୋଗ୍ରାଫି, ବେଲୁନ୍ ଆର୍ଟ, ପଟ୍ଟଚିତ୍ର, ଶାରୀରିକ ବ୍ୟାୟାମ ଆଦି ବହୁ ପ୍ରକାର ଖେଳକୁଦ, ନୃତ୍ୟ, ଗୀତ ଆଦି ମନୋରଞ୍ଜନର ଭରପୂର ଖୋରାକ ଯୋଗାଇଥିଲା।

## ଆଶ୍ରା ଫାଉଣ୍ଡେସନର ଚତୁର୍ଥ ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର,୧୨।୧(ସମିସ): ୟୁନିଟ୍ ୯ସ୍ଥିତ କଳିଙ୍ଗ ବୁଦ୍ଧ ମନ୍ଦିରରେ ରବିବାର ସ୍ୱେଚ୍ଛାସେବୀ ସଂଗଠନ ଆଶ୍ରା ଫାଉଣ୍ଡେସନର ଚତୁର୍ଥ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ଜିଏମ୍ ପୁଲିନ୍ ସାହୁ, ବିଶିଷ୍ଟ ଅତିଥି ଭାବେ ରାଷ୍ଟ୍ରୀୟ ବାଲ୍ ସୁରକ୍ଷା କାର୍ଯ୍ୟକ୍ରମର ପ୍ରୋଗ୍ରାମ ମ୍ୟାନେଜର ସୁପ୍ରିତି ପାତ୍ର, ସିନି ମହାନ୍ତି, ପିପିଏଲ୍, ସିଏସ୍‌ଆର୍ ମୁଖ୍ୟ ଓମ୍ ପ୍ରକାଶ ମିଶ୍ର, ଆଉଟ୍‌ରିଚ୍ ମୁଖ୍ୟ ସୁବ୍ରତ କୁମାର ପତି, ଦ ହ୍ୟୁମାନିଟି ଟ୍ରଷ୍ଟ ସମ୍ପାଦକ ସଚ୍ଚିକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜାରାଣୀ ବସ୍ତିର ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଆଶ୍ରା ଫାଉଣ୍ଡେସନ୍‌ର ସହ ପ୍ରତିଷ୍ଠାତା ଶ୍ରୀନିବାସ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ପ୍ରତିଷ୍ଠାତା ସନ୍ତୋଷ ପଟ୍ଟନାୟକ ବିଗତ ବର୍ଷର ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ପିଲାମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ାରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସହ ପ୍ରତିଷ୍ଠାତା ଭବାନୀ ଶଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୯୬ ୟୁନିଟ୍ ରକ୍ତ ସଂଗ୍ରହ

ନନ୍ଦନକାନନ,୧୨।୧(ସମିସ): ରକ୍ତଦାନ ଏକ ମହତ୍ ଦାନ। ବୁନ୍ଦାଏ ରକ୍ତ ଲାଗି ହସି ଉଠେ ଜୀବନ। ରକ୍ତଦାନ କରିବା ନିହାତି ଦରକାର। ଏଭଳି ଏକ ମହତ୍ କାର୍ଯ୍ୟକୁ ସାମୂହିକ ଭାବେ ରୂପରେଖ ଦେବା ପାଇଁ ସର୍ବନେତ୍ର ଫାଉଣ୍ଡେସନ ପକ୍ଷରୁ ରବିବାର ପଟିଆ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶହ ଶହ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ଲୋକ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ କରିଥିଲେ। ଯେଉଁଥିରେ ୯୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ ସର୍ବନେତ୍ର ଫାଉଣ୍ଡେସନର ଅଧ୍ୟକ୍ଷ ତୁଷାର ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ପରାମର୍ଶଦାତା ଅନନ୍ତ ନାରାୟଣ ସାହୁ ଉପସ୍ଥିତ ଥିଲେ। ବିଜୟିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଆଜିଠୁ ମନନ ନାଟକ ମହୋତ୍ସବ

ଭୁବନେଶ୍ୱର,୧୨।୧(ସମିସ): ନାଟ୍ୟ ଅନୁଷ୍ଠାନ ମନନର ୪୬ତମ ପ୍ରତିଷ୍ଠା ଦିବସ ଏବଂ ନାଟକ ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ସୋମବାରଠୁ ଆରମ୍ଭ ହେବ। ୧୭ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ଏହି ୫ ଦିନିଆ ମହୋତ୍ସବରେ ୫ଟି ନାଟକ ମଞ୍ଚସ୍ଥ ହେବା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ। ଉଦ୍‌ଘାଟନୀ ଦିବସରେ ନାଟକ 'ଆସ୍ଥା', ଦ୍ୱିତୀୟ ସନ୍ଧ୍ୟାରେ 'ତମେ ଚାଲିଗଲା ପରେ', ତୃତୀୟ ସନ୍ଧ୍ୟାରେ 'ଦେବଦାସୀ', ଚତୁର୍ଥ ସନ୍ଧ୍ୟାରେ 'ଲକ୍ଷ୍ମଣ ରେଖା' ଏବଂ ଶେଷ ସନ୍ଧ୍ୟାରେ ନାଟକ 'ଅର୍ଦ୍ଧମାତ୍ର' ମଞ୍ଚସ୍ଥ ହେବ। ଏହି ଅବସରରେ ପଞ୍ଚାନନ ଦାସଙ୍କୁ ରତିରଞ୍ଜନ ସମ୍ମାନ, ଉପେନ୍ଦ୍ର ପତିଙ୍କୁ ବନବିହାରୀ ପଟ୍ଟନାୟକ ସମ୍ମାନ, ଡ. ମନିଶା ସାହୁଙ୍କୁ ଚନ୍ଦ୍ରଶେଖର ନନ୍ଦ ସମ୍ମାନ ସହିତ ୭ ଜଣଙ୍କୁ ମନନ ସମ୍ମାନରେ ସମ୍ମାନିତ କରାଯିବ। ଏହି ସମ୍ମିଳନୀରେ ଉପସଭାପତି ବଙ୍କିମ ଚନ୍ଦ୍ର ନାୟକ, ସମ୍ପାଦକ ନିରଞ୍ଜନ ସାହୁ, ଅୟସକାନ୍ତ ସ୍ୱାଇଁ, ବିନୋଦ ବେଉରା, ଅନୁଜ ପଟ୍ଟନାୟକ ଏବଂ ରାଜୁ ପାତ୍ର ଉପସ୍ଥିତ ଥିଲେ।

■ କହ୍ନେଇପୁର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

## ବଡ଼ ପଦ ନୁହେଁ; ଭଲ ମଣିଷ ହେବା ଜରୁରୀ: ସାଂସଦ ମାନସ



ଟାଙ୍ଗୀ,୧୨।୧(ସମିସ): ସମ୍ପ୍ରତି ସାମାଜିକ ଚଳଣିରେ ସମସ୍ତେ ଉଚ୍ଚ ପଦବୀ, ବଡ଼ ଚାକିରୀ ଓ ନିଜର ପ୍ରତିଷ୍ଠା ପାଇଁ ଦୌଡୁଛନ୍ତି। ଅଭିଭାବକମାନେ ନିଜ ପିଲାର ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖୁଛନ୍ତି, ପିଲାର ସମସ୍ତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ତେବେ ଏହା ମଧ୍ୟରେ ଏକ ବିଲକ୍ଷଣ ଦେଖିବାକୁ ମିଳୁଛି। ବଡ଼ ମଣିଷ ହେବାକୁ ପରିଶ୍ରମ କରୁଥିବା ପିଲାମାନେ ଉଚ୍ଚ ପଦରେ ଅଧିଷ୍ଠିତ ହେଉଛନ୍ତି; କିନ୍ତୁ ଅନେକ କ୍ଷେତ୍ରରେ 'ବଡ଼ ମଣିଷ' ହେଉ ହେଉ 'ଭଲ ମଣିଷ'ର ସଂଜ୍ଞାଟିକୁ ପାସୋରି ପକାଉଛନ୍ତି ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ବଡ଼ ଚାକିରୀ, ବଡ଼ ଘର, ବଡ଼ ଗାଡିର ମାୟା ସମସ୍ତଙ୍କୁ ଗ୍ରାସ କରିଛି। ମାନବିକତା ଲୋପ ପାଇ ଯାଇଛି। ତେଣୁ ବର୍ତ୍ତମାନ ସମୟରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ନିଜ ବିଚାରଧାରରେ ପରିବର୍ତ୍ତନ କରିବା ଆବଶ୍ୟକ। ପ୍ରତ୍ୟେକ ବିଦ୍ୟାର୍ଥୀ ନିଜକୁ ଜଣେ ଭଲ ମଣିଷରୂପେ ପ୍ରସ୍ତୁତ କରନ୍ତୁ ଓ ଅଭିଭାବକମାନେ ଏଥିପାଇଁ ପ୍ରୋତ୍ସାହିତ କରନ୍ତୁ ସେ ବୋଲି ପରାମର୍ଶ ଦେଇଛନ୍ତି। ଏହା ସହିତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ନିଜ ସାଂସଦ ହାତ ପାଣ୍ଠିରୁ ସହାୟତା ଦେବାକୁ ଶ୍ରୀ ମଙ୍ଗରାଜ ଘୋଷଣା କରିଛନ୍ତି। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପ୍ରଦୀପ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ ଓ ସରପଞ୍ଚ ଭରତ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ ଦେଇଥିଲେ। ଏହି ଅବସରରେ ଆୟୋଜିତ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା।

## ପ୍ରଣୟ ଜେଠୀଙ୍କୁ 'ରତ୍ନଶ୍ରୀ ପୁରସ୍କାର'



ଭୁବନେଶ୍ୱର,୧୨।୧(ସମିସ): ଗତ ଶନିବାର ଭୁବନେଶ୍ୱରସ୍ଥ ଏକ ହୋଟେଲରେ ବିଶ୍ୱ ଓଡ଼ିଆ ସୋସାଇଟି (ଡବ୍ଲ୍ୟୁଓଏସ୍) ତରଫରୁ ଆୟୋଜିତ ହୋଇଥିଲା ପ୍ରବାସୀ ଓଡ଼ିଆ ଦିବସ। ରାଜଧାନୀରେ ୩ ଦିନ ଧରି ଚାଲିଥିବା ପ୍ରବାସୀ ଭାରତୀୟ ଦିବସର ଶେଷ ଦିନରେ ଏହାକୁ ବିଶ୍ୱ ଓଡ଼ିଆ ସୋସାଇଟି ତରଫରୁ ଖୁବ୍ ଆଡ଼ମ୍ବର ସହିତ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ଏହି ଉତ୍ସବରେ ଆମ ପ୍ରଥା, ପରମ୍ପରା, ଲୋକକଳାର ଝଲକ ଦେଖିବାକୁ ମିଳିଥିଲା। ଏହା ସହିତ ରାଇଜିଂ ଓଡ଼ିଶା ସମ୍ମିଟ୍ 'ଓଡ଼ିଶା ଇନ୍‌ଭେଷ୍ଟର ପାରାଡାଇଜ୍' ନାମରେ ଏକ ସେସନ୍ ମଧ୍ୟ ଆୟୋଜନ କରିଥିଲା। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ ମିଡିଆ ପ୍ଲାନର କ୍ରିଏଟିଭ୍ ମୁଖ୍ୟ ପ୍ରଣୟ ଜେଠୀଙ୍କୁ 'ରତ୍ନଶ୍ରୀ ପୁରସ୍କାର'ରେ ସମ୍ମାନିତ କରାଯାଇଛି।

## ଜୟୀରାମ ସାମଲଙ୍କୁ 'ବସନ୍ତ ନାୟକ ସମ୍ମାନ'



ଭୁବନେଶ୍ୱର, ୧୨।୧(ସମିସ): ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱପ୍ନର ସୌଦାଗର ବସନ୍ତ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚଳିତ ବର୍ଷ 'ବସନ୍ତ ନାୟକ ସମ୍ମାନ-୨୦୨୫' ପ୍ରଖ୍ୟାତ ହାସ୍ୟାଭିନେତା ଜୟୀରାମ ସାମଲଙ୍କୁ ପ୍ରଦାନ କରାଯିବ। ବସନ୍ତ ନାୟକଙ୍କ ପ୍ରଯୋଜିତ ଅଧିକାଂଶ ଚଳଚ୍ଚିତ୍ରରେ ଜୟୀରାମ ସାମଲ ଅଭିନୟ କରି ହାସ୍ୟରସର ଏକ ନବଦିଗନ୍ତ ସ୍ଥାପନ କରିଛନ୍ତି। ପକା କମ୍ବଳ ପୋତ ଛତା, ଲକ୍ଷେ ଶିବ ପୂଜି ପାଇଛି ପୁଅ, ମନ ରହିଗଲା ତୁମରିଠାରେ, ପ୍ରେମୀ ନମ୍ବର ୱାନ୍, ପ୍ରେମ ଋତୁ ଆସିଲାରେ, ମୁଁ ତତେ ଲଭ୍ କରୁଛି ଆଦି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ହାସ୍ୟାଭିନେତା ଜୟୀଙ୍କ ଜୀବନ୍ତ ଅଭିନୟ ଦେଖିବାକୁ ମିଳିଥିଲା। ଓଡ଼ିଆ ସିନେମା ପ୍ରତି ତାଙ୍କର ଅବଦାନ ଓ ଅଭିନୟକୁ ସ୍ୱୀକୃତି ଜଣାଇ ବସନ୍ତ ନାୟକଙ୍କ ୮୮ତମ ଜନ୍ମଦିନ ଅବସରରେ ଆସନ୍ତା ୧୬ ତାରିଖରେ ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଉତ୍ତମ ମହାନ୍ତି, ସୂର୍ଯ୍ୟ ଦେଓ, ପ୍ରେମ୍ ଆନନ୍ଦ, ଅତିସ୍ ମହାନ୍ତି, ରବୀନ୍ଦ୍ର ପଣ୍ଡା, ନିବେଦିତା ମହାନ୍ତି, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମେଗା ସ୍ୱାସ୍ଥ୍ୟ ସେବା ଶିବିର




ବଡ଼ରଘୁନାଥପୁର,୧୨।୧(ସମିସ): ଭୁବନେଶ୍ୱର ଉପକଣ୍ଠ ଦୁର୍ଗାପୁର ଜୟ ଦୁର୍ଗା କ୍ଲବ୍ ସହଯୋଗରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଁ ଶ୍ରୀ ଶାନ୍ତି ନାରାୟଣ ଫାଉଣ୍ଡେସନର ଅଧ୍ୟକ୍ଷ ସୁବ୍ରତ କୁମାର ରଥଙ୍କ ତତ୍ତ୍ୱାବଧାନରେ ଛତାବର ପଞ୍ଚାୟତ ବିନ୍ଧ୍ୟଗିରି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ ଆଦି ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ୱେତପଦ୍ମା ରଥ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଟ୍ରାଇବାଲ ଗ୍ଲୋବାଲ ଫେଷ୍ଟ ଉଦ୍‌ଯାପିତ

## ଜିମ୍ବାୱେର ତେଣ୍ଡାଇ ଗ୍ୱାଡି ପେଡ୍‌ଜା 'ଟ୍ରାଇବାଲ କୁଇନ୍ ୟୁନିଭର୍ସ'

ଭୁବନେଶ୍ୱର,୧୨।୧(ସମିସ):



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଆଦି ଟ୍ରାଇବାଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୋଇଥିବା ତିନିଦିନିଆ "ଗ୍ଲୋବାଲ ଟ୍ରାଇବାଲ ଫେଷ୍ଟ' କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ପାଲଟିଥିଲା 'ଟ୍ରାଇବାଲ କୁଇନ୍ ୟୁନିଭର୍ସ'। ଏଥିରେ ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ଜନଜାତିର ସର୍ବମୋଟ୍ ୧୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଭାରତରୁ ୪ଜଣ ରହିଥିବାବେଳେ ୧୪ଟି ଦେଶରୁ ଆଦିବାସୀ ଯୁବତୀ ମଡେଲ୍ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଆଦିବାସୀ ଯୁବତୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର ଆଞ୍ଚଳିକ ଭାଷା, ଅଳଙ୍କାର, ବେଶଭୂଷା, ଲୋକନୃତ୍ୟ ଓ ମହିଳାମାନଙ୍କ ସ୍ୱଚ୍ଛତା ପାଇଁ ତାଙ୍କ ଜନଜାତିରେ ଥିବା ବିଭିନ୍ନ ବ୍ୟବସ୍ଥା ଉପରେ ନିଜସ୍ୱ ମତ ବିଚାରକଙ୍କ ଆଗରେ ଉପସ୍ଥାପନା କରିଥିଲେ। ଏହି ସମସ୍ତ ପ୍ରତିଯୋଗୀଙ୍କୁ ହରାଇ ଜିମ୍ବାୱେର ତେଣ୍ଡାଇ ଗ୍ୱାଡିପେଡଜା ବିଜୟ ମୁକୁଟ ପିନ୍ଧିଛନ୍ତି। ସେହିପରି ପ୍ରଥମ ରନର୍ସ ଅପ୍ ଭାବେ ଭାରତର ପୂଜା ଲାକ୍ରା, ଅଭିଜାଲ୍ କାନ୍ଦୁଲନା ଦ୍ୱିତୀୟ ରନର୍ସ ଅପ୍ ଏବଂ ଦକ୍ଷିଣ ସୁଦାନର ଆଲୁଏଲ୍ ମିଜାକ୍ ନୋଆକ୍ ତୃତୀୟ ରନର୍ସ ଅପ୍ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଚାରକ ଭାବେ ଉଦ୍ୟୋଗୀ ଅଞ୍ଜନା ଦାଶ, ଡା. ଲୋପାମୁଦ୍ରା ସାହୁ, ଜ୍ଞାନ ପ୍ରକାଶ ବେହେରା, ଜାହିଦା ଅହମ୍ମଦ, ଅଶୋକ ମିଶ୍ର, ସୁମାଦେବୀ ଦାଶ, ନର୍ମତା ଚାହଲ, ଆରତୀ ଶର୍ମା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ର ପୂର୍ବତନ ମନ୍ତ୍ରୀ ସତ୍ୟନାରାୟଣ ଶର୍ମା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ପ୍ରଫେସର ସରିତା ସୁପକାର, ରାଜସ୍ଥାନର ୟୁଥ୍ ଫୋରମ୍‌ର ପ୍ରତିଷ୍ଠାତା ମହେଶ ଶର୍ମା, ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପବନ ଗୁପ୍ତା, ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ନିବେଦିତା ସ୍ୱାଇଁ, ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଚଣ୍ଡୀଚରଣ ରଥ, ଟ୍ରାଇବାଲ ଫାଉଣ୍ଡେସନର ଜାତୀୟ ସଭାପତି ଦିଲ୍ଲୀପ ମହାନ୍ତି, ଟ୍ରଷ୍ଟ ମହାସଚିବ ଚିଦାତ୍ମିକା ଖଟୁଆ, ଉପଦେଷ୍ଟା ମେଜର କଳ୍ପନା ଦାସ, ଟ୍ରଷ୍ଟି ପବନ ଗୁପ୍ତା, ଉପସଭାପତି ରଜନୀକାନ୍ତ ମିଶ୍ର ଓ କେ. ତମନ୍ନା ପ୍ରମୁଖ ଯୋଗଦେଇ ବିଜୟୀଙ୍କୁ ମୁକୁଟ ପିନ୍ଧାଇଥିଲେ। ଏଥିସହ ଆଦିବାସୀମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଜାତୀୟସ୍ତରରେ କାମ କରିଥିବା ୧୨ଜଣ ବ୍ୟକ୍ତିଙ୍କୁ ଜନଜାତି ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି।

## ଭଗବାନଙ୍କ ଭରସାରେ ଭୁବନେଶ୍ୱର ଟ୍ରାଫିକ୍

### ମଇଦାନରେ ଦେଖାଯାଉ ନାହାନ୍ତି ବଡ଼ ଅଧିକାରୀ

### ଭିଡ଼ରେ ଅଣନିଃଶ୍ୱାସୀ ହେଲେଣି ରାଜଧାନୀବାସୀ

### ଟ୍ରାଏସିଟି ହେଲେ ସମାଧାନ ହୋଇଯିବ: ମନ୍ତ୍ରୀ

ଭୁବନେଶ୍ୱର,୧୨।୧(ସମିସ): ରାଜଧାନୀରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଥିଲା ବେଳେ ଭିଡ଼ ନିୟନ୍ତ୍ରଣକୁ ନେଇ କମିସନରେଟ୍ ପୁଲିସ ଉଦାସୀନ ରହିଛି। ୧୦ ମିନିଟ ରାସ୍ତାକୁ ଲାଗୁଛି ଏକ ଘଣ୍ଟା। କେବଳ ସହର ଭିତର ରାସ୍ତା ନୁହେଁ, ସହର ଭିତର ଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟ ଅଧିକାଂଶ ସମୟ ଜାମ୍। ଫ୍ଲାଏ ଓଭର ମଧ୍ୟ ବାଦ୍ ପଡୁନି। ଟ୍ରାଫିକ ଭିଡ଼ରେ ଲୋକେ ଅଣନିଶ୍ୱାସୀ ହୋଇଗଲେଣି। ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସକୁ ମଧ୍ୟ ବାଟ ମିଳୁନାହିଁ। ପରିସ୍ଥିତି ସମ୍ଭାଳିବା ଲାଗି କିଛି ହାତଗଣତି ଟ୍ରାଫିକ ପୁଲିସ କାଁଭା କେଉଁଠି କେଉଁଠି ଉଦ୍ୟମ କରୁଛନ୍ତି। କିନ୍ତୁ ଭିଡ଼ ତୁଳନାରେ ଟ୍ରାଫିକ ପୁଲିସ ସଂଖ୍ୟା କମ୍ ରହୁଥିବାରୁ ଯେଉଁ ବିଭ୍ରାଟକୁ ସେହି ବିଭ୍ରାଟ। କମିସନରେଟ୍ ପୁଲିସରେ ଟ୍ରାଫିକ୍ ଦାୟିତ୍ୱରେ ବଡ଼ ବଡ଼ ଅଧିକାରୀ ଅଛନ୍ତି। ଟ୍ରାଫିକ୍ ବିଭାଗରେ ଡିସିପି, ଏସିପି ଏବଂ ଆଇଆଇସି ଭଳି ପଦ ରହିଛି। ଏହି ପଦରେ ପୁଲିସ ଅଧିକାରୀ ନିଯୁକ୍ତି ମଧ୍ୟ ପାଇଛନ୍ତି। କିନ୍ତୁ ମଇଦାନରେ କେହି ଦେଖିବାକୁ ମିଳୁ ନାହାନ୍ତି। ଏମାନେ ଭିଡ଼ ନିୟନ୍ତ୍ରଣ କରୁଥିବାର କେହି କେବେ ଦେଖି ନାହାନ୍ତି। ସେମାନେ ସହରବାସୀଙ୍କୁ ଭଗବାନଙ୍କ ଭରସାରେ ଛାଡ଼ି ଦେଇଥିବା ଭଳି ମନେହେଉଛି।

ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ଯେଉଁଭଳି ଟ୍ରାଫିକ ଭିଡ଼ ଦେଖାଦେଇଥିଲା, ତାହା ନିକଟ ଅତୀତରେ କେବେ ଦେଖାଯାଇନଥିଲା। ଏଭଳି ଅଭାବନୀୟ ଘଟଣା ପରେ ରବିବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସାମ୍ନାକୁ ଆସିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ସଂପର୍କରେ କିଛି କହିବା ପରିବର୍ତ୍ତେ ପୁରୁଣା କଥା ଦୋହରାଇ ନିଜ କାମ ସାରିଦେଇଛନ୍ତି। ସେ କହିଛନ୍ତି ଯେ ରାଜଧାନୀରେ ଫ୍ଲାଏଓଭର ଓ ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହେବ। ତେବେ ମନ୍ତ୍ରୀ ତାଙ୍କ ବୟାନରେ ପୁଲିସ କିମ୍ବା ଟ୍ରାଫିକ୍ ବିଭାଗ କଥା ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି। ଅଧିକ ଫ୍ଲାଏଓଭର ଆଉ ରିଙ୍ଗ୍ ରୋଡ୍ ନିର୍ମାଣ ହେଲେ ସବୁକିଛି ଠିକ୍ ହୋଇଯିବ। ଅନ୍ୟପକ୍ଷରେ କେଉଁଠି ଫ୍ଲାଏଓଭର ନିର୍ମାଣ କରାଯିବ, କେବେ ନିର୍ମାଣ କରାଯିବ; ସେ ତାହା ସ୍ପଷ୍ଟ କରି ନାହାନ୍ତି। ମନ୍ତ୍ରୀ କହିଛନ୍ତି ଯେ ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ଗଠନ ହେବ। ଏହାସହିତ ସହରାଞ୍ଚଳରେ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଅଧିକ ନୂଆ ରିଂ ରୋଡ୍ ଏବଂ ଓଭରବ୍ରିଜ୍ ନିର୍ମାଣ ହେବ। ଖୁବ୍‌ଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ପ୍ରଦାନ କରାଯିବ। ସେହିପରି ଟିପି ସ୍କିମ୍ ପାଇଁ ସ୍ୱତନ୍ତ୍ର ବିଭାଗକୁ ଦାୟିତ୍ୱ ଦିଆଯିବ। ସମୟସୀମା ବି ନିର୍ଦ୍ଧାରିତ ହେବ। ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ବ୍ୟତୀତ କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ୍ କରିବାକୁ ଯାଉଛନ୍ତି ସରକାର। ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଏବଂ ଓଭରବ୍ରିଜ୍ କିପରି ଓ କେମିତି ନିର୍ମାଣ କରାଯାଇପାରିବ; ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ଆଲୋଚନା କରିଛନ୍ତି। ମନ୍ତ୍ରୀ ଏତେ କଥା କହିଗଲେ, କିନ୍ତୁ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହାର ତୁରନ୍ତ ସମାଧାନ କିପରି ହୋଇପାରିବ, ସେସଂପର୍କରେ ପଦଟିଏ ବି କହିଲେ ନାହିଁ।







## କ୍ରାନ୍ତିକାରୀ ଫାଉଣ୍ଡେସନର ଓଡ଼ିଶା ୟୁଥ୍ କନ୍‌କ୍ଲେଭ

# 'ଓଡ଼ିଆଙ୍କ ପରାକ୍ରମ ବିଶ୍ୱବିଦିତ'

ଭୁବନେଶ୍ୱର,୧୨।୧(ସମିସ):



ଅତୀତରେ ଓଡ଼ିଆଙ୍କ ପରାକ୍ରମ ସାରା ବିଶ୍ୱବିଦିତ ଥିଲା। ଓଡ଼ିଆମାନେ ନୌବାଣିଜ୍ୟ ପାଇଁ ସୁଦୂର ଜାଭା ସୁମାତ୍ରା ଆଦିକୁ ଗସ୍ତ କରୁଥିଲେ। ଉତ୍କଳର ପରାକ୍ରମ କାଞ୍ଚିରେ ମଧ ଜଣାଯାଏ। ତେଣୁ ଉତ୍କଳର ଅତୀତ ଉତ୍କୃଷ୍ଟ ଥିଲା ଓ ଭବିଷ୍ୟତ ଏହି ପ୍ରଥାକୁ ଆଗେଇ ନେବ ବୋଲି ଦୈନିକ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ କହିଛନ୍ତି। ରବିବାର କ୍ରାନ୍ତିକାରୀ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ 'ଓଡ଼ିଶା ୟୁଥ୍ କନ୍‌କ୍ଲେଭ'ରେ ଯୋଗଦେଇ 'ଉତ୍କୃଷ୍ଟ ଉତ୍କଳ-ଅତୀତ ଓ ଭବିଷ୍ୟତ' ସମ୍ପର୍କରେ ମତ ଦେଇ ଶ୍ରୀ ମଲିକ କହିଛନ୍ତି ଯେ ଉତ୍କୃଷ୍ଟ ଶବ୍ଦ ଉତ୍କଳରୁ ହିଁ ଆସିଛି। କୋଣାର୍କ ମନ୍ଦିର ନିର୍ମାଣରେ ଓଡ଼ିଆମାନେ ଯେଉଁ କାରୁକାର୍ଯ୍ୟ କରିଛନ୍ତି, ତାହା ଉତ୍କଳର ଉତ୍କୃଷ୍ଟ କଳାକୁ ଦର୍ଶାଉଛି। ଏବେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସହ ରାଜ୍ୟକୁ ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାସହିତ ୨୦୩୬ରେ ଓଡ଼ିଶା ୧୦୦ ବର୍ଷ ପାଳନ କରିବାକୁ ଥିବାବେଳେ ନବୀନ ସରକାର ଭିଜନ୍-୨୦୩୬କୁ ନେଇ ଏକ ନକ୍ସା ପ୍ରସ୍ତୁତ କରିଛନ୍ତି। ନୂଆ ସରକାର ଏହି ଭିଜନକୁ ଆଗକୁ ନେବେ ବୋଲି ଆଶା ରହିଛି ଏବଂ ଓଡ଼ିଶା ନିଜର ଗରିମାକୁ ଆହୁରି ସମୃଦ୍ଧ କରିବା ନେଇ ଶ୍ରୀ ମଲିକ ଆଶା ପ୍ରକଟ କରିଛନ୍ତି।

କ୍ରାନ୍ତିକାରୀ ଫାଉଣ୍ଡେସନର ଅଧ୍ୟକ୍ଷ ନଳିନୀକାନ୍ତ ନାୟକ, ଓୱାଇଏଫ୍‌ର ପ୍ରତିଷ୍ଠାତା ସନ୍ତୋଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟିମ୍ ଗ୍ରୁପ୍ ସିଏମ୍‌ଡି ନିଶିକାନ୍ତ ମିଶ୍ର, ପ୍ରବାସୀ ଭାରତୀୟ ତଥା ଗ୍ଲୋବାଲ ଟୁରିଜିମ୍ ଏକ୍ସପର୍ଟ ଶୀତଲ କୁମାର ଦାସବାବୁ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ପଥକୁ ଅନୁସରଣ କରି ଯୁବ ସମାଜକୁ ଆଗକୁ ବଢ଼ିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ତିନିଟି ଅଧିବେଶନରେ ଅନୁଷ୍ଠିତ ଏହି କନ୍‌କ୍ଲେଭ୍‌ର ପ୍ରଥମ ଅଧିବେଶନରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଗ୍ଲୋବାଲ ବିଜ୍‌ନେସନ ଲିଡର ଦେବୀ ଦାସ ଯୋଗଦେଇ 'ବିକାଶର ସାଥୀ-ଆମ ଯୁବଶକ୍ତି' ଆଲୋଚନାଚକ୍ରରେ ଯୁବଶକ୍ତି ଉପରେ ଅନେକ ଉପାଦେୟ ମନ୍ତବ୍ୟମାନ ଦେଇଥିଲେ। ଏଥିରେ ସାମିଲ୍ ହୋଇ ନ ପାରି ଭଟ୍ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଭିଡିଓ ବାର୍ତ୍ତା ମାଧ୍ୟମରେ ଓଡ଼ିଶା ୟୁଥ୍ କନ୍‌କ୍ଲେଭ ଉପରେ ମତ ରଖିଥିଲେ। ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ହିମାଂଶୁ ସାହୁ ଯୁବଶକ୍ତିଙ୍କୁ ରାଜନୀତି, ସମାଜସେବା, ଉଦ୍ୟୋଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆଗକୁ ଯିବା ପାଇଁ ପରାମର୍ଶ ଦେବା ସହ ସଂଘର୍ଷ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ।

ଦ୍ୱିତୀୟ ଅଧିବେଶନରେ 'ସଶକ୍ତ ମହିଳା-ସମୃଦ୍ଧ ଓଡ଼ିଶା' ଶୀର୍ଷକ ଆଲୋଚନଚକ୍ରରେ ଆସ୍କା ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥିନୀ ରଞ୍ଜିତା ସାହୁ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଓ ମହିଳା ଉଦ୍ୟୋଗୀ ଆକାଂକ୍ଷା ପାଢ଼ୀ ଯୋଗଦେଇ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତି ଓ ଅଭିବୃଦ୍ଧି ସମେତ ମହିଳା ସଶକ୍ତୀକରଣ ଓ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତୃତୀୟ ଅଧିବେଶନରେ ଦୈନିକ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ, ସାମାଜିକ ଉଦ୍ୟୋଗୀ ଅଜିତ୍ ପାଲ ଓ ଯୁବ ଉଦ୍ୟୋଗୀ ଡ. ନଳିନୀକାନ୍ତ ମିଶ୍ର ଯୋଗଦେଇ 'ଉତ୍କୃଷ୍ଟ ଉତ୍କଳ-ଅତୀତ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ସମୃଦ୍ଧ ଓଡ଼ିଶାର ଅତୀତ ଓ ବର୍ତ୍ତମାନ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ।

ଜୀବନର କେତେ ରଙ୍ଗ

# ନିଜ କାହାଣୀର ନାୟକ ସାଜିଛନ୍ତି ବସନ୍ତ

ସାଇକଲରେ ବମ୍ବେଇଲଡୁର ବୋଝେଇ। ଗ୍ରାହକ ଅପେକ୍ଷାରେ ଘୂରି ବୁଲନ୍ତି ଏ ଛକରୁ ସେ ଛକ। ସେହି ରାସ୍ତା ଦେଇ ଯାଉଥିବା ଲୋକ ଘଡ଼ିଏ ଅଟକି କିଏ ମୂଲ୍ୟ ପଚାରେ ତ କିଏ ନିଜ ପିଲାଙ୍କ ପାଇଁ କିଣିନେଉଥାଏ। ସକାଳୁ ସନ୍ଧ୍ୟା ହୋଇଯାଏ ଏମିତି ଜାଗା ଜାଗା ବୁଲି ବେପାର କରିବାରେ। ଏପରି କିଛି ଦୃଶ୍ୟ ପାତ୍ରପଡ଼ା ଯିବା ରାସ୍ତାରେ ଦେଖିବାକୁ ମିଳିଥିଲା। ଏ ହେଉଛନ୍ତି ବିହାରରୁ ଆସି ରାଜଧାନୀରେ ବୁଲି ବମ୍ବେଇଲଡୁ ବିକ୍ରି କରୁଥିବା ବସନ୍ତ। ପ୍ରଥମ କେଇ ବାକ୍ୟରେ ନିଜ ପରିଚୟ ଦେଇ ତାଙ୍କ ରୋଜଗାର ବିଷୟରେ ସେ କୁହନ୍ତି, କୌଣସି କାମ ଛୋଟ କି ବଡ଼ ହୋଇ ନ ଥାଏ। ଘର ଚଳେଇବା ପାଇଁ ପରିସ୍ଥିତି ମଣିଷକୁ ରୋଜଗାରର ମାଧ୍ୟମଟିଏ ଖୋଜିବାକୁ ବାଧ କରିଥାଏ। ଏହି ନିଶାରେ ସେ ଅନ୍ୟ ରାଜ୍ୟକୁ ବି ଧାଇଁ ଆସେ ଦି ପଇସା ରୋଜଗାର କରିବା ଆଶାରେ। ତେଣୁ ନିଜ କାହାଣୀରେ ନିଜକୁ ନାୟକ ସାଜିବାକୁ ପଡ଼େ ବୋଲି ସେ କୁହନ୍ତି।



ବର୍ତ୍ତମାନ ରାଜଧାନୀରେ ଅନେକ ପ୍ରକାରର ବୁଲା ବିକାଳିଙ୍କୁ ଦେଖିବାକୁ ମିଳେ। କିଏ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ବୁଲି ବିକୁଥାଏ ତ କିଏ ଘରସଜା ଉପକରଣ ତ ଆଉ କିଏ ପୋଷାକ, ବାସନ ଇତ୍ୟାଦି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିହାର ଓ ରାଜସ୍ଥାନରୁ ଆସି ଏଠାରେ ଦି ପଇସା ରୋଜଗାର କରନ୍ତି। ସେହିପରି ବୁଲା ବିକାଳିଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ବିହାରର ୪୭ ବର୍ଷୀୟ ବସନ୍ତ। ସେ ରାଜଧାନୀରେ ଜାଗା ଜାଗା ସାଇକଲରେ ବୁଲି ବମ୍ବେଇଲଡୁ ବିକ୍ରି କରୁଥିବା ଦେଖିବାକୁ ମିଳେ। ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଠିକଣା ନ ଥାଏ। ଆଜି ଏ ଛକ ତ କାଲି ସେ ଛକ ଦି ପଇସା ମିଳିବା ଆଶାରେ ଦିନ ପରେ ଦିନ କାଟି ଚାଲୁଛନ୍ତି। ଏଠାରେ ଏକ ବସ୍ତିରେ ଘରଭଡ଼ା ନେଇ ରୁହନ୍ତି। କିଛି ପଇସା ରୋଜଗାର ହୋଇଗଲେ ପୁଅର ପାଠପଢ଼ା ପାଇଁ ଘରକୁ ପଠେଇ ଦିଅନ୍ତି। ତାକୁ ମଣିଷ କରିବା ଆଶାରେ ଆଜି ରାଜଧାନୀର ବିଭିନ୍ନ ମେଳା ଘୂରି ବୁଲୁଛନ୍ତି। ପାଠ ପଢ଼ି ନ ଥିବାରୁ ଅନ୍ୟ କୌଣସି କାମ ମଧ ମିଳିଲାନି। ବାଧ ହୋଇ ଏପରି ବୁଲାବିକାଳି କାମ କରୁଛନ୍ତି ବୋଲି ସେ କୁହନ୍ତି। ବର୍ତ୍ତମାନ ରାଜଧାନୀରେ ପଛକୁ ପଛ ମେଳା ମହୋତ୍ସବ। ତେଣୁ ଏହି ଦିନରେ ତାଙ୍କର ଭଲ ରୋଜଗାର ହୋଇଥାଏ ବୋଲି କୁହନ୍ତି। ନଚେତ୍ ଗାଁ ଗହଳିରେ ହିଁ ପିଲା ଏହି ବମ୍ବେଇଲଡୁ କିଣିବାକୁ ଆଗ୍ରହ ଦେଖାନ୍ତି। ସହରି ପିଲା ଏ ସ୍ୱାଦ ପସନ୍ଦ କରୁନାହାନ୍ତି ବୋଲି କହିଥିଲେ। ଏମିତି ଦିନକୁ ୩ରୁ ୪ଶହ ଟଙ୍କା ରୋଜଗାର ହୁଏ, ଆଉ ମେଳା ସମୟରେ ଅଧିକ ୫ଶହ ଟଙ୍କା ହେଇଯାଏ ବୋଲି ବସନ୍ତ କହିଥିଲେ।

## ଧର୍ମବିହାର ଶିଶୁ ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ଓ କନ୍ୟା ଶିବିର



ଭୁବନେଶ୍ୱର,୧୨।୧(ସମିସ): ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହାସହ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ନେଇ କନ୍ୟା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମେଣ୍ଢାଶାଳ ଡାକ୍ତରଖାନାର ଚିକିତ୍ସକ ମୋନାଲି ମଧୁଛନ୍ଦା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଛାତ୍ରୀମାନଙ୍କୁ ଦିନଚର୍ଯ୍ୟା ଓ ଶାରୀରିକ ସୁସ୍ଥତା ସମ୍ପର୍କରେ କହିଥିଲେ। ସେହିଭଳି ଉଦ୍‌ଯାପନୀ ଅଧିବେଶନରେ ସାନୁଜ ମେଘମାଳା ଯୋଗଦେଇ ଆଜିର ନାରୀ କିପରି ନିଜର ସୁରକ୍ଷା ନିଜେ କରିବ ସେ ଉପରେ କହିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଯୋଗ, କ୍ରୀଡ଼ା, ଭାଗବତ ପଠନ, ହୁଳହୁଳି ଶଙ୍ଖବାଦନ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ସ୍ୱାଇଁ, କନ୍ୟା ଶିବିରର ମୁଖ୍ୟ ସ୍ୱରୂପା ଖୁଣ୍ଟିଆଙ୍କ ସମେତ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଗାଳପଡ଼ା ଶିକ୍ଷାର୍ଥୀଙ୍କ 'ବିଦ୍ୟାଳୟ ହାଟ'

ଯାଁଳା,୧୨।୧(ସମିସ): ଶନିବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓଗାଳପଡ଼ାଠାରେ ସହଶୈକ୍ଷିକ କାର୍ଯ୍ୟକ୍ରମ 'ବିଦ୍ୟାଳୟ ହାଟ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ଗୃହ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ପନିପରିବା, ହାତ ତିଆରି ମାଟି ପାତ୍ର, ଶିକ୍ଷଣ ସାମଗ୍ରୀ ପ୍ରଭୃତି ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ଏବଂ ଗୋଷ୍ଠୀ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଯାଁଳା ପଞ୍ଚାୟତ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ୱାର୍ଡ ମେମ୍ବର ଶରତ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିନାଥ ବେହେରା, ସମସ୍ତ ସଦସ୍ୟ, କ୍ଲଷ୍ଟର ସଂଯୋଜିକା ପୁଷ୍ପଲତା ପରିଡ଼ା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ନାୟକ, ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ର, ସ୍ୱାଗତିକା ପରିଡ଼ା, ରଶ୍ମିତା ଜେନା, ମାଳତୀ ସାମନ୍ତ, ଶିକ୍ଷକ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁ ମିଳନ

ଭୁବନେଶ୍ୱର,୧୨।୧(ସମିସ): ମିଳିତ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନ୍ଧମୁକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଉମେଶ ଚନ୍ଦ୍ର ମହପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବୃନ୍ଦାବନ ଜେନା ଯୋଗ ଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ଡ. ସେବାମଞ୍ଜରୀ ମହାପାତ୍ର, ଡ. ଲକ୍ଷ୍ମୀଧର ସାହୁ, ଡ. ରବୀନ୍ଦ୍ରନାଥ ଯୋଗଦେଇ ବରିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ବହୁ ମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। ଏଥିରେ ଅଜାମ୍ବର ବେହୁରା, କିଶୋର ଚନ୍ଦ୍ର ସ୍ୱାଇଁ, ସ୍ୱର୍ଣ୍ଣ ମଞ୍ଜରୀ ମହାନ୍ତି, ଭାଗିରଥି ମହାସୁଆର, ଦେବଦୁଲାଲ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଦିବଂଗତ ସୁଧୀର ମିଶ୍ରଙ୍କ ବିଷୟରେ ସଭାପତି ଉମେଶ ଚନ୍ଦ୍ର ମହପାତ୍ର ଏକ କବିତାପାଠ କରିଥିଲେ। ସ୍ଥାନୀୟ ଶତାବ୍ଦୀ ଗୀତ ଓ ଗଜଲ ଅନୁଷ୍ଠାନର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା। ଶେଷରେ ଭାସ୍କର ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।



## ଡାକ୍ତର ସ୍ନେହ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,୧୨।୧(ସମିସ): ଆଇଆର୍‌ସି ଭିଲେଜ ନିବାସୀ ଅବସରପ୍ରାପ୍ତ ଡାକ୍ତର ସ୍ନେହ ମହାନ୍ତିଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଗତସିଂହପୁର ଜିଲ୍ଲା ମରିଚାପନା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ କଳାହାଣ୍ଡି ଜିଲ୍ଲାରୁ ସରକାରୀ ଡାକ୍ତର ଭାବେ କାର୍ଯ୍ୟ ଆରମ୍ଭ କରି ବିଭିନ୍ନ ଜିଲ୍ଲା ପରେ ଶେଷରେ ରାଜଧାନୀର କ୍ୟାପିଟାଲ ହସ୍ପିଟାଲରୁ ସେ ଅବସର ନେଇଥିଲେ। ଏକମାତ୍ର ମହିଳା ଡାକ୍ତରଭାବେ ସେ ଧାନ୍‌ବାଦ ଜିଲ୍ଲାକୁ ଯାଇ ରୋଗୀ ସେବା ପ୍ରଦାନ କରିଥିଲେ। ଅବସର ପରେ ମଧ ସେ ରହୁଥିବା ଅଞ୍ଚଳର ବସ୍ତିବାସିନ୍ଦାଙ୍କୁ ନିଜ ବାସଭବନରେ ମାଗଣାରେ ରୋଗୀ ସେବା ପ୍ରଦାନ କରୁଥିଲେ। ତାଙ୍କ ବିୟୋଗ ଖବରରେ ଆଖପାଖ ଅଞ୍ଚଳରେ ଶୋକ ଛାୟା ଯାଇଛି।



## ମରିଚିଆ ଫୁଟ୍‌ବଲ୍ କପ୍: ମୁଣ୍ଡମୁହାଁଣ ଚାମ୍ପିଅନ

ନନ୍ଦନକାନନ,୧୨।୧(ସମିସ): ଉତ୍ତର ଭୁବନେଶ୍ୱର ମରିଚିଆ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମରିଚିଆ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଣ୍ଡମୁହାଣ ଚାମ୍ପିଅନ୍ ହୋଇଛି। ୬ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଇଲେଭେନ୍ କ୍ଲବ୍ (ତିନିଘରିଆ) ସହିତ ମୁଣ୍ଡମୁହାଁଣ ମଧ୍ୟରେ ହୋଇଥିଲା। ଏଥିରେ ମୁଣ୍ଡମୁହାଁଣ କ୍ଲବ୍ ୧-୦ ଗୋଲ୍‌ରେ ତିନିଘରିଆକୁ ପରାସ୍ତ କରି ଚଳିତ ବର୍ଷ ଟ୍ରଫି ହାତେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୁନାଲ ରାଉତ, ୟୁଥ୍ ସ୍ପୋର୍ଟସ କ୍ଲବ୍‌ର ସଭାପତି ତପନ ଚକ୍ରବର୍ତ୍ତୀ, ଉତ୍ତର ସୋମନାଥ ଗ୍ରାମୀଣ ମଣ୍ଡଳ ସଭାପତି ସଞ୍ଜୟ କୁମାର ପତି, ଚନ୍ଦ୍ରଶେଖରପୁର ମଣ୍ଡଳ ସଭାପତି ନଗେନ କୁମାର ବିଶୋଇ, ଗ୍ରାମ୍ୟ କମିଟିର ସଭାପତି ରୋହିତ ରାଉତ ଯୋଗଦେଇଥିଲେ।




## ରାମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

ନନ୍ଦନକାନନ,୧୨।୧(ସମିସ): ବାରଙ୍ଗ ନରଣପୁର ଗ୍ରାମରେ ରବିବାର ରାମେଶ୍ୱର ମହାଦେବଙ୍କ ୧୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଳସ ଶୋଭାଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଜଳ ଆଣି ସୂର୍ଯ୍ୟପୂଜା, ମଣ୍ଡପ ପୂଜା, ଅଗ୍ନିସ୍ଥାପନା ଉତ୍ସବ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଆଳତୀ ପୁଷ୍ପାଞ୍ଜଳି ପରେ ପୂର୍ଣ୍ଣାହୁତି କରାଯାଇଥିଲା। ପୁରୋହିତ ଅଶୋକ କୁମାର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ସୁଧିର କୁମାର ଷଡ଼ଙ୍ଗୀ, ସହକାରୀ ଆଚାର୍ଯ୍ୟ ବରଦା ପ୍ରସନ୍ନ ଷଡ଼ଙ୍ଗୀ ଓ କର୍ତ୍ତା ସୁରେଶ ସ୍ୱାଇଁ, ସସ୍ମିତା ସ୍ୱାଇଁଙ୍କ ଉପସ୍ଥିତିରେ ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଥିଲା।

## ଦିନକ ପରେ ମକର

# ରାସ୍ତାକଡ଼ରେ ମେଲିଛି ଗୁଡ଼ିର ପସରା

ଭୁବନେଶ୍ୱର,୧୨।୧(ସମିସ):





**ଚାହିଦାରେ ଆଗା, ଟୋଇ, ଫୋନା**

ମକର ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀ। ବିଭିନ୍ନ ଦୋକାନ ବଜାର ଓ ରାସ୍ତାକଡ଼ରେ ବିକ୍ରି ହେଲାଣି ଗୁଡ଼ି। ମକରରେ ଗୁଡ଼ି ଉଡ଼ାଇବାର ଖୁସି ବିଶେଷକରି ଛୋଟ ଛୋଟ ପିଲାଙ୍କ ମଧ୍ୟରେ ଅଧିକ ଦେଖିବାକୁ ମିଳେ। ବିଭିନ୍ନ ନଦୀପଠା, ଖେଳ ପଡ଼ିଆ ଓ ଛାତ ଉପରେ ଗୁଡ଼ି ଉଡ଼ାଇବାର ଦୃଶ୍ୟ ମଧ ଏହି ସମୟରେ ପରିଲକ୍ଷିତ ହୋଇଥାଏ। ସେଗୁଡ଼ିକୁ ନେଇ ପୁଣି କେତେ ଗୀତ ବି ରହିଛି। ବର୍ତ୍ତମାନ ସେହି ଦିନ ପାଖେଇ ଆସିବାରୁ ଗୁଡ଼ି ପ୍ରସ୍ତୁତକାରୀ ଲାଗିପଡ଼ିଛନ୍ତି କାମରେ। ମକରର ମାସକ ଆଗରୁ ବିକ୍ରି ଆରମ୍ଭ ହୋଇଗଲାଣି ବୋଲି ବେପାରୀ କୁହନ୍ତି। ସେଥିରେ ପୁଣି କାହିଁ କେତେ ପ୍ରକାରର ଗୁଡ଼ି ବଜାରରେ ଦେଖିବାକୁ ମିଳିଥାଏ। ହେଲେ ସେଥିମଧ୍ୟରୁ ଆଗା, ଟୋଇ, ଫୋନା ଆଦିର ଅଧିକ ଚାହିଦା ରହିଛି ବୋଲି ବ୍ୟବସାୟୀ କୁହନ୍ତି। ପ୍ଲାଷ୍ଟିକ୍‌ୟ ଓ ଜରିର ଗୁଡ଼ି ରାସ୍ତାକଡ଼ ଓ ବିଭିନ୍ନ ଦୋକାନରେ ଟଙ୍ଗା ହୋଇଥିବାର ଦେଖିବାକୁ ମିଳିଲାଣି। ସେହିପରି ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ଗୁଡ଼ି କିଣିବାକୁ ଭିଡ଼ ଆରମ୍ଭ କଲେଣି। ସେମାନଙ୍କ ଚାହିଦା ମୁତାବକ ଦୋକାନୀମାନେ ବିଭିନ୍ନ ଡିଜାଇନର ଗୁଡ଼ିକୁ ଦୋକାନ ବାହାରେ ସଜାଇ ରଖିଲେଣି। ରଙ୍ଗବେରଙ୍ଗର ଏହି ଗୁଡ଼ିଗୁଡ଼ିକ ବାହାରୁ ବେଶ୍ ଆକର୍ଷିତ ଦେଖାଦେଉଛି।

ଏ ନେଇ ରାଜଧାନୀର ଓଲ୍ଡ ଟାଉନ୍‌ରେ ୧୦ ବର୍ଷ ଧରି ଗୁଡ଼ି ବ୍ୟବସାୟ କରୁଥିବା ସରୋଜ ସାହୁ କୁହନ୍ତି, ଆଗରୁ ଏହି ଗୁଡ଼ି ଉଡ଼ାଇବା ପର୍ବ ଓଡ଼ିଶାରେ ଚଳୁ ନ ଥିଲା। ମହାରାଷ୍ଟ୍ରର ଏହା ସବୁଠୁ ବଡ଼ ପର୍ବ ଭାବେ ପରିଚିତ। ଏହା ବ୍ୟତୀତ ରାଜସ୍ଥାନ, ଗୁଜରାଟ, ଆନ୍ଧ୍ର ଆଦି ରାଜ୍ୟରେ ମଧ ଏହାକୁ ପାଳନ କରିଥା'ନ୍ତି। ହେଲେ ଦୀର୍ଘ ୮ରୁ ୯ ବର୍ଷ ହେବ ଓଡ଼ିଶାରେ ମଧ ବେଶ୍ ଆନନ୍ଦ ଉତ୍ସାହର ସହ ପାଳନ କରାଯାଉଛି। ଏହି ଗୁଡ଼ି କୋଲକାତାରୁ ଆସି କଟକର ଚୌଧୁରୀ ବଜାରକୁ ବ୍ୟବସାୟୀଙ୍କ ନିକଟକୁ ଯାଇଥାଏ। ସେଠାରୁ ହିଁ ସମସ୍ତ ବ୍ୟବସାୟୀ କିଣିକି ନିଜ ନିଜ ସହରରେ ବିକ୍ରି କରିଥା'ନ୍ତି ବୋଲି ସେ କହିଥିଲେ। ୪ ଟଙ୍କାରୁ ଆରମ୍ଭ ହୋଇ ୩୦ ଟଙ୍କା ପର୍ଯ୍ୟନ୍ତ ଗୁଡ଼ିର ମୂଲ୍ୟ ରହିଛି। ବର୍ତ୍ତମାନ ସମୟରେ ଲୋକ ଆଗା, ଟୋଇ, ଫୋନା ଆଦି ଗୁଡ଼ିକୁ ବେଶୀ ଖୋଜୁଛନ୍ତି। କିଛି ସ୍ଥାନରେ ଗୁଡ଼ିର ପ୍ରତିଯୋଗିତା ମଧ ଆୟୋଜିତ ହୁଏ। ସେଥିପାଇଁ ଛୋଟ ପିଲାଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି। କିଏ କାର୍ଟୁନ୍ ଚିତ୍ର ବାଲା ଗୁଡ଼ି ଖୋଜୁଛି ତ କିଏ ରଙ୍ଗବେରଙ୍ଗର ଡିଜାଇନ୍ ଗୁଡ଼ି ଖୋଜୁଛନ୍ତି। ବ୍ୟବହାର ହେଉଥିବା ମାଞ୍ଜା ସୂତାରେ ପ୍ରତିବନ୍ଧକ ଥିବାରୁ ବିନା ମାଞ୍ଜା ସୂତା ବ୍ୟବହାର ହେଉଛି। ଯାହାର ମୂଲ୍ୟ ୨୫୦ ଏବଂ ତା'ଠୁ ଅଧିକ ମଧ ରହିଛି ବୋଲି ସେ କୁହନ୍ତି।

# ବାଲିଅନ୍ତାରେ ୩ ଧାନମଣ୍ଡି ଶୁଭାରମ୍ଭ



ବାଲିଅନ୍ତା,୧୨।୧(ସମିସ): ବାଲିଅନ୍ତା ବ୍ଲକ୍ ସତ୍ୟଭାମାପୁର ସେବା ସମବାୟ ସମିତି, ଝିଣ୍ଟିଶାସନ ସେବା ସମବାୟ ସମିତି ଓ ପ୍ରତାପ ଶାସନ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସତ୍ୟଭାମାପୁର ଧାନମଣ୍ଡିକୁ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ଅଧକ୍ଷା ବାସନ୍ତୀ ଖଟୁଆ, ୧୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ କୁନ୍‌ମୁନ୍ ଲେଙ୍କା, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାଶ, ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ପୂର୍ବତନ ସଭାପତି ଅଚ୍ୟୁତାନନ୍ଦ ପାତ୍ର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନ ପାତ୍ର ଓ ଦିଲ୍ଲୀପ କୁମାର ମାର୍ଥା ଉପସ୍ଥିତ ଥିଲେ। ମଣ୍ଡିରେ ୨ ଜଣ ଚାଷୀଙ୍କଠାରୁ ୧୫୦ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ପ୍ରତାପ ଶାସନ ସେବା ସମବାୟ ସମିତିରୁ ୯ ଜଣ ଚାଷୀଙ୍କଠାରୁ ୪୬୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସମିତି ସଭାପତି ନଳିନୀକାନ୍ତ ମହାପାତ୍ର, ପ୍ରତାପ ଶାସନ ସମିତିସଭ୍ୟ ଗଙ୍ଗାଧର ମାହାରି, ରାଜସ୍ୱ ନିରୀକ୍ଷକ ସୁଜିତ ବେହେରା, ବେଣୁଧର ଭୋଇ, ରବିନ୍ଦ୍ର ବାରିକ, ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର, ବିଜୟ ସାହୁ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଏବଂ ଉପ ସହକାରୀ ନିବନ୍ଧକ ଅମୀୟ ଖୁଣ୍ଟିଆଙ୍କ ସମେତ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଝିଣ୍ଟିଶାସନ ସେବା ସମବାୟ ସମିତିରେ ପୁରୋହିତପୁର ସରପଞ୍ଚ ଭଗବାନ ବେହେରା, ଝିଣ୍ଟିଶାସନ ସରପଞ୍ଚ ଅଜିତ କୁମାର ପାତ୍ର ଓ ସଭାପତି ବିଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ମଣ୍ଡିରୁ ୫୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ସମ୍ପାଦକ ସାଗର ସୁନ୍ଦରାୟ, ମୋନିକା ମହାନ୍ତି ଓ ଭାଗ୍ୟଧର ମହାନ୍ତି ମଣ୍ଡି ପରିଚାଳନା କରିଥିଲେ।

■ ଆଇସିସି ଚାମ୍ପିଅନ୍ସ ଟ୍ରଫି

# ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିପାରନ୍ତି ବୁମ୍‌ରା

ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ତାରକା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆସନ୍ତା ମାସରେ ପାକିସ୍ତାନରେ ଆରମ୍ଭ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ପିଠିରେ ଦେଖା ଦେଇଥିବା ଆଘାତ ସମସ୍ୟା କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ତାଙ୍କୁ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରିପୋର୍ଟ କରିବାକୁ କୁହାଯାଇଛି। ଏନ୍‌ସିଏରେ ତାଙ୍କର ପୁନର୍ବାସ ହେବ ଅର୍ଥାତ ତାଙ୍କ ରିକଭରୀ ଉପରେ ନଜର ରଖାଯିବ। ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେବ। ୨୦ ତାରିଖରେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ମାର୍ଚ୍ଚମାସ ଆରମ୍ଭ ବେଳକୁ ସେ ଫିଟ୍ ହେବେ ବୋଲି ଅଶା କରାଯାଉଛି। କିଛିଦିନ ତଳେ ଶେଷ ହୋଇଥିବା ବର୍ଡର- ଗାଭାସ୍କର ଟ୍ରଫିରେ ବୁମ୍‌ରା ୫ଟି ମ୍ୟାଚ୍ ଖେଳି ୪ ଇନିଂସ ବୋଲିଂ କରି ସର୍ବାଧିକ ୩୨ଟି ୱିକେଟ ନେଇଥିଲେ। ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସମେତ ଗ୍ରୁପ୍ ଏ'ରେ ସାମିଲ ହୋଇଛି। ସେହିପରି ଗ୍ରୁପ୍ ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସାମିଲ ହୋଇଛନ୍ତି। ଭାରତ ତା'ର ସବୁ ମ୍ୟାଚ୍ ଦୁବାଇରେ ଖେଳିବ। ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ୍ ମଡେଲରେ ଖେଳାଯିବ।




# ବାଂଲା ଦଳରୁ ସାକିବ, ଲିଟନ ଆଉଟ୍

ଢ଼ାକା,୧୨।୧(ଏଜେନ୍ସି): ପାକିସ୍ତାନରେ ଆୟୋଜନ ହେବାକୁ ଯାଉଥିବା ଚାମ୍ପିଅନ୍ସ ଟ୍ରଫି ଲାଗି ରବିବାର ବାଂଲାଦେଶ ଏକ ୧୫ ଜଣିଆ ଦଳ ଘୋଷଣା କରିଛି। ନାଜମୁଲ ହୋସେନ ସାଣ୍ଟୋଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରୁ ଆଶ୍ଚର୍ଯ୍ୟଜନକ ଭାବେ ଅଭିଜ୍ଞ ଅଲରାଉଣ୍ଡର ସାକିବ ଅଲ ହାସନ ଓ ଅଭିଜ୍ଞ ବ୍ୟାଟର ଲିଟନ ଦାସ ବାଦ୍ ପଡିଛନ୍ତି। ସେହିପରି ଅଲରାଉଣ୍ଡର ଅଫିଫ୍ ହୋସେନ, ଦ୍ରୁତ ବୋଲର ଶୋରିଫୁଲ ଇସ୍‌ଲାମ ଓ ହାସନ ମେହମୁଦ୍‌ଙ୍କୁ ମଧ୍ୟ ଦଳରୁ ବାଦ ଦିଆଯାଇଛି। ୩୭ ବର୍ଷୀୟ ଶକିବଙ୍କ ବୋଲିଂ ଆକ୍ସନରେ ତ୍ରୁଟି ଥିବାରୁ ତାଙ୍କୁ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରେ ବୋଲିଂ କରିବାରୁ ବାରଣ କରାଯାଇଛି। ସାକିବଙ୍କ କ୍ୟାରିଅର ଏବେ ଅନ୍ତିମ ପର୍ଯ୍ୟାୟ ଦେଇ ଗତି କରୁଛି। କାଉଣ୍ଟି ଖେଳିବା ଅବସରରେ ତାଙ୍କ ବୋଲିଂ ଆକ୍ସନକୁ ଅବୈଧ ଘୋଷିତ କରାଯାଇଛି। ସେହିପରି ଖରାପ ଫର୍ମ କାରଣରୁ ଲିଟନ ବାଦ୍ ପଡିଛନ୍ତି।

ବାଂଲାଦେଶ ଦଳ: ନଜମୁଲ ହୋସେନ ସାଣ୍ଟୋ (ଅଧିନାୟକ), ମୁସ୍‌ଫିକର ରହିମ, ତୋହିଦ ହୃଦୟ, ସୌମ୍ୟ ସରକାର, ତଞ୍ଜିଦ ହାସନ, ଏମ୍‌ଡି ମହମୁଦ ଉଲ୍ଲା, ଜାକେର ଅଲି ଅନିକ, ମେହଦି ହାସନ ମିରାଜ, ରିଶାଦ ହୋସେନ, ତସ୍କିନ ଅହମ୍ମଦ, ମୁସ୍ତାଫିଜୁର ରହମାନ, ପରଭେଜ ହୋସାଇ ଇମୋନ, ନାସୁମ ଅହମ୍ମଦ, ତଞ୍ଜିମ ହସନ ସକିବ ଓ ନାହିଦ ରାଣା।

# ନ୍ୟୁଜିଲାଣ୍ଡ ଦଳରେ ୩ ନବାଗତ ପେସର୍

ଅକଲାଣ୍ଡ,୧୨।୧(ଏଜେନ୍ସି): ଅଗାମୀ ଚାମ୍ପିଅନ୍ସ ଟ୍ରଫି ପାଇଁ ରବିବାର ଏକ ୧୫ ଜଣିଆ ନ୍ୟୁଜିଲାଣ୍ଡ ଦଳ ଘୋଷିତ ହୋଇଛି। ୩ ପେସ୍ ଦ୍ରୁତ ବୋଲର ୱିଲ ଓ'ରୁର୍କ, ବନ୍ ସିୟର୍ସ ଓ ନାଥନ ସ୍ମିଥ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଏକ ସନ୍ତୁଳିତ ଦଳ ଗଠନ କରିବାକୁ ଚୟନକର୍ତ୍ତାମାନେ ପ୍ରୟାସ କରିଛନ୍ତି। ନୂଆକରି ସୀମିତ ଓଭର ଅଧିନାୟକ ନିଯୁକ୍ତ ହୋଇଥିବା ମିଚେଲ ସାଣ୍ଟନରଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଦଳରେ କେନ୍ ୱିଲିୟମସନ ଓ ଟମ୍ ଲାଥମଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କୁ ନିଆଯାଇଛି।

ନ୍ୟୁଜିଲାଣ୍ଡ ଦଳ: ମିଚେଲ ସାଣ୍ଟନର (ଅଧିନାୟକ), ୱିଲ ୟଙ୍ଗ, ଡେଭନ କନୱେ, ରାଚିନ ରବୀନ୍ଦ୍ର, କେନ୍ ୱିଲିୟମସନ, ମାର୍କ ଚାପ୍‌ମ୍ୟାନ, ଡାରିଲ ମିଚେଲ, ଟମ୍ ଲାଥମ, ଗ୍ଲେନ୍ ଫିଲିପ୍ସ, ମାଇକେଲ ବ୍ରାସ୍‌ୱେଲ୍, ନାଥନ ସ୍ମିଥ, ମ୍ୟାନ ହେନେରୀ, ଲୋକି ଫର୍ଗୁସନ, ବେନ ସିୟର୍ସ ଓ ୱିଲ ଓ'ରୁର୍କ।

## ଦ୍ୱିତୀୟ ଦିନିକିଆରେ ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ଶତକ

# ସର୍ବୋଚ୍ଚ ସ୍କୋର୍ ସହ ଭାରତର ସିରିଜ୍ କବ୍‌ଜା


ଜେମିମା ରୋଡ୍ରିଗ୍ସେଜ୍

ରାଜକୋଟ,୧୨।୧(ଏଜେନ୍ସି):

ଜେମିମା ରୋଡ୍ରିଗ୍ସେଜ୍ (୧୦୨)ଙ୍କ ଶତକ ଓ ଟପ୍ ଅର୍ଡର ବ୍ୟାଟର ସ୍ମୃତି ମନ୍ଧାନା (୭୩)ଙ୍କ ପ୍ରତିକା ରାୱଲ (୬୭) ଓ ହରଲିନ୍ ଦେଓଲ (୮୯) ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ମହିଳା ଦିନିକିଆରେ ଭାରତ ୧୧୬ ରନ୍‌ରେ ଭ୍ରମଣକାରୀ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୫ ୱିକେଟ ହରାଇ ୩୭୦ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୨୫୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ରେ ଅପରାଜେୟ ଅଗ୍ରଣୀ ସହ ଗୋଟିଏ ମ୍ୟାଚ୍ ବାକି ଥାଇ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ତୃତୀୟ ତଥା ଶେଷ ମୁକାବିଲା ଏଠାରେ ବୁଧବାର ଖେଳାଯିବ। ଏଠାରେ ଶତକ ହାସଲ କରିଥିବା ଭାରତର ଜେମିମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ଦିନିକିଆରେ ରେକର୍ଡ ସ୍କୋର

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟରେ ୩୭୦ ରନ୍ କରିଥିଲା। ଦଳ ପକ୍ଷରୁ ଜେମିମା ୯୧ ବଲ୍‌ରେ ସର୍ବାଧିକ ୧୦୨, ହରଲିନ୍ ୮୪ ବଲ୍‌ରେ ୮୯, ସ୍ମୃତି ୫୪ ବଲ୍‌ରେ ୭୩ ଓ ପ୍ରତିକା ୬୧ ବଲ୍‌ରେ ୬୭ ରନ୍ କରିଥିଲେ। ଏହା ଫଳରେ ମହିଳା ଦିନିକିଆରେ ଭାରତ ତାହାର ସର୍ବୋଚ୍ଚ ସ୍କୋର କରିବାରେ ରେକର୍ଡ କରିଥିଲା। ପୂର୍ବରୁ ଏହି ଆୟର୍ଲାଣ୍ଡ ବିପକ୍ଷରେ ପୋଷ୍ଟେଫଷ୍ଟ୍ରମ୍‌ରେ ୨ ୱିକେଟରେ ୩୫୮ ରନ୍ କରି ସର୍ବାଧିକ ଦଳଗତ ସ୍କୋର ରେକର୍ଡ କରିଥିଲା। ଏହି ରେକର୍ଡକୁ ଭାରତ ଏଠାରେ ଭାଙ୍ଗିଦେଇଛି। ସେହିପରି ପ୍ରଥମ ୱିକେଟରେ ସ୍ମୃତି ଓ ପ୍ରତିକା ୧୯.୧ ଓଭରରେ ୧୫୬ ରନ୍ ଉଠାଇ ରନ୍ ହାର ସଂଗ୍ରହରେ ରେକର୍ଡ ମଧ୍ୟ କରିଛନ୍ତି। ଏହି ମ୍ୟାଚ୍‌ରେ ହରଲିନ୍ ଓ ଜେମିମା ମଧ୍ୟ ୧୮୩ ରନ୍ ଉଠାଇଥିଲେ। ମହିଳା ଦିନିକିଆରେ ଏହା ତୃତୀୟଥର ଦେଖିବାକୁ ମିଳିଛି। ଅନ୍ୟ ଦୁଇଥର ଅଷ୍ଟ୍ରେଲିଆ ବ୍ୟାଟରମାନେ ସଂଗ୍ରହ କରିଛନ୍ତି।

### ଲଢୁଆ ଖେଳିଲା ଆୟର୍ଲାଣ୍ଡ

୩୭୧ ରନ୍‌ର ବିଜୟ ଲକ୍ଷ୍ୟ କେବଳ ଆୟର୍ଲାଣ୍ଡ ନୁହେଁ ଯେ କୌଣସି ଦଳ ଲାଗି କଷ୍ଟକର ହୋଇଥାଏ। ଏହା ସତ୍ତ୍ୱେ ଆୟର୍ଲାଣ୍ଡ ଦଳ ନିଜ ଖେଳରେ ଉନ୍ନତି ଆଣି ଏଠାରେ ଲଢୁଆ ଖେଳ ପ୍ରଦର୍ଶନ କରି ୭ ୱିକେଟରେ ୨୫୪ ରନ୍ କରିଥିଲା। ଦଳକୁ ଅଲଆଉଟ କରିବାରେ ଭାରତ ଅସମର୍ଥ ହୋଇଥିଲା। ଆୟର୍ଲାଣ୍ଡ ପକ୍ଷରୁ କୁଲଟର ରିଲି ସର୍ବାଧିକ ୮୦, ଓପନର ଶାରା ଫୋର୍ବସ ୩୮ ଓ ଲୌରା ଡେଲାନି ୩୭ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩୭ ରନ୍‌ରେ ୩ଟି ଓ ପ୍ରିୟା ମିଶ୍ର ୫୩ ରନ୍‌ରେ ୨ଟି ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ବୁଧବାର ତୃତୀୟ ତଥା ଶେଷ ଦିନିକିଆରେ ବିପର୍ଯ୍ୟୟ ସୃଷ୍ଟି ଅପେକ୍ଷାରେ ରହିଛି ଆୟର୍ଲାଣ୍ଡ।

# ଦେବଜିତ୍ ବିସିସିଆଇ ସମ୍ପାଦକ, ପ୍ରଭତେଜ୍ କୋଷାଧ୍ୟକ୍ଷ



ମୁମ୍ବଇ,୧୨।୧(ଏଜେନ୍ସି): ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସମ୍ପାଦକ ଓ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଆସାମର ଦେବଜିତ ସାଇକିଆ ଓ ଛତିଶଗଡ଼ର ପ୍ରଭତେଜ ସିଂ ଭୋଟିଆ ଯଥାକ୍ରମେ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ବିନା ପ୍ରତିଦ୍ୱନ୍ଦ୍ୱୀତା ତଥା ସର୍ବସମ୍ମତକ୍ରମେ ନିର୍ବାଚିତ ହୋଇଛନ୍ତି। ଏହି ଦୁଇଟି ହାଇପ୍ରେଫାଇଲ ପଦ ପାଇଁ ଦୁହେଁ ଏକମାତ୍ର ପ୍ରାର୍ଥୀ ଥିଲେ। ରବିବାର ଏଠାରେ ବିସିସିଆଇର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍)ରେ ଦୁହେଁ ନିର୍ବାଚିତ ହୋଇଥିଲେ। ଜୟ ଶାହା ଓ ଆଶିଷ ସେଲାର ଇସ୍ତଫା ଦେବା ପରେ ଏହି ଦୁଇଟି ପଦ ଖାଲି ପଡିଥିଲା। ବିସିସିଆଇ ଏଜିଏମ୍‌ରେ ଜୟ ଶାହାଙ୍କୁ ସ୍ୱାଗତ କରାଯିବା ସହ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା।

ଗତମାସରେ ଶାହା ସମ୍ପାଦକ ପଦରୁ ଇସ୍ତଫା ଦେବା ସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅଧ୍ୟକ୍ଷ ପଦକୁ ନିର୍ବାଚିତ ହୋଇଥିଲେ। ସେହିପରି ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ସେଲାର କୋଷାଧ୍ୟକ୍ଷ ପଦ ଛାଡିଥିଲେ। ଶାହାଙ୍କ ଇସ୍ତଫା ପରେ ସାଇକିଆ କାମଚଳା ସମ୍ପାଦକ ଭାବେ ଦାୟିତ୍ୱ ବହନ କରୁଥିଲେ। ପୂର୍ବରୁ ମଧ୍ୟ ସେ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ସାଇକିଆ ଆସାମ କ୍ରିକେଟ ଆସୋସିଏସନ ସହିତ ଜଡିତ ରହିଆସିଛନ୍ତି ଓ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ଅରୁଣ ଜେଟଲୀଙ୍କ ପୁଅ ରୋହନ ସମ୍ପାଦକ ହେବ ବୋଲି ଚର୍ଚ୍ଚା ହେଉଥିଲା ଓ ଏବେ ଏହି ଚର୍ଚ୍ଚାର ଅନ୍ତ ଘଟିଛି। ୫୬ ବର୍ଷୀୟ ସାଇକିଆ ଆସାମ ପାଇଁ ରଣଜୀ ଟ୍ରଫି ଖେଳିଛନ୍ତି ଓ କ୍ରିକେଟ ପ୍ରଶାସନରେ ତାଙ୍କ ଯଥେଷ୍ଟ ଅଭିଜ୍ଞତା ରହିଛି। ସେ ମଧ୍ୟ ଆଇନଜୀବୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ବୈଠକରେ ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା ନବନିର୍ବାଚିତ ଆଇସିସି ଅଧ୍ୟକ୍ଷ ଜୟ ଶାହ, ସମ୍ପାଦକ ସାଇକିଆ ଓ କୋଷାଧ୍ୟକ୍ଷ ଭାଟିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



■ ୯ମ ଜାତୀୟ କରାଟେ ଚାମ୍ପିଅନସିପ୍

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ




ଭୁବନେଶ୍ୱର,୧୨।୧(ସମିସ): ଜାପାନ କରାଟେ ଆସୋସିଏସନ ଇଣ୍ଡିଆ ଆନୁକୂଲ୍ୟରେ ବେଙ୍ଗାଲୁରୁର ହୋଟେଲ ପରାଗଠାରେ ୯ମ ଜାତୀୟ କରାଟେ ଚାମ୍ପିଅନସିପ୍ ଉଦ୍‌ଯାପତିତ ହୋଇଛି। ଶନିବାର ଓ ରବିବାର ଏହି ପ୍ରତିଯୋଗିତା ଖେଳାଯାଇଥିଲା। ସନ୍ତୋଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ୫ଜଣିଆ ଓଡ଼ିଶା ଦଳ ଏଥିରେ ଭାଗ ନେଇ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛି। ସାୟେସା ସାହୁ ଦୁଇଟି ସ୍ୱର୍ଣ୍ଣ ଓ ଶ୍ୱେତା ତ୍ରିପାଠୀ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଆଉ ଜଣେ ବାଳିକା ପ୍ରତିଯୋଗୀ ଗୋଟିଏ ରୌପ୍ୟ ଜିତିଛନ୍ତି। ପ୍ରତିଯୋଗିତାରେ ମୁଖ୍ୟ ବିଚାରପତି ଭାବେ ଜାପାନ ମାଷ୍ଟର ଦାଇସୁକେ ଓୟେଦା ଓ ଭାରତର ମୁଖ୍ୟ ସେନସାୟୀ ମିଳନ ତ୍ରିବେଦୀ ଉପସ୍ଥିତ ଥିଲେ। ସାୟେସା ସର୍ବକନିଷ୍ଠ ବାଳିକା ଭାବେ ୮ ବର୍ଷ ବୟସରେ ଜାପାନର ଅନ୍ତର୍ଜାତୀୟ ବ୍ଲାକ ବେଲ୍ଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ ଉଦ୍‌ଯାପିତ

# ବିହାରର ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିଅନ

ଟାଙ୍ଗୀ,୧୨।୧(ସମିସ): ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚରେ ଛତିଶଗଡ ଜଗଦଲପୁରର ରଙ୍ଗବାଜ ଫୁଟବଲ କ୍ଲବ୍‌କୁ ୧-୦ ଗୋଲରେ ପରାସ୍ତ କରି ବିହାରର ବକ୍ସରସ୍ଥିତ ମା କାମାକ୍ଷା ସ୍ପୋର୍ଟସ କ୍ଲବ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧ ଖେଳର ୨ ମିନିଟ ସମୟରେ ବିହାରର ୧୩ ନମ୍ବର ଖେଳାଳି ଦିଲୀପ ଏକ ସୁନ୍ଦର ଗୋଲ ସ୍କୋର କରି ନିଜଦଳକୁ ଚାମ୍ପିଅନ କରିବାରେ ସଫଳ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ବ୍ରହ୍ମାନନ୍ଦ ଭୋଇ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି, ଜିତୁ ପାତ୍ର, ଚତୁର୍ଥ ରେଫରି ନନ୍ଦକିଶୋର ସ୍ୱାଇଁ। ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ଜଗଦେବ, ଅର୍ଣ୍ଣପୂର୍ଣ୍ଣା ଫାଇନାନସର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡଃ ସଂଜୟ କୁମାର ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲାପରିଷଦର ପୂର୍ବତନ ଅଧକ୍ଷା ବାସନ୍ତୀ ମହାପାତ୍ର, ସଭାପତି ତଥା ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ସମାଜସେବୀ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ଉପଦେଷ୍ଟା ବିଜୟ କୁମାର ରାଉତ, ଟାଙ୍ଗୀ ଲୟର୍ସ ବାର ଆସୋସିଏସନର ପୂର୍ବତନ ସଭାପତି ନକୁଳ କୁମାର ନାୟକ, ଅପସରା ଅଳଙ୍କାର ସତ୍ତ୍ୱାଧିକାରୀ ବିକ୍ରମ ସାହୁ, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଭାଗିରଥୀ ସାମନ୍ତରାୟ,ସର୍ବେଶ୍ୱର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।




## ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ

# ସେମିରେ କର୍ଣ୍ଣାଟକ-ହରିୟାଣା ମୁକାବିଲା

ଭଦୋଦରା,୧୨।୧(ଏଜେନ୍ସି):

ଏଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଜାତୀୟ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ସହ ହରିୟାଣା ଓ ଗୁରୁବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ବିଦର୍ଭ ସହ ମହାରାଷ୍ଟ୍ରର ମୁକାବିଲା ହେବ। ରବିବାର ଖେଳାଯାଇଥିବା ରୋମାଞ୍ଚକ ତୃତୀୟ କ୍ୱାର୍ଟର ଫାଇନାଲରେ ହରିୟାଣା ୨ ୱିକେଟରେ ଅକ୍ଷର ପଟେଲଙ୍କ ଗୁଜରାଟକୁ ଓ ଚତୁର୍ଥ କ୍ୱାର୍ଟର ଫାଇନାଲରେ ବିଦର୍ଭ ସହଜରେ ରାଜସ୍ଥାନକୁ ୯ ୱିକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟରରେ ମହାରାଷ୍ଟ୍ର ୭୦ ରନ୍‌ରେ ପଞ୍ଜାବକୁ ଓ କର୍ଣ୍ଣାଟକ ୫ ରନ୍‌ରେ ବରୋଦାକୁ ପରାସ୍ତ କରି ପ୍ରଥମ ଦୁଇଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଦୁଇ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ୧୮ ତାରିଖ ଶନିବାର ଫାଇନାଲ ମୁକାବିଲା ଖେଳାଯିବ।

### ଅନୁଜଙ୍କ ଅଲ୍‌ରାଉଣ୍ଡ ସଫଳତା

କୋଟାମ୍ବି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୪୫.୨ ଓଭରରେ ୧୯୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ଅର୍ଡର ଫେଲ୍ ମାରିବା ପରେ ହେମାଙ୍ଗ ପଟେଲ ୫୪ ରନ୍ କରି ଦଳକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ପ୍ରତିପକ୍ଷ ଦଳର ଅନୁଜ ଠକ୍‌ରାଲ ଓ ନିଶାନ୍ତ ସିନ୍ଧୁ ୩ଟି ଲେଖାଏଁ ୱିକେଟ ନେଇ ଗୁଜରାଟକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଜବାବରେ ହିମାଂଶୁ ରାଣାଙ୍କ ୬୬ ଓ ଦୁଇଟି ଅର୍ଦ୍ଧଶତକୀୟ ପାର୍ଟନରସିପ୍ ସହାୟତାରେ ହରିୟାଣା ଏକଦା ୩ ୱିକେଟରେ ୧୭୩ ରନ୍ କରି ଭଲ ସ୍ଥିତିରେ ପହଞ୍ଚିଥିଲା। ଏହି ସମୟରେ ରବି ବିଷ୍ଣୋଇ, ନଗସୱାଲା ଓ ବିଶାଲ ଜୟସ୍ୱାଲ ୧୯ ରନ୍ ମଧ୍ୟରେ ୫ଟି ୱିକେଟ ଅକ୍ତିଆର କରି ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲେ। କିନ୍ତୁ ୪୫ତମ ଓଭରରେ ଅଂଶୁଲ କାମ୍ବୋଜ ଏକ ଛକା ମାରି ହରିୟାଣାକୁ ୨ ୱିକେଟରେ ମ୍ୟାଚ୍ ଜିତାଇଥିଲେ। ଗୁଜରାଟ ପକ୍ଷରୁ ରବି ବିଷ୍ଣୋଇ ସର୍ବାଧିକ ୪ଟି ଓ ଅର୍ଜନ ନାଗସୱାଲା ୨ଟି ୱିକେଟ ଅକ୍ତିଆର କରିଥିଲେ। କିନ୍ତୁ ଦଳର ନେତୃତ୍ୱ ନେଇଥିବା ଅକ୍ଷର ପଟେଲ ବ୍ୟାଟିଂରେ ୨ ରନ୍ ଓ ବୋଲିଂରେ କୌଣସି ୱିକେଟ ନ ପାଇ ଏହି ମ୍ୟାଚ୍‌ରେ ଫେଲ ମାରିଥିଲେ।



### ସୋରୀ ଓ ନାୟାରଙ୍କ ଶତକ

ମୋତିବାଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୨୯୧ ରନ୍ କରିଥିଲା। ଦଳର ଟପ୍ ଅର୍ଡର ଫେଲ୍ ମାରିଥିଲାବେଳେ ଦୀପକ ହୁଡା ୪୫, ଶୁଭମ ଗରୱାଲ ୫୯ ଓ କାର୍ତ୍ତିକ ଶର୍ମା ସର୍ବାଧିକ ୬୨ ରନ୍ କରିଥିଲେ। ଶେଷ ଭାଗରେ ୱିକେଟରକ୍ଷକ ସମର୍ପିତ ଯୋଶି ୨୦ ବଲ୍‌ରେ ୨୩ ଓ ଦୀପକ ଚହର ୧୪ ବଲ୍‌ରେ ଦ୍ରୁତ ୩୧ ରନ୍ କରିବା ଫଳରେ ଦଳ ଏକ ବିଶାଳ ସ୍କୋର କରିଥିଲା। ବିଦର୍ଭର ଫାଷ୍ଟ ବୋଲର ଯଶ ଠାକୁର ସର୍ବାଧିକ ୪ ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଜବାବରେ ୨୯୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବିଦର୍ଭ ୪୩.୩ ଓଭରରେ ମାତ୍ର ୧ ୱିକେଟ ହରାଇ ହାସଲ କରିନେଇଥିଲା। ଯୁବ ଖେଳାଳି ତଥା ଓପନର ଧ୍ରୁବ ସୋରୀ ୧୧୮ ଓ ଅଧିନାୟକ କରୁଣ ନାୟାର ୮୨ ବଲ୍ ଖେଳି ୧୨୨ ରନ୍‌ରେ ଅପରାଜିତ ରହିଥିଲେ। ଯଶ ରାଠୋଡ୍ ୩୯ ରନ୍‌ରେ ଆଉଟ ହୋଇଥିଲେ।

■ ସୁଦର୍ଶନ ମହାନ୍ତି ସ୍ମାରକୀ ଚେସ୍

# ଖାଡ଼ଙ୍ଗା ଚାମ୍ପିଅନ, କାର୍ଜୀ ରନର୍ସ ଅପ୍



ପୁରୀ,୧୨।୧(ସମିସ): ପୁରୀ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ୧୮ତମ ସୁଦର୍ଶନ ମହାନ୍ତି ସ୍ମାରକୀ ଚେସ୍ ପ୍ରତିଯୋଗିତା ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩ଜଣ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମସ୍ଥାନରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ଓମ୍‌ଆଦିତ୍ୟ ଖାଡଙ୍ଗା ଚାମ୍ପିଅନ, ଗଜପତିର ମନିନ୍ଦ୍ର କାର୍ଜୀ ରନର୍ସ ଅପ୍ ଓ ପୁରୀର ଶାନ୍ତନୁ ବରାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୀର ଦୁଇ ଖେଳାଳି ରଜତ କୁମାର ସାହୁ ଓ ମନୋଜ କୁମାର ପାଣିଗ୍ରାହୀ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଖେଳ ଶେଷରେ ଆୟୋଜିତ ଉତ୍ସବରେ ଶ୍ରୀନିବାସ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୁରୀ ରୋଟାରୀ କ୍ଲବ୍ ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ପ୍ରାୟୋଜକ ବିମଳପ୍ରସାଦ ମହାନ୍ତି ବିବରଣ ଉପସ୍ଥାପନ କରିଥିଲେ।

## ଗୀତାବାଣୀ


ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ॥



ସୁହୃଦ୍, ମିତ୍ର, ଶତ୍ରୁ, ଉଦାସୀନ, ମଧ୍ୟସ୍ଥ, ଦ୍ୱେଷ୍ୟ ଓ ସମ୍ପର୍କୀୟମାନଙ୍କ ପ୍ରତି ତଥା ସାଧୁ ଆଚରଣକାରୀ ଓ ପାପାଚରଣକାରୀଙ୍କ ପ୍ରତି ମଧ୍ୟ ସମବୁଦ୍ଧି ରଖୁଥିବା ମନୁଷ୍ୟ ଶ୍ରେଷ୍ଠ ଅଟେ ।

ଷଷ୍ଠୋଽଧ୍ୟାୟଃ- ଶ୍ଳୋକ- ୯

## ପ୍ରଶ୍ନୋତ୍ତର



୧. ସଂସ୍କୃତ ଭାଷାରେ ମହାଭାରତ କିଏ ରଚନା କରିଥିଲେ?
୨. ସତ୍ୟବତୀ ଅନ୍ୟ କେଉଁ ନାଁରେ ପରିଚିତ?
୩. ଚାରି ବେଦ ମଧ୍ୟରେ ଶ୍ରେଷ୍ଠ କିଏ?
୪. ଧୃତରାଷ୍ଟ୍ରଙ୍କ କେତେ ଜଣ କନ୍ୟା ଥିଲେ?
୫. କର୍ଣ୍ଣଙ୍କ ଅନ୍ୟ ନାମ କ'ଣ?

**ଉତ୍ତର**
(୧) ବ୍ୟାସଦେବ (୨) ଯୋଜନଗନ୍ଧା (୩) ଋକ୍‌ବେଦ (୪) ୧ (୫) ରାଧେୟ

# ମହାକୁମ୍ଭ

**ଆଜି ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ଆରମ୍ଭ ହୋଇଛି । ଭାରତର ପବିତ୍ର ନଦୀରେ ଆୟୋଜିତ ହେଉଥିବା କୁମ୍ଭମେଳା ହେଉଛି ବିଶାଳ ଧର୍ମୀୟ ସମାବେଶ । ଏହି ଧାର୍ମିକ ଉତ୍ସବ ତଥା ତୀର୍ଥଯାତ୍ରାରେ ଦେଶର ବିଭିନ୍ନ ଭାଗରୁ ଲକ୍ଷ ଲକ୍ଷ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଭାଗ ନେଇଥାନ୍ତି । କେବଳ ଭାରତ କାହିଁକି, ଏହି ମେଳାକୁ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତରୁ ମଧ୍ୟ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । କୁମ୍ଭ ମେଳାରେ ମୁଖ୍ୟ ଆଚରଣ ହେଲା ପବିତ୍ର ନଦୀରେ ବୁଡ଼ ପକାଇବା । ଏହାଦ୍ୱାରା ପୁଣ୍ୟ ଅର୍ଜନ ତଥା ପାପମୋଚନ ହେଉଥିବା ଗଭୀର ବିଶ୍ୱାସ ରହିଛି । ଏହି ଉତ୍ସବ ପ୍ରତି ୧୨ ବର୍ଷରେ ଆୟୋଜିତ ହୁଏ । ୧୪୪ ବର୍ଷ ପରେ ଚଳିତ ଥର ଏପରି ଦୁର୍ଲଭ ସଂଯୋଗ ପଡ଼ୁଛି । ଏହି ମେଳା ମହାଶିବରାତ୍ରୀ ଯାଏଁ ଦୀର୍ଘ ୪୪ ଦିନ ଧରି ଚାଲିବ । କୁମ୍ଭମେଳାର ଆକର୍ଷଣ ସାଜିଥାନ୍ତି ନାଗାସାଧୁ । ଏହି ପରିପ୍ରେକ୍ଷୀରେ କୁମ୍ଭ ମେଳାର ସ୍ୱତନ୍ତ୍ରତା କ'ଣ ରହିଛି, ତାହାକୁ ନେଇ ଏହି ଉପସ୍ଥାପନା ।**







**ପ୍ରତି ୧୨ ବର୍ଷରେ କାହିଁକି:** ପୌରାଣିକ କଥା ଅନୁସାରେ, ମହାକୁମ୍ଭର ସମ୍ବନ୍ଧ ସମୁଦ୍ର ମନ୍ଥନ ସହ ଜଡ଼ିତ । ଯେତେବେଳେ ଦେବତା ଏବଂ ଦାନବ ମିଶି ସମୁଦ୍ର ମନ୍ଥନ କଲେ, ସେଥିରୁ ଯେଉଁ ଅମୃତ ବାହାରିଲା, ତା'କୁ ପାନ କରିବା ପାଇଁ ଦୁଇ ପକ୍ଷ ମଧ୍ୟରେ ଯୁଦ୍ଧ ହେଲା । ଏହି ଯୁଦ୍ଧ ୧୨ ଦିନ ପର୍ଯ୍ୟନ୍ତ ଚାଲିଲା । କୁହାଯାଏ, ଏହି ୧୨ ଦିନ ମଣିଷଙ୍କ ହିସାବରେ ୧୨ ବର୍ଷ ସମାନ ଥିଲା । ସେଥିପାଇଁ କୁମ୍ଭମେଳା ୧୨ ବର୍ଷରେ ହୋଇଥାଏ । ସେହିପରି ମାନ୍ୟତା ଅଛି, ଏହି ଅମୃତ ବୁନ୍ଦା ୧୨ଟି ସ୍ଥାନ ଉପରେ ପଡ଼ିଥିଲା । ସେଥିରୁ ଚାରି ବୁନ୍ଦା ପୃଥିବୀପୃଷ୍ଠରେ ଥିଲା ଏବଂ ଯେଉଁ ଚାରି ସ୍ଥାନରେ ଏହା ପଡ଼ିଥିଲା, ସେଠାରେ ହିଁ କୁମ୍ଭ ମେଳା ଆୟୋଜିତ ହୋଇଥାଏ ।

ସେହି ସ୍ଥାନଗୁଡ଼ିକ ହେଉଛି, ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଏବଂ ନାସିକ୍ । ଇତିହାସ କହେ, ଖ୍ରୀ. ୮ମ ଶତାବ୍ଦୀରେ ଭାରତର ମହାନ ସନ୍ଥ ତଥା ଦାର୍ଶନିକ ଆଦିଶଙ୍କରାଚାର୍ଯ୍ୟ କୁମ୍ଭମେଳାର ଶୁଭାରମ୍ଭ କରିଥିଲେ ।

**ଜ୍ୟୋତିଷ ମହତ୍ତ୍ୱ:** କୁମ୍ଭମେଳା ଆୟୋଜନକୁ ନେଇ ଜ୍ୟୋତିଷୀୟ ମହତ୍ତ୍ୱ ଅଛି । ଯେତେବେଳେ ବୃହସ୍ପତି ବୃଷ ରାଶି ଏବଂ ସୂର୍ଯ୍ୟ ମକର ରାଶିରେ ଥାନ୍ତି, ସେତେବେଳେ ପ୍ରୟାଗରାଜରେ କୁମ୍ଭମେଳା ଆୟୋଜିତ ହୋଇଥାଏ । ଏହି ପ୍ରକାରେ ଯେତେବେଳେ ବୃହସ୍ପତି କୁମ୍ଭ ରାଶିରେ ଏବଂ ସୂର୍ଯ୍ୟ ମକର ରାଶିରେ ଥାନ୍ତି, କୁମ୍ଭମେଳା ହରିଦ୍ୱାରରେ ଅନୁଷ୍ଠିତ ହୁଏ । ସେହିପରି ଯେତେବେଳେ ଗୁରୁ ଏବଂ ସୂର୍ଯ୍ୟ ସିଂହ ରାଶିରେ ଅବସ୍ଥାନ କରିଥାନ୍ତି, ମହାକୁମ୍ଭ ନାସିକ୍‌ରେ ଆୟୋଜିତ ହୋଇଥାଏ । ଅନ୍ୟପକ୍ଷରେ ଉଜ୍ଜୈନରେ କୁମ୍ଭମେଳା ସେତେବେଳେ ହୁଏ, ଯେତେବେଳେ ବୃହସ୍ପତି ସିଂହ ରାଶି ଏବଂ ସୂର୍ଯ୍ୟ ମେଷ ରାଶିରେ ଗୋଚର ହୁଅନ୍ତି ।

**୪ ପ୍ରକାର କୁମ୍ଭ ମେଳା:** କୁମ୍ଭ ମେଳା ଚାରି ପ୍ରକାରର ହୋଇଥାଏ । 'କୁମ୍ଭ', 'ଅର୍ଦ୍ଧ କୁମ୍ଭ', 'ପୂର୍ଣ୍ଣ କୁମ୍ଭ' ଏବଂ 'ମହାକୁମ୍ଭ ।' ତେବେ ସମସ୍ତ କୁମ୍ଭମେଳା ଗ୍ରହର ସ୍ଥିତି ଅନୁସାରେ, ଆୟୋଜିତ ହୋଇଥାଏ । ପୂର୍ଣ୍ଣ କୁମ୍ଭ ହେଉଛି ମହାକୁମ୍ଭ ମେଳା । ୧୨ ବର୍ଷ ପରେ ଏଥର ଏହା ପ୍ରୟାଗରାଜରେ ଆରମ୍ଭ ହେଉଛି । ଶେଷଥର ଏହା ୨୦୧୩ରେ ହୋଇଥିଲା । କୁମ୍ଭମେଳାର ଆୟୋଜନ ପ୍ରୟାଗରାଜ ବ୍ୟତୀତ ହରିଦ୍ୱାର (ଗଙ୍ଗାନଦୀ) , ନାସିକ୍ (ଗୋଦାବରୀ ନଦୀ) ଏବଂ ଉଜ୍ଜୈନ (ଶିପ୍ରା ନଦୀ)ରେ ମଧ୍ୟ କରାଯାଏ । ଏ ଲାଗି ଚାରିଟି ସ୍ଥାନକୁ ପର୍ଯ୍ୟାୟ କ୍ରମେ ଚୟନ କରାଯାଏ । ସେହିପରି ପ୍ରତି ୬ ବର୍ଷରେ ପାଳନ କରାଯାଏ ଅର୍ଦ୍ଧକୁମ୍ଭ ମେଳା । ଏହାକୁ କେବଳ ପ୍ରୟାଗରାଜ ଓ ହରିଦ୍ୱାର ଏହି ଦୁଇଟି ସ୍ଥାନରେ ହିଁ ଆୟୋଜନ କରାଯାଏ । ୧୨ ବର୍ଷ ପରେ ଅନୁଷ୍ଠିତ ହେଉଥିବା କୁମ୍ଭମେଳାକୁ ପୂର୍ଣ୍ଣ କୁମ୍ଭ ବୋଲି କୁହାଯାଏ । ପୂର୍ଣ୍ଣକୁମ୍ଭ କେବଳ ପ୍ରୟାଗରାଜର ସଙ୍ଗମ ସ୍ଥଳରେ ଆୟୋଜିତ ହୁଏ । ସେହିପରି ପ୍ରତି ୧୪୪ ବର୍ଷ ପରେ ଯେଉଁ କୁମ୍ଭ ମେଳା ଆୟୋଜିତ ହୁଏ, ଏହାକୁ ମହାକୁମ୍ଭ କୁହାଯାଏ । ଏହାର ଆୟୋଜନ କେବଳ ପ୍ରୟାଗରାଜରେ ହିଁ ହୋଇଥାଏ । ଚଳିତ ଥର ଏହି ଦୁର୍ଲଭ ସଂଯୋଗ ପଡ଼ୁଥିବାରୁ ଏହାର ବିଶେଷ ମହତ୍ତ୍ୱ ଅଛି ।

**୬ଟି ଶାହୀ ସ୍ନାନ:** କୁମ୍ଭମେଳାରେ ୬ଟି ଶାହୀ ସ୍ନାନ ଅନୁଷ୍ଠିତ ହୋଇଥାଏ । ପ୍ରଥମ ଶାହୀ ସ୍ନାନ ଜାନୁଆରୀ ୧୩, ପୌଷ ପୂର୍ଣ୍ଣିମା, ଦ୍ୱିତୀୟ ଶାହୀ ସ୍ନାନ ମକର ସଂକ୍ରାନ୍ତି, ତୃତୀୟ ଶାହୀ ସ୍ନାନ ମୌନୀ ଅମାବାସ୍ୟା, ଚତୁର୍ଥ ଶାହୀ ସ୍ନାନ ବସନ୍ତ ପଞ୍ଚମୀ, ପଞ୍ଚମ ଶାହୀ ସ୍ନାନ ମାଘ ପୂର୍ଣ୍ଣିମା ଓ ଶେଷ ତଥା ଷଷ୍ଠ ଶାହୀ ସ୍ନାନ ମହାଶିବରାତ୍ରୀ ଦିନ ଅନୁଷ୍ଠିତ ହେବ । ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିଙ୍କ ସ୍ଥିତିକୁ ଲକ୍ଷ୍ୟ ରଖି ଏହିସବୁ ସ୍ନାନ ତିଥି ଧାର୍ଯ୍ୟ କରାଯାଇଛି । ଏହି ସମୟରେ ମହାଜାଗତିକ ରଶ୍ମି ଦ୍ୱାରା ନଦୀ ଗୁଡ଼ିକ ପ୍ରଭାବିତ ହୋଇଥାନ୍ତି । ଏହି ଅମୃତ ଯୋଗରେ ସ୍ନାନ ଦ୍ୱାରା ବିଶେଷ ଫଳପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ପରମ୍ପରା ଅନୁସାରେ ବିଭିନ୍ନ ଆଖଡ଼ାର ନାଗାସାଧୁମାନଙ୍କୁ ପ୍ରଥମେ ଶାହୀ ସ୍ନାନର ସୁଯୋଗ ଦିଆଯାଇଥାଏ ।

## ବୁଦ୍ଧକଥା

# ଉତ୍ତମ କର୍ମ ଓ ସ୍ୱଭାବ ହିଁ ମଣିଷର ପରିଚୟ

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ମଣିଷର ସ୍ୱଭାବ କିଭଳି ପରିଚୟ ସୃଷ୍ଟିର କାରଣ, ତାହାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**



ଏକଦା ଗୌତମ ବୁଦ୍ଧ ଗୋଟିଏ ସହରକୁ ଧର୍ମ ପ୍ରଚାର ପାଇଁ ଯାଉଥିଲେ । ସହରର ମଝାମଝିରେ ଯାଉଥିବା ବେଳେ କିଛି ସୈନିକ ଜଣେ କନ୍ୟା ପଛରେ ଦୌଡ଼ୁଥିବାର ସେ ଦେଖିଲେ । ଝିଅଟି ଭୟଭୀତ ଅବସ୍ଥାରେ ଯାଇ ଗୋଟିଏ କୂଅ ପାଖରେ ଛିଡ଼ା ହୋଇ ଜୋରରେ ନିଃଶ୍ୱାସ ନେଲା । ତା'କୁ ମଧ୍ୟ ପ୍ରବଳ ଶୋଷ ଲାଗୁଥିଲା । ସେତିକିବେଳେ ବୁଦ୍ଧ ଝିଅଟିକୁ ନିଜ ପାଖକୁ ଡାକି କହିଲେ, 'ମା' କୂଅରୁ ପାଣି ବାହାର କରି ନିଜେ ପିଅ ଏବଂ ମୋତେ ମଧ୍ୟ ପିଇବାକୁ ଦିଅ ।' ଏହାରି ଭିତରେ ସୈନିକମାନେ ସେହି ସ୍ଥାନରେ ଆସି ପହଞ୍ଚିଲେ । ବୁଦ୍ଧ ସେମାନଙ୍କୁ ହାତ ଦେଖାଇ ପାଖକୁ ନ ଆସିବାକୁ ଇସାରା ଦେଲେ ।


ପାଣି କଥା ଶୁଣି ଝିଅଟି ବୁଦ୍ଧଙ୍କୁ କହିଲା, 'ଆଜ୍ଞା, ମୁଁ ନୀଚ ଜାତିର ଝିଅ । ମୁଁ କୂଅରୁ ପାଣି କାଢ଼ିବା ଦ୍ୱାରା ଜଳ ଅପବିତ୍ର ହୋଇଯିବ ।' ପୁଣି ଥରେ ବୁଦ୍ଧ କହିଲେ, 'କନ୍ୟା, ବହୁତ ଜୋର୍‌ରେ ଶୋଷ ଲାଗୁଛି । ପ୍ରଥମେ ପାଣି ତ ପିଇବାକୁ ଦିଅ ।' ଏହାର କିଛି ସମୟ ପରେ ସେହି ସହରର ରାଜା ସେହି ସ୍ଥାନରେ ଆସି ପହଞ୍ଚିଲେ । ସେ ବୁଦ୍ଧଙ୍କୁ ପ୍ରଣାମ କରି ସୁଗନ୍ଧିତ ଗୋଲାପ ଜଳ ପିଇବାକୁ ପ୍ରଦାନ କଲେ । କିନ୍ତୁ ବୁଦ୍ଧ ତା'କୁ ପିଇବାକୁ ମନା କରି ଝିଅଟି କୂଅରୁ କାଢ଼ି ଦେଇଥିବା ପାଣିକୁ ପିଇଲେ । ପାଣି ପିଇବା ପରେ ବୁଦ୍ଧ କନ୍ୟାଜଣଙ୍କୁ ତାଙ୍କର ଭୟର କାରଣ ପଚାରିଲେ ।

କନ୍ୟାଜଣକ କହିଲା, "ସଂଯୋଗବଶତଃ ମୋତେ ଏହି ରାଜାଙ୍କ ଦରବାରରେ ଗୀତ ଗାଇବାର ସୁଯୋଗ ମିଳିଥିଲା । ରାଜା ମୋ ଗୀତ ଶୁଣି ତାଙ୍କ ଗଳାର ମାଳି ମୋତେ ପୁରସ୍କାର ଦେଲେ । ଏହି ସମୟରେ ତାଙ୍କୁ କେହି ଜଣେ କହିଲେ କି, ମୁଁ ଅଛୁଆଁ ଜାତିର, ଏକଥା ଜାଣି ରାଜା ତାଙ୍କ ସୈନିକଙ୍କୁ ଡାକି ମୋତେ କାରାଗାରରେ ବନ୍ଦୀ କରିବାକୁ କହିଲେ । ମୁଁ କୌଣସି ପ୍ରକାରେ ସୈନିକଙ୍କ ପାଖରୁ ଖସି ଏଠାରେ ଆସି ପହଞ୍ଚିଛି ।"

ଏହାପରେ ରାଜା ବୁଦ୍ଧଙ୍କୁ କହିଲେ, "ମୁଁ ଚାହୁଁଛି, ଏବେ ମୁଁ ଯାହା କହିବି, ତୁମେ ସେ କଥାକୁ ସବୁବେଳେ ମନେ ରଖିବ । କୌଣସି ମଣିଷର ପରିଚୟ ତା'ର ଧର୍ମ ଓ ଜାତିକୁ ନେଇ ନୁହେଁ, ବରଂ ତା'ର ସ୍ୱଭାବ ଏବଂ ଭଲ କାମ ସହିତ ସମ୍ବନ୍ଧ ରଖେ । ଯେଉଁ କନ୍ୟାର କୋକିଳ କଣ୍ଠରୁ ବାହାରିଥିବା ମଧୁର ଗୀତର ଆନନ୍ଦ ନେଲେ, ପୁରସ୍କାର ଦେଲେ ଏବଂ ଯାହାର କାର୍ଯ୍ୟ ଏତେ ଭଲ, ସେ କେବେ ବି ଅଛୁଆଁ ହୋଇ ନ ପାରେ । ଅବଶ୍ୟ ବାଳିକା ସହିତ ତୁମେ ଏଭଳି କରି ତୁମେ ତୁମର ହୀନ ଚିନ୍ତାଧାରା ଓ ଛୋଟକାମର ପରିଚୟ ଦେଇଛ । ଏଣୁ ମୋ ଦୃଷ୍ଟିରେ ବାଳିକା ନୁହେଁ, ଅଛୁଆଁ ହିଁ ତୁମେ ।" ଏକଥା ଶୁଣି ଲଜ୍ୟାରେ ରାଜାଙ୍କ ମୁଣ୍ଡ ତଳକୁ ହୋଇଗଲା ଏବଂ ସେ ନିଜ କୁତକର୍ମ ପାଇଁ ବୁଦ୍ଧଙ୍କୁ କ୍ଷମା ମାଗିଲେ ।

# ଉତ୍ତରାୟଣ

**ସୂର୍ଯ୍ୟଦେବତାଙ୍କ ଉପାସନାର ପର୍ବ ମକର ସଂକ୍ରାନ୍ତି । ଏହିଦିନ ସୂର୍ଯ୍ୟଦେବଙ୍କର ଉତ୍ତରାୟଣ ଆରମ୍ଭ ହୋଇଥାଏ । ଏହିଦିନଠାରୁ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଦିନ ବଡ଼ ହୁଏ ଏବଂ ରାତିର ଅବଧି ଛୋଟ ହୋଇଥାଏ । ଶାସ୍ତ୍ରରେ ଉତ୍ତରାୟଣ ଅବଧିକୁ ଦେବତାଙ୍କ ପାଇଁ ଦିନ ଭାବେ ବିବେଚନା କରାଯାଇଛି । ଏହା ଖୁବ୍ ଶୁଭ । ସେଥିପାଇଁ ଏହିଦିନ ସ୍ନାନ, ଦାନ, ତପର ବିଶେଷ ମହତ୍ତ୍ୱ ରହିଛି ।**





**ଉତ୍ତରାୟଣ ପର୍ବ:** ବୈଦିକ ଜ୍ୟୋତିଷ ଗଣନା ଅନୁସାରେ, ସୂର୍ଯ୍ୟଦେବ ଦୁଇଟି ଦିଗକୁ ଭ୍ରମଣ କରନ୍ତି । ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଦକ୍ଷିଣ ଦିଗକୁ ଭ୍ରମଣ କରନ୍ତି । ଯାହାକୁ ସୂର୍ଯ୍ୟଙ୍କ ଦକ୍ଷିଣାୟନ ବୋଲି କୁହାଯାଏ । ସେହିପରି ଯେତେବେଳେ ୬ ମାସ ପାଇଁ ସେ ଉତ୍ତର ଦିଗକୁ ଭ୍ରମଣ କରନ୍ତି, ତାହାକୁ ଉତ୍ତରାୟଣ କୁହାଯାଏ । ତେବେ ସୂର୍ଯ୍ୟ ଯେତେବେଳେ ଧନୁ ରାଶିରୁ ବାହାରି ମକର ରାଶିରେ ପ୍ରବେଶ କରନ୍ତି, ସେ ଉତ୍ତର ଦିଗକୁ ଭ୍ରମଣ କରିଥାନ୍ତି । ଏହି କାରଣ ଯୋଗୁଁ ମକର ସଂକ୍ରାନ୍ତିକୁ ଉତ୍ତରାୟଣ ପର୍ବ ବୋଲି ମଧ୍ୟ କୁହାଯାଏ । ସେହିପରି ସୂର୍ଯ୍ୟଦେବଙ୍କ ଉତ୍ତର ଦିଗକୁ ଗତି କରିବା ଶୁଭ ବୋଲି କୁହାଯାଏ । ହିନ୍ଦୁ ମାନଙ୍କ ପାଇଁ ଏହା ଏକ ବିଶେଷ ଦିନ । ଭାରତର ବିଭିନ୍ନ ରାଜ୍ୟରେ ଉତ୍ତରାୟଣ ପର୍ବକୁ ବିଭିନ୍ନ ନାମରେ ପାଳନ କରାଯାଇଥାଏ ।

**ମକର ଚାଉଳ ଭୋଗ:** ପୁରୀ ଶ୍ରୀମନ୍ଦିରରେ ବିଶେଷ ନୀତି ପାଳନ କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କୁ ମକର ଚାଉଳ ଲାଗି ହୋଇଥାଏ । ଠାକୁରମାନେ ମକର ଚୌରାଶି ବେଶ ହୋଇଥାନ୍ତି । ଏହି ଅବସରରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ମକର ଚାଉଳ ପ୍ରସ୍ତୁତ ହୋଇଥାଏ । ସେଥିପାଇଁ ଦିନକ ପୂର୍ବରୁ ଚାଉଳକୁ ପାଣିରେ ବତୁରାଇ ରଖାଯାଏ । ତା'ପରଦିନ ତାହାକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରାଯାଏ । ସେଥିରେ ନଡ଼ିଆକୋରା, ଗୁଡ଼, ଆଖୁ ଖଣ୍ଡ, ଛେନା, ଗୋଲମରିଚ ଗୁଣ୍ଡ, ଅଦା, କାଜୁ, କିସ୍‌ମିସ୍ ସମେତ ବିଭିନ୍ନ ଫଳ ପକାଯାଇ ପ୍ରସ୍ତୁତ କରାଯାଏ ମକର ଚାଉଳ । ପ୍ରଥମେ ଏହାକୁ ଠାକୁରଙ୍କ ପାଖରେ ଭୋଗ କରାଯାଏ । ତା'ପରେ ଏହାକୁ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ । ଏହି ଦିନରେ ପରସ୍ପରକୁ ମକର ଚାଉଳ ଖୁଆଇ ମକର ବା ସଙ୍ଗାତ ବସିବାରେ ପରମ୍ପରା ଓଡ଼ିଶାରେ ବହୁ କାଳରୁ ପ୍ରଚଳିତ ହୋଇଆସୁଛି ।

# ପୌଷ ପୂର୍ଣ୍ଣିମା



ଆଜି ହେଉଛି ପବିତ୍ର ପୌଷ ପୂର୍ଣ୍ଣିମା । ଏହାର ମହତ୍ତ୍ୱ ଖୁବ୍ ଅଧିକ । ଏହି ଦିନ ଭଗବାନ ଶ୍ରୀରାମଙ୍କର ଚଉଦ ବର୍ଷ ବନବାସ ପରେ ଅଯୋଧ୍ୟାରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ତେଣୁ ଏହାକୁ ସ୍ମୃତି ଭାବେ ଗ୍ରହଣ କରାଯାଇ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଥାଏ । ତା'ସହ ଶ୍ରୀଜିଉମାନେ ରତ୍ନସିଂହାସନରେ ରାଜରାଜେଶ୍ୱର ବେଶ ବା ସୁନାବେଶରେ ଦର୍ଶନ ଦିଅନ୍ତି । ଶ୍ରୀମନ୍ଦିରରେ ଏହି ଦୁର୍ଲଭ ଦର୍ଶନ ଦ୍ୱାରା କୋଟିପୁଣ୍ୟ ମିଳିଥାଏ ।

ଅନ୍ୟପଟେ ଏହିଦିନ ପବିତ୍ର ନଦୀରେ ସ୍ନାନ ଏବଂ ତୀର୍ଥଯାତ୍ରା କରିବାର ପରମ୍ପରା ଅଛି । ମାନ୍ୟତା ଅଛି, ପୌଷ ପୁନେଇଁରେ କରାଯାଉଥିବା ତୀର୍ଥଯାତ୍ରା ଦ୍ୱାରା ଅକ୍ଷୟ ପୁଣ୍ୟ ମିଳିଥାଏ ଏବଂ ମନୋକାମନା ପୂରଣ ହୁଏ । ସେହିପରି ପୌଷ ପୂର୍ଣ୍ଣିମାରେ ପ୍ରୟାଗରାଜର ଗଙ୍ଗା, ଯମୁନା ଓ ସରସ୍ୱତୀର ତ୍ରିବେଣୀ ସଙ୍ଗମରେ ସ୍ନାନର ଅଧିକ ମହତ୍ତ୍ୱ ଅଛି ।

ପୌଷ ପୁନେଇଁରେ ହରିଦ୍ୱାରରେ ଗଙ୍ଗା ସ୍ନାନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୁଏ । ଅନ୍ୟପଟେ କାଶୀରେ ଗଙ୍ଗାନଦୀ ପ୍ରବାହିତ ହୁଏ । ଏଣୁ ଗଙ୍ଗା ନଦୀ ସ୍ନାନ ଏବଂ କାଶୀ ବିଶ୍ୱନାଥ ସମେତ ଦେବୀ ଶକ୍ତିଙ୍କ ଦର୍ଶନ ଏବଂ ପୂଜନ ପାଇଁ ପୌଷ ପୂର୍ଣ୍ଣିମାରେ ଏଠାକୁ ଆସିପାରିବେ । ଉଜ୍ଜୈନରେ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ, ହରସିଦ୍ଧି ଶକ୍ତିପୀଠ ସହିତ ଶିପ୍ରା ନଦୀ ଅଛି । ପୌଷ ପୂର୍ଣ୍ଣିମାରେ ଶିପ୍ରା ନଦୀରେ ସ୍ନାନ କରିପାରିବେ । ସେହିପରି ବିହାରର ଗୟା ତୀର୍ଥର ବି ମହତ୍ତ୍ୱ ଢ଼େର ବେଶି ।

# ରାତିରେ ମହିଳାଙ୍କୁ କେଶ ଧୋଇବା ମନା



**ମହିଳାଙ୍କୁ ଗୃହଲକ୍ଷ୍ମୀ ବୋଲି କୁହାଯାଇଛି । ତେବେ ଶାସ୍ତ୍ରରେ ରାତିରେ ମହିଳାଙ୍କୁ ରାତିରେ କେଶ ଧୋଇବାକୁ ବାରଣ କରାଯାଇଛି । ଅବଶ୍ୟ ଏହାର ଅନେକ କାରଣ ଅଛି ।**

- ଶାସ୍ତ୍ର ଅନୁସାରେ, ରାତିରେ ମହିଳା କେଶ ଧୋଇବା ଦ୍ୱାରା ମାତା ଲକ୍ଷ୍ମୀ କୋପ କରନ୍ତି ।
- ମହିଳାମାନେ ରାତିରେ କେଶ ଧୋଇଲେ ଘରେ ଆର୍ଥିକ ସମସ୍ୟା ଦେଖା ଦିଏ ।
- ଏଭଳି ବି କୁହାଯାଏ, ରାତିରେ କେଶ ଧୋଇବା ଦ୍ୱାରା ପାରିବାରିକ ଓ ବୈବାହିକ ଜୀବନ ସୁଖମୟ ହୋଇ ନ ଥାଏ ।
- ମହିଳାମାନଙ୍କର ରାତିରେ କେଶ ଧୋଇବା ଘର ପାଇଁ ଶୁଭଙ୍କର ନୁହେଁ ।

# ଶନିଦେବଙ୍କ ଆରତି



ଜ୍ୟୋତିଷ ଶାସ୍ତ୍ରରେ ଶନିଦେବଙ୍କୁ ନ୍ୟାୟର ଦେବତା କୁହାଯାଏ । ଶନିଦେବ ହିଁ ଭଲ ଓ ଖରାପ କର୍ମର ଫଳ ପ୍ରଦାନ କରନ୍ତି । ତେବେ ନିତିଦିନ ଶନିଦେବଙ୍କ ନୀତିନିୟମରେ ଆରତି କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇଥାଏ । ଅବଶ୍ୟ ଆରତି କରିବାର ସ୍ୱତନ୍ତ୍ର ନିୟମ ଅଛି । ଯାହାକୁ ପାଳନ କରିବା ଦ୍ୱାରା ଶୁଭ ଫଳ ମିଳିଥାଏ । ଶନିଦେବଙ୍କ ଆରତି ସକାଳୁ କରିବା ଉଚିତ । ସେହିପରି ସନ୍ଧ୍ୟାରେ ମଧ୍ୟ ଆରତି କରିବା ଭଲ । ଶନିଦେବଙ୍କ ଆରତି କରିବା ପୂର୍ବରୁ ସ୍ନାନ ପରେ ପରିଷ୍କାର ବସ୍ତ୍ର ଧାରଣ କରନ୍ତୁ । ଶନିଦେବଙ୍କ ଆରତି ସୋରିଷ ତେଲରେ କରିବା ଉଚିତ । ସୋରିଷ ତେଲ ନ ଥିଲେ, ଅନ୍ୟ ତେଲକୁ ଉପଯୋଗ କରିପାରିବେ । ଆରତି ପୂର୍ବରୁ ପ୍ରଥମେ ଶନିଦେବଙ୍କ ପ୍ରତିମା ଏକ ପରିଷ୍କାର ବା ପବିତ୍ର ସ୍ଥାନରେ ରଖନ୍ତୁ । ଏହାକୁ ବିଧିବିଧାନରେ ପୂଜା କରନ୍ତୁ । ଶନି ଦେବଙ୍କୁ କଳା ରାଶି, କଳା ବସ୍ତ୍ର ଏବଂ ନୀଳ ଫୁଲ ଲାଗି କରନ୍ତୁ । ଏହା ପରେ ଶନିଦେବଙ୍କ ଆରତି କରନ୍ତୁ ।

# କ୍ରୀଡ଼ା

ସକାଳ
www.sakalaepaper.com

■ କୋଲକାତାର ଇଡେନ୍‌ରେ ଆରମ୍ଭ ଓ ଶେଷ

## ମାର୍ଚ୍ଚ ୨୧ରୁ ଆଇପିଏଲ୍, ଫେବୃଆରୀ ୭ରୁ ଡବ୍ଲ୍ୟୁପିଏଲ୍

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚଳିତବର୍ଷ ମାର୍ଚ୍ଚ ୨୧ରୁ ଓ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଫେବୃଆରୀ ୭ରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କୋଲକାତାର ଇଡେନ ଗାର୍ଡେନରେ ମାର୍ଚ୍ଚ ୨୧ରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ ଓ ଏହିଠାରେ ମଧ୍ୟ ଫାଇନାଲ ଖେଳ ମେ ୨୫ରେ ଆୟୋଜିତ ହେବ ବୋଲି ଆଜି ଅନୁଷ୍ଠିତ ବିସିସିଆଇର ସ୍ୱତନ୍ତ୍ର ଅଧିବେସନରେ ସ୍ଥିର ହୋଇଛି। ଖୁବ୍ ଶୀଘ୍ର ଆଇପିଏଲ୍‌ର ଖେଳସୂଚୀ ଘୋଷିତ ହେବ ବୋଲି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ସୂଚନା ଦେଇଛନ୍ତି।

ସେହିପରି ଏଥର ମହିଳା ପ୍ରିମିୟର ଲିଗ୍ ଦୁଇଟି ପରିବର୍ତ୍ତେ ୪ଟି ସ୍ଥାନରେ ଖେଳାଯିବ। ଗତ ସଂସ୍କରଣ ବରୋଦା ଓ ଲକ୍ଷ୍ନୌରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ଏଥର ମୁମ୍ବାଇ ଓ ବେଙ୍ଗାଲୁରୁରେ ଏହା ଆୟୋଜିତ ହେବାର ସମ୍ଭାବନା ରହିଛି। ଏହି ଟୁର୍ଣ୍ଣାମେଣ୍ଟର ଖେଳସୂଚୀ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ଜଣାଯାଇଛି।

■ ଆଜିଠାରୁ ଜାତୀୟ ମହିଳା ଟି-୨୦

## ଓଡ଼ିଶା-ଏମ୍‌ପି ପ୍ରଥମ ମୁକାବିଲା



ଭୁବନେଶ୍ୱର, ୧୨।୧(ସମିସ): କେରଳର କୋଚିଠାରେ ଆସନ୍ତାକାଲିଠାରୁ ପଞ୍ଚମ ଜାତୀୟ ମହିଳା ଟି-୨୦ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ୧୯ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ଏଗୁଡ଼ିକୁ ୫ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଓଡ଼ିଶା, ମଧ୍ୟପ୍ରଦେଶ (ଏମ୍‌ପି), ପଶ୍ଚିମବଙ୍ଗ ଓ ଆସାମ ସ୍ଥାନ ପାଇଛନ୍ତି। ଆସନ୍ତାକାଲି ଜାନୁଆରୀ ୧୩ରେ ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ମଧ୍ୟପ୍ରଦେଶ ସହ ଖେଳିବ। ଜାନୁଆରୀ ୧୪ରେ ପଶ୍ଚିମବଙ୍ଗ, ୧୫ରେ ଆସାମ ସହ ଲିଗ୍ ମ୍ୟାଚ୍ ଖେଳିବ ଓଡ଼ିଶା। ଏହି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ୧୬ରେ, ୧୭ରେ ସେମିଫାଇନାଲ ଓ ୧୮ ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

■ ଆଇଏସ୍ଏଲ୍

## ଓଏଫ୍‌ସି-ବ୍ଲାଷ୍ଟର୍ସ ଲଢ଼େଇ ଆଜି



ଭୁବନେଶ୍ୱର, ୧୨।୧(ସମିସ): ଓଡ଼ିଶା ଫୁଟବଲ କ୍ଲବ୍ ତାହାର ଗୁରୁତ୍ୱପୂର୍ଣ୍ଣ ଆଇଏସ୍ଏଲ୍ ମୁକାବିଲାରେ ଆସନ୍ତାକାଲି କେରଳ ବ୍ଲାଷ୍ଟର୍ସକୁ ଭେଟିବେ। ଏହି ମ୍ୟାଚ୍‌ଟି କୋଚିରେ ଖେଳାଯାଉଥିବାରୁ ଓଡ଼ିଶା ଏଫ୍‌ସିକୁ ସଂଘର୍ଷ କରିବାକୁ ପଡ଼ିପାରେ। ଭୁବନେଶ୍ୱର ଭିତ୍ତିକ ଦଳ ତାହାର ଶେଷ ମ୍ୟାଚ୍‌ରେ ଚେନ୍ନାୟିନ୍ ଏଫ୍‌ସି ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ଉଭୟ ଦଳ ମଧ୍ୟରେ ୨୩ଟି ମୁକାବିଲା ହୋଇଥିଲାବେଳେ କେରଳ ୯ଟିରେ ଏବଂ ଓଡ଼ିଶା ୭ଟିରେ ବିଜୟୀ ହୋଇଛି। ବାସନ୍ଦ ହୋଇଥିବାରୁ ଓଡ଼ିଶା ଏଫ୍‌ସିର ଦୁଇ ପ୍ରମୁଖ ଖେଳାଳି ପୁଇଟେଆ ଓ ହୁଗୋ ବୋଉମସ୍ ଏହି ମ୍ୟାଚ୍ ଖେଳିବେ ନାହିଁ। ଏମାନଙ୍କ ଅନୁପସ୍ଥିତି ଦଳ ଉପରେ ପ୍ରଭାବ ପକାଇବ, କିନ୍ତୁ ଆମେ ଏଥିଲାଗି ପ୍ରସ୍ତୁତ ରହିଛୁ ବୋଲି ହେଡ୍ କୋଚ୍ ସର୍ଗିଓ ଲୋବେରୋ କହିଛନ୍ତି।

**ଖୋ ଖୋ ବିଶ୍ୱକପ୍ ଆଜିଠାରୁ**

# ଭାରତ-ନେପାଳ ଉଦ୍‌ଘାଟନୀ ମ୍ୟାଚ୍

ନୂଆଦିଲ୍ଲୀ,୧୨।୧(ଏଜେନ୍ସି):

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ସୋମବାରଠାରୁ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହେବ। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବିଶ୍ୱକପ୍ ଉପରେ ସମସ୍ତଙ୍କ ନଜର ରହିଛି। ଆୟୋଜକ ଭାରତ ଓ ନେପାଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜନ ହେବ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଓ ଖୋ ଖୋ ଫେଡେରେସନ ଅଫ୍ ଇଣ୍ଡିଆ (କେକେଏଫ୍ଆଇ) ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଥିବା ଏହି ବିଶ୍ୱକପ୍‌ରେ ୨୧ ପୁରୁଷ ଓ ୨୦ ମହିଳା ଦେଶ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବିଭାଗରେ ବିଶ୍ୱକପ୍ ଖେଳାଯିବ। ପୁରୁଷ ବିଶ୍ୱକପ୍ ପାଇଁ ଏକ ନୀଳ ରଙ୍ଗର ଓ ମହିଳା ବିଶ୍ୱକପ୍ ପାଇଁ ସବୁଜ ରଙ୍ଗର ଟ୍ରଫି ଉନ୍ମୋଚିତ ହୋଇଛି। ଟୁର୍ଣ୍ଣାମେଣ୍ଟର ମାସ୍କଟ ଭାବେ ତେଜସ ଓ ତାରା ଯୋଡିକୁ ମଧ୍ୟ ଉନ୍ମୋଚିତ କରାଯାଇଛି। ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ।

ପୁରୁଷ ଟୁର୍ଣ୍ଣାମେଣ୍ଟରେ ଏସିଆରୁ ୯ଟି ଦେଶ ଯଥା ଭାରତ, ବାଂଲାଦେଶ, ଭୁଟାନ, ଇରାନ, ମାଲେସିଆ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରିବେ। ସେହିପରି ଆଫ୍ରିକାରୁ ୩, ୟୁରୋପରୁ ୪, ଉତ୍ତର ଆମେରିକାରୁ ଗୋଟିଏ ଦକ୍ଷିଣ ଆମେରିକାରୁ ୩ ଓ ଓସେନିଆରୁ ଗୋଟିଏ ଦେଶ ଭାଗ ନେବେ। ଅପରପକ୍ଷରେ ମହିଳା ଟୁର୍ଣ୍ଣାମେଣ୍ଟରେ ଏସିଆରୁ ୧୦ ଯଥା ଭାରତ, ବାଂଲାଦେଶ, ଭୁଟାନ, ଇଣ୍ଡୋନେସିଆ, ଇରାନ, ମାଲେସିଆ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଦକ୍ଷିଣ କୋରିଆ ଭାଗ ନେବେ। ସେହିପରି ଆଫ୍ରିକାରୁ ୩, ୟୁରୋପରୁ ୪, ଦକ୍ଷିଣ ଆମେରିକାରୁ ୧ ଓ ଓସେନିଆରୁ ୨ଟି ଦେଶ ଭାଗ ନେବେ।



**ଭାରତୀୟ ପୁରୁଷ ଦଳ:** ପ୍ରତୀକ ୱାଇକର (ଅଧିନାୟକ), ପବନୀ ଶବର, ମେହୁଲ, ସଚିନ ଭାର୍ଗୋ, ସୂୟାସ ଗାର୍ଗେଟ୍, ରାମଜୀ କାଶ୍ୟପ୍, ଶିବ ପୋଥିର ରେଡ୍ଡୀ, ଆଦିତ୍ୟ ଗାନପୁଲେ, ଏମ୍‌କେ ଗୋଥାମ, ବି ନିଖିଲ, ଆକାଶ କୁମାର, ଭି ସୁବ୍ରମଣି, ସୁମନ ବର୍ମନ, ଅନିକେତ ପୋଟେ, ଏସ୍ ରୋକେସନ ସିଂହ। ଷ୍ଟାଣ୍ଡବାଏ: ଅକ୍ଷୟ ବାଙ୍ଗରେ, ରାଜବର୍ଦ୍ଧନ ଶଙ୍କର ପାଟିଲ, ବିଶ୍ୱନାଥ ଜାନକୀରାମ।

**ଭାରତୀୟ ମହିଳା ଦଳ:** ପ୍ରିୟଙ୍କା ଇଙ୍ଗଲେ (ଅଧିନାୟିକା), ଅଶ୍ୱିନୀ ସିଣ୍ଡେ, ରେଶ୍ମା ରାଠୋର, ଭିଲାର ଦେବଜୀଭାଇ, ନିର୍ମଳା ଭଟ୍ଟି, ନୀତା ଦେବୀ, ଆର. ଚୈତ୍ର, ଶୁଭଶ୍ରୀ ସିଂ, ମଗାଇ ମାଝୀ, ଅଂଶୁ କୁମାରୀ, ବୈଷ୍ଣବୀ ବଜରଙ୍ଗ, ନସରିନ ଶେଖ, ମିନୁ, ମୋନିକା, ନାଜିଆ ବିବି। ଷ୍ଟାଣ୍ଡବାଏ: ସମ୍ପଦା ମୋରେ, ରତିକା ସିଲୋରିଆ, ପ୍ରିୟଙ୍କା ଭୋପି।

**ପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍ ଆରମ୍ଭ**

## ବୃହତ୍ ବିଜୟରୁ ଓଡ଼ିଶା ୱାରିୟର୍ସର ଅଭିଯାନ

ରାଞ୍ଚି,୧୨।୧(ଏଜେନ୍ସି): ସ୍ଥାନୀୟ ଜୟପାଲ ସିଂ ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ)ର ପ୍ରଥମ ମହିଳା ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଛି। ଲିଗ୍‌ର ଏହି ପ୍ରାରମ୍ଭିକ ସଂସ୍କରଣରେ ୪ଟି ଦଳ ଯଥା ଓଡ଼ିଶା ୱାରିୟର୍ସ, ଦିଲ୍ଲୀ ଏସ୍‌ଜି ପାଇପର୍ସ, ରାରହ ବେଙ୍ଗଲ ଟାଇଗର୍ସ ଓ ସୁରମା ହକି କ୍ଲବ ଅଂଶଗ୍ରହଣ କରିଛନ୍ତି। ରବିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ୱାରିୟର୍ସ ୪-୦ ଗୋଲ୍‌ରେ ଦିଲ୍ଲୀ ପାଇପର୍ସକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୧୫ ତାରିଖରେ ସୁରମାକୁ ଭେଟିବ। ଏହି ଏକପାଖିଆ ମ୍ୟାଚ୍‌ର ୧୬ ଓ ୩୭ତମ ମିନିଟ୍‌ରେ ୟିବି ଜାନସେନ୍ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ ୨-୦ରେ କରାଇଥିଲେ। ଏହାପରେ ବଲଜିତ କୌର ୪୨ତମ ଓ ଫ୍ରିକେ ମୋଏସ୍ ୪୩ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଦଳକୁ ଜିତାଇଥିଲେ।



### ତୁଫାନ୍ସଠୁ ହାରିଲା ଲାନ୍ସର୍ସ

ରାଉରକେଲା,୧୨।୧(ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଷଷ୍ଠ ସଂସ୍କରଣରେ କଳିଙ୍ଗ ଲାନ୍ସର୍ସ ଆଉ ଏକ ପରାଜୟ ବରଣ କରିଛି। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ମୁକାବିଲାରେ ଲାନ୍ସର୍ସ ତା'ର ଷଷ୍ଠ ମ୍ୟାଚ୍‌ରେ ୧-୫ ଗୋଲରେ ହାଇଦ୍ରାବାଦ ତୁଫାନ୍ସଠାରୁ ପରାସ୍ତ ହୋଇଛି। ୫ମ ମିନିଟ୍‌ରେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ଲାନ୍ସର୍ସକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ତୁଫାନ୍ସ ପ୍ରତ୍ୟାବର୍ତ୍ତନ କରି ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ଦଳ ତରଫରୁ ଅଭିଜ୍ଞ ଗୋଞ୍ଜାଲୋ ପେଇଲାଟ ୬ଷ୍ଠ ଓ ୩୦ତ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ମାଲ୍‌କୋ କାସେଲୋ ୨୧, ଟିମ୍ ବ୍ରାଣ୍ଡ ୪୭, ଅର୍ଶଦୀପ ସିଂହ ୫୪ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ଅଷ୍ଟ୍ରେଲିଆନ୍ ଓପନ**

## ଜ୍ୱେରେଭ, ରୁଡ୍ ବିଜୟୀ

ମେଲବୋର୍ଣ୍ଣ, ୧୨।୧(ଏଜେନ୍ସି): ମେଲବୋର୍ଣ୍ଣ ପାର୍କରେ ରବିବାରଠାରୁ ଆରମ୍ଭ ହୋଇଛି ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍। ପ୍ରଥମ ଦିବସରେ ସିଡେଡ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ଏକକରେ ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ, ଷଷ୍ଠ ସିଡ୍ ନରୱେର କାସ୍ପେର ରୁଡ୍, ୧୪ତମ ସିଡ୍ ଉଗୋ ହମବର୍ଟ, ୨୪ତମ ସିଡ୍ ଚେକ ଗଣରାଜ୍ୟର ଜିରି ଲେହେକା, ଆର୍ଥର ଫିଲ୍ସ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ୱେରେଭ ୬-୪, ୬-୪, ୬-୪ ସିଧାସଳଖ ସେଟ୍‌ରେ ଫ୍ରେଞ୍ଚ୍ ୱାଇଲ୍ଡ କାର୍ଡ ଲୁକାସ ପାଓଲିଙ୍କୁ, ରୁଡ୍ ୬-୩, ୧-୬, ୭-୫, ୨-୬, ୬-୧ ସେଟ୍‌ରେ ସ୍ପେନର ଜାଉମ ମୁନାରଙ୍କୁ, ହମବର୍ଟ ୭-୬, ୭-୫, ୬-୪ ସେଟ୍‌ରେ ଇଟାଲୀର ମାଟେଓ ଗିଗାଣ୍ଟେଙ୍କୁ, ଆର୍ଥର ଫିଲ୍ସ ୩-୬, ୭-୫, ୬-୪, ୬-୪ ସେଟ୍‌ରେ ଫିନଲାଣ୍ଡର ଓଟୋ ଭିର୍ତ୍ତାନେନ୍‌ଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଅଷ୍ଟ୍ରେଲିଆନ୍ ଓପନ ମହିଳା ଏକକରେ ମଧ୍ୟ ସିଡେଡ ଖେଳାଳିମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ମାନ୍ୟତା ପାଇଥିବା ବେଲାରୁଷର ଅରିନା ସବାଲେଙ୍କା ୬-୩, ୬-୨ ସେଟ୍‌ରେ ଆମେରିକାର ସ୍ଲୋଆନ ଷ୍ଟିଫେନ୍ସଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି।

### ପ୍ରଥମ ରାଉଣ୍ଡରୁ ନାଗଲ ବିଦା

ଭାରତୀୟ ଶ୍ରେଷ୍ଠ ଏକକ ତାରକା ସୁମିତ ନାଗଲ ରବିବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ନାଗଲ ୩-୬, ୧-୬, ୫-୭ ସିଧାସଳଖ ସେଟ୍‌ରେ ଚେକ ଗଣରାଜ୍ୟର ୨୬ତମ ସିଡ୍ ଖେଳାଳି ଟୋମାସ ମକାକଙ୍କଠାରୁ ପରାସ୍ତ ହୋଇଛନ୍ତି। ଏଟିପି ର୍‍ୟାଙ୍କିଙ୍ଗର ୯୧ତମ ସ୍ଥାନରେ ରହିଥିବା ନାଗଲ ଭଲ ଆରମ୍ଭ କରିଥିଲେ ମଧ୍ୟ ପରେ ଲୟ ହରାଇଥିଲେ।

**୨୩ ବର୍ଷରୁ କମ୍ ମହିଳା ଟି-୨୦**

## ଓଡ଼ିଶାର ଅଭିଯାନ ଶେଷ

କଟକ,୧୨।୧(ସମିସ): ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୫ଟି ଲିଗ୍‌ରୁ ୨ଟି ପରାଜୟ ଏବଂ ୩ଟି ପରାଜୟ ବଳରେ ୮ ପଏଣ୍ଟ ହାସଲ କରି ଗ୍ରୁପ-ଇ ଟେବଲର ୪ର୍ଥ ସ୍ଥାନରେ ରହିଛି। ଗୋଆ କ୍ରିକେଟ ଷ୍ଟାଡିୟମରେ ଆଜି ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଓଡ଼ିଶା ୮ ୱିକେଟରେ ରାଜସ୍ଥାନକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୭ ୱିକେଟ ହରାଇ ୯୧ରନ କରିଥିଲା। ଅଧିନାୟିକା ଏ.ଡି ଗର୍ଗ ସର୍ବାଧିକ ୪୧ରନ କରିଥିଲେ। ଓଡ଼ିଶା ପକ୍ଷରୁ ଅଙ୍କିତା ଗିରି, ପ୍ରିୟଙ୍କା ବର୍ମା ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ଅଧିନାୟିକା ଅଲିସ୍ମା ବିଶ୍ୱାଳଙ୍କ ଦ୍ରୁତ ୪୧ରନ, ପୂଜାରାଣୀ ଦାସ ୩୭ରନ ବଳରେ ୧୦.୨ ଓଭରରେ ଓଡ଼ିଶା ଦୁଇ ୱିକେଟ ହରାଇ ବିଜୟ ହାସଲ କରିଥିଲା।

## ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ; ବେଙ୍ଗଲଠାରୁ ହାରିଲା ଓଡ଼ିଶା

କଟକ,୧୨।୧(ସମିସ): ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିର ଅନ୍ତିମ ଲିଗ୍‌ରେ ଓଡ଼ିଶା ୪ ୱିକେଟରେ ବେଙ୍ଗଲ ଠାରୁ ପରାସ୍ତ ହୋଇ ପ୍ରତିଯୋଗିତାରେ ଅଭିଯାନ ଶେଷ କରିଛି। କ୍ୱାର୍ଟର ଫାଇନାଲ ପ୍ରବେଶ ନିମନ୍ତେ ଏହି ମ୍ୟାଚ୍‌ରେ ବିଜୟ ପଏଣ୍ଟ ହାସଲ କରିବା ଜରୁରୀ ଥିଲା। ତେବେ ଲିଗ ପର୍ଯ୍ୟାୟରେ ଓଡ଼ିଶା ୫ଟି ମ୍ୟାଚ୍‌ରୁ ୩ଟି ବିଜୟ ଏବଂ ୨ଟି ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବଲର ୩ୟ ସ୍ଥାନରେ ରହିଛି।





ବେଙ୍ଗାଲୁରୁର ଅଲୁର କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ବେଙ୍ଗଲ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ସମସ୍ତ ୱିକେଟ ହରାଇ ଦଳ ୧୫୪ରନ ସଂଗ୍ରହ କରିଥିଲା। ବିଜୟଲକ୍ଷ୍ମୀ ବେହେରା ୩୮ରନ ଏବଂ ପ୍ରିୟଙ୍କାରୀ ମୁଦୁଲି ୩୪ରନ କରିଥିଲେ। ବେଙ୍ଗଲର ଜାହବୀ ରାଜ ପାଶୱାନ ଏବଂ ମୋନିକା ମାଲ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୪୩.୨ ଓଭରରେ ୬ ୱିକେଟ ହରାଇ ବେଙ୍ଗଲ ବିଜୟୀ ହୋଇଥିଲା। ଓଡ଼ିଶାର ଅନନ୍ୟା ମିଶ୍ର ୩ଟି ୱିକେଟ ଦଖଲ କରିଥିଲେ।

# କଟକରେ ବରିଷ୍ଠ ପୁରୁଷ ଜାତୀୟ କବାଡ଼ି ୨୦ରୁ

କଟକ,୧୨।୧(ସମିସ):

ପ୍ରଥମଥର ଓଡ଼ିଶାରେ ହେବ ବରିଷ୍ଠ ପୁରୁଷ ଜାତୀୟ କବାଡି ଚାମ୍ପିଅନସିପ୍। ଆମେଚର କବାଡି ଫେଡେରେଶନ ଅଫ ଇଣ୍ଡିଆ ଏବଂ ଓଡ଼ିଶା କବାଡି ସଂଘର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୦ ତାରିଖରୁ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଏହା ଆରମ୍ଭ ହେବ। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୦ ରାଜ୍ୟରୁ ୪୦୦ରୁ ଅଧିକ ଖେଳାଳିଙ୍କ ସମେତ ୫ଟି ବିଭାଗୀୟ ଦଳ ଭାଗ ନେବେ। ଆଜି ବାରବାଟୀ ଷ୍ଟାଡିୟମ ପରିସରସ୍ଥ କବାଡି କମ୍ପ୍ଲେକ୍ସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରତିଯୋଗିତା ବାବଦରେ ସମସ୍ତ ସୂଚନା ଦିଆଯାଇଥିଲା।

- ପ୍ରଥମଥର ଓଡ଼ିଶାରେ ଆୟୋଜନ
- ଭାଗ ନେବେ ଦେଶର ନାମିଦାମୀ ଖେଳାଳି




ଜାତୀୟ ସ୍ତରର କବାଡି ପ୍ରତିଯୋଗିତା ନିମନ୍ତେ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଭବ୍ୟ ଆୟୋଜନ କରାଯିବ। ଭାରତୀୟ ଅନ୍ତର୍ଜାତୀୟ କବାଡ଼ି ଦଳର ଖେଳାଳିମାନଙ୍କ ସହ ପ୍ରୋ-କବାଡ଼ି ଲିଗ୍ ଖେଳୁଥିବା ଅନେକ ପ୍ରତିଭାବାନ୍ ଓ ଲୋକପ୍ରିୟ ଖେଳାଳି ଯଥା ପୱନ ସେରାୱତ୍, ନବୀନ କୁମାର ଗୋୟତ୍, ଅସ୍‌ଲାମ୍ ଇମାମ୍‌ଦାର, ଅର୍ଜୁନ ଦେଶୱାଲ୍, ପଙ୍କଜ ମୋହିତେ, ବିକାଶ କାନ୍ଦୋଲା, ଦେଭାଙ୍କ ଦଲାଲ୍, ଆମୁ ମଲ୍ଲିକ, ନରେନ୍ଦ୍ର କନ୍ଦୋଲା, ଭାରତ ହୁଡାଙ୍କ ଭଳି ପ୍ରତିଯୋଗୀ ଭାଗ ନେବେ। ସେହିପରି ଅନ୍ତର୍ଜାତୀୟ କବାଡ଼ି ମହାସଂଘର ବୈଷୟିକ ନିର୍ଦ୍ଦେଶକ ଇଂ ପ୍ରସାଦ ରାଓ, ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ କ୍ୟାପ୍‌ଟେନ୍ ଭାସ୍କରନ୍, ବଲୱନ ସିଂହ, ବି.ସି. ରମେଶ, ରଣଧୀର ସିଂହ, ସଞ୍ଜୀବ କୁମାର, ରାକେଶ କୁମାର, ଅଜୟ ଠାକୁର, ମନପ୍ରୀତ୍ ସିଂହ, ଅନୁପ କୁମାର ପ୍ରମୁଖ ଯୋଗଦେବେ। ଜାତୀୟ ଇଭେଣ୍ଟର ପ୍ରଚାର ଓ ପ୍ରସାର ପାଇଁ ଏକ ଥିମସଙ୍ଗ 'ରାଗ୍ ପକଡ' ପ୍ରସ୍ତୁତ କରାଯାଇଛି। ଆଜି ଏହାର ଲୋକାର୍ପଣ କରାଯାଇଥିଲା। ଖୁବଶୀଘ୍ର ଏହାର ମାସ୍କଟ୍ ଓ ଆମ୍ବାସଡ଼ର ସଂପର୍କରେ ସୂଚନା ପ୍ରଦାନ କରାଯିବ। ସଂଘର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଅଜୟ କୁମାର ବେହେରା, ଅଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଉପସଭାପତି ପାର୍ଥବୀର ଭୂୟାଁ, ପୃଥ୍ୱୀରାଜ ପଟ୍ଟନାୟକ, ସମ୍ବିତ କୁମାର ମହାନ୍ତି, ଯୁଗ୍ମ ସଂପାଦକ ଜୟଶ୍ରୀ ସ୍ୱାଇଁ, ଉପେନ୍ଦ୍ର ଦାସ, ରେଫରୀ ବୋଡର୍‌ର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ, ଚୟନ ସମିତିର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା, ଜାତୀୟ କବାଡ଼ି ଇଭେଣ୍ଟର ମୁଖ୍ୟ ସଂଯୋଜକ ଉଲ୍ଲାସ ଚନ୍ଦ୍ର ବେହୁରା, ଅଭିନେତା ତଥା ଅଭ୍ୟର୍ଥନା କମିଟିର ଆବାହକ ଶ୍ରୀତମ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାମଚନ୍ଦ୍ର ବେହେରା ଏବଂ ଚିଣ୍ଟୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୭ ମସିହାରେ ଓଡ଼ିଶାରେ ଆୟୋଜିତ ୪୪ତମ ଜୁନିୟର୍ କବାଡ଼ିର ବିଶେଷ ସଫଳତାକୁ ପୁନର୍ବାର ଦୋହରାଇବାର ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି।

■ ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍

## ଚତୁର୍ଥ ଦିନରେ ଓଡ଼ିଶାକୁ ୨ ରୌପ୍ୟ

ବ୍ରହ୍ମପୁର,୧୨।୧(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ଚତୁର୍ଥ ଦିନରେ ଦୁଇଟି ବର୍ଗ ୭୧ କିଲୋ ଓ ୭୬ କିଲୋରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଓଡ଼ିଶା ଭାରୋତ୍ତୋଳିକା ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ଯୁବ ମହିଳା ୭୬ କିଲୋଗ୍ରାମ ବର୍ଗରେ ଓଡ଼ିଶାର ପ୍ରତିଭାରାଣୀ ପାତ୍ର ମୋଟ ୧୪୨ କିଗ୍ରା ଭାର ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ। ସେ ସ୍ନାଚରେ ୬୪ ଓ କ୍ଲିନ ଆଣ୍ଡ ଜର୍କରେ ୭୮କିଗ୍ରା ଭାର ଉଠାଇଥିଲେ। ସେହିପରି ସିନିୟର ମହିଳା ୭୬ କିଲୋଗ୍ରାମ ବର୍ଗରେ ଓଡ଼ିଶାର ଏମ. କିର୍ତ୍ତି ମୋଟ ୧୭୯ କିଗ୍ରା ଭାର ଉଠାଇଥିଲେ।





ସେ ସ୍ନାଚରେ ୭୯ ଓ କ୍ଲିନ ଆଣ୍ଡ ଜର୍କରେ ୧୦୦କିଗ୍ରା ଭାର ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ। ଆଜି ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ ଯୋଗ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS